# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୪/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, September 4/2023 | Page 14 | ₹ 7.00

୪୯ଶ ଭାଗ ୨୮୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 280 | ମୂଲ୍ୟ ₹୭/-





**ସୌରଭଙ୍କ ଚରିତ୍ରରେ ଆୟୁଷ୍ମାନ**

ଭାରତୀୟ କ୍ରିକେଟ ଟିମ୍‌ର ଲୋକପ୍ରିୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଜୀବନୀ ଉପରେ ଆଧାରିତ ବାୟୋପିକ୍‌ରେ ଅଭିନେତା ଆୟୁଷ୍ମାନ ଖୁରାନାଙ୍କୁ ଦେଖିବାକୁ ମିଳିବ। ୦୮

୧୨ **ମୋହନ ବାଗାନକୁ ଜିତାଇଲେ ପେଟ୍ରୋଟୋସ**

ଡିମିଟ୍ରି ପେଟ୍ରୋଟୋସଙ୍କ ଗୋଲ ବଳରେ ଇଷ୍ଟ ବେଙ୍ଗଲକୁ ପରାସ୍ତ କରି ମୋହନ ବାଗାନ ଡୁରାଣ୍ଡ କପ୍ ଚାମ୍ପିୟନ ହୋଇଛି।




# ଯୋଗାଡ଼ରେ ଚାଲିଛି ସ୍ନାୟୁ-ନିଶ୍ଚେତନା

*ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟବାସୀଙ୍କ ଭରସାର ଅନୁଷ୍ଠାନ ପାଲଟିଛି କଟକ ଏସ୍‌ସିବି ମେଡିକାଲ। ହେଲେ ଏଠାରେ ସ୍ନାୟୁ ଶଲ୍ୟ ଚିକିତ୍ସା ସେବା ପାଇଁ ଆବଶ୍ୟକ ଭିତ୍ତିଭୂମି ଯୋଗାଡ଼ରେ ଚାଲିଛି। ଅସ୍ତ୍ରୋପଚାର ପାଇଁ ସ୍ନାୟୁ-ନିଶ୍ଚେତନା ବିଭାଗ ନ ଥିବାବେଳେ ସାଧାରଣ ନିଶ୍ଚେତନା ବିଭାଗର ଡାକ୍ତରଙ୍କୁ ନେଇ କାମ ତୁଲାଯାଉଛି। ଏଥିରେ ରୋଗୀଙ୍କ ଜୀବନ ପ୍ରତି ବିପଦ ରହୁଥିଲେ ମଧ୍ୟ ବିକଳ୍ପ ଭାବେ ତାହାକୁ ଗ୍ରହଣ କରାଯାଉଛି। ମେଡିକାଲ କର୍ତ୍ତୃପକ୍ଷ ସ୍ନାୟୁ ନିଶ୍ଚେତନା ବିଭାଗ ଖୋଲିବା ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେବାର ପ୍ରାୟ ୪ ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ତାହାକୁ ଗୁରୁତ୍ୱ ଦିଆଯାଉନାହିଁ।*

**ଏସ୍‌ସିବି ମେଡିକାଲ**

■ **ସ୍ନାୟୁ ଶଲ୍ୟରେ ଦେଖାଦେଉଛି ସମସ୍ୟା**


କଟକ,୩।୯
(ସୁପ୍ରିୟା ପ୍ରିୟଦର୍ଶିନୀ)


ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲରେ ସ୍ନାୟୁ ନିଶ୍ଚେତନା (ନ୍ୟୁରୋ-ଆନେସ୍ଥେସିଓଲୋଜି) ବିଭାଗ ଖୋଲିପାରିନି। ରାଜ୍ୟର ଏହି ବୃହତ୍ ସରକାରୀ ହସ୍ପିଟାଲ୍‌ରେ ସ୍ନାୟୁ-ନିଶ୍ଚେତନା ବିଭାଗ ଖୋଲିବା ଦିଗରେ ମେଡିକାଲ କର୍ତ୍ତୃପକ୍ଷ ଯୋଜନା ଅଗ୍ରଗତି ସମ୍ପର୍କରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ଲେଖିବାର ୪ବର୍ଷ ପରେ ମଧ୍ୟ ଏନେଇ କୌଣସି ସୁଫଳ ମିଳିନାହିଁ। ଏ ସଂକ୍ରାନ୍ତରେ ଏସ୍‌ସିବି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି, ସ୍ନାୟୁ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ସ୍ନାୟୁ-ନିଶ୍ଚେତକମାନଙ୍କ ପ୍ରମୁଖ ଭୂମିକା ରହିଛି। ସ୍ନାୟୁ ରୋଗୀମାନଙ୍କ ଜଟିଳ ଅସ୍ତ୍ରୋପଚାର ସମୟରେ ସେମାନଙ୍କୁ ଖୋଜା ପଡ଼ିଥାଏ। ତେବେ ସ୍ୱତନ୍ତ୍ର ପ୍ରଶିକ୍ଷଣ ହାସଲ କରିଥିବା ସ୍ନାୟୁ ନିଶ୍ଚେତକ ଏସ୍‌ସିବିରେ ନାହାନ୍ତି। ନିଶ୍ଚେତନା ବିଭାଗର ଡାକ୍ତରମାନଙ୍କୁ ନେଇ ଅସ୍ତ୍ରୋପଚାର କରିବାକୁ ପଡୁଛି। ସାଧାରଣ ଅସ୍ତ୍ରୋପଚାର ଏବଂ ସ୍ନାୟୁ ଅସ୍ତ୍ରୋପଚାର ଭିତରେ ବହୁ ତଫାତ୍ ରହିଛି। ଏହି ପରିପ୍ରେକ୍ଷୀରେ ଏସ୍‌ସିବିରେ ସ୍ନାୟୁ-ନିଶ୍ଚେତନା ବିଭାଗ ଖୋଲିବା ଦିଗରେ ପଦକ୍ଷେପ ନିଆଯିବା ଉଚିତ୍ ବୋଲି ସେ କହିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ୧୯୬୭ରୁ ଏସ୍‌ସିବି ମେଡିକାଲ ସ୍ନାୟୁ ଶଲ୍ୟ(ନ୍ୟୁରୋ ସର୍ଜରି) ବିଭାଗ କାର୍ଯ୍ୟ କରୁଛି। ମାଇକ୍ରୋ ନ୍ୟୁରୋ ସର୍ଜରି, ପେଡିଆଟ୍ରିକ ନ୍ୟୁରୋ ସର୍ଜରି, ନ୍ୟୁରୋ ଟ୍ରମା, ସ୍କଲ୍ ସର୍ଜରି, ସେରିବ୍ରୋ-ଭାସ୍କୁଲାର ସର୍ଜରି, ସ୍ପାଇନାଲ ନ୍ୟୁରୋ ସର୍ଜରି, ପେରିଫେରାଲ ନର୍ଭ ସର୍ଜରି ଭଳି ଅନେକ ଜଟିଳ ଅସ୍ତ୍ରୋପଚାର ଏଠାରେ ସଫଳତାର ସହ କରାଯାଉଛି। ହେଲେ ଅସ୍ତ୍ରୋପଚାର ପୂର୍ବରୁ ରୋଗୀଙ୍କୁ ନିଶ୍ଚେତ କରିବା ନିମନ୍ତେ ସ୍ୱତନ୍ତ୍ର ପ୍ରଶିକ୍ଷଣପ୍ରାପ୍ତ ସ୍ନାୟୁ ନିଶ୍ଚେତକ ନ ଥିବାରୁ ଅନେକ ସମସ୍ୟା ହେଉଛି। କିଛି କ୍ଷେତ୍ରରେ ଅସ୍ତ୍ରୋପଚାରରେ ତ୍ରୁଟି ରହୁଥିବା ନେଇ ଅଭିଯୋଗ ଉଠୁଛି। ଅଧୀକ୍ଷକ ପ୍ରଫେସର ମିଶ୍ର ହେଉଛନ୍ତି ଏସ୍‌ସିବି ସ୍ନାୟୁ ଶଲ୍ୟ ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ। ଏହାଛଡ଼ା ରାଜ୍ୟର ଜଣେ ପ୍ରତିଷ୍ଠିତ ସ୍ନାୟୁ ଶଲ୍ୟ ବିଶେଷଜ୍ଞ ଭାବେ ସେ ପରିଚିତ। ଏଭଳି ସମସ୍ୟା ସଂକ୍ରାନ୍ତରେ ସେ କହିଛନ୍ତି, ମସ୍ତିଷ୍କ ଅସ୍ତ୍ରୋପଚାରବେଳେ ଅନେକ କ୍ଷେତ୍ରରେ ସାବଧାନତା ଅବଲମ୍ବନ କରିବା ଜରୁରୀ ହୋଇଥାଏ। ଶିଶୁମାନଙ୍କ ମସ୍ତିଷ୍କ ଅସ୍ତ୍ରୋପଚାର ବହୁ ଜଟିଳ କାର୍ଯ୍ୟ। ପ୍ରଥମତଃ ସେମାନେ ଶିଶୁ, ପୁଣି ସେମାନଙ୍କ ମସ୍ତିଷ୍କ ଅସ୍ତ୍ରୋପଚାର କରିବାକୁ ପଡ଼ିଥାଏ। ନିଶ୍ଚେତ କରିବା ନିମନ୍ତେ ଉଦ୍ଦିଷ୍ଟ ଇଞ୍ଜେକ୍ସନ ବ୍ୟବହାର କରିବାବେଳେ ସତର୍କ ରହିବାକୁ ପଡ଼େ। ସାଧାରଣ ନିଶ୍ଚେତକଙ୍କ ଅପେକ୍ଷା ଜଣେ ସ୍ନାୟୁ ନିଶ୍ଚେତକ ହିଁ ଏଭଳି କାର୍ଯ୍ୟ ଠିକ୍ ଭାବେ ତୁଲାଇପାରିବ। ହେଲେ ଦୀର୍ଘବର୍ଷ ହେବ ସାଧାରଣ ନିଶ୍ଚେତକଙ୍କ ସହଯୋଗରେ ସ୍ନାୟୁ ଶଲ୍ୟ ବିଭାଗରେ ଜଟିଳ ଅସ୍ତ୍ରୋପଚାର ଜାରି ରହିଛି। ସ୍ନାୟୁ-ନିଶ୍ଚେତନା ବିଭାଗ ଖୋଲିଲେ ଚିକିତ୍ସା ସେବା ଆହୁରି ଫଳପ୍ରଦ ହୋଇପାରିବ। ବିଶେଷକରି ନିଶ୍ଚେତକମାନେ ସ୍ୱତନ୍ତ୍ର ଭାବେ ସ୍ନାୟୁ-ନିଶ୍ଚେତନା ପାଠ୍ୟକ୍ରମରେ ଡିଗ୍ରୀ ହାସଲ କରିବେ ବୋଲି ଅଧୀକ୍ଷକ ପ୍ରଫେସର ମିଶ୍ର ଜଣାଇଛନ୍ତି।

ସୂଚନାଯୋଗ୍ୟ, ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ ପ୍ରକଳ୍ପ ମଧ୍ୟରେ ସ୍ନାୟୁ ଶଲ୍ୟ ବିଭାଗର ରୂପରେଖ ବଦଳାଇବା ପାଇଁ ଯୋଜନା ରହିଛି। ଏସ୍‌ସିବି ମେଡିକାଲ କର୍ତ୍ତୃପକ୍ଷ ଏ ବାବଦରେ ଏକାଧିକ ପ୍ରସ୍ତାବ ସ୍ୱାସ୍ଥ୍ୟ ବିଭାଗକୁ ଦେଇଛନ୍ତି। ☞ପୃଷ୍ଠା-୨

# ଆଦିତ୍ୟ-ଏଲ୍‌୧ର ପ୍ରଥମ କକ୍ଷ ଉତ୍ଥାନ

ବେଙ୍ଗାଲୁରୁ,୩।୯

ଭାରତର ପ୍ରଥମ ସୋଲାର ମିଶନ ଆଦିତ୍ୟ-ଏଲ୍‌୧ ସୂର୍ଯ୍ୟ ଅଭିମୁଖେ ଉତ୍କ୍ଷେପଣ କରାଯିବାର ଦିନକ ପରେ ଏହାର ପ୍ରଥମ ପୃଥିବୀ କୈନ୍ଦ୍ରିକ କକ୍ଷପଥ ଉତ୍ଥାନ ରବିବାର ସଫଳତାର ସହ ସମ୍ପନ୍ନ ହୋଇଛି। ଏହି ମହାକାଶ ଯାନ ଭଲ ସ୍ଥିତିରେ ରହିଥିବା ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ପକ୍ଷରୁ କୁହାଯାଇଛି। ପରବର୍ତ୍ତୀ ମାନୋଭର ମଙ୍ଗଳବାର ରାତି ୩ଟାରେ କରାଯିବ। ପ୍ରଥମ ପୃଥିବୀ କୈନ୍ଦ୍ରିକ ମାନୋଭର ଦ୍ୱାରା ଆଦିତ୍ୟ-ଏଲ୍‌୧ ଏବେ ୨୪୫X୨୨,୪୫୯ କିଲୋମିଟର କକ୍ଷପଥରେ ପହଞ୍ଚିଛି। ଅର୍ଥାତ୍ ବର୍ତ୍ତମାନ ଏବେ ପୃଥିବୀଠାରୁ ଏହି ମହାକାଶ ଯାନର ସର୍ବନିମ୍ନ ଦୂରତା ୨୪୫ କିଲୋମିଟର ହୋଇଥିବାବେଳେ ସର୍ବାଧିକ ଦୂରତା ୨୨,୪୫୯ କିଲୋମିଟର। ଶନିବାର ପୂର୍ବାହ୍ନ ୧୧ଟା ୫୦ ମିନିଟ୍‌ରେ ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଭାରତର ପ୍ରଥମ ସୋଲାର ସ୍ପେସ୍ ଅବ୍‌ଜରଭେଟୋରି ମିଶନକୁ ପିଏସ୍‌ଏଲ୍‌ଭି-ସି୫୭ ରକେଟ ସହାୟତାରେ ଉତ୍କ୍ଷେପଣ କରାଯାଇଥିଲା। ୬୩ ମିନିଟ୍ ପରେ ଆଦିତ୍ୟ-ଏଲ୍‌୧ ରକେଟରୁ ଅଲଗା ହୋଇ ସଫଳତାର ସହ ପୃଥିବୀର ଅଣ୍ଡାକୃତି କକ୍ଷପଥରେ ଅବସ୍ଥାପିତ ହୋଇଥିଲା। ଏହା ୧୨୫ ଦିନ ଯାତ୍ରା କରିବା ପରେ ପୃଥିବୀଠାରୁ ୧୫ ଲକ୍ଷ କିଲୋମିଟର ଦୂରରେ ଥିବା ସୂର୍ଯ୍ୟ-ପୃଥିବୀ ସିଷ୍ଟମର ଲାଗ୍ରାଞ୍ଜ ପଏଣ୍ଟ-୧ (ଏଲ୍‌୧)ରେ ଥିବା ହଲୋ ଅର୍ବିଟ୍‌ରେ ପହଞ୍ଚିବ। ସୂର୍ଯ୍ୟର କରୋନାଲ ଉତ୍ତାପ ଏବଂ ସୌର ବାୟୁର ଗତି ବୃଦ୍ଧିକୁ ବୁଝିବା, ପୃଥିବୀ ନିକଟବର୍ତ୍ତୀ ମହାକାଶର ଜଳବାୟୁ ଆଦି ସମ୍ପର୍କରେ ଅବଗତ ହେବା ସୌର ମିଶନର ମୁଖ୍ୟ ଲକ୍ଷ୍ୟ।


**ଦଶାହ ଉପଲକ୍ଷେ ସ୍ମୃତି ତର୍ପଣ**

ଆବିର୍ଭାବ
୧୦.୦୭.୧୯୫୧
ସୋରଡା, ଗଞ୍ଜାମ



ତିରୋଧାନ
୨୬.୦୮.୨୦୨୩
ଭୁବନେଶ୍ୱର

✓ ସନ୍ଧ୍ୟା ମହାପାତ୍ର

ଶ୍ରାବଣ ମାସ, ଶୁକ୍ଳପକ୍ଷ, ଦଶମୀ ତିଥି, ଶନିବାର

ଏ ସଂସାରକୁ ଯିଏ ଜନ୍ମ ନେଇଛି, ତାର ମୃତ୍ୟୁ ନିଶ୍ଚିତ। କିନ୍ତୁ ତମେ ଏମିତି ହଠାତ୍ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ଦେଇ ଚାଲିଯିବ, ଆମେ ବିଶ୍ୱାସ କରି ପାରୁନୁ। ତୁମର ଅନୁପସ୍ଥିତି ସବୁଦିନ ପାଇଁ ଆମ ହୃଦୟରେ ବିରାଜମାନ କରୁଥିବ।

ଆଜିର ଏହି ପବିତ୍ର ଦଶାହ ଅବସରରେ ତୁମର ପବିତ୍ର ଆତ୍ମା ଚିର ଶାନ୍ତି ଲାଭ କରୁ ଏହାହିଁ କାମନା।

**ଶୋକସନ୍ତପ୍ତ :**
ଦେବୀପ୍ରସାଦ ମହାପାତ୍ର ଓ ମହାପାତ୍ର ପରିବାର ବର୍ଗ
ଗଜପତି ନଗର, ଭୁବନେଶ୍ୱର





କଂଗ୍ରେସ ସଂସଦୀୟ ଦଳ ଅଧ୍ୟକ୍ଷା ସୋନିଆ ଗାନ୍ଧୀଙ୍କଠାରେ ସାମାନ୍ୟ ଜ୍ୱର ଲକ୍ଷଣ ଦେଖାଯିବାରୁ ତାଙ୍କୁ ରବିବାର ଦିଲ୍ଲୀର ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେ ଡାକ୍ତରମାନଙ୍କ ତତ୍ତ୍ୱାବଧାନରେ ରହିଛନ୍ତି ଓ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ପୂର୍ବରୁ କଂଗ୍ରେସ ନେତ୍ରୀ ଭାଇରାଲ ରେସ୍ପିରେଟୋରୀ ଇନ୍‌ଫେକ୍ସନର ଚିକିତ୍ସା ଲାଗି ଉକ୍ତ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତ ୧ ତାରିଖରେ ମୁମ୍ବାଇରେ ବିରୋଧୀ ମେଣ୍ଟ ଇଣ୍ଡିଆ ବୈଠକରେ ସୋନିଆ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜି୨୦ ସମିଟ୍ ପାଇଁ ୨୦୭ ଟ୍ରେନ୍ ସାମୟିକ ବାତିଲ

**ନୂଆଦିଲ୍ଲୀ,୩।୯:** ଦିଲ୍ଲୀର ପ୍ରଗତି ମଇଦାନରେ ଆସନ୍ତା ୯ ଓ ୧୦ ତାରିଖରେ ଜି୨୦ ରାଷ୍ଟ୍ରଗୋଷ୍ଠୀର ନେତାମାନଙ୍କ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଥିବାବେଳେ ସୁରକ୍ଷାଗତ କାରଣରୁ ଭାରତୀୟ ରେଳୱେ ଦିଲ୍ଲୀକୁ ଚଳାଚଳ କରିବାକୁ ଥିବା ୨୦୭ ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍‌କୁ ସାମୟିକ ବାତିଲ କରିଦେଇଛି। ସେହିପରି ନୂଆଦିଲ୍ଲୀକୁ ଆସିବାକୁ ଓ ସେଠାରୁ ଛାଡ଼ିବାକୁ ଥିବା ୧୫ ଟ୍ରେନ୍‌ର ଟର୍ମିନାଲ ପରିବର୍ତ୍ତନ କରାଯାଇଛି। ଦିଲ୍ଲୀ ବାହାରେ ବିଭିନ୍ନ ସ୍ଥାନରେ ୭୦ଟି ଯାତ୍ରୀବାହୀ ଟ୍ରେନ୍‌କୁ ଅତିରିକ୍ତ ରହଣି କରିବାକୁ ରେଳୱେ ନିର୍ଦ୍ଦେଶ ଦେଇଛି। ଏହା ବ୍ୟତୀତ ୬ଟି ଯାତ୍ରୀବାହୀ ଟ୍ରେନ୍‌ର ରୁଟ୍ ପରିବର୍ତ୍ତନ ହୋଇଛି। ଡିଇଏମ୍‌ୟୁ ସମେତ ୩୬ଟି ପାସେଞ୍ଜର, ମେଲ୍ ଏବଂ ଏକ୍ସପ୍ରେସ୍ ଟ୍ରେନ୍‌ର ରୁଟ୍‌କୁ ସଂକ୍ଷିପ୍ତ କରାଯାଇଛି।

### ୨ ଦଳିତଙ୍କୁ ଓଲଟା ଝୁଲାଇ ମାଡ଼

**ହାଇଦ୍ରାବାଦ,୩।୯:** ଛେଳି ଚୋରି ଅଭିଯୋଗରେ ଦୁଇ ଦଳିତ ଯୁବକଙ୍କୁ ଓଲଟା ବାନ୍ଧି ମାଡ଼ ମରାଯାଇଥିବା ଜଣାପଡ଼ିଛି। ତେଲଙ୍ଗାନାର ମନଚିରିଆଲ ଜିଲାରେ ଏଭଳି ଘଟଣା ଘଟିଛି। ପୋଲିସ ଏହି ମାମଲାରେ କୋମୁରାଜୁଲା ରାମୁଲୁ, ତାଙ୍କ ସ୍ତ୍ରୀ ସ୍ୱରୂପା ଓ ପୁଅ ଶ୍ରୀନିବାସଙ୍କୁ ଗିରଫ କରିଛି। ଶୁକ୍ରବାର ରାମୁଲୁଙ୍କ ଛେଳି ନିଖୋଜ ହୋଇଯାଇଥିଲା। ତେବେ ସେହି ଅଞ୍ଚଳର ଦଳିତ ଯୁବକ ତେଜା ଏବଂ ତାଙ୍କ ସାଙ୍ଗ ଚିଲୁମୁଲା କିରନ୍ ତାଙ୍କ ଛେଳି ଚୋରି କରିଥିବା ସନ୍ଦେହ କରି ଉଭୟଙ୍କୁ ରାମୁଲୁ ଡାକିଥିଲେ। ପରେ ଛେଳି ଗୁହାଳରେ ଉଭୟଙ୍କୁ ଓଲଟା ବାନ୍ଧି ମାଡ଼ ମାରିଥିଲେ। କିରଣଙ୍କ ସ୍ତ୍ରୀଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ପାର୍ଲାମେଣ୍ଟ ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ ଇଣ୍ଡିଆ ଏମ୍‌ପିଙ୍କ ବୈଠକ ଡାକିଲେ ଖାର୍ଗେ



**ନୂଆଦିଲ୍ଲୀ,୩।୯:** ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ପୂର୍ବରୁ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସେପ୍ଟେମ୍ବର ୫ରେ ଇଣ୍ଡିଆ ମେଣ୍ଟ ସହଯୋଗୀ ଦଳଗୁଡ଼ିକର ଏମ୍‌ପିମାନଙ୍କ ବୈଠକ ଡାକିଛନ୍ତି। ଖାର୍ଗେଙ୍କ ରାଜାଜୀ ମାର୍ଗ ବାସଭବନରେ ଏହି ବୈଠକ ବସିବ। ସେପ୍ଟେମ୍ବର ୧୮ରୁ ୨୨ ସ୍ୱତନ୍ତ୍ର ଅଧିବେଶନ ପାଇଁ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ରଣନୀତି ସମ୍ପର୍କରେ ଉକ୍ତ ବୈଠକରେ ନିଷ୍ପତ୍ତି ନେବେ। ତେବେ ଅଧିବେଶନରେ କେଉଁ ପ୍ରସଙ୍ଗରେ ଆଲୋଚନା ହେବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବିରୋଧୀ ଦଳଗୁଡ଼ିକ ପରସ୍ପର ଏକାଠି କାମ କରି ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ହରାଇବା ପାଇଁ ଯୋଜନା ପ୍ରସ୍ତୁତ କରୁଛନ୍ତି। ନିକଟରେ ଶେଷ ହୋଇଥିବା ମୌସୁମୀ ଅଧିବେଶନ କାଳରେ ମେଣ୍ଟ ଦଳଗୁଡ଼ିକ ଏକାଠି ସରକାରଙ୍କୁ ବିରୋଧ କରିଥିଲେ।

# ମଣିପୁରରେ ୧୨,୬୯୪ ପିଲା ବିସ୍ଥାପିତ



ମଣିପୁରର ଏକ ରିଲିଫ୍ କ୍ୟାମ୍ପରେ ପିଲାମାନଙ୍କୁ ଖାଦ୍ୟ ଦିଆଯାଉଛି।

**ଇମ୍ଫାଲ,୩।୯**

ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ମଣିପୁରରେ ଦୀର୍ଘ ୪ ମାସ ହେଲା ଲାଗିରହିଥିବା ଜାତିଆଣ ସଂଘର୍ଷ ଓ ହିଂସାକାଣ୍ଡରେ ପାଖାପାଖି ୨୦୦ ଲୋକଙ୍କ ଜୀବନ ଯାଇଥିବାବେଳେ ୫୦ ହଜାରରୁ ଅଧିକ ଲୋକ ବିସ୍ଥାପିତ ହୋଇଛନ୍ତି। ବିସ୍ଥାପିତଙ୍କ ମଧ୍ୟରେ ୧୨,୬୯୪ ପିଲା ରହିଛନ୍ତି। ଘରଦ୍ୱାର ଛାଡ଼ିଥିବା ଏହି ପିଲାମାନେ ବିଭିନ୍ନ ରିଲିଫ କ୍ୟାମ୍ପରେ ଆଶ୍ରୟ ନେଇଛନ୍ତି। ହିଂସା ଯୋଗୁ ଶତାଧିକ ପିଲା ଗଭୀର ମାନସିକ ଆଘାତ ପାଇଛନ୍ତି, ଯାହାଙ୍କ ପାଇଁ ପେସାଦାରି କାଉନ୍‌ସେଲିଂର ଆବଶ୍ୟକତା ରହିଥିବା ସରକାରୀ ତଥ୍ୟରୁ ଜଣାପଡ଼ିଛି। ଡାକ୍ତରୀ ଟିମ୍ ଏବଂ ଶିଶୁ ମନସ୍ତତ୍ତ୍ୱବିତ୍‌ମାନେ ସ୍ୱେଚ୍ଛାସେବୀ ଭାବେ ଉକ୍ତ ପିଲାମାନଙ୍କୁ କାଉନ୍‌ସେଲିଂ ଦେଉଥିବା ମଣିପୁର ସାମାଜିକ କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି। ଗଭୀର ମାନସିକ ଆଘାତ ପାଇଥିବା ପିଲାଙ୍କୁ ପାଇଲେ, ଆମେ ସେମାନଙ୍କୁ ଚିହ୍ନଟ କରି ପେସାଦାରି ପରାମର୍ଶଦାତାମାନଙ୍କ ପାଖକୁ ନେଇଯାଉଛୁ। ସେମାନେ ଖୁବ୍‌ଶୀଘ୍ର ସ୍ୱାଭାବିକ ସ୍ଥିତିକୁ ଫେରିବା ଆଶା କରାଯାଉଛି ବୋଲି ସାମାଜିକ କଲ୍ୟାଣ ବିଭାଗ ନିର୍ଦ୍ଦେଶକ ଏନ୍‌ଜି ଉତ୍ତମ ସିଂ କହିଛନ୍ତି। ମାନସିକ ଆଘାତପ୍ରାପ୍ତ ଜଣେ ସଙ୍ଗେ ସଙ୍ଗେ ହୋଇ ନ ଥାନ୍ତି। ସପ୍ତାହେ କିମ୍ବା ମାସେ ପରେ ସେମାନଙ୍କଠାରେ ଏଭଳି ଲକ୍ଷଣ ଦେଖାଯାଇଥାଏ। ସେଥିପାଇଁ ପ୍ରତି ଜିଲାର ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଜରିଆରେ କାଉନ୍‌ସେଲରଙ୍କୁ ନିୟୋଜିତ କରାଯାଇଛି। ସେମାନେ ରିଲିଫ କ୍ୟାମ୍ପକୁ ଯାଇ ବିସ୍ଥାପିତ ପିଲାମାନଙ୍କ ମାନସିକ ସ୍ୱାସ୍ଥ୍ୟର ଚିକିତ୍ସା କରିବା ସହ ଯେଉଁମାନଙ୍କର ପେସାଦାରି କାଉନ୍‌ସେଲିଂର ଆବଶ୍ୟକତା ରହିଛି, ସେମାନଙ୍କୁ ଚିହ୍ନଟ କରୁଛନ୍ତି। ଖେଳ ଓ ନାଚ ମାଧ୍ୟମରେ ମାନସିକ ବିଷାଦଗ୍ରସ୍ତ ପିଲାଙ୍କୁ ଚିହ୍ନଟ କରାଯାଉଛି। ସେମାନଙ୍କୁ କାଗଜରେ କିଛି ଆଙ୍କିବା ପାଇଁ କୁହାଯାଉଛି।

### ଶତାଧିକ ଗଭୀର ମାନସିକ ଆଘାତପ୍ରାପ୍ତ

ଅନ୍ୟପକ୍ଷରେ ରିଲିଫ କ୍ୟାମ୍ପଗୁଡ଼ିକ ଉପଯୁକ୍ତ ଯୋଜନାରେ କରା ନ ଯାଇ ଆବଶ୍ୟକତା ଆଧାରରେ ପ୍ରତିଷ୍ଠା କରାଯାଇଥିବାରୁ ସେଠାରେ ଅନେକ ସମସ୍ୟା ରହିଥିବା ୟୁନିସେଫ୍ ଟିମ୍ କହିଛି। ଶିଶୁ ଅନୁକୂଳ ରିଲିଫ କ୍ୟାମ୍ପ ସ୍ଥାପନ ଲାଗି ଉକ୍ତ ଟିମ୍ ପରାମର୍ଶ ଦେଇଛି। ରିଲିଫ କ୍ୟାମ୍ପଗୁଡ଼ିକରେ ପିଲାମାନଙ୍କ ଯତ୍ନରେ ଯେପରି କୌଣସି କମି ନ ହୁଏ, ସେଥିପାଇଁ ପ୍ରତି ସପ୍ତାହରେ ମୁଖ୍ୟ ସଚିବଙ୍କ ସ୍ତରରେ ସମୀକ୍ଷା ବୈଠକ କରାଯାଉଥିବା ସାମାଜିକ କଲ୍ୟାଣ ନିର୍ଦ୍ଦେଶକ କହିଛନ୍ତି। ସେହିପରି ଅପପୁଷ୍ଟିର ଶିକାର ହୋଇଥିବା ପିଲାମାନଙ୍କୁ ଇମ୍ଫାଲର ଜେଏନ୍‌ଆଇଏମ୍‌ଏସ୍‌କୁ ନିଆଯାଇ ସେଠାରେ ଚିକିତ୍ସା କରାଯାଉଛି। ଅତ୍ୟଧିକ ଅପପୁଷ୍ଟିର ସମ୍ମୁଖୀନ ହୋଇଥିବା ୧୬ ପିଲାଙ୍କୁ ଚିକିତ୍ସା କରାଗଲାଣି।

## ଇମ୍ଫାଲରୁ ଶେଷ ୧୦ କୁକି ପରିବାର ବିତାଡ଼ିତ

ଇମ୍ଫାଲର ନିଉ ଲାମ୍ବୁଲାନେ ଅଞ୍ଚଳରୁ ଶେଷ ୧୦ କୁକି ପରିବାରର ୨୪ ଜଣ ସଦସ୍ୟଙ୍କୁ ମଣିପୁର ସରକାର କୁକି ଅଧ୍ୟୁଷିତ କାଙ୍ଗପୋକ୍‌ପି ଜିଲାକୁ ସ୍ଥାନାନ୍ତର କରିଛନ୍ତି। ଏହି ପରିବାର ଦୀର୍ଘ ଦଶନ୍ଧି ହେଲା ନିଉ ଲାମ୍ବୁଲାନେରେ ରହିଥିଲେ। ଏପରିକି ୪ ମାସ ପୂର୍ବରୁ ମଣିପୁର ହିଂସାକାଣ୍ଡ ବେଳେ ମଧ୍ୟ ସେମାନେ କୁଆଡ଼େ ଯାଇ ନ ଥିଲେ। ସେମାନଙ୍କୁ ଅନ୍ୟ ସମ୍ପ୍ରଦାୟ ଟାର୍ଗେଟ କରୁଥିବାରୁ ସରକାର ଶନିବାର ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ସେମାନଙ୍କୁ ନିରାପଦ ସହ ଇମ୍ଫାଲଠାରୁ ୨୫ କି.ମି. ଦୂର କାଙ୍ଗପୋକ୍‌ପି ଜିଲାର ମୋଟବୁଙ୍ଗ୍‌କୁ ନିଆଯାଇଛି। ଅନ୍ୟପକ୍ଷରେ ସେମାନଙ୍କୁ ବଳପୂର୍ବକ ଘରୁ ତଡ଼ିଦିଆଯାଇଥିବା କୁକି ପରିବାର ଅଭିଯୋଗ କରିଛନ୍ତି। କୁକି ଅଞ୍ଚଳରେ ସୁରକ୍ଷା ଦେଉଥିବା ଜଣେ ସ୍ୱେଚ୍ଛାସେବୀଙ୍କ କହିବା ଅନୁଯାୟୀ, ଗୃହ ବିଭାଗ ନିର୍ଦ୍ଦେଶରେ ୟୁନିଫର୍ମରେ ଥିବା ସଶସ୍ତ୍ର ବ୍ୟକ୍ତିମାନଙ୍କର ଏକ ଟିମ୍ ସେପ୍ଟେମ୍ବର ୧ ବିଳମ୍ବିତ ରାତିରେ ନିଉ ଲାମ୍ବୁଲେନ୍‌ରେ ପହଞ୍ଚି କୁକି ପରିବାର ସଦସ୍ୟମାନଙ୍କୁ ସେମାନଙ୍କ ଘରୁ ଜୋର ଜବରଦସ୍ତ ବାହାର କରିଦେଇଥିଲେ। ଏପରିକି ସେମାନଙ୍କୁ ଜିନିଷପତ୍ର ପ୍ୟାକ୍ କରିବାକୁ ସମୟ ଦିଆଯାଇ ନ ଥିଲା। ନିଉ ଲାମ୍ବୁଲେନ୍‌ରେ ୩୦୦ରୁ ଊର୍ଦ୍ଧ୍ୱ କୁକି ପରିବାର ରହୁଥିଲେ। ମେ’୩ରେ ମଣିପୁର ହିଂସା ଆରମ୍ଭ ହେବା ପରେ ଅଧିକାଂଶ ପରିବାର ସେଠାରୁ ପଳାଇ ଯାଇଥିଲେ।

## ମଣିପୁର ସ୍ଥିତି ସମ୍ଭାଳିବେ ଅବସରପ୍ରାପ୍ତ ସେନା ଅଧିକାରୀ

**ମ୍ୟାନ୍‌ମାର ସର୍ଜିକାଲ ଷ୍ଟ୍ରାଇକର ନେତୃତ୍ୱ ନେଇଥିଲେ**



କଲୋନେଲ୍ ନେକ୍ଟର ସଞ୍ଜୀବମ୍

**ଇମ୍ଫାଲ,୩।୯**

ମଣିପୁରରେ ଦୀର୍ଘ ୪ ମାସହେଲା ହିଂସାକାଣ୍ଡ ଲାଗି ରହିଛି। ଏଥିରେ ୨୦୦ ଜଣଙ୍କ ମୃତ୍ୟୁ ଘଟିଲାଣି। ଏଭଳି ସ୍ଥିତିରେ ରାଜ୍ୟ ସରକାର ଅବସରପ୍ରାପ୍ତ ସେନା ଅଧିକାରୀ କଲୋନେଲ୍ ନେକ୍ଟର ସଞ୍ଜୀବମ୍‌ଙ୍କୁ ପୋଲିସ ବିଭାଗରେ ୫ ବର୍ଷ ଲାଗି ନିଯୁକ୍ତ କରିଛନ୍ତି। ସଞ୍ଜୀବମ୍ ୨୦୧୫ରେ ମ୍ୟାନମାରରେ ହୋଇଥିବା ସର୍ଜିକାଲ ଷ୍ଟ୍ରାଇକ୍‌ର ନେତୃତ୍ୱ ନେଇଥିଲେ। ଅଗଷ୍ଟ ୨୪ରେ ମଣିପୁର ସରକାର ସଞ୍ଜୀବମ୍‌ଙ୍କୁ ସିନିୟର ରାଜ୍ୟ ପୋଲିସ ବିଭାଗରେ ସିନିୟର ସୁପରିଟେଣ୍ଡେଣ୍ଟ ଭାବେ ନିଯୁକ୍ତି ଦେଇଛନ୍ତି। ସଞ୍ଜୀବମ୍ ତାଙ୍କ ଚାକିରି ଜୀବନରେ କୀର୍ତ୍ତିଚକ୍ର ଏବଂ ଶୌର୍ଯ୍ୟ ଚକ୍ର ଭଳି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ଜୁନ୍ ୧୨ରେ ହୋଇଥିବା ରାଜ୍ୟ କ୍ୟାବିନେଟର ନିଷ୍ପତ୍ତି ଅନୁସାରେ ସଞ୍ଜୀବମ୍‌ଙ୍କୁ ନିଯୁକ୍ତି ଦିଆଯାଇଛି ବୋଲି ଯୁଗ୍ମ ସଚିବ(ଗୃହ ବିଭାଗ) କହିଛନ୍ତି। ଅପରପକ୍ଷେ ଗୁଳିକାଣ୍ଡ ଓ ବୋମା ବିସ୍ଫୋରଣ ଯୋଗୁ ଗତ ୫ ଦିନ ମଧ୍ୟରେ ୧୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୩୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି।

## ଶିକ୍ଷକଙ୍କୁ ହତ୍ୟାକଲେ ଛାତ୍ର

**ନୂଆଦିଲ୍ଲୀ,୩।୯**

ଛାତ୍ରଙ୍କୁ ଅପ୍ରାକୃତ ଯୌନ ନିର୍ଯାତନା ଦେବା ଜଣେ ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ଯୌନ ସମ୍ପର୍କରେ ଭିଡିଓ ଉତ୍ତୋଳନ କରିବା ଓ ତାକୁ ସୋସିଆଲ୍ ମିଡିଆରେ ଶେୟାର କରିବାର ଭୟ ଦେଖାଇବାରୁ ଛାତ୍ର ଜଣକ ବାଧ ହୋଇ ଶିକ୍ଷକଙ୍କୁ ହତ୍ୟା କରିଥିବା ପୋଲିସ କହିଛି। ପୋଲିସ ନାବାଳକଙ୍କୁ ଅଟକ ରଖିଛି। ଅଗଷ୍ଟ ୩୦ ତାରିଖ ଅପରାହ୍ନ ପ୍ରାୟ ୨ଟା୧୫ରେ ଜାମିଆ ନଗରରେ ଥିବା ବାଟଲା ହାଉସର ଏକ କୋଠରିରୁ ରକ୍ତ ବାହାରୁଥିବା ନେଇ ପିସିଆର୍‌କୁ ଖବର ମିଳିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିଲାବେଳକୁ ଜଣେ ଲୋକଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଚଟାଣ ଉପରେ ପଡ଼ିଥିଲା ଏବଂ ତାଙ୍କ ଗଳାକଟା ଯାଇଥିଲା। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମୃତ ଶିକ୍ଷକ ଜଣକ ସମ୍ପୃକ୍ତ ଛାତ୍ରଙ୍କୁ ସହ ଦୁଇ ମାସ ତଳେ ସାକ୍ଷାତ କରିଥିଲେ। ଏଥିସହ ସେ ଛାତ୍ରଙ୍କୁ ବିଭିନ୍ନ ସମୟରେ ଯୌନ ନିର୍ଯାତନା ଦେଇ ଆସୁଥିଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିଲା। ଶିକ୍ଷକ ଏହି ସମୟର ଭିଡିଓ ଉତ୍ତୋଳନ କରି ଛାତ୍ରଙ୍କୁ ବ୍ଲାକମେଲିଂ କରୁଥିଲେ। ଘଟଣାଦିନ ଶିକ୍ଷକଙ୍କ ଫୋନ୍ କଲ୍ ପାଇ ଛାତ୍ର ତାଙ୍କ ଘରେ ପହଞ୍ଚିଥିଲେ। ଗଲାବେଳେ ଏକ ଧାରୁଆ ଅସ୍ତ୍ର ନେଇ ଯାଇଥିଲେ। ଶିକ୍ଷକ ତାଙ୍କୁ କିଛି କହିବା ପୂର୍ବରୁ ସେ ତାଙ୍କ ବେକକୁ କାଟି ଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଅପ୍ରାକୃତ ଯୌନ ନିର୍ଯାତନା




ନୂଆଦିଲ୍ଲୀର ଭୈରୋଁ ମାର୍ଗ ନିକଟରେ ଏକ ଇଏମ୍‌ୟୁ ଟ୍ରେନ୍‌ର ବଗି ଲାଇନ୍‌ଚ୍ୟୁତ ହୋଇଛି।

## ଗିଲ୍‌ଗିଟ୍-ବାଲ୍‌ଟିସ୍ତାନରେ ସାମ୍ପ୍ରଦାୟିକ ଉତ୍ତେଜନା

**ଇସ୍‌ଲାମାବାଦ,୩।୯**

ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ)ର ଗିଲ୍‌ଗିଟ୍-ବାଲ୍‌ଟିସ୍ତାନରେ ଶିହା ଓ ସୁନ୍ନି ମୁସଲମାନମାନଙ୍କ ମଧ୍ୟରେ ଦେଖାଦେଇଥିବା ସାମ୍ପ୍ରଦାୟିକ ବିବାଦ ଯୋଗୁ ଏଠାରେ ମୋବାଇଲ୍ ଇଣ୍ଟରନେଟ୍ ସେବା ବନ୍ଦ କରାଯାଇଛି। ଅପରପକ୍ଷେ ପାକିସ୍ତାନର ଅନ୍ତରୀଣ ସୂଚନା ମନ୍ତ୍ରୀ ମୁରତଜା ସୋଲାଙ୍ଗି କହିଛନ୍ତି, ଗିଲ୍‌ଗିଟ୍-ବାଲ୍‌ଟିସ୍ତାନର ସ୍ଥିତି ସମ୍ପୂର୍ଣ୍ଣ ଶାନ୍ତ ରହିଛି। ତେବେ ସାମ୍ପ୍ରଦାୟିକ ଉତ୍ତେଜନା ଖବର ଜଣାପଡ଼ିବା ପରେ ସମ୍ପୃକ୍ତ ଅଞ୍ଚଳରେ ମୋବାଇଲ ଇଣ୍ଟରନେଟ୍ ସେବାକୁ ବନ୍ଦ କରି ଦିଆଯାଇଛି। ତେବେ ଏହି ଅଞ୍ଚଳରେ ପାକିସ୍ତାନ ସେନା ମୁତୟନ କରାଯାଇଥିବା ନେଇ ଯେଉଁ ଖବର ପ୍ରସାରଣ କରାଯାଉଛି, ତାହା ସମ୍ପୂର୍ଣ୍ଣ ଅମୂଳକ ବୋଲି ମନ୍ତ୍ରୀ କହିଛନ୍ତି। ସେ କହିଛନ୍ତି, ରାସ୍ତାଘାଟ, ବ୍ୟବସାୟିକ ପେଣ୍ଠସ୍ଥଳୀ ଏବଂ ଶିକ୍ଷାନୁଷ୍ଠାନ ସ୍ୱାଭାବିକଭାବେ ଚାଲିଛି। ତେବେ ଏହି ଅଞ୍ଚଳରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ପାକିସ୍ତାନ ସେନାକୁ ଦାୟିତ୍ୱ ଦିଆଯାଇଛି ବୋଲି କହିଛନ୍ତି। ଅପରପକ୍ଷେ ଉଭୟ ସମ୍ପ୍ରଦାୟର ନେତାମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଥିବାନେଇ ମନ୍ତ୍ରୀ ସୋଲାଙ୍ଗି କହିଛନ୍ତି।

### ମୋବାଇଲ ସେବା ବନ୍ଦ

## ଅଜଣା ବନ୍ଧୁକଧାରୀଙ୍କ ଗୁଳିରେ ୭ ମୃତ

**ଆବୁଜା,୩।୯**

ନାଇଜେରିଆର କଦୁନାରେ ଥିବା ଏକ ମସ୍‌ଜିଦ୍‌ରେ ଶନିବାର ଅଜଣା ବନ୍ଧୁକଧାରୀମାନେ ଆଖିବୁଜା ଗୁଳିମାଡ଼ କରିବାରୁ ୭ଜଣଙ୍କ ମୃତ୍ୟୁ ଘଟିଛି। ନମାଜ ପାଠ ଲାଗି ଶନିବାର ମଧ୍ୟାହ୍ନରେ ବହୁ ଲୋକ ମସ୍‌ଜିଦ୍‌ରେ ଏକାଠି ହୋଇଥିଲେ। ଏତିକିବେଳେ ଆତତାୟୀମାନେ ଗୁଳିମାଡ଼ କରିଥିଲେ। ଘଟଣାସ୍ଥଳରେ ୫ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୨ଜଣ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଛନ୍ତି। ଅଜଣା ବନ୍ଧୁକଧାରୀ ୩ ବର୍ଷରେ ଶତାଧିକ ଲୋକଙ୍କୁ ହତ୍ୟା କରିଥିବା ସ୍ଥାନୀୟ ପ୍ରଶାସନ କହିଛି।

## ‘ଏକ ରାଷ୍ଟ୍ର, ଏକ ନିର୍ବାଚନ’ ରାଜ୍ୟ ଉପରେ ଆକ୍ରମଣ: ରାହୁଲ

**ନୂଆଦିଲ୍ଲୀ,୩।୯**

‘ଏକ ରାଷ୍ଟ୍ର, ଏକ ନିର୍ବାଚନ’ ଚିନ୍ତାଧାରାକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିନ୍ଦା କରିଛନ୍ତି। ଏହା ଭାରତୀୟ ଏକତା ଓ ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ ବୋଲି ରବିବାର ରାହୁଲ ଟୁଇଟ୍ କରିଛନ୍ତି। ଏକସଙ୍ଗେ ନିର୍ବାଚନ କରିବାର ସମ୍ଭାବ୍ୟତା ଉପରେ ମତାମତ ରଖିବା ଲାଗି ସରକାର ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। ତେବେ ଉକ୍ତ କମିଟିରେ ନ ରହିବାକୁ ଚାହାନ୍ତି ନାହିଁ ବୋଲି କଂଗ୍ରେସ ନେତା ଅଧୀର ରଞ୍ଜନ



ଚୌଧୁରୀ କହିଛନ୍ତି। କମିଟିରେ ରାଜ୍ୟ ସଭାର ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ନିଆ ନ ଯାଇ ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦଙ୍କୁ ନିଆଯାଇଛି। ଏହା ବ୍ୟତୀତ କମିଟିରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା, ପଞ୍ଚଦଶ ଅର୍ଥ କମିଶନର ପୂର୍ବତନ ଅଧ୍ୟକ୍ଷ ଏନ୍.କେ. ସିଂ, ଲୋକ ସଭାର ପୂର୍ବତନ ମହାସଚିବ ସୁଭାଷ କଶ୍ୟପ, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ, ପୂର୍ବତନ ସିଭିସି ସଞ୍ଜୟ କୋଠାରୀଙ୍କୁ ନିଆଯାଇଛି। କମିଟି ‘ୱାନ୍ ନେଶନ ୱାନ୍ ଇଲେକ୍ସନ’ କାର୍ଯ୍ୟକାରିତା ଲାଗି ଆବଶ୍ୟକ ସମ୍ବିଧାନ ସଂଶୋଧନ, ଜନପ୍ରତିନିଧି ଆଇନ ଓ ଅନ୍ୟ ଆଇନ ଏବଂ ନିୟମାବଳୀରେ ସଂଶୋଧନର ଆବଶ୍ୟକତା ନେଇ ସରକାରଙ୍କୁ ସୁପାରିସ କରିବ।

## ଦେଶର ପ୍ରତ୍ୟେକ ଭାଗରେ ଜି୨୦ କାର୍ଯ୍ୟକ୍ରମ କରିବା ସ୍ୱାଭାବିକ

**ନୂଆଦିଲ୍ଲୀ,୩।୯(ପି.ଟି.)**

ଦେଶର ବିଭିନ୍ନ ପ୍ରାନ୍ତରେ ଜି୨୦ କାର୍ଯ୍ୟକ୍ରମ ଆୟୋଜନ କରିବା ଭାରତ ପାଇଁ ସ୍ୱାଭାବିକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କହିଛନ୍ତି। କଶ୍ମୀର ଏବଂ ଅରୁଣାଚଳପ୍ରଦେଶରେ ଜି୨୦ର କେତେକ କାର୍ଯ୍ୟକ୍ରମ ଆୟୋଜନକୁ ଚାଇନା ବିରୋଧ କରୁଥିବାବେଳେ ପ୍ରଧାନମନ୍ତ୍ରୀ ଏହାକୁ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ବୈଶ୍ୱିକ ମଞ୍ଚରେ ଭାରତ ଏହାର ସଂସ୍କୃତି ଓ ଆଞ୍ଚଳିକ ବିବିଧତାକୁ ପ୍ରଦର୍ଶିତ କରିବାର ଉଦ୍ୟମ ସ୍ୱରୂପ ଦେଶବ୍ୟାପୀ ଜି୨୦ କାର୍ଯ୍ୟକ୍ରମର ଆୟୋଜନ କରିଥିଲା।

### ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ର ହେବ: ମୋଦି



ଅନ୍ୟପକ୍ଷରେ ଜି୨୦ ସଦସ୍ୟ ରାଷ୍ଟ୍ର ଚାଇନା ଏବଂ ସଦସ୍ୟ ନ ଥିବା ପାକିସ୍ତାନ କଶ୍ମୀରକୁ ବିବାଦୀୟ ଅଞ୍ଚଳ କହି ସେଠାରେ ଜି୨୦ କାର୍ଯ୍ୟକ୍ରମକୁ ବିରୋଧ କରିଥିଲେ। ସେହିପରି ଅରୁଣାଚଳ ଉପରେ ଭାରତର ସାର୍ବଭୌମତ୍ୱକୁ ନେଇ ଚାଇନା ବିବାଦ ସୃଷ୍ଟି କରୁଛି। ଚାଇନା ଓ ପାକିସ୍ତାନର ଦାବିକୁ ଭାରତ ଅଗ୍ରାହ୍ୟ କରିଦେଇଛି।

ମୋଦି କହିଛନ୍ତି, ତାଙ୍କ ୯ ବର୍ଷ ସରକାରର ରାଜନୈତିକ ସ୍ଥିରତାର ସ୍ୱାଭାବିକ ଉପଉତ୍ପାଦ ହେଉଛି ଦେଶର ଆର୍ଥିକ ଅଭିବୃଦ୍ଧି। ୨୦୪୭ ସୁଦ୍ଧା ଭାରତ ବିକଶିତ ରାଷ୍ଟ୍ରରେ ପରିଣତ ହେବା ସହ ଜାତୀୟ ଜୀବନରେ ଦୁର୍ନୀତି, ଜାତିବାଦ ଏବଂ ସାମ୍ପ୍ରଦାୟିକତାବାଦର ସ୍ଥାନ ରହିବ ନାହିଁ ବୋଲି ପ୍ରଧାନମନ୍ତ୍ରୀ ଏକ ସାକ୍ଷାତ୍‌କାରରେ କହିଛନ୍ତି।

## ‘ଯୌତୁକ ନିର୍ଯାତନାର ମିଥ୍ୟା ଅଭିଯୋଗ ଚରମ ନିଷ୍ଠୁରତା’

**ନୂଆଦିଲ୍ଲୀ,୩।୯(ପି.ଟି.)**

ସ୍ୱାମୀଙ୍କ ପରିବାର ବିରୋଧରେ ମହିଳା ମିଥ୍ୟା ଯୌତୁକ ନିର୍ଯାତନା କିମ୍ବା ବଳାତ୍କାର ଅଭିଯୋଗ ଆଣିବା ‘ଚରମ ନିଷ୍ଠୁରତା’ ଏବଂ ଏହାର କ୍ଷମା ନାହିଁ ବୋଲି ଦିଲ୍ଲୀ ହାଇକୋର୍ଟ କହିଛନ୍ତି। ଉଚ୍ଚ ଅଦାଲତଙ୍କ ମତରେ କୌଣସି ବୈବାହିକ ସମ୍ପର୍କର ଆଧାର ହେଉଛି ସହବାସ ଓ ବୈବାହିକ ସମ୍ପର୍କ। ଦମ୍ପତି ପରସ୍ପର ସହାବସ୍ଥାନରୁ ବଞ୍ଚିତ ହେଲେ ବିବାହ ତିଷ୍ଠି ରହିବ ନାହିଁ ବୋଲି ପ୍ରମାଣିତ ହୋଇଥାଏ। ଜଣେ ଅନ୍ୟ ଜଣକୁ ବୈବାହିକ ସମ୍ପର୍କରୁ ବଞ୍ଚିତ କରିବା ଅତ୍ୟନ୍ତ ନିଷ୍ଠୁରତା ବୋଲି ହାଇକୋର୍ଟ




ଟିପ୍ପଣୀ ଦେଇଛନ୍ତି। ନିଷ୍ଠୁରତା ଆଧାରରେ ଅଲଗା ରହୁଥିବା ସ୍ୱାମୀଙ୍କୁ ଛାଡ଼ପତ୍ର ଦେବା ଲାଗି ପରିବାର ଅଦାଲତ ଅନୁମତି ଦେଇଥିବାବେଳେ ମହିଳା ଜଣକ ଏହାକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଉଚ୍ଚ ନ୍ୟାୟାଳୟ ଏହାକୁ ଖାରଜ କରିଦେଇଛନ୍ତି। ସ୍ୱାମୀ-ସ୍ତ୍ରୀ ୨୦୧୪ରୁ ପରସ୍ପରଠାରୁ ଅଲଗା ରହୁଥିବାରୁ ସେମାନେ ବୈବାହିକ ସମ୍ପର୍କ ବଜାୟ ରଖିବାକୁ ଅସମର୍ଥ ବୋଲି ପ୍ରମାଣିତ ହୋଇଛି। ୯ ବର୍ଷ ଧରି ପରସ୍ପରଠାରୁ ଅଲଗା ରହିବା ଚରମ ମାନସିକ ନିଷ୍ଠୁରତା। ତେଣୁ ହିନ୍ଦୁ ବିବାହ ଆଇନ ଅନୁଯାୟୀ ନିଷ୍ଠୁରତା ଆଧାରରେ ସେମାନଙ୍କୁ ବୈବାହିକ ସମ୍ପର୍କକୁ ତୁରନ୍ତ ବିଚ୍ଛେଦ କରାଯିବାକୁ ଜଷ୍ଟିସ ସୁରେଶ କୁମାର କାଇତ ଏବଂ ନୀନା ବଂଶଲ କ୍ରିଷ୍ଣାଙ୍କ ଖଣ୍ଡପୀଠ କହିଛନ୍ତି। ମହିଳା ଜଣଙ୍କ ତାଙ୍କ ସ୍ୱାମୀଙ୍କ ବିରୋଧରେ ମିଛ ଅଭିଯୋଗ କରିଥିବାରୁ ଏହା ମାନସିକ ନିର୍ଯାତନା ବୋଲି ଖଣ୍ଡପୀଠ କହିଥିଲେ।

ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୪/୨୦୨୩ | Bhubaneswar, Monday, September 4/2023 | ପୃଷ୍ଠା-୧

# ଏକସଙ୍ଗେ ନୁହେଁ

ତଥାଗତ ସତପଥୀ

'ଏକ ଦେଶ, ଏକ ନିର୍ବାଚନ' ପ୍ରସଙ୍ଗ ଏବେ ଦେଶବ୍ୟାପୀ ଆଲୋଚନାର ବିଷୟବସ୍ତୁ ପାଲଟିଛି। ଏହାର ବାସ୍ତବତା ନେଇ ସନ୍ଦେହ ଉପୁଜିଥିବା ବେଳେ ପ୍ରକୃତ କଥାକୁ ନିରେଖି ଦେଖିଲେ କେନ୍ଦ୍ର ସରକାର ବିଫଳତାକୁ ଲୁଚାଇବାକୁ ଯାଇ ଏଭଳି ଏକ ଫନ୍ଦା ଆରମ୍ଭ କରିଥାଇପାରନ୍ତି। ଆଜିର ସ୍ଥିତିରେ ହଠାତ୍ ଏହା ଲାଗୁ କରିବା କଷ୍ଟକର ବ୍ୟାପାର। ଭାରତ ସ୍ୱାଧୀନ ହେବା ପରଠାରୁ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଲୋକ ସଭା ସହିତ ବିଧାନସଭା ନିର୍ବାଚନକୁ ଏକ ସଙ୍ଗେ କରିଥିଲେ। ଏହା ୧୯୬୭ ଯାଏ ଚାଲିଥିଲା ବୋଲି ଇତିହାସ କହୁଛି। କିନ୍ତୁ ପରବର୍ତ୍ତୀ ସମୟରେ କେଉଁଠାରେ ସରକାର ବିଶ୍ୱାସ ହରାଇବା ଯୋଗୁ ବିଧାନସଭା ଭଙ୍ଗ ହୋଇଥିଲା ବେଳେ ଅନ୍ୟ କେଉଁଠାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଇ ଜବରଦସ୍ତ ରାଜ୍ୟ ସରକାରକୁ ବରଖାସ୍ତ କରାଯାଇଥିଲା। ବିଭିନ୍ନ ପ୍ରକାର ଅସଙ୍ଗତି ଦେଖାଦେବାରୁ ନିର୍ବାଚନ ସମୟରେ ପରିବର୍ତ୍ତନ ଲକ୍ଷ୍ୟ କରାଗଲା। ଏବର ସ୍ଥିତି ଦେଖି ବିଧିବଦ୍ଧ ଭାବେ ହିସାବ କଲେ ଆସନ୍ତାବର୍ଷ ମେ'ରେ ଲୋକ ସଭା ନିର୍ବାଚନ ସହିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ସିକିମ୍ ଓ ଅରୁଣାଚଳ ପ୍ରଦେଶ ବିଧାନସଭା ନିର୍ବାଚନ ହେବା କଥା। କିନ୍ତୁ କଳ୍ପନାଜଳ୍ପନା ପ୍ରକାଶ ପାଇଆସୁଛି ଯେ, ଖୁବ୍‌ଶୀଘ୍ର ଲୋକ ସଭାକୁ ଭାଙ୍ଗିଦିଆଯାଇ ସଦ୍ୟ ନିର୍ବାଚନ କରାଯିବ। ଏମିତି ଦେଖିଲେ ଆସନ୍ତା ନଭେମ୍ବର-ଡିସେମ୍ବରରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲଙ୍ଗାନା ଓ ମିଜୋରାମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ଅଛି। ମୋଦି ସରକାର କହୁଛନ୍ତି, ପ୍ରାୟ ୯ଟି ରାଜ୍ୟରେ ଯଦି ପାଖାପାଖି ନିର୍ବାଚନ ହେବାର ଅଛି, ତେଣୁ ଅନ୍ୟ ବିଧାନସଭାଗୁଡ଼ିକୁ ଲୋକ ସଭା ନିର୍ବାଚନ ସହିତ ମିଶାଇ ଗୋଟିଏ ନିର୍ବାଚନ କରାଗଲେ ଏ ଦିଗରେ ହେଉଥିବା ଖର୍ଚ୍ଚକୁ ହ୍ରାସ କରାଯାଇପାରିବ। ବାସ୍ତବରେ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲଙ୍ଗାନା ଭଳି ରାଜ୍ୟରେ ଭାଜପା ଜିତିକରି ସରକାର ଗଢ଼ିବା ସମ୍ଭବପର ମନେ ହେଉନାହିଁ। ଲୋକ ସଭା ନିର୍ବାଚନ ପୂର୍ବରୁ ଏହି ଗୁରୁତ୍ୱପୂର୍ଣ୍ଣ ରାଜ୍ୟଗୁଡ଼ିକରେ ପରାଜୟକୁ ସାମ୍ନା କଲାଭଳି ଶକ୍ତି ଭାଜପା ପାଖରେ ନାହିଁ ବୋଲି ସେହି ଦଳର ନେତୃତ୍ୱ ବୁଝିସାରିଲେଣି। ଦୀର୍ଘ ଏକ ଦଶନ୍ଧିର ଶାସନକାଳ ପରେ ମୋଦିଙ୍କ କରିସ୍ମା ହ୍ରାସ ପାଇଛି ବୋଲି ସମସ୍ତେ ହୃଦ୍‌ବୋଧ କଲେଣି। ବିନା କୌଣସି ନୂତନତ୍ୱ ଦର୍ଶାଇ ନିର୍ବାଚନ ଲଢ଼ିଲେ କେନ୍ଦ୍ରରେ ଭାଜପା ପାଇଁ କଷ୍ଟକର ବ୍ୟାପାର ହେବ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି।

ଚଳିତ ମାସ ୧୮ ତାରିଖରୁ ୫ ଦିନିଆ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଏହା ଘୋଷଣା ହେବାର ପରଦିନ ସରକାର 'ଏକ ଦେଶ, ଏକ ନିର୍ବାଚନ' ବିଲ୍‌କୁ ଉକ୍ତ ଅଧିବେଶନରେ ଆଗତ କରିବେ ବୋଲି ସଙ୍କେତ ଦେଇଥିଲେ। ଉକ୍ତ ବିଷୟ ଘୋଷଣା କଲାବେଳକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ ପ୍ରହଲ୍ଲାଦ ଯୋଶୀ କହିଥିଲେ ଯେ ଏହି ବିଲ୍ ଆଗତ ହେବାରେ କେହି ବିଚଳିତ ହେବା ଦରକାର ନାହିଁ। ତା'ର ଉତ୍ତରରେ ବିରୋଧୀ ଦଳ କହିଛନ୍ତି, ସମ୍ଭବତଃ ସରକାର ବ୍ୟସ୍ତ ହୋଇପଡ଼ିଥିବାରୁ ଏଭଳି ପଦକ୍ଷେପ ନେଉଛନ୍ତି। ଇତିମଧ୍ୟରେ ଏ ସଂକ୍ରାନ୍ତରେ ତର୍ଜମା କରିବା ସକାଶେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଏହାର ସ୍ୱରୂପକୁ ଦେଖିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ, ପୂର୍ବତନ ଏମ୍‌ପି ଗୁଲାମ ନବୀ ଆଜାଦ, ୧୫ତମ ଅର୍ଥ କମିଶନ୍‌ର ପୂର୍ବତନ ଅଧ୍ୟକ୍ଷ ଏନ୍.କେ. ସିଂ, ଲୋକ ସଭାର ପୂର୍ବତନ ସେକ୍ରେଟାରି -ଜେନେରାଲ ଡକ୍ଟର ସୁଭାଷ ସି. କାଶ୍ୟପ, ବରିଷ୍ଠ ଆଇନଜୀବୀ ହରିଶ ସାଲ୍‌ଭେ ଏବଂ ପୂର୍ବତନ ସିଭିସି ସଞ୍ଜୟ କୋଠାରୀ ସଦସ୍ୟ ଅଛନ୍ତି। ହେଲେ ଅଧୀର ରଞ୍ଜନ ଉକ୍ତ ପ୍ୟାନେଲରେ ରହିବେ ନାହିଁ ବୋଲି କହିସାରିଲେଣି। ଏଭଳି ଅବାସ୍ତବ ପ୍ରସ୍ତାବ ସରକାରଙ୍କ ଦ୍ୱାରା ଅଣାଯାଇଥିବାରୁ ସେଥିରେ ମନ୍ଦ ଉଦ୍ଦେଶ୍ୟ ନିହିତ ଥିବା ଦର୍ଶାଇ ଅଧୀର କମିଟିରୁ ଓହରି ଯାଇଛନ୍ତି।

୨୦୧୪ ସାଧାରଣ ନିର୍ବାଚନ ବେଳେ ଭାଜପା ନିଜ ଇସ୍ତାହାରରେ ଏକକ ନିର୍ବାଚନ କରାଇବା ନେଇ ଏକ ପଦ୍ଧତି ବିକଶିତ କରିବା ଲାଗି ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଦୀର୍ଘ ଏକ ଦଶନ୍ଧି ମଧ୍ୟରେ ସେହି ଦିଗରେ କୌଣସି ପଦକ୍ଷେପ ନେଲାନାହିଁ। ନିଜକୁ ଅତି ଶକ୍ତିଶାଳୀ ବୋଲାଉଥିବା ଏହି ସରକାର ବିମୁଦ୍ରୀକରଣଠାରୁ ଆରମ୍ଭ କରି କରୋନା ଲକ୍‌ଡାଉନ୍ ପର୍ଯ୍ୟନ୍ତ ବିନା କୌଣସି ଆଇନର ସାହାଯ୍ୟ ଲୋଡ଼ି ସ୍ୱଇଚ୍ଛାରେ କରାଇଦେଇ ପାରିଥିଲେ। ଚାହିଁଥିଲେ ଏକସଙ୍ଗେ ନିର୍ବାଚନ ମଧ୍ୟ ଲୋକ ସଭାକୁ ଭାଙ୍ଗି କରାଇଦେଇ ପାରିଥାନ୍ତେ। ଏବେ ସ୍ଥିତିରେ ପରିବର୍ତ୍ତନ ଘଟିବାରୁ ବିକଳ୍ପ ପନ୍ଥା ଖୋଜିବାକୁ ଯାଇ ଏହିଭଳି ଡାକରା ଦିଆଯାଉଛି। ମନେରଖିବାକୁ ହେବ ଯେ, କରଦାତାଙ୍କ ପାଇଁ ଏକସଙ୍ଗେ ନିର୍ବାଚନ କରାହେଲେ କୌଣସି ଆଶ୍ୱସ୍ତି ମିଳିବ ନାହିଁ। ଭୋଟ୍‌ଗ୍ରହଣ କେନ୍ଦ୍ର, ସେଥିରେ ମୁତୟନ ହେବାକୁଥିବା ସରକାରୀ କର୍ମଚାରୀ, ପୋଲିସ ବନ୍ଦୋବସ୍ତ, ପରିବହନ ଭଳି ସବୁ ଖର୍ଚ୍ଚ ଏପରି ନିର୍ବାଚନରେ ଏକସଙ୍ଗେ ହେବ, ଯାହାକି ସେହି ଖର୍ଚ୍ଚ ଏବେ ଭାଗବଣ୍ଟା ହୋଇ ଭିନ୍ନ ସମୟରେ ହେଉଛି। ଅର୍ଥାତ୍ ଦେଶର ଅର୍ଥ ବଞ୍ଚିବ ବୋଲି ଯାହା କୁହାଯାଉଛି ତାହା ସମ୍ପୂର୍ଣ୍ଣ ଅସତ୍ୟ।

ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁଳ ଗଣତାନ୍ତ୍ରିକ ରାଷ୍ଟ୍ର। ଇଲେକ୍‌ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍) ମାଧ୍ୟମରେ ଭୋଟ ଗ୍ରହଣ କରାଯାଉଛି। ସମଗ୍ର ଦେଶରେ ଏକସଙ୍ଗେ ନିର୍ବାଚନ ହେଲେ ୨୫ ଲକ୍ଷରୁ ଊର୍ଦ୍ଧ୍ୱ ଇଭିଏମ୍ ଏବଂ ସମାନ ସଂଖ୍ୟକ ଭୋଟର ଭେରିଫାଏଡ୍ ପେପର ଅଡିଟ୍ ଟ୍ରାଏଲ (ଭିଭିପିଏଟି)ର ଆବଶ୍ୟକତା ରହିଛି ବୋଲି କୁହାଯାଉଛି। କିନ୍ତୁ ନିର୍ବାଚନ କମିଶନଙ୍କ ନିକଟରେ ଏବେ ମାତ୍ର ୧୨ ଲକ୍ଷ ଇଭିଏମ୍ ଅଛି। ନିର୍ବାଚନ କମ୍ ସମୟ ଥିବାରୁ ଆହୁରି ୧୩ ଲକ୍ଷ ଇଭିଏମ୍ ପ୍ରସ୍ତୁତ କରି ସେଗୁଡ଼ିକୁ ଯାଞ୍ଚ କରିବା ବୈଷୟିକ ଦୃଷ୍ଟିକୋଣରୁ ଯଥାର୍ଥ ମନେହେଉନାହିଁ। ସାମ୍ବିଧାନିକ ଦୃଷ୍ଟିରୁ ଦେଖିଲେ ଏକସଙ୍ଗେ ନିର୍ବାଚନ ହେବା ଲାଗି ତାରିଖ ଘୋଷଣା ହେବାର କିଛି ମାସ ପୂର୍ବରୁ ଯେଉଁ ବିଧାନସଭାଗୁଡ଼ିକର ଅବଧି ପୂରି ଯାଉଛି, ସେଗୁଡ଼ିକ କ୍ଷେତ୍ରରେ କେଉଁ ନିୟମ ଲାଗୁହେବ ତାହା ଅନେକ ପ୍ରଶ୍ନ ଠିଆ କରୁଛି। ଉଦାହରଣ ସ୍ୱରୂପ ମଧ୍ୟପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ତେଲଙ୍ଗାନା ଆଦି ରାଜ୍ୟରେ ନଭେମ୍ବର ୨୦୨୩ରେ ଆୟୁଷ ପୂରୁଛି। ସେହିଭଳି ନିକଟ ଅତୀତରେ ଯେଉଁ ବିଧାନସଭାଗୁଡ଼ିକର ନିର୍ବାଚନ ସରି ସରକାର ଗଠନ ହୋଇଛି ଓ ସେଗୁଡ଼ିକର ଅବଧି ପ୍ରାୟ ୩ ବର୍ଷ ସମୟ ଅଛି, ସେହି ରାଜ୍ୟଗୁଡ଼ିକ ଯଥା ଉତ୍ତର ପ୍ରଦେଶ, ଗୁଜରାଟ, ପଶ୍ଚିମବଙ୍ଗ ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ। ମାନିନେବା ଭାଜପାର ଯୁକ୍ତି ଦେଶର ହିତ ଉପରେ ଆଧାରିତ। ଯଦି ବିଧାନସଭାଗୁଡ଼ିକୁ ଭଙ୍ଗକରି ଏକସଙ୍ଗେ ଲୋକ ସଭା ସହିତ ନିର୍ବାଚନ ହୁଏ, ତେବେ ପରବର୍ତ୍ତୀ ସମୟରେ କୌଣସି ବିଧାନସଭାରେ ଗୋଟିଏ ଦଳ ବହୁମତ ନ ପାଇପାରିଲେ କିମ୍ବା ରାଷ୍ଟ୍ରପତି ଶାସନ ଜାରି ହେଲେ ତାହାର ପ୍ରଭାବ କିଭଳି ସମ୍ଭଳା ପଡ଼ିବ ହେଉଛି ବଡ଼ ପ୍ରଶ୍ନ। ମନେରଖିବାକୁ ହେବ, ଏକ ସୁସ୍ଥ ଗଣତନ୍ତ୍ରରେ ହେଉଥିବା ବିଭିନ୍ନ ସମୟର ନିର୍ବାଚନ ସ୍କୁଲ ପିଲାଙ୍କ ପ୍ରୋଗ୍ରେସ ରିପୋର୍ଟ ଭଳି କାମକରେ। ଗୋଟିଏ ରାଜ୍ୟ ସରକାର ପାଇଁ ପଞ୍ଚାୟତ ଓ ମ୍ୟୁନିସିପାଲିଟି ନିର୍ବାଚନ ଲୋକମତକୁ ପଦାକୁ ଆଣିଥାଏ। ସେହିଭଳି ବିଭିନ୍ନ ରାଜ୍ୟରେ ନିର୍ବାଚନ ଦର୍ଶାଇଥାଏ କେନ୍ଦ୍ରରେ ଶାସନ କରୁଥିବା ଦଳର ଲୋକପ୍ରିୟତା। ଶେଷରେ ଏତିକି କହିହେବ, ୧୯୪୭ ପୂର୍ବରୁ ଭାରତୀୟ ଉପମହାଦେଶ କେବେହେଲେ ଗୋଟିଏ ଦେଶ ଭାବେ ନ ଥିଲା। ଏହାର ବିବିଧତାରେ ରହିଛି ଏକତା। ସେଥିପାଇଁ ଗୋଟିଏ ସମୟରେ ନିର୍ବାଚନ ଡାକରା ଦେଉଥିବା ମତ ଅତ୍ୟନ୍ତ ଅଗଣତାନ୍ତ୍ରିକ ଓ ନାଗରିକ ବିରୋଧୀ। ଏଥିସହିତ ଏହାର ଅବାସ୍ତବତା ବାରମ୍ବାର ପ୍ରମାଣିତ ହୋଇଆସିଛି। ସେଥିପାଇଁ ଏଇ ଚିନ୍ତାଧାରାକୁ ସ୍ପଷ୍ଟ ଭାବେ ବିରୋଧ କରାଯିବା ଦରକାର।

# ସନାତନ ଧର୍ମର ବିଲୋପ ଜରୁରୀ: ଉଦୟନିଧି

**ଭୋଟ ପାଖେଇ ଆସିଲେ ଭାଜପା ନେତାମାନେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ଛାଡ଼ି ଧର୍ମୀୟ କାର୍ଡ ଖେଳିବା ସହ ଧ୍ରୁବୀକରଣ ବଳରେ ନିର୍ବାଚନ ଜିତିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଥିବା ଦେଖିବାକୁ ମିଳିଥାଏ। ଦେଶରେ ବଢ଼ିଚାଲିଥିବା ମୁଦ୍ରାସ୍ଫୀତି, ବେକାରି ସମସ୍ୟା ଓ ଲୋକଙ୍କ ସୁବିଧା ଅସୁବିଧାକୁ ଭୁଲି ସେମାନେ ହିନ୍ଦୁତ୍ୱ ଉପରେ ଅତ୍ୟଧିକ ଗୁରୁତ୍ୱ ଦେଇଥାଆନ୍ତି। ଶାସକ ଦଳର ଉଗ୍ର ହିନ୍ଦୁତ୍ୱବାଦ ସମ୍ପର୍କିତ ହୋହଲ୍ଲା ଭିତରେ ଅନେକ ମତଦାତା ନିଜ ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ଭୁଲି ପ୍ରଭାବିତ ହୋଇଯାଆନ୍ତି। ଏଭଳି ସ୍ଥିତିରେ ୨୦୨୪ ଲୋକ ସଭା ନିର୍ବାଚନକୁ ଆଉ କିଛି ମାସ ବାକି ଥିବାବେଳେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ତଥା କ୍ରୀଡ଼ାମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ସନାତନ ଧର୍ମକୁ କରୋନା ଭୂତାଣୁ, ମ୍ୟାଲେରିଆ ଏବଂ ଡେଙ୍ଗୁ ଜ୍ୱର ସହ ତୁଳନା କରି ଏହାକୁ ନଷ୍ଟ କରିଦିଆଯିବା ଆବଶ୍ୟକ ବୋଲି କହିଛନ୍ତି। ଉଦୟନିଧିଙ୍କ ଏହି ବିବାଦୀୟ ମନ୍ତବ୍ୟକୁ ରାଜନୈତିକ ପ୍ରସଙ୍ଗ କରିବା ପାଇଁ ଭାଜପାକୁ ସୁଯୋଗ ମିଳିଯାଇଛି।**


ଉଦୟନିଧି ଷ୍ଟାଲିନ୍

ଚେନ୍ନାଇ/ନୂଆଦିଲ୍ଲୀ,୩।୯

ସନାତନ ଧର୍ମ ସମାନତା ଏବଂ ସାମାଜିକ ନ୍ୟାୟ ବିରୋଧୀ। ଏହି ଧର୍ମର ବିଲୋପ ହେବା ଆବଶ୍ୟକ ବୋଲି ଡିଏମ୍‌କେ ଯୁବ ଶାଖାର ସମ୍ପାଦକ ତଥା ତାମିଲନାଡୁ କ୍ରୀଡ଼ା ଓ ଯୁବକଲ୍ୟାଣ ମନ୍ତ୍ରୀ ଉଦୟନିଧି ଷ୍ଟାଲିନ ସମାଲୋଚନା କରିଛନ୍ତି। ସେ ସନାତନ ଧର୍ମକୁ କରୋନା ଭୂତାଣୁ, ମ୍ୟାଲେରିଆ ଏବଂ ଡେଙ୍ଗୁ ଜ୍ୱର ସହ ତୁଳନା କରି ଏହାକୁ ବିରୋଧ ନୁହେଁ, ବରଂ ନଷ୍ଟ କରିଦିଆଯିବା ଆବଶ୍ୟକ ବୋଲି ମତ ଦେଇଛନ୍ତି। ତାମିଲନାଡୁର ପ୍ରଗତିଶୀଳ ଲେଖକ ଓ କଳାକାର ସଂଘର ଏକ ବୈଠକକୁ ଉଦ୍‌ବୋଧନ ଦେବା ଅବସରରେ ଡିଏମ୍‌କେ ଯୁବ ନେତା ଏଭଳି ବିବୃତି ଦେଇଥିଲେ। ଉକ୍ତ ସଂଗଠନ 'ସନାତନକୁ ବିରୋଧ' ପରିବର୍ତ୍ତେ 'ସନାତନର ବିଲୋପ' ଶୀର୍ଷକ ଚୟନ କରିଥିବାରୁ ଉଦୟନିଧି ଏହାର ପ୍ରଶଂସା କରିଥିଲେ। ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ ପୁଅ ଉଦୟନିଧି କହିଥିଲେ, କେତେକ ବିଷୟକୁ ବିରୋଧ କରାଯାଇପାରିବ ନାହିଁ, ସେଗୁଡ଼ିକୁ କେବଳ ହଟାଇ ଦିଆଯିବା ଜରୁରୀ। ସନାତନମ୍ କେବଳ ଏକ ସଂସ୍କୃତ ନାମ। ଏହା ସମାନତା ଏବଂ ସାମାଜିକ ନ୍ୟାୟର ବିରୋଧୀ ବ୍ୟତୀତ ଅନ୍ୟ କିଛି ନୁହେଁ।

ସନାତନର ଅର୍ଥ ଏହା ଶାଶ୍ୱତ, ଯାହାକୁ ପରିବର୍ତ୍ତନ କରାଯାଇ ପାରିବ ନାହିଁ। କେହି ଏହା ଉପରେ ପ୍ରଶ୍ନ କରିପାରିବେ ନାହିଁ। ସନାତନ ଜାତି ଆଧାରରେ ଲୋକଙ୍କୁ ଭାଗ ଭାଗ କରୁଥିବା ଉଦୟନିଧି କହିଥିଲେ। ସେ ଆହୁରି କହିଥିଲେ, ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ୍. କରୁଣାନିଧି ସବୁ ସମ୍ପ୍ରଦାୟକୁ ଏକାଠି କରିବା ପାଇଁ ଉଦ୍ୟମ କରିଥିଲେ। ଏଥିପାଇଁ ସେ ସାମଥୁଭାପୁରମ୍ (ପଡୋଶୀଙ୍କ ମଧ୍ୟରେ ସମାନତା) ସ୍ଥାପନ କରିଥିଲେ। ସବୁ ଜାତିର ଲୋକ ମନ୍ଦିର ପୂଜକ ☞ପୃଷ୍ଠା-୨

## ଇଣ୍ଡିଆ ବ୍ଲକ୍ ହିନ୍ଦୁତ୍ୱକୁ ଘୃଣା କରେ: ଶାହା




B.J.B. AUTONOMOUS COLLEGE , BHUBANESWAR-751014
NAAC ACCREDITED WITH A
DSPL-203

ADMISSION NOTICE FOR THE SESSION 2023-2024

Applications are invited in online mode for admission into few vacant seats of the following self financing courses: B.A.LL.B. (H), IMCA, IMBA, IMSc.ETC, IMSc.BI, BSc.ITM, MBA (Agri-Business), MA JMC, MA PMIR, MA THM, M.Com FC for the Session 2023-24.The Admission Prospectus and Online Application form will be available in college website www.bjbcollege.in from 28.08.2023 to 09.09.2023 till 11:55 PM. The details about the Courses, Application form, and Form fill-up procedures, etc. are available in prospectus in college website. The details of courses are given below.

| INTEGRATED (5 Years) /UNDERGRADUATE (3Years) COURSES | POST GRADUATE COURSES (2Years) |
| --- | --- |
| Integrated law B.A.LL.B. (Hons) Eligibility: Passed +2 in any stream with 45 % for GEN and 40% for SC/ST marks in aggregate | MBA (Agri-Business) Eligibility: Graduate in any stream/Equivalent, with 40% in aggregate |
| IMCA (Integrated Master In Computer Application) Eligibility: Passed +2 in any stream with Mathematics, 40% marks in aggregate | MA PMIR - MA in Personnel Management & Industrial Relations Eligibility: Graduate in any stream/Equivalent, with 40% in aggregate |
| IMBA (Integrated Master of Business Administration) Eligibility: Passed +2 in any stream 40% in aggregate | MA THM- MA in Tourism and Hospitality Management Eligibility: Graduate in any stream/Equivalent, with 40% in aggregate |
| IMSc.ETC (Integrated Master of Science in Electronics & Telecommunication) Eligibility: Passed +2 Science with Mathematics, 40% marks in aggregate | MAJMC - MA in Journalism and Mass Communication Eligibility: Graduate in any stream/Equivalent, with 40% in aggregate |
| IMSc.BI (Integrated Master of Science in Bio-Informatics) Eligibility: Passed +2 Science with Biology, 40% marks in aggregate | M.Com FC- Master of Commerce in Finance and Control Eligibility: Graduate in any stream/Equivalent, with 40% in aggregate |
| BSc.ITM (Bachelor of Science in Information Technology and Management) Eligibility: Passed +2 Science with Mathematics, 40% marks in aggregate | |

| ENTRANCE TEST | | |
| --- | --- | --- |
| ENTRANCE TEST | IMSc.BI , MAJMC, IMCA, MCFC, B.A.LL.B. (H), 12.09.2023 | MBA (Agri-Business), Bsc. ITM, IMSc.ETC, IMBA, MA PMIR, MA THM 13.09.2023 |

FOR FURTHER DETAILS CONTACT : IMBA : 8327795216, 8908011344, IMSc. BI : 9861404459, 9078677013, IMSc.ETC : 7016028257, 7978510648, MAJMC: 7008678166, 8637202388, M.Com FC: 9861118208, 9938511866, BSc.ITM & IMCA: 9861048056, 9938511866, B.A.LL.B. (H): 9437311169, 9437419291, MA PMIR, MA THM & MBA (Agri-Business) : 9437311169, 9776987162,9777612056,

Application form for the above courses, complete in all respects, should be submitted on or before 09.09.2023 (11.55pm) in Online Mode.

s/d
PRINCIPAL

OIPR-11011/13/0003/2324

# ୪୮ ଘଣ୍ଟାରେ ଲଘୁଚାପ, ଆଉ ୫ ଦିନ ବର୍ଷିବ

ଭୁବନେଶ୍ୱର,୩।୯(ଅନୁରାଧା ମହାରଣା)

ଉତ୍ତର-ପୂର୍ବ ବଙ୍ଗୋପସାଗର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ବାୟୁମଣ୍ଡଳରେ ସମୁଦ୍ର ପତନଠାରୁ ୫.୮ କି.ମି. ଉପରେ ଉତ୍ତର-ପଶ୍ଚିମ ଦିଗରେ ଲମ୍ବିଛି। ଏହା କ୍ରମଶଃ ଘନୀଭୂତ ହୋଇ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉତ୍ତର-ପଶ୍ଚିମ ତଥା ବଙ୍ଗୋପସାଗରର କେନ୍ଦ୍ରୀୟ-ପଶ୍ଚିମାଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ପ୍ରଭାବରେ ରାଜ୍ୟରେ ବର୍ଷା ଜାରି ରହିଛି। ରବିବାର ଅପରାହ୍ନ ୫ଟା ୩୦ ସୁଦ୍ଧା ଢେଙ୍କାନାଳରେ ସର୍ବାଧିକ ୨୩.୫ ମି.ମି. ବର୍ଷା ହୋଇଥିବାବେଳେ ସୁନ୍ଦରଗଡ଼ ୧୬.୦୮ ମିମି, ଯାଜପୁର ଓ ନବରଙ୍ଗପୁରରେ ୧୬.୦ ମିମି, ଭୁବନେଶ୍ୱରରେ ୬.୦ ମିମି, କଟକରେ ୪.୪ ମିମି ରେକର୍ଡ଼ କରାଯାଇଛି। ଏଥିସହ ରାଜ୍ୟରେ ଆଗାମୀ ୫ଦିନ ଯାଏ ବର୍ଷା ଲାଗି ରହିବ। ୪ ତାରିଖରେ ଅନୁଗୋଳ, ଢେଙ୍କାନାଳ, କଳାହାଣ୍ଡି, ବୌଦ୍ଧ, କନ୍ଧମାଳର କିଛି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏନେଇ ସଂପୃକ୍ତ ଜିଲାଗୁଡ଼ିକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କେନ୍ଦୁଝର, କଟକ, ସମ୍ବଲପୁର, ଦେବଗଡ଼, ସୋନପୁର, ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହୋଇପାରେ। ଅନ୍ୟ କିଛି ଜିଲାରେ ଘଡ଼ଘଡ଼ି ଓ ବିଜୁଳି ସହ ବର୍ଷା ହେବା ନେଇ ଆଶଙ୍କା ରହିଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ୫ ତାରିଖରେ କୋରାପୁଟ, କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଆଦି ଜିଲାରେ ଘଡ଼ଘଡ଼ି ସହ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର, ସମ୍ବଲପୁର, ଅନୁଗୋଳ, ସୋନପୁର, ବୌଦ୍ଧ, ବରଗଡ଼, ରାୟଗଡ଼ା, ବଲାଙ୍ଗୀର, ନୂଆପଡ଼ା, ଗଞ୍ଜାମ ଓ ଗଜପତି ଜିଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ। ସେହିପରି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଖୋର୍ଦ୍ଧା, ପୁରୀ, ନୟାଗଡ଼, ଗଞ୍ଜାମ, ଗଜପତି, କନ୍ଧମାଳ, ମାଲକାନଗିରି, କୋରାପୁଟ, ରାୟଗଡ଼ା, କଳାହାଣ୍ଡି, ବୌଦ୍ଧ ଓ ସୋନପୁରର କିଛି ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। ୬ ତାରିଖରେ ମାଲକାନଗିରି, କୋରାପୁଟ, ନବରଙ୍ଗପୁରରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବାବେଳେ ଗଞ୍ଜାମ, ଗଜପତି, ରାୟଗଡ଼ା, ନୂଆପଡ଼ା, କନ୍ଧମାଳ, ପୁରୀ, ଖୋର୍ଦ୍ଧା, କଳାହାଣ୍ଡିରେ ମଧ୍ୟ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ୭ ତାରିଖରେ ପ୍ରାୟ ୧୩ଟି ଜିଲାକୁ ଓ ୮ ତାରିଖରେ ଘଡ଼ଘଡ଼ି ସହ ବର୍ଷା ନେଇ ପ୍ରାୟ ଅଧା ଓଡ଼ିଶାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

**ଆଜିର ମନ୍ତବ୍ୟ**

"ଇଣ୍ଡିଆ ହେଉଛି ଭାରତ, ଯାହାକି ରାଜ୍ୟଗୁଡ଼ିକର ସଂଘ। 'ଏକ ଦେଶ, ଏକ ନିର୍ବାଚନ' ଯୋଜନା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟଗୁଡ଼ିକ ଉପରେ ଆକ୍ରମଣ।

– ରାହୁଲ ଗାନ୍ଧୀ, କଂଗ୍ରେସ ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ ନ ରୁଚେ ଖିରି ଖିରିସା
କିଏ ପାଉ ନାହିଁ ପଣସ ଖୋସା।**

ନିଜ ଜୀବଦ୍ଦଶାରେ ପ୍ରତ୍ୟେକ ବ୍ୟକ୍ତି ପ୍ରାରବ୍ଧ କର୍ମ ଅନୁସାରେ ଫଳ ଭୋଗ କରିଥାଆନ୍ତି। କାହା ଭାଗ୍ୟରେ ଖିରିପୁରି ଭଳି ମିଷ୍ଟାନ୍ନ ବ୍ୟଞ୍ଜନ ଖଞ୍ଜା ହୋଇ ରହୁଥିବା ବେଳେ ଆଉ କିଏ ଭୋକ ଉପାସରେ ପଡିରହି ଦିନ ବିତାଉଥିବାର ଦେଖିବାକୁ ମିଳିଥାଏ। କର୍ମାନୁଯାୟୀ ଫଳ ମିଳୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**କାହାର ପୁଷମାସ,
କାହାର ସର୍ବନାଶ।**

ସଂସାରରେ ସୁଖ ଏବଂ ଦୁଃଖର ପରିଧି ମଧ୍ୟରେ କେତେବେଳେ କିଏ ଦୁଃଖ ଭୋଗ କରେ ତ ଅନ୍ୟ କେହି ସୁଖ ଭୋଗ କରୁଥିବା ଦେଖିବାକୁ ମିଳିଥାଏ। ଜଣକର ଭଲ ହେଲାବେଳେ ଆଉ ଜଣକର କିଛି ନା କିଛି ମନ୍ଦ ଘଟିଥାଏ। ଅବସ୍ଥାର ତାରତମ୍ୟ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଚାକିରି ଦେବା ନାଁରେ ୫୩ ଲକ୍ଷ ଠକେଇ

■ ମହିଳା ସମେତ ୬ ଗିରଫ ■ କାର, ୪ ବାଇକ, ୭ ମୋବାଇଲ ଫୋନ୍, ମିଥ୍ୟା ନିଯୁକ୍ତି ପତ୍ର ଜବତ

**କଟକ,୩।୯ (କାର୍ତ୍ତିକ ସାହୁ)**



ଗିରଫ ଅଭିଯୁକ୍ତମାନେ।

କଟକ ସହରରେ ଏକ ବଡ଼ ଧରଣର ଠକେଇର ପର୍ଦ୍ଦାଫାସ୍ କରିଛି କମିଶନରେଟ୍ ପୋଲିସ। ଏକ କମ୍ପାନୀରେ ଚାକିରି ଦେବାକୁ କହି ବିଭିନ୍ନ ଉପାୟରେ ହୋଇଥିବା ୫୩ ଲକ୍ଷ ଟଙ୍କା ଠକେଇ ମାମଲାରେ ୬ ଜଣଙ୍କୁ ଦରଘାବଜାର ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଠକେଇର ମୁଖ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ନାୟକ, ତାଙ୍କ ସ୍ତ୍ରୀ ଦୀପାଳି ମହାନ୍ତି, ଶ୍ରୀନିବାସ ନନ୍ଦ, ବିଭୂତି ଜେନା, ବିଶାଲ ଭୂୟାଁ ଓ ମାନସ ରଞ୍ଜନ ନାୟକ। ସେମାନେ ଠକେଇ କାରବାରରେ ସାମିଲ ଥିବା ପୋଲିସ ନିକଟରେ ସ୍ୱୀକାର କରିଛନ୍ତି। ତେବେ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ପଠାଯାଇଥିବା ଡିସିପି ପିନାକ ମିଶ୍ର ସୂଚନା ଦେଇଛନ୍ତି। ସେମାନଙ୍କଠାରୁ ଗୋଟିଏ କାର, ୪ଟି ବାଇକ୍, ୭ଟି ମୋବାଇଲ ଫୋନ୍, ମିଥ୍ୟା ନିଯୁକ୍ତି ପତ୍ର ଓ ମିଥ୍ୟା ପରିଚୟ ପତ୍ର ଜବତ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଦରଘାବଜାର ବ୍ରାହ୍ମଣସାହିର ବାସିନ୍ଦା ରାଜକିଶୋର ମିଶ୍ରଙ୍କର ଏକ ଷ୍ଟେସନାରି ବ୍ୟବସାୟ ରହିଛି। ରାଜକିଶୋରଙ୍କ ଦୋକାନକୁ ସଞ୍ଜୟ ଜିନିଷ କିଣିବାକୁ ଆସନ୍ତି। ସେ ସବୁବେଳେ ନିଜକୁ ଓଡ଼ିଶା ଥର୍ମାଲ ପାୱାର କର୍ପୋରେଶନ(ଓଟିପିସି) ଲିମିଟେଡ୍ କମ୍ପାନୀର ଅଧିକାରୀ ଭାବେ ରାଜକିଶୋରଙ୍କ ନିକଟରେ ପରିଚୟ ଦେଇଆସୁଥିଲେ। ଗତବର୍ଷ ଦିନେ ସେ ରାଜକିଶୋରଙ୍କ ନିକଟକୁ ଆସି ଓଟିପିସି ପାୱାର କମ୍ପାନୀରେ ଚାକିରି ବାହାରିଛି ବୋଲି କହିଥିଲେ। ଅଭିଯୁକ୍ତଙ୍କ କଥାରେ ବିଶ୍ୱାସ କରି ରାଜକିଶୋର ତାଙ୍କ ସମ୍ପର୍କୀୟ ଭାଇ ଅମୀୟ ରଞ୍ଜନ ପଣ୍ଡା, ସୌମ୍ୟରଞ୍ଜନ ପଣ୍ଡା, ରଜନୀକାନ୍ତ ମିଶ୍ର, ରଞ୍ଜିତ ମିଶ୍ର, ରଞ୍ଜିତ ମହାଳିକ ଓ ଶୁଭମ୍ ସାହୁଙ୍କୁ ଚାକିରି ଦେବା ପାଇଁ କହିଥିଲେ। ଉଭୟଙ୍କ ମଧ୍ୟରେ କଥୋପକଥନ ହେବା ପରେ ରାଜକିଶୋରଙ୍କ ଭାଇ ରାଜରତନ ମିଶ୍ରଙ୍କ ଜେସିବି ମେଶିନ୍‌କୁ ଓଟିପିସି ପାୱାର କମ୍ପାନୀରେ କାମରେ ଲଗାଇବେ ବୋଲି ସଞ୍ଜୟ କଥା ଦେଇଥିଲେ। ଏଥିପାଇଁ ରାଜକିଶୋରଙ୍କଠାରୁ ସେ ବିଭିନ୍ନ ଉପାୟରେ ୫୩ ଲକ୍ଷ ଟଙ୍କା ଠକି ନେଇଥିଲେ। ପରେ ଉକ୍ତ ଟଙ୍କା ଧରି ସେ, ତାଙ୍କ ସ୍ତ୍ରୀ ଦୀପାଳି ମହାନ୍ତି ଓ ପୁଅ ବିଶାଲ ନାୟକ ଫେରାର ହୋଇଯାଇଥିଲେ। ଏ ନେଇ ରାଜକିଶୋର ଦରଘାବଜାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୯୦/୨୩) ରୁଜୁ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ତଦନ୍ତବେଳେ ଅଭିଯୁକ୍ତମାନେ ସ୍ୱୀକାର କରିଥିଲେ ଯେ, ଠକାମି ଟଙ୍କାରୁ ପ୍ରାୟ ୯୮୦ ଗ୍ରାମ୍ ଓଜନର ସୁନା ଅଳଙ୍କାର କିଣି ଚୌଧୁରୀବଜାରରେ ଥିବା ଏକ ଫାଇନାନ୍ସ କମ୍ପାନୀ ଶାଖାରେ ବନ୍ଧକ ଦେଇ ୩୪ ଲକ୍ଷ ଟଙ୍କା ଋଣ ନେଇଥିଲେ। ବନ୍ଧକ ସୁନା ଅଳଙ୍କାରର ଓଜନ ପ୍ରାୟ ୯୮୦ ଗ୍ରାମ୍ ବୋଲି ଜଣାଯାଇଛି। ପୋଲିସ ସମ୍ପୃକ୍ତ ଫାଇନାନ୍ସ କମ୍ପାନୀଠାରୁ ଉକ୍ତ ସୁନା ଅଳଙ୍କାର ଜବତ କରିଛି। ଅଭିଯୁକ୍ତମାନେ ଆହୁରି ସ୍ୱୀକାର କରିଛନ୍ତି ଯେ, ସେମାନେ ପୂର୍ବରୁ ଅନୁଗୋଳ, କେନ୍ଦ୍ରାପଡ଼ା, ବାଲେଶ୍ୱର, କଟକ, ଜଗତ୍‌ସିଂହପୁର ଜିଲାର ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପ୍ରଲୋଭନ ଦେଖାଇ ୧ କୋଟିରୁ ଅଧିକ ଟଙ୍କା ଠକି ନେଇଛନ୍ତି। ମାମଲାର ଅଧିକ ତଦନ୍ତ ଚାଲିଛି। ଏହି ଘଟଣାରେ ଆଉ କେଉଁମାନେ ସାମିଲ ଅଛନ୍ତି, କେଉଁମାନେ ଠକାମିରେ ପଡ଼ିଛନ୍ତି ପୋଲିସ ତାହାର ଖୋଳତାଡ଼ କରୁଛି ବୋଲି ଡିସିପି ମିଶ୍ର କହିଛନ୍ତି।

# ସ୍ୱାମୀଙ୍କ ଆତ୍ମହତ୍ୟା ପରେ ସ୍ତ୍ରୀଙ୍କ ଜୀବନ ଗଲା





**ଖୋର୍ଦ୍ଧା,୩।୯(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ସଦର ଥାନା ଅଧୀନ ବଣିଆଟାଙ୍ଗୀରେ ରବିବାର ଏକ ଦୁଃଖଦ ଘଟଣା ଘଟିଛି। ସ୍ୱାମୀଙ୍କ ଆତ୍ମହତ୍ୟା ପରେ ସ୍ତ୍ରୀ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ତାଙ୍କର ମୃତ୍ୟୁ ହୋଇଛି। ମୃତ ଦମ୍ପତି ହେଲେ ସମରେନ୍ଦ୍ର ସେନାପତି ଓ ସୁନୀତା। ସଦର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

ମୃତ ସମରେନ୍ଦ୍ରଙ୍କ ବଡ଼ଭାଇ ଅମରେନ୍ଦ୍ରଙ୍କ କହିବାନୁଯାୟୀ, ବିଲକୁ ସେ କାମ କରିବାକୁ ଯାଇଥିବା ବେଳେ ଅପରାହ୍ଣରେ ଘରକୁ ଫେରିଥିଲେ। ସମରେନ୍ଦ୍ର ଘର ଭିତରପଟୁ କବାଟ ବନ୍ଦ କରିଦେଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ କବାଟ ଭାଙ୍ଗି ପଶିବା ବେଳେ ସମରେନ୍ଦ୍ରଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଉଦ୍ଧାର କରି ଏକ ଅଟୋରେ ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ଓ କେତେଜଣ ଗ୍ରାମବାସୀ ମେଡିକାଲରେ ଥିବା ବେଳେ ସୁନୀତା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡ଼ିଥିବା ଖବର ପାଇଥିଲେ। ପରେ ପରିବାର ଲୋକେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ମେଡିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମଧ୍ୟ ମୃତ ଘୋଷଣା କରିଥିଲେ। ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତ ଦମ୍ପତିଙ୍କ ୧୭ ଓ ୧୨ବର୍ଷର ଦୁଇଟି ଝିଅ ରହିଥିବା ବେଳେ ୭ବର୍ଷର ପୁଅ ଅଛନ୍ତି। ବାଜପୁର ସରପଞ୍ଚ କେଦାର ପୃଷ୍ଟି ଏବଂ ଗ୍ରାମବାସୀ ବାପମା' ଛେଉଣ୍ଡ ପିଲାଙ୍କ ଭବିଷ୍ୟତ ପାଇଁ ସରକାରୀ ସହାୟତା ଯୋଗାଇଦେବା ଲାଗି ଅନୁରୋଧ କରିଛନ୍ତି।

# ଆସିଲାନି ଆମ୍ବୁଲାନ୍ସ, ଟ୍ରଲିରେ ପ୍ରସବ କଲେ ମହିଳା

**ନୀଳଗିରି,୩।୯(ପ୍ରଶାନ୍ତ କୁମାର ବିଶ୍ୱାଳ)**



ଟ୍ରଲି ଉପରେ ସନ୍ତାନ ପ୍ରସବ କରିଥିବା ମହିଳା।

ଗର୍ଭବତୀଙ୍କୁ ସୁରକ୍ଷିତ ଭାବେ ଡାକ୍ତରଖାନାରେ ପହଞ୍ଚାଇବା ପାଇଁ ଜନନୀ ଏକ୍ସପ୍ରେସ ଓ ଆମ୍ବୁଲାନ୍ସର ବ୍ୟବସ୍ଥା ରହିଥିବା ବେଳେ ଏହି ଯୋଜନା ବାଲେଶ୍ୱର ଜିଲା ନୀଳଗିରି ଅଞ୍ଚଳରେ ଫେଲ୍ ମାରିଛି। ଆମ୍ବୁଲାନ୍ସ ଆସିବାରେ ବିଳମ୍ବ କରିବାରୁ ଗର୍ଭ ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ମହିଳା ଟ୍ରଲିରେ ମେଡିକାଲ ଯାଉଥିବା ବେଳେ ବାଟରେ ସେହି ଟ୍ରଲି ଉପରେ ସନ୍ତାନ ପ୍ରସବ କରିବା ଚର୍ଚ୍ଚାର ବିଷୟ ହୋଇଛି। ସୂଚନା ଅନୁଯାୟୀ, ସଜନାଗଡ଼ ପଞ୍ଚାୟତ ଡାହିସାହି ଗ୍ରାମର ହେମନ୍ତ କୁଅଁରଙ୍କ ସ୍ତ୍ରୀ ରଞ୍ଜିତା ୧୦ ମାସର ଗର୍ଭବତୀ ଥିଲେ। ରାଖୀ ବାନ୍ଧିବା ପାଇଁ ସେ ବାପ ଘର ନୀଳଗିରି ଏନ୍‌ଏସି ଅଧୀନ ୮ନଂ.ୱାର୍ଡରେ ରାଣୀକୋଠୀ ଗ୍ରାମକୁ ଆସିଥିଲେ। ରବିବାର ରାତି ୮ଟା ସମୟରେ ପ୍ରସବ ଯନ୍ତ୍ରଣା ହେବାରୁ ବାପ ଘର ଲୋକେ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରିଥିଲେ। ହେଲେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ କରିବାରୁ ତାଙ୍କୁ ଏକ ଟ୍ରଲି ରିକ୍ସାରେ ମେଡିକାଲକୁ ନିଆଯାଉଥିଲା ବେଳେ ଅଧାବାଟରେ ଉକ୍ତ ଟ୍ରଲି ଉପରେ ସେ ଏକ କନ୍ୟା ସନ୍ତାନ ଜନ୍ମ ଦେଇଥିଲେ। ପରେ ମା' ଓ ନବଜାତ ଶିଶୁକନ୍ୟାଙ୍କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

# ଡିଗ୍ରୀରେ ରହିବନି ଆଧାର ନମ୍ବର: ୟୁଜିସି

**ନୂଆଦିଲ୍ଲୀ,୩।୯**

ଛାତ୍ରୀଛାତ୍ରଙ୍କ ଡିଗ୍ରୀ ଓ ପ୍ରୋଭିଜନାଲ ସାର୍ଟିଫିକେଟରେ ସେମାନଙ୍କ ଆଧାର ନମ୍ବର ରହିବ ନାହିଁ ବୋଲି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ବାରଣ କରାଯାଇଛି। ବିଶ୍ୱବିଦ୍ୟାଳୟଗୁଡ଼ିକ ପକ୍ଷରୁ ଜାରି ଡିଗ୍ରୀ ଓ ପ୍ରୋଭିଜନାଲ ପ୍ରମାଣପତ୍ରରେ ସମ୍ପୂର୍ଣ୍ଣ ଆଧାର ନମ୍ବର ପ୍ରିଣ୍ଟ କରାଇବା ପାଇଁ ରାଜ୍ୟ ସରକାରମାନେ ଚିନ୍ତା କରୁଥିବାବେଳେ ଏପରି ନ କରିବାକୁ ୟୁନିଭର୍ସିଟି ଓ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକୁ ୟୁଜିସି ନିର୍ଦ୍ଦେଶ ଦେଇଛି। ୟୁଜିସି ସେକ୍ରେଟାରି ମନୀଷ ଜୋଷୀ କହିଛନ୍ତି, ନିୟମ ଅନୁସାରେ କୌଣସି ଶିକ୍ଷାନୁଷ୍ଠାନ ଛାତ୍ରୀଛାତ୍ରଙ୍କ ଆଧାର ନମ୍ବର କିମ୍ବା ତତ୍ ସମ୍ପର୍କିତ ଅନ୍ୟ ତଥ୍ୟ ସାର୍ବଜନୀନ କରିପାରିବେ ନାହିଁ। ଡିଗ୍ରୀଗୁଡ଼ିକରେ ଆଧାର ନମ୍ବର ଛାପିବା ପାଇଁ ୟୁଜିସି ଅନୁମତି ଦେଇନାହିଁ। ତେଣୁ ସବୁ ଉଚ୍ଚ ଶିକ୍ଷାନୁଷ୍ଠାନ ୟୁଆଇଡିଏଆଇ ନିୟମ ମାନି ଚଳିବାକୁ ବାଧ୍ୟ ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଯୋଗାଡ଼ରେ ଚାଲିଛି...

ବିଭାଗରେ ୬୦ଟି ଶଯ୍ୟା ରହିଛି। ହେଲେ ଏଠାରେ ରୋଗୀସଂଖ୍ୟା ପ୍ରାୟ ସମୟରେ ପାଖାପାଖି ୧୦୦ ରହିଥାଏ। ସମ୍ପ୍ରତି ଏଠାରେ ୩ଟି ୟୁନିଟ୍ କାର୍ଯ୍ୟ କରୁଛି। ୨ଜଣ ପ୍ରଫେସର, ଜଣେ ଆସୋସିଏଟ୍ ପ୍ରଫେସର, ୪ଜଣ ଆସିଷ୍ଟାଣ୍ଟ ପ୍ରଫେସର ରହିଛନ୍ତି। ୮ଟି ସିନିୟର ରେସିଡେଣ୍ଟସ(ଏସ୍‌ଆର) ପୋଷ୍ଟ ନିମନ୍ତେ ମଞ୍ଜୁରୀ ମିଳିଥିବାବେଳେ ଏହି ପଦବୀରେ ଅଛନ୍ତି ମାତ୍ର ୪ଜଣ। ଏହି ଯୋଜନା କାର୍ଯ୍ୟକାରୀ ହେଲେ ୩ଟି ୟୁନିଟ୍‌ରେ ସୀମିତ ଥିବା ନ୍ୟୁରୋ ସର୍ଜରି ବିଭାଗ ୫ଟି ୟୁନିଟ୍‌ରେ ପହଞ୍ଚିବ। ସାଧାରଣ ଶଯ୍ୟା ସଂଖ୍ୟା ଅତିକମ୍‌ରେ ୧୦୦ ଛୁଇଁବ। ପ୍ରତ୍ୟେକ ୟୁନିଟ୍‌ରେ ଜଣେ ଲେଖାଏ ପ୍ରଫେସର ପଦବୀର ଡାକ୍ତରଙ୍କ ସମେତ ଜଣେ ଆସୋସିଏଟ ପ୍ରଫେସର ଏବଂ ୨ଜଣ ଆସିଷ୍ଟାଣ୍ଟ ପ୍ରଫେସର ଦାୟିତ୍ୱରେ ରହିବେ। ୮ଜଣ ବଦଳରେ ୨୦ଜଣ ସିନିୟର ରେସିଡେଣ୍ଟସ ନିଯୁକ୍ତି ପାଇବେ। ନ୍ୟୁରୋ ସର୍ଜରି ବିଭାଗରେ ଆଇସିୟୁ ଶଯ୍ୟା ସଂଖ୍ୟା ୬ ରହିଛି। ଏହା ମଧ୍ୟ ୧୦ରେ ପହଞ୍ଚିବ ବୋଲି ହସ୍ପିଟାଲ୍ ସୂତ୍ରରୁ ସୂଚନା ମିଳିଛି।

## ସନାତନ ଧର୍ମର ବିଲୋପ...

ହୋଇପାରିବେ ବୋଲି ସେ ଆଇନ ଆଣିଥିଲେ। ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଷ୍ଟାଲିନ ମଧ୍ୟ ଅର୍ଚ୍ଚକ ତାଲିମ ସମ୍ପୂର୍ଣ୍ଣ କରିଥିବା ଲୋକଙ୍କୁ ମନ୍ଦିରରେ ପୂଜକ ନିଯୁକ୍ତ କରିଛନ୍ତି। ଏହା ଦ୍ରାବିଡୀୟ ଆଦର୍ଶ ବୋଲି ଉଦୟନିଧି କହିଛନ୍ତି। ଡିଏମ୍‌କେ ଯୁବନେତା କହିଛନ୍ତି, ସନାତନ ଧର୍ମ ମହିଳାମାନଙ୍କୁ ଦାସୀ ସଜାଇଥିବାବେଳେ ସେମାନଙ୍କୁ ଘରୁ ବାହାରିବା ଲାଗି ଅନୁମତି ଦେଇ ନ ଥାଏ। ଏବେ ମହିଳାମାନେ କ୍ରୀଡ଼ା କ୍ଷେତ୍ରରେ ସଫଳତା ହାସଲ କରିବା ସହ ଅନେକେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରିଛନ୍ତି। ସନାତନ ଧର୍ମ ମହିଳାମାନଙ୍କୁ ସେମାନଙ୍କ ମୃତ ସ୍ୱାମୀଙ୍କ ଚିତାକୁ ଠେଲିଦେଉଥିଲା (ପୂର୍ବର ସତୀଦାହ ପ୍ରଥା)। ବିଧବାମାନଙ୍କୁ ଲଣ୍ଡା ହେବା ସହ ଧଳା ଶାଢ଼ି ପିନ୍ଧିବାକୁ ବାଧ୍ୟ କରାଯାଉଥିଲା। ସନାତନ ଧର୍ମରେ ବାଲ୍ୟ ବିବାହ ରହିଥିଲା। ଦ୍ରାବିଡ ବିଚାରଧାରା ମହିଳାମାନଙ୍କୁ ବସ୍‌ରେ ମାଗଣା ଯାତ୍ରା କରିବାର ସୁଯୋଗ ଦେଇଛି। କଲେଜ ଛାତ୍ରୀମାନଙ୍କୁ ମାସିକ ୧,୦୦୦ ଟଙ୍କା ଆର୍ଥିକ ସହାୟତା ଦିଆଯାଉଛି ବୋଲି ଉଦୟନିଧି ଶନିବାର କହିଥିଲେ।

ସନାତନ ଧର୍ମ ସମ୍ପର୍କରେ ଉଦୟନିଧିଙ୍କ ବିବାଦୀୟ ମନ୍ତବ୍ୟକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ବିରୋଧୀ ମେଣ୍ଟ 'ଇଣ୍ଡିଆ' ହିନ୍ଦୁତ୍ୱକୁ ଘୃଣା କରେ ଓ ଏହା ଆମ ଐତିହ୍ୟ ଉପରେ ଆକ୍ରମଣ ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ରବିବାର କହିଛନ୍ତି। ବିଧାନସଭା ନିର୍ବାଚନ ହେବାକୁ ଥିବା ରାଜସ୍ଥାନର ଡୁଙ୍ଗରପୁରରେ ଭାଜପାର ପରିବର୍ତ୍ତନ ଯାତ୍ରା ଶୁଭାରମ୍ଭ ଅବସରରେ ଉଦ୍‌ବୋଧନ ଦେଇ ଶାହା କହିଥିଲେ, ଉଦୟନିଧିଙ୍କ ମନ୍ତବ୍ୟ ଇଣ୍ଡିଆ ବ୍ଲକ୍‌ର ଭୋଟବ୍ୟାଙ୍କ ରାଜନୀତି ଏବଂ ତୁଷ୍ଟୀକରଣ କୌଶଳର ଅଂଶବିଶେଷ। ଉଦୟନିଧିଙ୍କ ମନ୍ତବ୍ୟ ଭାଇରାଲ ହେବା ପରେ ଭାଜପା ନେତାମାନେ ଏହାକୁ ନରସଂହାର ପାଇଁ ଆହ୍ୱାନ ବୋଲି କହିବା ସହ ତୀବ୍ର ସମାଲେଚନା କରିଛନ୍ତି। 'ଇଣ୍ଡିଆ'ର ସଦସ୍ୟମାନେ ଡିଏମ୍‌କେ ନେତାଙ୍କ ମନ୍ତବ୍ୟରେ ସହମତ କି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ୨୦୧୦ରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟକୁ ମନେପକାଇ ଦେଇଛନ୍ତି ଅମିତ୍ ଶାହା। ସେତେବେଳେ ରାହୁଲ କହିଥିଲେ, ଲଶ୍କର-ଇ-ତୋଇବା ଆତଙ୍କବାଦୀ ସଂଗଠନଠାରୁ କଠୋରପନ୍ଥୀ ହିନ୍ଦୁ ସଂଗଠନଗୁଡ଼ିକ ବଡ଼ ବିପଦ। ରାହୁଲ ହିନ୍ଦୁ ସଂଗଠନକୁ ଲଶ୍କର-ଇ-ତୋଇବା ସହ ତୁଳନା କରିବା ସହ ଦେଶରେ ହିନ୍ଦୁ ଆତଙ୍କବାଦ ଚାଲିଥିବା କହିଥିଲେ। ରାଜସ୍ଥାନ ରାଲିରେ ଶାହା କହିଛନ୍ତି, ସନାତନ ଧର୍ମ ଲୋକଙ୍କ ହୃଦୟରେ ରାଜ କରୁଛି। ମୋଦି ଜିତିଲେ ସନାତନ ଶାସନ ଆସିବ। ସମ୍ବିଧାନ ଅନୁଯାୟୀ ଭାରତ ଚାଲିବା ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱ ଦେଉଛନ୍ତି। ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣକୁ କଂଗ୍ରେସ ଅଟକାଇ ରଖିଥିଲା। ଆଗାମୀ ଜାନୁୟାରୀରେ ସେଠାରେ ଭବ୍ୟ ରାମମନ୍ଦିର ଉଦ୍‌ଘାଟନ ହେବାକୁ ଯାଉଛି। ଇଣ୍ଡିଆ ମେଣ୍ଟ ଏହାକୁ ଅଟକାଇପାରିବ ନାହିଁ ବୋଲି ଶାହା କହିଛନ୍ତି।

# ଆମେରିକା ଶପିଂ ମଲ୍‌ରୁ ସାମଗ୍ରୀ ଚୋରି ବୃଦ୍ଧି

**ନ୍ୟୁୟର୍କ,୩।୯**



■ ତାଲା ପକାଇ ରଖୁଛନ୍ତି ବ୍ୟବସାୟୀ

ଆମେରିକାରେ ଖୁଚୁରା ଦୋକାନ, ଶପିଂ ମଲ୍‌ଗୁଡ଼ିକରେ ଟୁଥ୍‌ପେଷ୍ଟ, ଚକୋଲେଟ, ୱାଂଶି ପାଉଡର, ଡିଓଡାର୍ଣ୍ଟସ୍ ଭଳି ଦୈନନ୍ଦିନ ବ୍ୟବହୃତ ସାମଗ୍ରୀ ଚୋରି ବୃଦ୍ଧି ପାଉଛି। ଏହାକୁ ଏଡ଼ାଇବା ପାଇଁ ଦୋକାନ ଏବଂ ଶପିଂ ମଲ୍ ମାଲିକମାନେ ଉକ୍ତ ସାମଗ୍ରୀଗୁଡ଼ିକୁ ତାଲା ପକାଇ ରଖୁଛନ୍ତି। ଆମେରିକାରେ ମୁଦ୍ରାସ୍ଫୀତି ବୃଦ୍ଧି ଯୋଗୁ ଦରଦାମ ଆକାଶଛୁଆଁ ହୋଇଛି। ଫଳରେ ଜୀବନଯାପନ ମହଙ୍ଗା ହୋଇଛି। ଲୋକଙ୍କ କ୍ରୟଶକ୍ତି ହ୍ରାସ ପାଇବା ସହ ଷ୍ଟୋରଗୁଡ଼ିକରେ ଅତ୍ୟାବଶ୍ୟକ ସାମଗ୍ରୀ ଚୋରି ଭଳି ଅପରାଧ ବୃଦ୍ଧି ପାଇଛି। ପ୍ରମୁଖ ରିଟେଲ୍ ଷ୍ଟୋର ତଥା ୱାଲମାର୍ଟ, ଟାର୍ଗେଟ୍, ସିଭିଏସ୍, ୱାଲଗ୍ରୀନ୍ ସମେତ ହୋମ୍ ଡିପୋଟ୍, ଫୁଟ୍ ଲକର ଆଦି ବ୍ୟବସାୟିକ ପ୍ରତିଷ୍ଠାନ ପକ୍ଷରୁ ସାମଗ୍ରୀ ଚୋରି ନେଇ ଚିନ୍ତା ପ୍ରକଟ କରାଯାଇଛି। 'ଡିକ୍‌ସ ସ୍ପୋର୍ଟିଂ ଗୁଡ୍‌ସ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଲରେନ ହୋବର୍ଟ କହିଛନ୍ତି ଯେ, ସଂଗଠିତ ରିଟେଲ କ୍ରାଇମ୍ ଏବଂ ସାଧାରଣ ଚୋରି ଖୁଚୁରା ବ୍ୟବସାୟୀମାନଙ୍କୁ ପ୍ରଭାବିତ କରୁଛି, ଯାହାକି ଏକ ଗମ୍ଭୀର ପ୍ରସଙ୍ଗ ହୋଇଛି। ଏପରିକି ସାମଗ୍ରୀ ଚୋରିର ପ୍ରଭାବ ସଂସ୍ଥାର ବାର୍ଷିକ ବାଲାନ୍ସ ଓ ଦ୍ୱିତୀୟ ତ୍ରୈମାସିକ ଫଳାଫଳ ଉପରେ ସ୍ପଷ୍ଟ ଦେଖିବାକୁ ମିଳୁଛି ବୋଲି ହୋବର୍ଟ କହିଛନ୍ତି। ସେହିପରି ଅନ୍ୟତମ ପ୍ରମୁଖ ରିଟେଲର 'ଟାର୍ଗେଟ୍'ର ମୁଖ୍ୟ କାର୍ଯ୍ୟନିର୍ବାହୀ ବ୍ରାଏନ୍ କର୍ନେଲ କହିଛନ୍ତି, ଚଳିତବର୍ଷର ପ୍ରଥମ ୫ ମାସ ମଧ୍ୟରେ ତାଙ୍କ ଷ୍ଟୋରରେ ସାମଗ୍ରୀ ଚୋରି ଘଟଣା ୧୨୦ ପ୍ରତିଶତ ବୃଦ୍ଧି ପାଇଛି, ଯେଉଁଥିରେ ହିଂସା ମଧ୍ୟ ଦେଖିବାକୁ ମିଳୁଛି। ତାଙ୍କ ଟିମ୍ କ୍ରମାଗତ ଭାବେ ଗ୍ରହଣ ନ ହେବା ଭଳି ଖୁଚୁରା ସାମଗ୍ରୀ ଚୋରି ଏବଂ ଏ ସମ୍ପର୍କିତ ସଂଗଠିତ ଅପରାଧକୁ ସାମ୍ନା କରିଆସୁଛି ବୋଲି କର୍ନେଲ କହିଛନ୍ତି। ଏଭଳି ସ୍ଥିତି ଋଣ ସୁଧହାର ବୃଦ୍ଧି ଯୋଗୁ ଘଟିଛି। କାରଣ ୧୮ ମାସ ମଧ୍ୟରେ ସୁଧହାର ଶୂନରୁ ପ୍ରାୟ ୫.୫% ଯାଏ ବୃଦ୍ଧି ପାଇଛି, ଯାହାକି ୨୨ ବର୍ଷ ମଧ୍ୟରେ ସର୍ବୋଚ୍ଚ ସ୍ତର। ବ୍ୟବସାୟୀମାନେ ଉଚ୍ଚ ସୁଧହାରରେ ଋଣ କରୁଥିବାରୁ ସାମଗ୍ରୀର ମୂଲ୍ୟବୃଦ୍ଧି ଘଟୁଛି, ଏହାର ପରିଣାମ ଗ୍ରାହକମାନଙ୍କୁ ଭୋଗିବାକୁ ପଡୁଛି।

ନ୍ୟାଶନାଲ ରିଟେଲ ଫେଡେରେଶନ ଦ୍ୱାରା ହୋଇଥିବା ରିଟେଲ ସୁରକ୍ଷା ସର୍ଭେ-୨୦୨୨ ଅନୁଯାୟୀ, କେବଳ ୨୦୨୧ରେ ସମଗ୍ର ଆମେରିକାରେ ଖୁଚୁରା ବ୍ୟବସାୟୀମାନେ ଆନୁମାନିକ ୯୪.୫ ବିଲିୟନ ଡଲାର ହରାଇଛନ୍ତି। ଏଭଳି ରିଟେଲ ସିଙ୍କ୍ (ଖୁଚୁରା ସଙ୍କୋଚନ)ର ଅର୍ଥ କର୍ମଚାରୀଙ୍କ ଦ୍ୱାରା ଚୋରି, ଦୋକାନରୁ ଚୋରି କିମ୍ବା ପ୍ରଶାସନିକ ତ୍ରୁଟି ଆଦି କାରଣରୁ ଷ୍ଟୋରର କ୍ଷତି। ସର୍ଭେରେ ଏହା ମଧ୍ୟ ଦର୍ଶାଯାଇଛି ଯେ, ୨୦୨୧ରେ ହାରାହାରି ସଂଗଠିତ ରିଟେଲ କ୍ରାଇମ୍ ୨୬.୫% ବୃଦ୍ଧି ପାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ବୁଧାଦିତ୍ୟ ଯୋଗ କୋଣଭାବସ୍ଥ ଯୋଗୁ ଶିକ୍ଷା ସମ୍ବନ୍ଧୀୟ କିମ୍ବା ସନ୍ତାନ ହେତୁକ ପ୍ରତ୍ୟେକ ସମସ୍ୟା ନିଶ୍ଚିତ ସୁଧୁରିଯିବ। କର୍ମକ୍ଷେତ୍ରରେ ଲକ୍ଷ୍ୟ ହାସଲରେ ଅସୁବିଧା ହେବ ନାହିଁ। ରାଜନୈତିକ ଓ ସାଙ୍ଗଠନିକ କାର୍ଯ୍ୟରେ ପ୍ରଶଂସିତ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ନୂତନ ପଦକ୍ଷେପ ଗ୍ରହଣ କରିବେ।

**ବୃଷ** – ପଡ଼ୋଶୀଙ୍କ କଥାରେ ମୁଣ୍ଡ ପୂରାଇ ଅଯଥା ମନ ବିଷାକ୍ତ କରିବେ। ସମ୍ପୂର୍ଣ୍ଣଭାବେ ଶାନ୍ତି ଓ ସନ୍ତୋଷ ଆସିବ ନାହିଁ। ବାକି ପଡିଥିବା କାମକୁ ଶେଷ କରିବେ କିମ୍ବା ବର୍ତ୍ତମାନର ଗୁରୁତ୍ୱପୂର୍ଣ୍ଣ କାମଟିକୁ ଆରମ୍ଭ କରିବେ ଏହି ଚିନ୍ତାରେ ବ୍ୟସ୍ତ ରହିପାରନ୍ତି। ବନ୍ଧୁପ୍ରସ୍ତାବ ସ୍ଥିରୀକୃତ ସକାଶେ ଆଲୋଚନା କରିପାରନ୍ତି।

**ମିଥୁନ** – ସରକାରୀ କିମ୍ବା ବେସରକାରୀ ସ୍ତରରୁ ଅର୍ଥ ପାଇବା ପାଇଁ ଚେଷ୍ଟା କରିବେ। ରୋଗର ଆରୋଗ୍ୟ, ଋଣ ପରିଶୋଧ କରିବା ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ। ଝଗଡା କରିବାକୁ ଚାହିଁବସିଥିବା ଲୋକଟିର ସାମ୍ନା କିମ୍ବା ସମାଧାନ କରିବାର ଚିନ୍ତା ଲାଗି ରହିବ। ସ୍ୱାସ୍ଥ୍ୟ ପ୍ରତି ଅବହେଳା କରିବା ଦୁଶ୍ଚିନ୍ତାର କାରଣ ହୋଇପାରେ।

**କର୍କଟ** – ଖାଲି କାମ ଭିତରେ ବୁଡ଼ିରହି ସ୍ୱାସ୍ଥ୍ୟ ପ୍ରତି ନଜର ନ ଦେବା ଏକପ୍ରକାର ଭୁଲ୍ ହୋଇଯିବ। କର୍ମକ୍ଷେତ୍ରରେ ସାମୟିକ ବ୍ୟତିକ୍ରମ ଲାଗିରହିଲେ ମଧ୍ୟ ଯେଉଁ କାମଟି ହାତକୁ ନେଇଛନ୍ତି, ତାହା ନିଶ୍ଚିତ ସଫଳତା ପ୍ରାପ୍ତ ହୋଇପାରିବ। ଅପରାହ୍ଣରେ ଗୁପ୍ତ ଶତ୍ରୁତା ଓ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ସିଂହ** – ପାରିବାରିକ କ୍ଷେତ୍ରରେ ରହିଆସିଥିବା ସମସ୍ୟା ଆଜି ଜଣେ ହିତୈଷୀଙ୍କ ସାହଚର୍ଯ୍ୟରେ ସମାଧାନ ହୋଇଯିବ। ପରିବହନ, ବାଣିଜ୍ୟ ଓ ବ୍ୟବସାୟ, ଶିଳ୍ପ ଓ ଏଜେନ୍‌ସିପ୍, ପରିବହନରୁ ଖୁସି ରହିବେ। ସମୟଟି ଆଜିର ଏହିପରି ଯେ ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି।

**କନ୍ୟା** – କର୍ମ କ୍ଷେତ୍ରରେ ପରିସ୍ଥିତି ଗମ୍ଭୀର ରହିଲେ ମଧ୍ୟ କାର୍ଯ୍ୟ ସମ୍ପନ୍ନରେ ଅସୁବିଧା ରହିବ ନାହିଁ। ବିବାଦୀୟ ଟିକା ଟିପ୍ପଣୀ କିଛି ସମୟରେ ଦୂରେଇଯିବ। ବନ୍ଧୁମାନେ ପୂର୍ବପ୍ରତିଶ୍ରୁତି ଅନୁଯାୟୀ ଯଥା ସମୟରେ ସାହାଯ୍ୟ କରିବାକୁ ଆଗେଇ ଆସିବେ। ମନ ଖୁସି ରହିଲେ ମଧ୍ୟ ନିଜକୁ ପରିସ୍ଥିତି ଓ ପରିବେଶ ସହ ଖାପଖୁଆଇ ଚଳିବାକୁ ବାଧ୍ୟ ହେବେ।

**ତୁଳା** – ଆଜି କର୍ମାରମ୍ଭରେ ପ୍ରାଥମିକ ଅବସ୍ଥାରେ ସ୍ତ୍ରୀ/ସହକର୍ମୀ କିମ୍ବା କୌଣସି ଗୁରୁସ୍ଥାନୀୟ ବ୍ୟକ୍ତି ବିରୋଧାଭାସ ପ୍ରଦର୍ଶନ କରିପାରନ୍ତି। କୌଣସି କଥାରେ ଅଭାବ ରହିବ ନାହିଁ କିମ୍ବା କାମ ମଧ୍ୟ ଅଟକିବାର ପ୍ରଶ୍ନ ଉଠୁନି। ସଭାସମିତିରେ ଆପଣ ଏମିତି ଯୁକ୍ତି କରିବେ ଯେ ସମସ୍ତଙ୍କ ମୁହଁ ବନ୍ଦ ହୋଇଯିବ।

**ବିଛା** – କୌଣସି ବନ୍ଧୁଙ୍କ ଆର୍ଥିକ ସାହାଯ୍ୟ ଓ ସହଯୋଗରୁ ମାନସିକ ଅସ୍ଥିରତା ଦୂରେଇଯିବ। ଅନୁରାଧା ନକ୍ଷତ୍ରଜାତ ବ୍ୟକ୍ତିମାନେ ପରିସ୍ଥିତି ଓ ପରିବେଶକୁ ଲକ୍ଷ୍ୟରଖି କାମ ନ କଲେ ଅସୁବିଧାରେ ପଡ଼ିବେ। କୌଣସି ସଭାସମିତି କିମ୍ବା ଆଲୋଚନା ନତୁବା ଗଠନମୂଳକ କାର୍ଯ୍ୟରେ ଯୋଗଦେଇପାରନ୍ତି। ବ୍ୟବସାୟ, ପରିବହନ, ନିର୍ମାଣ ପାଇଁ ଦିନଟି ଭଲ।

**ଧନୁ** – କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ପ୍ରେରଣା ଦ୍ୱାରା ପ୍ରଭାବିତ ହୋଇ ସମ୍ମାନିତ ହୋଇପାରନ୍ତି। ଆଜିର ପୂର୍ବଚିନ୍ତିତ ଭ୍ରମଣ, ଜମିଜମା କାରବାର କିମ୍ବା ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ। ଆପଣଙ୍କର ମନୋବଳ ଖୁବ୍ ଟାଣ ରହିଲେ ମଧ୍ୟ ସନ୍ତାନ ହେତୁକ ସମସ୍ୟାରେ କିମ୍ବା ବିବାଦୀୟ ମନ୍ତବ୍ୟ ଦେବା କାରଣରୁ ଦୁଶ୍ଚିନ୍ତାଗ୍ରସ୍ତ ହେବେ।

**ମକର** – ନିଜ ଲୋକଙ୍କ ଖାପଛଡ଼ା ମନୋଭାବ, ଘରଲୋକଙ୍କ ମନଇଚ୍ଛା କାମ, କର୍ମକ୍ଷେତ୍ରରେ ସମସ୍ୟା ପରେ ସମସ୍ୟା ହେତୁ ବ୍ୟସ୍ତ ହେବେ। ଆର୍ଥିକ ସ୍ଥିତି ମନ୍ଦ ହେବନି କିନ୍ତୁ ହାତକୁ ନେଇଥିବା ଆଜିର କାମ ଡେରିରେ ସମ୍ପନ୍ନ ହେବ। ଆଇନ ଅଦାଲତରେ ସୁଫଳ ପାଇବେ ଓ ନିର୍ମାଣାଧୀନ କାମ ଦ୍ରୁତଗତିରେ ଅଗ୍ରଗାମୀ ହେବ।

**କୁମ୍ଭ** – ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ଦୃଢ଼ ମନୋବଳ ଆପଣଙ୍କୁ କାମ କରିବା ସକାଶେ ପ୍ରେରଣା ଯୋଗାଇବ। ଭଲ ସମ୍ପର୍କ ଥିବା ବନ୍ଧୁ ସାଧାରଣ କଥାରେ ବିଗିଡ଼ି ଯାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ନୂତନ କର୍ମାରମ୍ଭ, ଯାନବାହନ, ଲୋକସମ୍ପର୍କ, ସଭାସମିତି ଓ ପାରିବାରିକ ସମସ୍ୟା ନେଇ ଚିନ୍ତା କରିବେ।

**ମୀନ** – ଉଚ୍ଚ ପଦାଧିକାରୀ ଅନୁକୂଳ ମତ ପୋଷଣ କରିବେ ନାହିଁ। ନିଜ ଲୋକମାନେ ଫାଇଦା ହାସଲ ପାଇଁ ଫନ୍ଦିଫିକର କରିପାରନ୍ତି। ଆଜି ଶେଷ କରିବାକୁ ଭାବୁଥିବା କାମଟିକୁ ସାରିବା ସକାଶେ ବହୁତ ପ୍ରତିରୋଧର ସାମ୍ନା କରିବାକୁ ପଡ଼ିବ, ଅବଶ୍ୟ ସଫଳତା ନିଶ୍ଚିତ ମିଳିବ। ବ୍ୟବସାୟ ତଥା ଆଲୋଚନା କ୍ଷେତ୍ରରେ ସଂଯମତା ଅବଲମ୍ବନ କରନ୍ତୁ।

ଆଜି ଭାଦ୍ରବ କୃଷ୍ଣ ପଞ୍ଚମୀ ଯୁକ୍ତ ଷଷ୍ଠୀ ସୋମବାର, ସେପ୍ଟେମ୍ବର ୪ ତାରିଖ, ଶ୍ରୀମନ୍ଦିରରେ ରେଖାପଞ୍ଚମୀ, ସୁବର୍ଣ୍ଣ ରାହୁରେଖାଲାଗି, ଘଣ୍ଟାକର୍ଣ୍ଣପୂଜା, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୫ ଗତେ, ଘ.୦୭।୦୭ ମଧ୍ୟେ, ଘ.୧୦।୩୧ ଗତେ, ଘ.୧୨।୫୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୭।୦୭ ଗତେ, ଘ.୦୮।୪୦ ମଧ୍ୟେ ରାହୁକାଳ।

# ଭିତରକନିକାରେ ଦେଶୀୟ ପକ୍ଷୀଙ୍କ ଗଣନା

## ୪ ଟିମ୍ ୫ ଦିନ ଗଣନା କରିବେ

ରାଜନଗର, ୩।୯ (ଭାସ୍କର ରାଉତରାୟ)



ବିଶ୍ୱପ୍ରସିଦ୍ଧ ଭିତରକନିକା ଏବେ ଦେଶୀୟ ପକ୍ଷୀଙ୍କ କାକଳିରେ ଫାଟି ପଡୁଛି। ଦେଶରେ ମୌସୁମୀ ବାୟୁ ସକ୍ରିୟ ହେବା ପରଠାରୁ ଦେଶୀୟ ପକ୍ଷୀଙ୍କ ଭିଡ଼ ଜମିଛି। ଭିତରକନିକାଠାରେ ଭିଡ଼ ଜମାଇଥିବା ଦେଶୀୟ ପକ୍ଷୀଙ୍କ ଗଣନା ବନ ବିଭାଗ ପକ୍ଷରୁ ରବିବାରଠାରୁ ଆରମ୍ଭ ହୋଇଛି। ଭିତରକନିକାର କନିକା ରେଞ୍ଜ୍‌ର ଲକ୍ଷ୍ମୀପ୍ରସାଦଡିଆ, ଦୁର୍ଗାପ୍ରସାଦଡିଆ ଓ ମଠଆଡିଆ ସହ ଚଳିତବର୍ଷ ପ୍ରଥମଥର ପାଇଁ ରାଜନଗର ରେଞ୍ଜ୍‌ର ଏକମାଣିଆ ବାଲିଡିଆ ଆଇଲ୍ୟାଣ୍ଡରେ ଦେଶୀୟ ପକ୍ଷୀ ଭିଡ ଜମାଇବା ସହ ବସା କରି ଅଣ୍ଡା ଦେଇଛନ୍ତି। ଚଳିତବର୍ଷ ଡାଙ୍ଗମାଳ ରେଞ୍ଜରେ ୪ଟି ଟିମ୍ ଓ ରାଜନଗର ରେଞ୍ଜରେ ଗୋଟିଏ ଟିମ୍ ପକ୍ଷୀ ଗଣନା କରୁଛନ୍ତି। ଏହି ଟିମ୍ କେତୋଟି ଗଛରେ, କେତୋଟି ବସାରେ ଓ କେତେ ବଡ଼ପକ୍ଷୀ ଓ କେତେ ପକ୍ଷୀ ଶାବକ ସେ ନେଇ ଟିକିନିଖି ଭାବେ ଗଣନା କରୁଛନ୍ତି। ଡାଙ୍ଗମାଳ ରେଞ୍ଜରେ ଫରେଷ୍ଟର ନବୀନ କୁମାର ମଲ୍ଲିକ, ପ୍ରଶାନ୍ତ ସିଂ, ଫରେଷ୍ଟଗାର୍ଡ ସୁନୀଲରଞ୍ଜନ ରାଉତରାୟ, ହେମନ୍ତ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ୪ଟି ଟିମ୍ ପ୍ରତିଦିନ ସକାଳ ୬ ଟାରୁ ୯ଟା ଯାଏ ଦେଶୀୟ ପକ୍ଷୀଙ୍କ ଗଣନା କରୁଛନ୍ତି। ରବିବାର ଆରମ୍ଭ ହୋଇଥିବା ଗଣନା ୫ ଦିନ ଧରି ୭ ତାରିଖ ଯାଏ ଚାଲିବ। ପ୍ରତି ଟିମ୍‌ରେ ୫ଜଣ ଲେଖାଏ ବନ କର୍ମଚାରୀ ସାମିଲ ହୋଇଛନ୍ତି। ରାଜନଗର ରେଞ୍ଜରେ ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ନେତୃତ୍ୱରେ ଏକମାଣିଆର ବାଲିଡିଆ ଆଇଲ୍ୟାଣ୍ଡରେ ୫ଜଣିଆ ଟିମ୍ ଗଣନା କରୁଛି। ଭିତରକନିକାରେ ଗେଣ୍ଡାଳିଆ, ପାଣିକୁଆ, ଅଞ୍ଜନା, ରାଣୀବଗ, ମଝିଆବଗ, ଖଇରା, ଅନ୍ଧାରିଆବଗ, କାପରଖାଇ, ସାନବଗ, ଦାବେଣ୍ଟିଆ ପ୍ରଭୃତି ଦେଶୀୟ ପକ୍ଷୀ ଭିଡ଼ ଜମାଇଛନ୍ତି।

ଗତବର୍ଷ ଭିତରକନିକାରେ ୧,୧୬୦୭୦ ପକ୍ଷୀ ଭିଡ଼ ଜମାଇ ଥିଲେ। ମଠଆଡ଼ିଆରେ ୬୪,୩୫୮ ପକ୍ଷୀ, ଲକ୍ଷ୍ମୀପ୍ରସାଦଡ଼ିଆରେ ୨୫,୫୦୧, ଦୁର୍ଗାପ୍ରସାଦଡ଼ିଆରେ ୬୭୨୭ ପକ୍ଷୀ ଭିଡ଼ ଜମାଇଥିଲେ। ଚଳିତବର୍ଷ ଦେଶୀୟ ପକ୍ଷୀଙ୍କ ଭିଡ ଦେଖିବାକୁ ମିଳିଥିବାରୁ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ଭିତରକନିକାକୁ ଜୁନ୍ ଶେଷ ଭାଗରୁ ଦେଶୀୟ ପକ୍ଷୀମାନଙ୍କର ଆଗମନ ହୋଇଥାଏ। ମା'ପକ୍ଷୀମାନେ ବସାରେ ଅଣ୍ଡା ଦେଇ ଛୁଆ ଫୁଟାଇବା ପରେ ଛୁଆମାନଙ୍କୁ ସାଙ୍ଗରେ ଧରି ଅକ୍ଟୋବର ଶେଷ ସୁଦ୍ଧା ସେମାନଙ୍କ କର୍ମଭୂମିକୁ ଫେରି ଯାଇଥାନ୍ତି। ମୌସୁମୀର ଆଗମନରେ ଏହି ପକ୍ଷୀମାନେ ଖାଦ୍ୟ ସଂଗ୍ରହ, ବଂଶ ବିସ୍ତାର ଓ ଭିତରକନିକାରେ ରହି ଯାଇଥିବା ବିଦେଶାଗତ ପକ୍ଷୀମାନଙ୍କ ସହ ବନ୍ଧୁତ୍ୱ ସ୍ଥାପନ ପାଇଁ ଦେଶୀୟ ପକ୍ଷୀମାନେ ଏଠାକୁ ଛୁଟି ଆସନ୍ତି। ଜଳବାୟୁର ପରିବର୍ତ୍ତନ ଓ ବିଶ୍ୱ ତାପନର ପ୍ରଭାବ ଯୋଗୁ ଭିତରକନିକାର ଜୈବ ବିବିଧତା ପ୍ରଭାବିତ ହୋଇଥିବାରୁ କ୍ରମାଗତ ଭାବେ ଭିତରକନିକା ଦେଶୀୟ ପକ୍ଷୀ ଠିକଣା ବଦଳାଇବାରେ ଲାଗିଛନ୍ତି। ପୂର୍ବରୁ ବଗଗହନରେ ଦେଶୀୟ ପକ୍ଷୀମାନେ ଭିଡ଼ ଜମାଉଥିଲେ। ୭ବର୍ଷ ହେଲା ବଗଗହନଠାରୁ ୩ କିମି ଦୂର ମଠଆଡ଼ିଆରେ ଦେଶୀୟ ପକ୍ଷୀଙ୍କ କଳରବ ଶୁଭୁଛି। ୨୦୧୯ରୁ ମଠଆଡ଼ିଆ ସହିତ ଲକ୍ଷ୍ମୀପ୍ରସାଦଡ଼ିଆ ଓ ଦୁର୍ଗାପ୍ରସାଦଡ଼ିଆରେ ଦେଶୀୟ ପକ୍ଷୀମାନେ ଭିଡ଼ ଜମାଉଛନ୍ତି। ଚଳିତବର୍ଷ ଏକମାଣିଆର ବାଲିଡ଼ିଆ ଆଇଲ୍ୟାଣ୍ଡ ପକ୍ଷୀଙ୍କ ନୂତନ ଠିକଣା ପାଲଟିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଦେଶୀୟ ପକ୍ଷୀମାନେ ବଗଗହନରେ ଭିଡ଼ ଜମାଉଥିଲେ। ସେହି ସ୍ଥାନରେ ପର୍ଯ୍ୟଟକମାନେ ଦେଶୀୟ ପକ୍ଷୀଙ୍କୁ ଦେଖିବା ପାଇଁ ୱାଚ ଟାୱାର ମଧ୍ୟ ନିର୍ମାଣ କରାଯାଇଥିଲା। ମାତ୍ର ଲଗାତର ୭ ବର୍ଷ ହେଲା ବଗଗହନରେ ଗୋଟିଏ ବି ପକ୍ଷୀ ବସା ବାନ୍ଧୁ ନାହାନ୍ତି। ଦେଶୀୟ ପକ୍ଷୀ ବାରମ୍ବାର ଠିକଣା ବଦଳାଉ ଥିବାରୁ ଏହା ପରିବେଶବିତ୍‌ଙ୍କୁ ଆଶ୍ଚର୍ଯ୍ୟ କରିଛି। ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଓ ସେମାନଙ୍କ ପାଇଁ ଖାଦ୍ୟ ଅଭାବ ଯୋଗୁ ଦେଶୀୟ ପକ୍ଷୀ ବାରମ୍ବାର ଠିକଣା ବଦଳାଉ ଥିବା କୁହାଯାଉଛି।

# ଛତିଶଗଡ଼ରୁ ଓଡ଼ିଶା ଆସୁଛି ଜାଲ୍ ନୋଟ୍

## ୪୧.୧୬ ଲକ୍ଷ ଜାଲ୍ ନୋଟ୍ ଜବତ



ଭୁବନେଶ୍ୱର,୩।୯(ସତ୍ୟଜିତ୍ ରାଉତ)

### ଖସିଗଲେ ବଡ଼ଭାଇ, ଜେଲ ଗଲେ ସାନ



ଦୀପକ ମେହେର

ଛତିଶଗଡ଼ରୁ ଓଡ଼ିଶା ଆସୁଛି ଜାଲ୍ ନୋଟ୍। ସାରା ରାଜ୍ୟକୁ ବ୍ୟାପିଛି ଏହି ର୍ୟାକେଟର ଚେର। ବାରମ୍ବାର ଚଢ଼ାଉ ଓ ବିପୁଳ ଜାଲ୍ ନୋଟ୍ ଜବତ ହେଉଥିଲେ ମଧ୍ୟ ଏହି ବେଆଇନ କାରବାର ବନ୍ଦ ହୋଇପାରୁନାହିଁ। କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ସୋନପୁର ଜିଲା ଉଲୁଣ୍ଡା ଥାନା ଅନ୍ତର୍ଗତ ମାଟିଘାଇ ଗ୍ରାମରେ ଚଢ଼ାଉ କରି ଏକ ଘରୁ ୪୧.୧୬ ଲକ୍ଷର ଜାଲ୍ ନୋଟ୍ ଜବତ କରିଛି। ଜବତ ଜାଲ୍ ନୋଟ୍‌ରେ କେବଳ ୫୦୦ ଟଙ୍କିଆ ରହିଛି। ତେବେ ଚଢ଼ାଉବେଳେ ଏସ୍‌ଟିଏଫ୍ ଟିମ୍ ସମ୍ପୃକ୍ତ ଅଭିଯୁକ୍ତ ଦୀପକ ମେହେରଙ୍କୁ ଧରିଥିବାବେଳେ ତାଙ୍କ ବଡ଼ଭାଇ ଘଟଣାସ୍ଥଳରୁ ଖସି ପଳାଇଛନ୍ତି। ଧରାପଡିଥିବା ଦୀପକଙ୍କୁ ଗିରଫ ପରେ ଶନିବାର ବୀରମହାରାଜପୁର ଜେଏମ୍‌ଏଫ୍‌ସି କୋର୍ଟକୁ ଚାଲାଣ କରାଯାଇଥିଲା। ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି। ଏନେଇ ଏସ୍‌ଟିଏଫ୍ ଏକ ମାମଲା (ନଂ.୧୮/୨୦୨୩) ରୁଜୁ କରି ତଦନ୍ତ ଚଳାଇଛି। ଦୀପକଙ୍କୁ ରିମାଣ୍ଡରେ ଆଣି ଏସ୍‌ଟିଏଫ୍ ଏହି ମାମଲାରେ ଅଧିକ ତଥ୍ୟ ଯୋଗାଡ଼ କରିବାକୁ ଯୋଜନା କରିଛି। ଜବତ ଜାଲ ନୋଟ୍ ଉତ୍ତମମାନର ହୋଇଥିବାବେଳେ ଅବିକଳ ଅସଲି ନୋଟ୍ ଭଳି ଦିଶୁଛି। ତେଣୁ ଏହାକୁ ଯାଞ୍ଚ ପାଇଁ ପଶ୍ଚିମବଙ୍ଗ ପଶ୍ଚିମମେଦିନପୁରସ୍ଥିତ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ୍ ମୁଦ୍ରଣ ପ୍ରାଇଭେଟ୍ ଲିମିଟେଡ୍‌କୁ ପଠାଯିବ ବୋଲି ଏସ୍‌ଟିଏଫ୍ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ଦୀପକ ଓ ତାଙ୍କ ଭାଇ ଲୁଗାବୁଣା କାମ କରନ୍ତି। ଲୁଗା ପ୍ରସ୍ତୁତ ପରେ ତାହାକୁ ଓଡ଼ିଶା ସମେତ ଛତିଶଗଡ଼ରେ ମଧ୍ୟ ବିକ୍ରି କରନ୍ତି। ଦୁଇ ଭାଇଙ୍କ ପାଖରେ ବିପୁଳ ପରିମାଣର ଜାଲ ନୋଟ୍ ଥିବା ଜଣାପଡ଼ିବା ପରେ ଶୁକ୍ରବାର ଏସ୍‌ଟିଏଫ୍‌ର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ଘରେ ଚଢ଼ାଉ କରି ଦୀପକଙ୍କୁ କାବୁ କରିବା ପରେ ଏହି ର୍ୟାକେଟର ପର୍ଦ୍ଦାଫାଶ ହୋଇଥିଲା। ତେବେ ଦୁଇ ଭାଇ ରାୟପୁର ଓ ମହାସମୁନ୍ଦ ଅଞ୍ଚଳରୁ ଏହି ଜାଲ ନୋଟ୍ ଆଣିଥିବା ଏସ୍‌ଟିଏଫ୍ ଜାଣିବାକୁ ପାଇଛି। ଉଭୟ ମୂଳଚାଲ କରି ଉକ୍ତ ଜାଲ ନୋଟ କାରବାର କରନ୍ତି। କାହାକୁ ୧୦ ହଜାରରେ ତ ଆଉ କାହାକୁ ୨୦ହଜାର ଟଙ୍କାରେ ଏକ ଲକ୍ଷ ଜାଲ୍ ନୋଟ୍ ଦିଅନ୍ତି। ବହୁଦିନ ହେବ ଏହି ଦୁଇଭାଇ ଏଭଳି କାରବାର କରୁଥିବା ଅଭିଯୁକ୍ତ ଦୀପକ ସ୍ୱୀକାର କରିଛନ୍ତି। ବଡ଼ କଥା ହେଉଛି ଅଭିଯୁକ୍ତଙ୍କ ନାମରେ ଏସ୍‌ଟିଏଫ୍ ୟୁଏପିଏ (ଅନ୍ ଲ'ଫୁଲ୍ ଆକ୍ଟିଭିଟିଜ୍ ପ୍ରିଭେନଶନ୍ ଆକ୍ଟ) ଲଗାଇବ। ଭାରତର ଅଖଣ୍ଡତା ଓ ସାର୍ବଭୌମତା କ୍ଷୁର୍ଣ୍ଣ କରିବା ଭଳି କୌଣସି ଅନୈତିକ କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଏହି ଆକ୍ଟ ଲାଗିଥାଏ। ତେବେ ଫରାର ଥିବା ଦୀପକଙ୍କ ବଡ଼ଭାଇ ଓ ଏହି ର୍ୟାକେଟରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପ୍ରୟାସ କରାଯାଉଥିବା ଏସ୍‌ଟିଏଫ୍ ପକ୍ଷରୁ କୁହାଯାଇଛି।



ଦିଗପହଣ୍ଡିଠାରେ ସୂର୍ଯ୍ୟ ପାତ୍ରଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଉଛି।




ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ସୂର୍ଯ୍ୟ ପାତ୍ରଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।

# ପଞ୍ଚଭୂତରେ ଲୀନ ସୂର୍ଯ୍ୟ ପାତ୍ର

## ମୃତ୍ୟୁ ପରେ ଚକ୍ଷୁ ଦାନ କଲେ ପରିବାର ଲୋକେ

### ବିଜେଡି କାର୍ଯ୍ୟାଳୟ, ବିଧାନସଭା ପରିସରରେ ଶ୍ରଦ୍ଧାଞ୍ଜଳି

ଦିଗପହଣ୍ଡି(ଅଶେଷ ନାଥ ମିଶ୍ର)/ ବ୍ରହ୍ମପୁର(ନରସିଂହ ସାହୁ)/ ଭୁବନେଶ୍ୱର (ସୁନିତ୍ ମିଶ୍ର), ୩।୯

ପଞ୍ଚଭୂତରେ ଲୀନ ହୋଇଛନ୍ତି ଗଞ୍ଜାମ ଜିଲା ଦିଗପହଣ୍ଡି ନିର୍ବାଚନମଣ୍ଡଳୀର ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର। ନିଜର କର୍ମଭୂମି ଦିଗପହଣ୍ଡିରେ ରବିବାର ସନ୍ଧ୍ୟାରେ ଶୋକାକୁଳ ପରିବେଶରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତାଙ୍କର ପାର୍ଥିବ ଶରୀରକୁ ଅନ୍ତିମ ବିଦାୟ ଦିଆଯାଇଛି। ତାଙ୍କର ବଡ଼ପୁଅ ବିପ୍ଳବ ପାତ୍ର ମୁଖାଗ୍ନି ଦେଇଥିଲେ।

ରବିବାର ସକାଳେ ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ତାଙ୍କ ବାସଭବନରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଶେଷ ଦର୍ଶନ କରିବା ସହ ତାଙ୍କ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ପରେ ମରଶରୀରକୁ ବିଜେଡି ରାଜ୍ୟ କାର୍ଯ୍ୟାଳୟ ଓ ବିଧାନସଭା ପରିସରକୁ ନିଆଯାଇଥିଲା। ଉଭୟ ଶାସକ ଓ ବିରୋଧୀ ଦଳର ନେତା, ମନ୍ତ୍ରୀ ଏବଂ ବିଧାନସଭା କର୍ମଚାରୀମାନେ ଶେଷଦର୍ଶନ କରିଥିଲେ। ବିଧାନସଭା ପରିସରରେ ଗାର୍ଡ ଅଫ ଅନର ଦିଆଯିବା ପରେ ତାଙ୍କ ମରଶରୀର ସିଧା ବ୍ରହ୍ମପୁର ଅଭିମୁଖେ ଯାଇଥିଲା। ଖଲିକୋଟ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଶତାଧିକ ଲୋକେ 'ସୂର୍ଯ୍ୟ ଆନ୍ନା ଅମର ରହେ' ଧ୍ୱନି ଦେଇଥିଲେ। ଅପରାହ୍ନ ପ୍ରାୟ ୪ଟାରେ ତାଙ୍କର ପାର୍ଥିବ ଶରୀର ଦିଗପହଣ୍ଡିରେ ପହଞ୍ଚିବା ପରେ ବସଷ୍ଟାଣ୍ଡସ୍ଥିତ ବିଜେଡି କାର୍ଯ୍ୟାଳୟ ସମ୍ମୁଖରେ ରଖାଯାଇଥିଲା। ସେଠାରେ ସହରବାସୀ, ଦଳୀୟ କାର୍ଯ୍ୟକର୍ତ୍ତା ଏବଂ ବହୁ ସଂଖ୍ୟକ ବିଜେଡି କର୍ମୀ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ପରେ ଏକ ବିଶାଳ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ପୁଞ୍ଜିକୟାଁ ଛକ ଦେଇ ଦିଗପହଣ୍ଡି ଆରଏମସି କାର୍ଯ୍ୟାଳୟ ନିକଟସ୍ଥ ମଶାଣିକୁ ନିଆଯାଇଥିଲା। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ, ରାଜ୍ୟ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ, ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା, ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସୋରଡ଼ା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ବିଧାୟକ ପ୍ରଣବ ବଳବନ୍ତରାୟ, ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ, ରାଜ୍ୟ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା, ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଭାଜପା ବରିଷ୍ଠ ନେତା କାହ୍ନୁଚରଣ ପତି ପ୍ରମୁଖ ଶେଷ ଦର୍ଶନ କରିଥିଲେ। ହଜାର ହଜାର ସମର୍ଥକ ମଧ୍ୟ ଶେଷ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ଅପରାହ୍ନ ୫ଟାରେ ପୋଲିସ ପ୍ରଶାସନ ପକ୍ଷରୁ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଗାର୍ଡ ଅଫ ଅନର୍ ଦିଆଯିବା ପରେ ପରିବାରବର୍ଗଙ୍କ ଉପସ୍ଥିତିରେ ଜ୍ୟେଷ୍ଠପୁତ୍ର ବିପ୍ଳବ ପାତ୍ର ମୁଖାଗ୍ନି ଦେଇଥିଲେ। ତେବେ ସୂର୍ଯ୍ୟ ପାତ୍ରଙ୍କ ଇଚ୍ଛା ଥିଲା ମୃତ୍ୟୁ ପରେ ତାଙ୍କ ଦୁଇ ଆଖି ସେ ଦାନ କରିବେ। ତେଣୁ ପରିବାର ସଦସ୍ୟଙ୍କ ସହମତି କ୍ରମେ ତାଙ୍କ ମୃତ୍ୟୁ ପରେ ଚକ୍ଷୁ ଦାନ କରାଯାଇଥିଲା।

# ଯୁକ୍ତ୨ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା: ଆଜି ପ୍ରଥମ ମେଧା ତାଲିକା

ଭୁବନେଶ୍ୱର, ୩।୯(ଅସମାପିକା ସାହୁ)

ରାଜ୍ୟର ଉଚ୍ଚ ମାଧ୍ୟମିକ ସ୍କୁଲରେ ଦ୍ୱିତୀୟ ପର୍ଯ୍ୟାୟ ଯୁକ୍ତ୨ ନାମଲେଖା ପାଇଁ ସୋମବାର ପୂର୍ବାହ୍ନ ୧୧ଟା ୩୦ରେ ପ୍ରଥମ ମେରିଟ ଲିଷ୍ଟ ବା ମେଧା ତାଲିକା ପ୍ରକାଶ ପାଇବ। ୫ ତାରିଖ ସକାଳ ୯ଟାରୁ ୭ ତାରିଖ ଅପରାହ୍ନ ୫ଟା ଭିତରେ ମନୋନୀତ ଛାତ୍ରୀଛାତ୍ର ନାମ ଲେଖାଇବେ। ୧୨ ତାରିଖ ପୂର୍ବାହ୍ନ ୧୧ଟା ୩୦ରେ ସ୍ପଟ୍ ନାମଲେଖା ପାଇଁ ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ର ୧୩ରୁ ୧୪ ତାରିଖ ସନ୍ଧ୍ୟା ଭିତରେ ନାମ ଲେଖାଇବେ।

ସୂଚନାଯୋଗ୍ୟ, ରାଜ୍ୟର ୨,୧୯୯ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ଯୁକ୍ତ୨ ପାଇଁ ମୋଟ ୫,୧୯,୧୭୭ ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟ ନାମଲେଖାରେ ୩,୭୮,୯୨୦ଟି ସିଟ୍ ପୂରଣ ହୋଇଥିବାବେଳେ ୧,୪୦,୨୫୭ଟି ସିଟ୍ ଖାଲି ପଡ଼ିଛି। ଏଥିରୁ କଳା ବିଭାଗରେ ୫୧,୭୦୫ ସିଟ୍ ବଳକା ପଡ଼ିଥିବାବେଳେ ବିଜ୍ଞାନରେ ୫୯,୪୦୮, ବାଣିଜ୍ୟରେ ୧୬,୭୭୬, ସଂସ୍କୃତରେ ୬,୫୨୫ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୮୪୩ଟି ସିଟ୍ ଖାଲିପଡିଛି। ଏପରି ସ୍ଥିତିରେ ଗତ ୧ ତାରିଖରୁ ଯୁକ୍ତ୨ ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହୋଇଛି। କିନ୍ତୁ ସିଟ୍ ପୂରଣ ହୋଇ ନ ଥିବାରୁ ଦ୍ୱିତୀୟ ପର୍ଯ୍ୟାୟ ନାମଲେଖା କରିବାକୁ ବିଭାଗ ନିଷ୍ପତ୍ତି ନେଇଥିଲା।

# ଆଜି ଶ୍ରୀମନ୍ଦିରରେ ୫ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ

## ମହାପ୍ରଭୁଙ୍କ ରାହୁରେଖା ନୀତି

ପୁରୀ,୩।୯(ଅଜିତ୍ ମହାନ୍ତି)

ରେଖା ପଞ୍ଚମୀ ତିଥି ଅବସରରେ ସୋମବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ରାହୁରେଖା ଲାଗି କରାଯିବ। ଶ୍ରୀମୁଖ ସୁନ୍ଦର ଦେଖାଯିବା ପାଇଁ ସୁନା ଲାଗିଥିବା ପଟିରେ ପ୍ରସ୍ତୁତ ଏହି ରାହୁରେଖାକୁ ଶ୍ରୀବିଗ୍ରହଙ୍କୁ ଲାଗି ହେବ। ମହାପ୍ରଭୁଙ୍କ ଏହି ଗୁପ୍ତ ନୀତିକୁ ଦଇତାପତି ସେବାୟତମାନେ ସମ୍ପାଦନ କରିବେ। ଏହି ନୀତି ସମୟରେ ଭକ୍ତଙ୍କ ଦର୍ଶନ ଉପରେ କଟକଣା ରହିବ। ଅପରାହ୍ନ ୩ଟାରୁ ରାତି ୮ଟା ଯାଏଁ ଶ୍ରୀମନ୍ଦିରରେ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସ୍ନାନପୂର୍ଣ୍ଣିମାରେ ୧୦୮ଗରା ଜଳରେ ସ୍ନାନ କରି ଜ୍ୱରରେ ପୀଡ଼ିତ ହେବା ପରେ ଶ୍ରୀବିଗ୍ରହ ଶ୍ରୀମୁଖରୁ ରାହୁରେଖାକୁ କାଢି ଦିଆଯାଇଥିଲା। ତେବେ ପୁନର୍ବାର ରେଖା ପଞ୍ଚମୀ ଅବସରରେ ଦେଉଳକରଣ, ତଢଉ କରଣ, ଭଣ୍ଡାର ମେକାପଙ୍କ ଉପସ୍ଥିତିରେ ଭଣ୍ଡାର ଘରୁ ରାହୁରେଖାକୁ କଢ଼ାଯିବ। ପରମ୍ପରା ଅନୁଯାୟୀ, ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ପ୍ରଥମ ଭୋଗମଣ୍ଡ ସରିବା ପରେ ପୁଷ୍ପାଳକ ସେବାୟତ ଖୋବାକଣ୍ଠି, ମଇଲମ କରିବା ସହ ମହାଜନ ସେବାୟତମାନେ ଭୂଦେବୀ ଏବଂ ଶ୍ରୀଦେବୀଙ୍କୁ ଖଟଶେଯ ଘରେ ବିରାଜମାନ କରାଇବେ। ପରେ ପତିମହାପାତ୍ର ସେବାୟତ ଏହି ରାହୁରେଖାକୁ ସଂସ୍କାର କରିସାରିବା ପରେ ୪ ବାଡ଼ର ବାଡ଼ଗ୍ରାହୀ ଦଇତାପତି ସେବାୟତମାନେ ଓଷୁଅ ଏବଂ କନା ଦ୍ୱାରା ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀମୁଖରେ ରାହୁରେଖାକୁ ଲାଗି କରାଇବେ।

# ମାଓବାଦୀ ଡିଆର୍‌ଜି ବାହିନୀରେ ମହିଳା କମାଣ୍ଡୋ

### ଭାଇଙ୍କ ଚିଠିରେ ସଂଗଠନରୁ ଫେରିଲେ ସୁମିତ୍ରା



ମାଲକାନଗିରି,୩।୯(ନୃସିଂହ ଚରଣ ମହାନ୍ତି)



ଛତିଶଗଡ ବିଜାପୁର ଜିଲାରେ ମହିଳା କମାଣ୍ଡୋମାନେ ମାଓବାଦୀ ବିରୋଧୀ ଅଭିଯାନରେ ବାହାରିଛନ୍ତି।

କେତେକ ମହିଳା ଦୀର୍ଘ ବର୍ଷ ଧରି ବିଭିନ୍ନ ମାଓବାଦୀ ସଂଗଠନରେ କାର୍ଯ୍ୟ କରୁଛନ୍ତି। ବିଭିନ୍ନ ସମୟରେ ସେମାନେ ସଂଗଠନ ଉପରେ ଅସନ୍ତୋଷ ବ୍ୟକ୍ତକରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବା ଲାଗି ପୋଲିସ ପାଖରେ ଆତ୍ମସମର୍ପଣ କରୁଛନ୍ତି। ପରେ ସେମାନଙ୍କୁ ପୋଲିସ ପକ୍ଷରୁ ନୂତନ ଦାୟିତ୍ୱ ଦିଆଯାଉଛି। ଫଳରେ ସେମାନେ ଡିଷ୍ଟ୍ରିକ୍ଟ ରିଜର୍ଭ ଗାର୍ଡ(ଡିଆର୍‌ଜି)ବାହିନୀର ଜଣେ ଜଣେ ଶକ୍ତିଶାଳୀ ମହିଳା କମାଣ୍ଡୋ ହୋଇ ମାଓବାଦୀ ଦମନ ଅପରେଶନରେ ମୁଖ୍ୟ ଭୂମିକା ଗ୍ରହଣ କରୁଛନ୍ତି। ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲାରେ ଏବେ ମାଓବାଦୀଙ୍କୁ ଦମନ କରିବା ଲାଗି ଏହି ମହିଳା କମାଣ୍ଡୋମାନଙ୍କୁ ନିୟୋଜିତ କରାଯାଇଛି। ଏକେ ୪୭ ବନ୍ଧୁକ ଧରି ଅପରେଶନରେ ଛତିଶଗଡ଼ ଡିଆର୍‌ଜି ବାହିନୀର ମହିଳା କମାଣ୍ଡୋ ବାହାରୁଛନ୍ତି। ଏମାନଙ୍କ ଭିତରେ ରହିଛନ୍ତି ଏମିତି ଜଣେ ମହିଳା ଯାହାଙ୍କୁ ପିଲାଦିନେ ଖୁସିରେ ବାପା ମାଆ ତାଙ୍କ ନାମ ସୁମିତ୍ରା ରଖିଥିଲେ। ମାଲକାନଗିରି ଛତିଶଗଡ଼ ସୀମାନ୍ତ ବିଜାପୁର ଜିଲା ନିବାସୀ ସୁମିତ୍ରା ଦୀର୍ଘ ବର୍ଷ ଧରି ମାଓବାଦୀ ସଂଗଠନରେ ରହିବା ସହ ସୁକୁମା, ଦାନ୍ତେୱାଡା ଓ ବିଜାପୁର ଜିଲାରେ ଅନେକ ହିଂସାକାଣ୍ଡ ଘଟାଇଛନ୍ତି। ହେଲେ ଜଗଦଲପୁରସ୍ଥିତ ସିଆରପିଏଫ ବାହିନୀରେ ଥିବା ନିଜ ଭାଇଙ୍କ ଏକ ହାତ ଲେଖା ଚିଠି ତାଙ୍କୁ ଫେରାଇ ଆଣିଥିଲା ସମାଜର ମୁଖ୍ୟସ୍ରୋତକୁ। ୨୦୨୦ରେ ବିଜାପୁର ପୋଲିସ ପାଖରେ ଆତ୍ମସମର୍ପଣ କରିବା ପରେ ସୁମିତ୍ରା ଡିଆରଜି ବାହିନୀର ଜଣେ ଦକ୍ଷ ମହିଳା କମାଣ୍ଡୋ ହୋଇଛନ୍ତି। ବିଜାପୁର ଜିଲାରେ ମାଓବାଦୀଙ୍କୁ ନିପାତ କରିବା ଲାଗି ତାଙ୍କୁ ଦାୟିତ୍ୱ ମିଳିଛି।

କେବଳ ସୁମିତ୍ରା ନୁହନ୍ତି ତାଙ୍କ ପରି ଅବାଟକୁ ଚାଲିଯାଇଥିବା ରାଜ କୁମାରୀ ଓ ମମତା ମଧ୍ୟ ମାଓବାଦୀ ସଂଗଠନ ଛାଡି ଏବେ ଛତିଶଗଡ଼ ପୋଲିସ ଡିଆର୍‌ଜି ବାହିନୀରେ ସାମିଲ ହୋଇଛନ୍ତି। ଘଞ୍ଚ ପାହାଡ଼ ଜଙ୍ଗଲ ଓ ପାଣି ଭିତରେ ମାଓବାଦୀ ଅପରେଶନ ଲାଗି ସମ୍ପୂର୍ଣ୍ଣ ଭାବେ ସକ୍ଷମ ଏହି ମହିଳା ଡିଆର୍‌ଜି ବାହିନୀ। ନୂଆ ଓ କେତେକ ଆତ୍ମସମର୍ପଣ କରିଥିବା ମହିଳା ମାଓବାଦୀଙ୍କୁ ମିଶାଇ ଏବେ ମୋଟ ୭୫ ମହିଳା କମାଣ୍ଡୋ ରହିଛନ୍ତି। ବିଜାପୁର ଏସ୍‌ପିଙ୍କ ପାଖରେ ଏହା ବ୍ୟତୀତ ଜିଲାର ବିଭିନ୍ନ ମାଓବାଦୀ ପ୍ରବଣ ଅଞ୍ଚଳରେ ଥିବା ସୁରକ୍ଷାକର୍ମୀଙ୍କ କ୍ୟାମ୍ପରେ ନିୟୋଜିତ ଅଛନ୍ତି ଆହୁରି ୧୨୫ ମହିଳା କମାଣ୍ଡୋ, ଯେଉଁମାନେ ଜଙ୍ଗଲ ଭିତରେ ଦିନ ରାତି ମାଓବାଦୀ ବିରୋଧୀ ଅପରେଶନ ଚଳାଇଛନ୍ତି। କେନ୍ଦ୍ର ସରକାରଙ୍କ ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ସୁରକ୍ଷା ଡିଆର୍‌ଜି ବାହିନୀର ଏହି ମହିଳା କମାଣ୍ଡୋଙ୍କ ହାତରେ ବୋଲି ବିଜାପୁର ଏସ୍‌ପି ଅଞ୍ଜନେ ବାର୍ନୋଇ କହିଛନ୍ତି।

ସୂଚନାଯୋଗ୍ୟ, ସୁମିତ୍ରା ଦୀର୍ଘ ୧୦ ବର୍ଷ ଧରି ଦଣ୍ଡକାରଣ୍ୟ ମାଓବାଦୀ ସଂଗଠନରେ ଜଣେ ସକ୍ରିୟ ସଦସ୍ୟ ଥିଲେ। ଟପ୍ ମାଓବାଦୀ ନେତା ହିଡିମାଙ୍କ ସହଯୋଗୀ ଭାବେ ମଧ୍ୟ କାମ କରୁଥିଲେ।

KEONJHAR CENTRAL CO-OPERATIVE BANK LTD.
AT/PO: KEONJHARGARH, KEONJHAR- 758001 (Odisha)
କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
Telephone: (06766) 255183, 251745, Fax: 253137
Email: kendujharccb@gmail.com
No.KCCB:2712/2023-24 Date: 01.09.2023

EXPRESSION OF INTEREST

The Keonjhar Central Co-operative Bank Ltd., Keonjhar invites Expression of Interest from reputed Architectural Firms / Engineering Consultancy firms for providing Project Management, Architectural & Engineering Consultancy Services for the construction of multi-storeyed buildings in the premises of Head Office, Keonjhar Central Co-operative Bank Ltd., Keonjhar and other Construction work in future. The bids will be received upto 5.00 P.M. on Dt.21.09.2023 by Registered Post / Speed Post only. Interested bidders are to download the detail EOI documents from our webpage: www.keonjharccb.com. The EOI documents will be available for download from 11.00 A.M. of the Dt.05.09.2023 to 5.00 P.M. of Dt.18.09.2023. Any corrigendum for the above work will be available in the above website only.

The authority reserves the right to reject any/all bids without assigning any reason thereof.

Sd./- Secretary
Keonjhar Central Co-operative Bank Ltd.
Keonjhar

ଗୋଟିଏ ମୁହୂର୍ତ୍ତ ଲାଗି ମଧ୍ୟ ଭୁଲିଯାଅନା ଯେ, ଏସବୁ କିଛି ସେହି ଭଗବାନ ହିଁ ନିଜ ଭିତରୁ ନିଜେ ସୃଷ୍ଟି କରିଛନ୍ତି। ସେ ଯେ କେବଳ ସର୍ବତ୍ର ଉପସ୍ଥିତ ଅଛନ୍ତି– ତା'ନୁହେଁ। ସେ କିନ୍ତୁ ନିଜେ ହିଁ ସବୁ ହୋଇଛନ୍ତି। ପାର୍ଥକ୍ୟ କେବଳ ରହିଛି– ପ୍ରକାଶ ଓ ଅଭିବ୍ୟକ୍ତିରେ। ଯଦି ତୁମେ ଏତିକି କଥା ଭୁଲି ଯାଅ– ତେବେ ତୁମେ ସବୁ କିଛି ହରାଇ ବସିବ। **–ଶ୍ରୀଅରବିନ୍ଦ**

# ଦେଶରେ କରର ସ୍ୱରୂପ



ସୁଜାତା ପ୍ରହରାଜ

ଯୁଗଜୟୀ କବି କାଳିଦାସ 'ରଘୁବଂଶମ୍' କାବ୍ୟରେ କହିଛନ୍ତି 'ପ୍ରଜାନାମେବ ଭୂତ୍ୟର୍ଥଂ ସ ତାଭ୍ୟୋ ବଳିମଗ୍ରହୀତ/ସହସ୍ରଗୁଣମୁତ୍ସ୍ରଷ୍ଟୁମାଦତ୍ତେ ହି ରସଂ ରବି ।' ଯେପରି ସୂର୍ଯ୍ୟ ପୃଥିବୀରୁ ଜଳ ଶୋଷି ନେଇ ପୃଥିବୀରେ ଜୀବନ ପାଇଁ ତାକୁ ବର୍ଷା ଆକାରରେ ପୁଣି ପୃଥିବୀକୁ ଫେରେଇ ଦିଏ, ଠିକ୍ ସେହିପରି ରାଜା (ଦିଲୀପ) ପ୍ରଜାମାନଙ୍କଠାରୁ ବଳି(କର) ଆଦାୟ କରି ପ୍ରଜାମାନଙ୍କର ସୁଖସୁବିଧା ପାଇଁ ବିଭିନ୍ନ ପ୍ରକାରର ସେବା ଯୋଗାଇ ଦିଅନ୍ତି। ମନୁସ୍ମୃତିରେ ପ୍ରଜା ନିଜର ସୁନାର ଏକ-ପଞ୍ଚମାଂଶ ଏବଂ ବାର୍ଷିକ ଫସଲର ଏକ-ଷଷ୍ଠାଂଶ, ଏକ- ଅଷ୍ଟମାଂଶ ବା ଏକ- ଦ୍ୱାଦଶାଂଶ କର ରାଜାଙ୍କୁ ଦେବାର ଉପଦେଶ ରହିଛି। ରାଜତନ୍ତ୍ର, ଗଣତନ୍ତ୍ର, ଏକଛତ୍ରବାଦ ବା ସାମନ୍ତବାଦ– ଯେ କୌଣସି ପ୍ରକାରର ଶାସନ ବ୍ୟବସ୍ଥା ହେଉ ଦେଶର ପରିଚାଳନା କରି ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ, ଆଲୋକ, ନିଯୁକ୍ତିସୁଯୋଗ ପରି ଅତ୍ୟାବଶ୍ୟକ ସାର୍ବଜନିକ ସେବାଯୋଗାଣ ତଥା ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ମୁଖୀନ ହେବା ପାଇଁ ପ୍ରଚୁର ସମ୍ବଳର ଆବଶ୍ୟକତା ଅନସ୍ୱୀକାର୍ଯ୍ୟ, ଯାହାର ବୃହତ୍ ଅଂଶ ଜନସାଧାରଣଙ୍କଠାରୁ କର ରୂପେ ସଂଗୃହୀତ ହୋଇଥାଏ।

ଶାସକ ଯେତେବେଳେ ଜନସାଧାରଣଙ୍କ ଉପରେ କର ବସାଇବାକୁ ଯାଆନ୍ତି କରଦାତାଙ୍କ ଆର୍ଥିକଅବସ୍ଥା ସର୍ବପ୍ରଥମେ ବିଚାର ହୋଇଥାଏ। ସାଧାରଣ ଲୋକଙ୍କର କରଦାନର କ୍ଷମତା ସେମାନଙ୍କର ଆୟର ପରିମାଣ ଉପରେ ନିର୍ଭରଶୀଳ ହୋଇଥିବାରୁ ଆୟ କରନିର୍ଦ୍ଧାରଣର ମୂଳଦୁଆ ହୋଇଥାଏ। ଆୟର ପରିମାଣ କରଧାର୍ଯ୍ୟର ଆଧାର ନ ହେଲେ ଦେଶରେ ଅସନ୍ତୋଷ ଓ ବିଭ୍ରାଟ ସୃଷ୍ଟି ହେବା ଥୟ। ରୁଷ, ଫ୍ରାନ୍ସ, ବ୍ରିଟେନ ପରି ଦେଶମାନଙ୍କରେ ଘଟିଥିବା ବିପ୍ଳବସବୁର ମୂଳକାରଣ ଅବିଚାରିତ କରଭାର। ଆୟର ତାରତମ୍ୟକୁ ହିସାବକୁ ନ ନେଲେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ଆର୍ଥିକଶୋଷଣର ଶିକାର ହେବା ସ୍ୱାଭାବିକ।

ଗୋଟିଏ ଦେଶର ସବୁ ନାଗରିକଙ୍କର ଉପାର୍ଜନ ସମାନ ନୁହେଁ। ସବୁଲୋକ ଯେ ଆୟକାରୀ ତାହା ମଧ୍ୟ ନୁହେଁ। ଏହାର ଆଧାରରେ କରର ପ୍ରକାରଭେଦ ହୋଇଥାଏ– ପ୍ରତ୍ୟକ୍ଷ ଓ ପରୋକ୍ଷ କର ଏବଂ ପ୍ରଗତିଶୀଳ ଓ ପ୍ରତିଗାମୀ କର। ଯେଉଁ କରକୁ ସ୍ୱୟଂ କରଦାତାଙ୍କୁ ଦେବାକୁ ପଡ଼େ ଏବଂ ସେ କରଭାରକୁ ଅନ୍ୟ କାହା ଉପରକୁ ଖସାଇ ପାରନ୍ତି ନାହିଁ ତାହା ପ୍ରତ୍ୟକ୍ଷ କର। କିନ୍ତୁ ପରୋକ୍ଷ କରକୁ ସହଜରେ ଅନ୍ୟ ମୁଣ୍ଡ ଉପରକୁ ଖସେଇ ଦିଆଯାଏ। ପ୍ରତ୍ୟକ୍ଷକର ସମସ୍ତେ ଦେଉ ନ ଥିବା ବେଳେ ପରୋକ୍ଷକର ସମସ୍ତେ ଦେବାକୁ ବାଧ୍ୟ।

ଆୟ ଅନୁପାତରେ କର ସ୍ଥିର ହେଲେ ଅର୍ଥାତ୍ ଉଚ୍ଚ ଆୟକାରୀ କର ନିମ୍ନଆୟକାରୀ ଅପେକ୍ଷା ଅଧିକ ହେଲେ ତାହା ପ୍ରଗତିଶୀଳ ବୋଲି କୁହାଯାଏ। ଧନୀ ଗରିବ ସମସ୍ତଙ୍କୁ ସମାନ କର ଦେବାକୁ ହେଲେ ସେ କର ବ୍ୟବସ୍ଥା ପ୍ରତିଗାମୀ ହୋଇଥାଏ। ପ୍ରଗତିଶୀଳ କର ଅର୍ଥନୈତିକ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା କରୁଥିବା ବେଳେ ପ୍ରତିଗାମୀ କର ଅର୍ଥନୈତିକ ଓ ସାମାଜିକ ନ୍ୟାୟର ପରିପନ୍ଥୀ। ଭାରତ କ୍ଷେତ୍ରରେ ଆୟକର, ସମ୍ପଦକର, ନିଗମ କର ଓ ପୁଞ୍ଜିଗତ କର ପରି ପ୍ରତ୍ୟକ୍ଷ କର ପ୍ରଗତିଶୀଳ ହୋଇଥିବା ବେଳେ




ଦ୍ରବ୍ୟ ଓ ସେବା କର (ଜିଏସ୍‌ଟି) ପ୍ରତିଗାମୀ କର। ଜିଏସ୍‌ଟି, ସୀମାଶୁଳ୍କ ଏବଂ ଉତ୍ପାଦଶୁଳ୍କରୁ ଦେଶର ମୋଟ ଆୟର ୪୮.୫% ଅର୍ଥାତ୍ ପ୍ରାୟ ଅଧା ଆଦାୟ ହୁଏ।

ଭାରତୀୟ କରଦାତା ଭାରତର କର ବ୍ୟବସ୍ଥାକୁ ଜନବିରୋଧୀ କହୁଥିବା ବେଳେ ବହୁ ବିଦେଶ ରାଷ୍ଟ୍ର ତୁଳନାରେ ଭାରତରେ କରହାର କମ୍। ଜାପାନ, ଆମେରିକା ପରି ଦେଶରେ କରହାର ଅଧିକା ହେଲେ ମଧ୍ୟ ଲୋକ କର ଦେବାକୁ କୁଣ୍ଠାବୋଧ କରନ୍ତିନି କାରଣ ଏଠାରେ ସରକାର ସମସ୍ତ ପ୍ରକାରର ମୌଳିକ ସାର୍ବଜନିକ ସେବା ସହିତ ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ ଆଦି ସାମାଜିକ ସୁରକ୍ଷା ମାଗଣା ବା ଅତି କମ ଦେୟରେ ଯୋଗାଇ ଦିଅନ୍ତି। କିନ୍ତୁ ଭାରତରେ ଆୟ ଏବଂ ଦ୍ରବ୍ୟ ଓ ସେବା ଉପରେ କର ସହିତ ସାର୍ବଜନିକ ସୁବିଧା ତଥା ସାମାଜିକ ସୁରକ୍ଷା ବ୍ୟବସ୍ଥା ପାଇଁ ଅଲଗା ଦେୟ ରହିଥାଏ।

ବିଭିନ୍ନ ସଂସ୍ଥାମାନଙ୍କର ଆକଳନ ଅନୁସାରେ ଭାରତରେ କରଦାତାଙ୍କ ସଂଖ୍ୟା ଆଠ କୋଟି, ଯାହା ସମୁଦାୟ ଜନସଂଖ୍ୟାର ୬%ରୁ କମ୍। ବାର୍ଷିକ ଅଢ଼େଇ ଲକ୍ଷ ଟଙ୍କାରୁ କମ୍ ରୋଜଗାର କରୁଥିବା ଲୋକ ସମୁଦାୟ କରଦାତାଙ୍କ ୫୭% ଏବଂ ପଚାଶ ଲକ୍ଷରୁ ଅଧିକ ରୋଜଗାର କରୁଥିବା ଲୋକ ସମୁଦାୟ କରଦାତାଙ୍କର ୧%। ମାତ୍ର ତିନିଜଣ ଭାରତୀୟ ୧୦୦ କୋଟି ଟଙ୍କାରୁ ଅଧିକ କର ଦିଅନ୍ତି ଯଦିଓ ଦେଶରେ ଅରବପତିଙ୍କ ସଂଖ୍ୟା ୨୦୨୧ ଅନୁସାରେ ତଥ୍ୟ ୧୬୬। ୮୫% କରଦାତା ଦେଢ଼ଲକ୍ଷ ଟଙ୍କାରୁ କମ୍ କର ଦିଅନ୍ତି।

ଅର୍ଥନୈତିକ ବୈଷମ୍ୟ ଓ କ୍ଷମତା ପାଇଁ ରାଜନୈତିକ ବାଧ୍ୟବାଧକତା ଗୋଟିଏ ଦେଶରେ କରଦରରେ ବୈଷମ୍ୟ ସୃଷ୍ଟି କରିଥାଏ। ଦେଶର ଅର୍ଦ୍ଧାଧିକ ଲୋକ କରମୁକ୍ତ। ତାହା ଉପରେ ରହିଛି ମାଗଣାବଣ୍ଟନର ଭାର, ଯାହା ଦିନକୁଦିନ ଉଗ୍ର ହେବାରେ ଲାଗିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଭିତରେ ଯେମିତି ମାଗଣାବଣ୍ଟନର ପ୍ରତିଯୋଗିତା ଚାଲିଛି। ମା' ପେଟରୁ ମଶାଣିରେ ଦାହ ହେବା ପର୍ଯ୍ୟନ୍ତ ସବୁ ମାଗଣା। ଏହା ଏକ ସାମାଜିକ ଓ ଅର୍ଥନୈତିକ ବ୍ୟାଧିରେ ପରିଣତ ହେଲାଣି। ଯୁବସମାଜ କର୍ମଭୀରୁ ହେବା ସହିତ ଦେଶରେ ଅପରାଧ ବୃଦ୍ଧି ପାଉଛି। ଦେଶର ଅର୍ଥନୀତିରେ ଏକ ବଡ଼ ଅଂଶୀଦାରର କୌଣସି ଯୋଗଦାନ ନାହିଁ। ଏହାଛଡ଼ା ରହିଛନ୍ତି ବଡ଼ଚାଷୀ। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ଏକ ତଥ୍ୟ ଅନୁସାରେ ଦେଶରେ ଆଠଲକ୍ଷରୁ ଅଧିକ ବଡ଼ଚାଷୀ ଅଛନ୍ତି; ଯେଉଁମାନଙ୍କର ବାର୍ଷିକ ଆୟ ଏକକୋଟି ଟଙ୍କାରୁ ଅଧିକ। ସମସ୍ତ ପ୍ରକାରର ସବ୍‌ସିଡିର ସୁଯୋଗ ନେବା ସହିତ ସେମାନେ କର ଦେଉ ନାହାନ୍ତି। ଦେଶରେ ସରକାରୀ ଓ ବେସରକାରୀ ଚାକିରିଆଙ୍କୁ ଆୟକର ସହିତ ଅନ୍ୟ ସମସ୍ତ କର ଦେବାକୁ ପଡୁଥିବାରୁ ସେମାନେ ଏହାକୁ ନିଜର ଦେଶଭକ୍ତି ଓ ସାଧୁତାର ଦଣ୍ଡ ବୋଲି ଭାବନ୍ତି। ତେଣୁ ସ୍ୱେଚ୍ଛାରେ କର ଦେବାକୁ ଚାହୁଁଥିବା ଲୋକ କମ୍, ସମୁଦାୟ କରଦାତାଙ୍କର ୧୧.୬%।

ଭାରତରେ ସବୁବର୍ଗର ଲୋକଙ୍କ ସୁବିଧାସୁଯୋଗ, ଆକାଂକ୍ଷା ଓ ଅର୍ଥନୈତିକ ଅବସ୍ଥାକୁ ଦୃଷ୍ଟିରେ ରଖି ଦେଶ ଚଳେଇବା ଏକ ଦୁରୂହ ବ୍ୟାପାର। କର ଯେହେତୁ ଦେଶର ଆୟର ପ୍ରମୁଖ ସ୍ରୋତ କରବ୍ୟବସ୍ଥା ସରଳ, ସ୍ୱଚ୍ଛ ଓ ନ୍ୟାୟସଙ୍ଗତ ହେବା ସହ ଅର୍ଥନୀତିକୁ ଚଳେଇବା ପାଇଁ ଏହା ଆବଶ୍ୟକତାନୁକୂଳ ହେବା ଉଚିତ। ଆୟକର ପ୍ରଗତିଶୀଳ ହୋଇଥିଲେ ମଧ୍ୟ ଆୟକାରୀଙ୍କର ଏକ ବଡ଼ଅଂଶ ଏହାର ସୀମା ବାହାରେ ରହିବା ଏବଂ ହିସାବ ଅନୁସାରେ କର ନ ଦେବା ଦେଶର ଅର୍ଥନୈତିକ ସ୍ୱାସ୍ଥ୍ୟର ପରିପନ୍ଥୀ। ବଡ଼ଚାଷୀମାନଙ୍କୁ ଦିଆଯାଉଥିବା ସବ୍‌ସିଡିର ଠିକ୍ ମୂଲ୍ୟାୟନ ହେବା ସହିତ ସଂପୂର୍ଣ୍ଣ କରଛାଡ଼ ବନ୍ଦ ହେବା ଉଚିତ। ଅନେକ ପରୋକ୍ଷ କରର ମିଶ୍ରଣରେ ଜିଏସ୍‌ଟିର ପ୍ରଚଳନ ଏକ ଯୁଗାନ୍ତକାରୀ ପଦକ୍ଷେପ। ଜିଏସ୍‌ଟିର ପ୍ରଚଳନ ପରେ ଦେଶରେ ପରୋକ୍ଷ କର ଅସୁଲ ବୃଦ୍ଧି ପାଇଛି। ହେଲେ ଏହାର ସରଳୀକରଣର ଆବଶ୍ୟକତା ରହିଛି। ଧନୀ ଗରିବ ଏକାପ୍ରକାରର ଜିନିଷ ବା ସେବା ପାଇଁ ସମାନ କର ଦେବା ଠିକ୍ ନୁହେଁ। କରଦାତାଙ୍କର ଅର୍ଥନୈତିକ ଅବସ୍ଥା ହିସାବରେ ଏହା ସ୍ଥିରୀକୃତ ହେବା ଉଚିତ।

ଭାରତୀୟ କରବ୍ୟବସ୍ଥାରେ ଅନେକ ପରିବର୍ତ୍ତନ ହୋଇଛି। ତଥାପି କରଦାତାଙ୍କର ଚିହ୍ନଟ ଓ କର ବ୍ୟବସ୍ଥାରେ ଥିବା ଗଳାବାଟ ବନ୍ଦ ପାଇଁ ସର୍ବାଧୁନିକ ଜ୍ଞାନକୌଶଳର ପ୍ରୟୋଗ କରାଯିବା ଉଚିତ। କରଆଦାୟର ଧାରା ସହଜ ଓ ସମସ୍ୟାରହିତ ହେବା ସହିତ କର ଅସୁଲର ଖର୍ଚ୍ଚଭାର କମ ହେବା ବାଞ୍ଛନୀୟ କାରଣ ଭାରତରେ କର ଅସୁଲ ପ୍ରକ୍ରିୟା ବେଶ କ୍ଲିଷ୍ଟ ଏବଂ ବ୍ୟୟସାପେକ୍ଷ। ନାଗରିକମାନେ ଯେତେବେଳେ ଅନୁଭବ କରିବେ ଯେ ସେମାନେ ଦେଉଥିବା କର ଗରିବକଲ୍ୟାଣ, ସାମାଜିକସୁରକ୍ଷା ଯୋଗାଣ ତଥା ଦେଶର ସାମୂହିକ ବିକାଶ ପାଇଁ ଖର୍ଚ୍ଚ ହେଉଛି, ସେମାନଙ୍କର ଦେଶପ୍ରେମ ଓ ଦେଶ ପାଇଁ ପ୍ରତିବଦ୍ଧତାର ଭାବନା ସ୍ୱତଃ ଜାଗ୍ରତ ହେବ। କରଅସୁଲ ବଢ଼ିବ ଏବଂ ଦେଶର ମୋଟ ଜାତୀୟ ଉତ୍ପାଦରେ ଶୁଳ୍କ ଅନୁପାତ ବୃଦ୍ଧି ପାଇବ। ପ୍ରତି ଭାରତୀୟର ଆଶାନୁରୂପ ଦେଶ ବିକାଶପଥରେ ଲମ୍ଫ ପ୍ରଦାନ କରି ବିଶ୍ୱର ଅନ୍ୟତମ ପ୍ରଗତିଶୀଳ ରାଷ୍ଟ୍ର ଭାବରେ ଠିଆ ହେବ।

**ଭୁବନେଶ୍ୱର, ମୋ:୮୨୪୫୭୦୫୪୨୧**

# ସଙ୍ଗଠକଙ୍କ ସ୍ୱାଭିମାନ ରକ୍ଷା



ମୌସୁମୀ ପରିଡ଼ା

ଘରଟିଏ ଗଢ଼ିବା ଯେତିକି କଷ୍ଟ, ତା'ଠାରୁ ଅଧିକ କଷ୍ଟ ଅନୁଷ୍ଠାନଟିଏ ଗଢ଼ିବା। ଲାଭକ୍ଷତିର ବିଚାର ନ କରି ୨୦୦୦ ମସିହା ପୂର୍ବରୁ ଯେଉଁମାନେ ନିଜ ପକେଟ୍‌ରୁ ଅର୍ଥ ବ୍ୟୟ କରି ଗ୍ରାମାଞ୍ଚଳମାନଙ୍କରେ ଶିକ୍ଷାନୁଷ୍ଠାନମାନ ଗଢ଼ିଥିଲେ, ଆଜି ସେମାନଙ୍କ ସ୍ଥିତି କ'ଣ, ଯେଉଁମାନେ ଅନେକ ପରିବାରର ଭରଣପୋଷଣର ମୁଖ୍ୟ ମାଧ୍ୟମ ହୋଇଥିଲେ, ସେମାନଙ୍କ ଅବସ୍ଥା ଓ ମନ ଅବସ୍ଥା କିପରି, ସମ୍ବେଦନଶୀଳ ମଣିଷ ଭାବେ ସମସ୍ତଙ୍କର ଚିନ୍ତା କରିବାର ବିଷୟ। ସମୟ ସାକ୍ଷୀ। ଅତୀତରେ ସମାଜର ଆବଶ୍ୟକତା ଦୃଷ୍ଟିରୁ ବିଭିନ୍ନ ଅନୁଷ୍ଠାନ ଗଢ଼ିଉଠିଛି। ଗ୍ରାମାଞ୍ଚଳମାନଙ୍କରେ ସ୍କୁଲ୍‌କୁ ଆସିବାକୁ ପିଲାମାନଙ୍କୁ ନଦୀ ପାର ହେବାକୁ ପଡୁଥିଲା। ବର୍ଷାଦିନେ ଆଣ୍ଠୁଏ ପାଣି କାଦୁଅରେ ଯା'ଆସ କରି ରୋଗରେ ପଡୁଥିବା ପିଲାଙ୍କ ପାଇଁ ସ୍କୁଲ୍ ଆସିବା ସମ୍ଭବପର ନ ଥିଲା। ମାଟ୍ରିକ୍ ପାଶ୍ କଲାପରେ କଲେଜ ଆଡ୍‌ମିଶନ୍ ହେବାରେ ନାନା ଅସୁବିଧା। ସରକାରୀ କଲେଜଗୁଡ଼ିକରେ ସିଟ୍‌ସଂଖ୍ୟା କମ୍ ଥିବାରୁ ଅଧିକାଂଶ ପିଲା ସିଟ୍ ନ ପାଇ ଘରେ ବସୁଥିଲେ କିମ୍ବା ପାଠପଢ଼ା ଛାଡୁଥିଲେ। ସେମାନଙ୍କ ମଧ୍ୟରୁ ଅନେକ କର୍ମସଂସ୍ଥାନ ପାଇଁ ଚାଷବାସରେ ମନ ଦେଉଥିଲେ କିମ୍ବା ଜମିବାଡ଼ି ନ ଥିବାରୁ ବାହାର ରାଜ୍ୟକୁ ଚାଲିଯାଉଥିଲେ। ସେତେବେଳେ କଲେଜପଢ଼ା ଏତେ ସହଜ ନ ଥିଲା। ନା ବାଟଘାଟର ସୁବିଧା ଥିଲା ନା ଅଭିଭାବକମାନଙ୍କ ଆର୍ଥିକ ସମ୍ବଳ।

ସେହି ଅଭାବନୀୟ ସମୟରେ କିଛି ସମାଜସେବୀ, ନିଃସ୍ୱାର୍ଥପର ପ୍ରତିଷ୍ଠିତ ବ୍ୟକ୍ତି ମିଳିତ ହୋଇ ଗ୍ରାମାଞ୍ଚଳମାନଙ୍କରେ ଶିକ୍ଷାନୁଷ୍ଠାନମାନ ଗଢ଼ିବାକୁ ଆଗଭର ହୋଇଥିଲେ। ଲକ୍ଷ୍ୟ ଥିଲା– ସମାଜର ଭବିଷ୍ୟତ ଏପରି ଅର୍ଦ୍ଧଶିକ୍ଷିତ ହୋଇ ନ ରୁହନ୍ତୁ। ପିଲାମାନେ ପଢ଼ନ୍ତୁ। ସମାଜର ଆବଶ୍ୟକତା ଅନୁଯାୟୀ ବେସରକାରୀ ଯୁକ୍ତ ଦୁଇ କଲେଜମାନ ଗଢ଼ିଉଠିଲା। ପରେ ପରେ ଯୁକ୍ତ ତିନି। ଆର୍ଥିକ ଅନଟନ ପାଇଁ ପାଠରେ ଡୋରି ବାନ୍ଧୁଥିବା ପିଲାମାନେ ଉପକୃତ ହେଲେ। ଉକ୍ତ ଅନୁଷ୍ଠାନର କର୍ମଚାରୀମାନେ ଆର୍ଥିକ ଓ ସାମାଜିକ ଦୃଷ୍ଟିକୋଣରୁ ପରିଚୟ ପାଇଲେ, ସେକଥା କେହି ଅସ୍ୱୀକାର କରିପାରିବେ ନାହିଁ।

କିଛି ବର୍ଷ ପରେ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନ ମିଳିଲା। ବହୁସଂଖ୍ୟକ କର୍ମଚାରୀ ଉପକୃତ ହେଲେ। କାଳକ୍ରମେ ଉଭୟ କର୍ମଚାରୀ ଓ ପ୍ରଶାସକଙ୍କ ଦ୍ୱାରା ପ୍ରତିଷ୍ଠାତା ବା ସଙ୍ଗଠକମାନେ ଉପେକ୍ଷିତ ହେଲେ। ସେମାନଙ୍କଠାରୁ ସମ୍ପୂର୍ଣ୍ଣ ଭାବେ କ୍ଷମତା କାଢ଼ି ନିଆଯିବାରୁ ଅନୁଷ୍ଠାନଗୁଡ଼ିକରେ ନାନା ପ୍ରକାରର ବିଶୃଙ୍ଖଳା ଦେଖାଦେଲା। କେହି କାହାରିକୁ ସମ୍ମାନ କରିବା ତ ଦୂରର କଥା, ପରସ୍ପରକୁ ଅପମାନିତ କରିବାରେ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା। ଜନ୍ମଦାତା/ଦାତ୍ରୀ (ସଙ୍ଗଠକ) ଜାଣନ୍ତି ପିଲାଙ୍କ ଦୁର୍ବଳତା, ସରକାର ଜାଣନ୍ତି ଶିକ୍ଷାଗତ ଯୋଗ୍ୟତା ଆଧାରରେ ପରିଚୟ। ସଙ୍ଗଠକମାନଙ୍କ ପାରଦର୍ଶିତା ଓ ଦୂରଦର୍ଶିତାକୁ ଅସ୍ୱୀକାର କରି ସେମାନଙ୍କୁ ସମ୍ପୂର୍ଣ୍ଣ ବାଦ୍‌ଦେବାରୁ ଅନୁଷ୍ଠାନଗୁଡ଼ିକରେ ନାନା ଦୁଃସ୍ଥିତିମାନ ପରିଲକ୍ଷିତ ହେଲା। ଅନୁଷ୍ଠାନକୁ ପୁଣିଥରେ ସମ୍ଭାଳିବାକୁ ଯାଇ ନା ଆଦର ମିଳିଲା ନା କର୍ମଚାରୀମାନଙ୍କଠାରୁ ପୂର୍ବ ସମ୍ମାନ।

କଥାଟିକୁ ନିରେଖି ଦେଖିଲେ ଅପ୍ରକାଶ୍ୟ ଦିଗଟି ଆହୁରି ସ୍ପଷ୍ଟତର ହେବ। ମାତାପିତା ଜନ୍ମ ଦିଅନ୍ତି, ଶିକ୍ଷିତ କରାନ୍ତି। ଅନୁଷ୍ଠାନ ପରିଚୟ ଦିଏ, ଆର୍ଥିକସ୍ତରରେ ଭବିଷ୍ୟତକୁ ସୁରକ୍ଷିତ କରାଏ। ସେହି ଅନୁଷ୍ଠାନକୁ ଗଢ଼ିଥିବା ସଙ୍ଗଠକମାନେ ଓ ମାତାପିତା ଉଭୟ ଯେଉଁ ତ୍ୟାଗ କରିଥାନ୍ତି, ସେମାନଙ୍କ ଭିତରୁ ପ୍ରଥମ ବର୍ଗର ଲୋକମାନଙ୍କୁ ଭୁଲିଯିବାଟା ଚରମ ସ୍ୱାର୍ଥପରତା! ସେମାନେ ଅନେକ ପ୍ରତିରୋଧ, ବାଧାବିଘ୍ନ ସହି ଆବଶ୍ୟକ ସ୍ଥଳେ କୋର୍ଟ କଚେରିରେ ଲଢ଼ି ଯେଉଁ ଅନୁଷ୍ଠାନକୁ ଛିଡା କରାଇଛନ୍ତି, ସେମାନଙ୍କୁ ଭୁଲିଯିବା ଶିକ୍ଷାନୁଷ୍ଠାନର ସୁଶିକ୍ଷିତ ଶ୍ରେଣୀର ସୁଜନତା କି, ଏକ ପ୍ରଶ୍ନବାଚୀ।

ମାତାପିତାଙ୍କ ସାମ୍ନାରେ ପିଲାମାନଙ୍କର ଅହଙ୍କାର ଯେପରି ଅଶୋଭନୀୟ ସେହିପରି ଅନୁଷ୍ଠାନର କର୍ମଜୀବୀମାନେ (ଯେଉଁମାନଙ୍କୁ କେବଳ ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ ନିଯୁକ୍ତି ନୁହେଁ, ଅନ୍ୟ କାରଣମାନ ବି ଉହ୍ୟ ରହିଥାଏ) ପ୍ରତିଷ୍ଠାତାମାନଙ୍କ ଆଗରେ ବୃଥା ଅହମିକା ଓ ଅସମ୍ମାନ ପ୍ରଦର୍ଶନ କରିବା ମଧ୍ୟ ହାସ୍ୟାସ୍ପଦ, ଅଯୌକ୍ତିକ। କ୍ଷମତା ହାସଲ କରିବା ପରେ ଲୋକମାନେ ପୂର୍ବକଥା ବିସ୍ମରିଯାଆନ୍ତି। କଥାରେ ଅଛି– ସବୁ ଗଛ ରୋପିବ ପଛେ ମଣିଷ ଗଛ ରୋପିବ ନାହିଁ। କାରଣ ଲୋକେ ନିଜ ଦୁଃସମୟକୁ ନିମିଷକେ ଭୁଲିଯାଇ କୁତ୍ସାରଟନା କରିବା ନିହାତି ମାମୁଲିକଥା।

ସେତେବେଳେ ପ୍ରତିଷ୍ଠାତାମାନେ ଅର୍ଥ ରୋଜଗାରର ମାଧ୍ୟମ ପାଇଁ ଶିକ୍ଷାନୁଷ୍ଠାନମାନ ଗଢ଼ି ନ ଥିଲେ, ଗଢ଼ିଥିଲେ ସାମାଜିକ ସ୍ୱାର୍ଥ ଓ ଶିକ୍ଷାର ବିକାଶ ପାଇଁ। କିନ୍ତୁ କ'ଣ ପାଇଲେ ସେକଥା ପରଖିବାର ଦାୟିତ୍ୱ ସମାଜ ସହିତ ପ୍ରଶାସନର। ଗୋଟେ ସମୟରେ ସମାଜର ମଙ୍ଗ ଧରିଥିବା ଓ କଲେଜପଢ଼ାକୁ ସହଜତର କରିଥିବା ନିଃସ୍ୱାର୍ଥପର ସଙ୍ଗଠକମାନଙ୍କୁ ଅବହେଳା କରାଯିବା ମନ୍ଦିରର ଦିଅଁଙ୍କୁ ଅସମ୍ମାନ କଲାପରି ମନେହୁଏ। ସମାଜର ମୁଖ୍ୟସ୍ରୋତରେ ଥିବା ଆମ ଧରୋହରମାନଙ୍କୁ ଅବହେଳା କଲେ ସମୟ କ୍ଷମା ଦେବ ନାହିଁ।

ସମାଜସେବା ନାଁରେ ନିଜ ପରିବାରର ଅଧିକାରରୁ ଅର୍ଥ ଓ ସମୟ ଖେଞ୍ଚି ସେମାନେ ଯେଉଁ ଅନୁଷ୍ଠାନ ଗଢ଼ିଥିଲେ, ସେଥିରେ ଅନୁଷ୍ଠାନ ଓ ସେଠାରେ କାମ କରୁଥିବା କର୍ମଚାରୀମାନଙ୍କ ସହିତ ଆବେଗାଗତ ସମ୍ପର୍କଟେ ଥିଲା ଯାହା ଏବେ ସଂପୂର୍ଣ୍ଣ ଶୂନ୍ୟ। ବିଭିନ୍ନ ମାନସିକତାର ଲୋକମାନଙ୍କୁ ଏକାଠି କରି, ସାମାଜିକ କର୍ତ୍ତବ୍ୟ ସହିତ ପ୍ରତିବଦ୍ଧ ହୋଇ ଆନୁଷଙ୍ଗିକ ଉପକରଣ ଯୋଗାଡ଼ କରିବା ଓ ଅଭାବ ଅସୁବିଧା ସହିତ ବୁଝାମଣା କରିବା ଯେ କେତେ କଷ୍ଟକର ତାହା ସେହି ପ୍ରତିଷ୍ଠାତାମାନେ ହିଁ ଜାଣନ୍ତି। ସେଥିପାଇଁ କେତେ ତ୍ୟାଗ କରିବାକୁ ହୁଏ, କେତେ ପ୍ରତିଦ୍ୱନ୍ଦ୍ୱିତା ଜିତିବାକୁ ହୁଏ, ପ୍ରତିକୂଳତାର ଶିକାର ହେବାକୁ ପଡ଼େ, ସେ ଦୁଃଖ ଅନୁଷ୍ଠାନର ବେତନଭୋଗୀ କର୍ମଚାରୀମାନେ ବୁଝିପାରନ୍ତି ନାହିଁ। ସମାଜ ପାଇଁ ସେମାନଙ୍କ ବଳିଦାନ ବ୍ୟର୍ଥ ଯାଇନାହିଁ, କିନ୍ତୁ ସେମାନଙ୍କୁ ମାନସିକ ସ୍ତରରେ ପଙ୍ଗୁ କରି ଉପେକ୍ଷିତ କରିଦିଆଯାଇଛି। ଏଭଳି ସ୍ଥଳେ ସେମାନଙ୍କ ମନୋବଳକୁ ଦୃଢ଼ କରିବାକୁ ପ୍ରଶାସନ ତତ୍ପର ହେବା ଉଚିତ୍।

**ମୋ: ୯୪୩୭୩୧୭୦୨୬**

## ଏଇ ଭାରତରେ

'ଜୀବେ ଦୟା' ଭାବରେ ବୟସ ବାଧକ ସାଜେନାହିଁ। ଏହା ପ୍ରମାଣ କରିଛନ୍ତି ଉତ୍ତରପ୍ରଦେଶ ଗାଜିଆବାଦର କନକ ସକ୍ସେନା। ଏବେ ସେ ୯୦ ବର୍ଷ ବୟସରେ ବି ସକ୍ରିୟ ଭାବେ ବୁଲା କୁକୁରଙ୍କ ସେବାରେ ସମୟ ଦେଉଛନ୍ତି। ଏଥିରେ ତାଙ୍କୁ ସହଯୋଗ କରୁଛନ୍ତି ନାତୁଣୀ ସାନା। କନକ ଏହି ୨୦୨୦ରେ ଆରମ୍ଭ କରିଥିଲେ। ଲକ୍‌ଡାଉନ୍ ସମୟରେ ଗୋଟିଏ ବୁଲା କୁକୁରର ମୃତ୍ୟୁ ଦେଖି ସାନା ଦୁଃଖିତ ହେବାପରେ ତାଙ୍କ ଦାଦି ମା' କନକ ପ୍ରାଣୀଙ୍କ ସେବା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ଏହି ସେବାରେ ପୂରା ସକ୍ସେନା ପରିବାର ଲାଗିପଡିଛନ୍ତି। ପ୍ରଥମେ ଗାଜିଆବାଦ ବୈଶାଳୀର ଏକ ରାସ୍ତାରେ ବୁଲୁଥିବା ୧୦-୨୦ କୁକୁରଙ୍କୁ ଖାଇବାକୁ ଦେବା ଆରମ୍ଭ କରିଥିଲେ। ଏବେ ଏହି ସଂଖ୍ୟା ୧୨୦ରେ ପହଞ୍ଚି ସାରିଲାଣି। କେବଳ ଏତିକି ନୁହଁ ଆହତ କୁକୁରଙ୍କୁ ଉଦ୍ଧାର କରି ସେମାନଙ୍କ ଚିକିତ୍ସା କରିବା ସହ ସେମାନଙ୍କୁ ଆଶ୍ରୟସ୍ଥଳୀରେ ରଖୁଛନ୍ତି। ଦାଦି ଭୋର୍ ୪.୩୦ରୁ ଉଠି କୁକୁରଙ୍କ ପାଇଁ ରୋଷେଇ କରନ୍ତି। ୧୦ କେଜି ଚାଉଳର ଭାତ ରାନ୍ଧନ୍ତି। ଏହା ସହ ଚିକେନ ମଧ୍ୟ କରୁଛନ୍ତି। ପ୍ରତିଟି କୁକୁର ପାଇଁ ମାସକୁ ୩୫୦ ଟଙ୍କା ଖର୍ଚ୍ଚ ହିସାବରେ ୧୨୦ଟି କୁକୁରଙ୍କ ପାଇଁ ୪୨,୦୦୦ ଟଙ୍କା ଦରକାର ହେଉଛି। ଏ ସମସ୍ତ ଖର୍ଚ୍ଚ ସକ୍ସେନା ପରିବାର ବହନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ସେପ୍ଟେମ୍ବର ୧୯୯୮

- ଶ୍ରୀଲଙ୍କାର ଉତ୍ତରାଞ୍ଚଳରେ ଏଲ୍‌ଟିଟିଇ ବଙ୍କର ଧ୍ୱଂସ କରିବା ପାଇଁ ସେନା ପକ୍ଷରୁ ହୋଇଥିବା ଉଦ୍ୟମ ସମୟରେ ଉଭୟଙ୍କ ମଧ୍ୟରେ ସଂଘର୍ଷ ଘଟି ୨୫ ଏଲ୍‌ଟିଟିଇ ବିଦ୍ରୋହୀ ନିହତ।
- ସୁଇସ୍ ଏୟାର ଲାଇନ୍ସର ଏକ ବିମାନ ଆଟ୍‌ଲାଣ୍ଟିକ୍ ମହାସାଗରରେ ଖସିପଡ଼ିବା ଫଳରେ ଏଥିରେ ଥିବା ସମସ୍ତ ଯାତ୍ରୀ ଓ ୧୪ ବିମାନ କର୍ମଚାରୀଙ୍କ ମୃତ୍ୟୁ।
- ଚଳଚ୍ଚିତ୍ର ଓ ମଞ୍ଚ ଜଗତର ଜଣାଶୁଣା ଅଭିନେତା ଅନୁପ କୁମାରଙ୍କ ୭୮ ବର୍ଷ ବୟସରେ ପରଲୋକ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | | 4 | 1 | | | | |
| | | | 6 | | 8 | | 1 | |
| 7 | | | | | | | 9 | |
| 4 | | 5 | | | | | | |
| | | | 7 | | | | | 2 |
| | | | 8 | 9 | | | | 4 |
| 2 | | 4 | | | | | | 8 |
| | | | | | | | 6 | 3 |
| | 7 | | | | 3 | 5 | | 9 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 3 | 5 | 4 | 1 | 7 | 2 |
| 7 | 3 | 5 | 2 | 6 | 1 | 4 | 9 | 8 |
| 2 | 1 | 4 | 7 | 9 | 8 | 3 | 5 | 6 |
| 3 | 2 | 7 | 6 | 1 | 9 | 8 | 4 | 5 |
| 4 | 5 | 9 | 8 | 7 | 2 | 6 | 3 | 1 |
| 1 | 8 | 6 | 5 | 4 | 3 | 7 | 2 | 9 |
| 5 | 4 | 2 | 1 | 8 | 7 | 9 | 6 | 3 |
| 6 | 9 | 1 | 4 | 3 | 5 | 2 | 8 | 7 |
| 8 | 7 | 3 | 9 | 2 | 6 | 5 | 1 | 4 |

ଗତକାଲିର ଉତ୍ତର

# ଧର୍ମ ଆଚରଣ ନାମ ସ୍ୱାର୍ଥ ସିଦ୍ଧି



ହରିଶଙ୍କର ମିଶ୍ର

ଶ୍ରୀଜଗନ୍ନାଥ କେବଳ ଓଡ଼ିଶା ବା ଓଡ଼ିଆ ଜାତିର ଅସ୍ମିତା ନୁହନ୍ତି ବରଂ କୋଟି କୋଟି ହିନ୍ଦୁଙ୍କ ଧାର୍ମିକ ବିଶ୍ୱାସର ଆରାଧ୍ୟ ଦେବତା। ସ୍ଥୂଳ ଚକ୍ଷୁରେ ସେ ହସ୍ତ, ପଦ, କର୍ଣ୍ଣ, ନାସା ହୀନ ଅପଲକ ଗୋଲାକାର ଚକ୍ଷୁ ଚିତ୍ରିତ ଦାରୁବିଗ୍ରହ। କିନ୍ତୁ ସମର୍ପିତ ଏବଂ ତଲ୍ଲୀନ ଭକ୍ତି ଭାବର ଉପଲବ୍ଧିରେ ତାଙ୍କ ସ୍ୱରୂପ ଅନିର୍ବଚନୀୟ। ଯାହା ଭକ୍ତ ବା ସାଧକଙ୍କୁ ଆନନ୍ଦରୁ ବ୍ରହ୍ମାନନ୍ଦ ପ୍ରାପ୍ତି କରାଏ ବୋଲି ଶାସ୍ତ୍ରୋକ୍ତ ମତ ରହିଛି। ଆମେ ବାୟୁ ଚଳାଚଳର ତୀବ୍ରତା, ମଧୁରତା ଏବଂ ବିବିଧ ଗନ୍ଧ କେବଳ ଅନୁଭବ କରିପାରୁ। କିନ୍ତୁ ତା'ର ସ୍ୱରୂପ ଦେଖିବା ବା ବର୍ଣ୍ଣନା କରିବା ଯେପରି ଅସମ୍ଭବ ସେପରି ଐଶ୍ୱରୀୟ ସତ୍ତା ଅନୁଭବର ବର୍ଣ୍ଣନା ବି ଅସମ୍ଭବ। ଧର୍ମ ଭାବନା ଓ ଐଶ୍ୱରୀୟ ଶକ୍ତିର ଅନୁଭବ ସର୍ବଦା ନିଜସ୍ୱ। ଭକ୍ତି ଓ ସାଧନା ମାର୍ଗରେ ଆଦି ଶଙ୍କରାଚାର୍ଯ୍ୟଙ୍କ ସହ ଅନେକ ସିଦ୍ଧ ସାଧକ ନିଶ୍ଚିତ ଶ୍ରୀଜୀଉମାନଙ୍କ ଦର୍ଶନରେ ବିମୋହିତ ହୋଇ ଶ୍ରୀକ୍ଷେତ୍ରକୁ ନିଜର ସାଧନା ସ୍ଥଳୀ କରିଥିଲେ। ଶ୍ରୀମଦ୍ ଭଗବଦ୍ ଗୀତାରେ ଶ୍ରୀକୃଷ୍ଣ ଅଧମ, ମଧ୍ୟମ ଓ ଉତ୍ତମ ଭକ୍ତିର ସୂଚନା ଦେଇଛନ୍ତି। ଦାଢ଼୍ୟ ଭକ୍ତି ମାଧ୍ୟମରେ ଶ୍ରୀଜୀଉମାନଙ୍କ ବିଭୂତି ବର୍ଣ୍ଣନା ରହିଥିଲେ ବି ସେଥିରେ ସୂଚିତ ଚରିତ୍ରମାନେ ନିଜସ୍ୱ ଅନୁଭବ କେଉଁଠି ପ୍ରକାଶ କରିନାହାନ୍ତି। ସେମାନେ ସର୍ବାନ୍ତରୀକରଣରେ ଭାବପୂର୍ଣ୍ଣ ଓ ନିଷ୍କାମ ମନ ଏବଂ ଉତ୍ସର୍ଗୀକୃତ ଚିତ୍ତରେ ଭକ୍ତି ଭାବ ଯୋଗୁ ଐଶ୍ୱରୀୟ ସତ୍ତା ଉପଲବ୍ଧି କରିଥିଲେ। ଯାହାକି ଦାଢ଼୍ୟତା ଭକ୍ତିର ନିର୍ଯ୍ୟାସ। ବର୍ଗୀକରଣରେ ସେମାନେ ନିଶ୍ଚିତ ଉତ୍ତମ ଧର୍ମାଚାରୀ ଥିଲେ। କିନ୍ତୁ ବସ୍ତୁବାଦୀ ସମାଜରେ ଧର୍ମର ଦ୍ୱାହି ଦେଇ ନିଜର ବ୍ୟକ୍ତିଗତ ସମସ୍ୟାର କାକତାଳିକ ସମାଧାନ ବା କଳ୍ପିତ ଇଚ୍ଛା ପୂରଣକୁ ଯେଉଁମାନେ ଶ୍ରୀଜୀଉମାନଙ୍କ ପ୍ରତି ସେମାନଙ୍କର ସମର୍ପଣ ଭାବର ଫଳ ବୋଲି ସାର୍ବଜନୀନ କରୁଛନ୍ତି ତାହା ନିଶ୍ଚିତ ଅଧମ ଭକ୍ତି ପଦବାଚ୍ୟ। ଏହା ପ୍ରକାରାନ୍ତରେ ଅହଂକାର ଏବଂ ଦେବୋପରାଧକୁ ହିଁ ସାବ୍ୟସ୍ତ କରିଥାଏ।

କେତେଜଣ ବ୍ୟକ୍ତି ନିଜେ ବା ଗୋଷ୍ଠୀଗତ ଭାବେ ଆତ୍ମପ୍ରତିଷ୍ଠା ଏବଂ ବ୍ୟବସାୟିକ ମନୋଭାବରେ ଆମର ଶ୍ରୀଜୀଉମାନଙ୍କ ପ୍ରତି ଥିବା ବିଶ୍ୱାସକୁ ପାଥେୟ ଏବଂ ଉପଯୋଗ କରିଚାଲିଛନ୍ତି। ଯାହାର ଦୃଷ୍ଟାନ୍ତ କ୍ରମଶଃ ବଢ଼ିଚାଲିଛି। ଏହା ସର୍ବଜନ ବିଦିତ ଯେ ଶ୍ରୀଜୀଉମାନଙ୍କର ପ୍ରତ୍ୟେକ ଯାତ୍ରା ଓ ବେଶ ପାଇଁ ନିର୍ଦ୍ଦିଷ୍ଟ ଦିନ ନିର୍ଦ୍ଧାରିତ ହୋଇଥାଏ। ସେଥିପାଇଁ ଇସ୍କନ ପ୍ରଯୋଜିତ ଶ୍ରୀଜୀଉମାନଙ୍କ ଅଦିନିଆ ରଥଯାତ୍ରାକୁ ତୀବ୍ର ବିରୋଧ କରିବା ସ୍ୱାଗତ ଯୋଗ୍ୟ। କିନ୍ତୁ ସେଇ ବିରୋଧର କେତେଜଣ ମୁଖ୍ୟ ପ୍ରବକ୍ତା ଓ ବ୍ୟକ୍ତିବିଶେଷ ରାଜ୍ୟର ବିଭିନ୍ନ ସ୍ଥାନରେ ଶ୍ରୀଜୀଉମାନଙ୍କର ଅଦିନରେ ବିବିଧ ବେଶର ପ୍ରଦର୍ଶନୀ କରାନ୍ତି। କୁଡୁଆରେ ଅନ୍ନ ବ୍ୟଞ୍ଜନ ପ୍ରସ୍ତୁତ ସହ ଛପନ ଭୋଗର ପସରା ମେଲାଇ ଅର୍ଥାଗମ ବାଟ ସୁଗମ କରିଥାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହେଉଛି, ଯେଉଁ ପ୍ରବକ୍ତାମାନେ ବ୍ରହ୍ମା ଅଚ୍ୟୁତ ଶଙ୍କରଙ୍କୁ ଶ୍ରୀଜୀଉମାନଙ୍କ ଆଦି ଅନ୍ତ ଅଗୋଚର ବୋଲି ଭାବପୂର୍ଣ୍ଣ ଭାଷଣ ଦିଅନ୍ତି ସେମାନେ ଶ୍ରୀଜଗନ୍ନାଥ ତତ୍ତ୍ୱର ଗବେଷକ ସଂଗୋଷ୍ଠୀ



ଗଠନ କରନ୍ତି। ଯେଉଁମାନେ ଶ୍ରୀଜଗନ୍ନାଥଙ୍କର ସମସ୍ତ ଲୀଳା ଦିବ୍ୟାଦିବ୍ୟ ଏବଂ ଅଲୌକିକ ବୋଲି କହିଥାନ୍ତି ସେମାନେ ଲୌକିକ ମତରେ ଶ୍ରୀଜୀଉମାନଙ୍କ ଆତ୍ମୀୟ ବୋଲି ନିଜକୁ ପରିଚିତ କରାନ୍ତି। ପରିତାପର କଥା ହେଉଛି, ରଥ ଉପରେ ସୁନାବେଶ ପରଦିନ ଅଧରପଣା ଶ୍ରୀଜୀଉମାନଙ୍କୁ ଅର୍ପଣ ପରେ ପଣାହାଣ୍ଡି ଭାଙ୍ଗି ଦିଆଯାଏ। ଅର୍ପିତ ପଣା ଭୂତ, ପ୍ରେତ, ପିଶାଚଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ଡାକବାଜି ଯନ୍ତ୍ର ଓ ଦୂରଦର୍ଶନ ଦ୍ୱାରା ପ୍ରଚାରିତ ହେଉଥିବା ବେଳେ କେତେଜଣ ସେବକ ହାଣ୍ଡି ଭଙ୍ଗା ବା ଭୂମିପାତ ପୂର୍ବରୁ ସେହି ପଣାକୁ ସଂଗ୍ରହ କରି ବ୍ୟବସାୟିକ ଉପଯୋଗ କରିଥାନ୍ତି।

ଏହା ସତ୍ୟ ଯେ ଧର୍ମ ଓ ସଂସ୍କୃତି ମଧ୍ୟରେ ଅନେକ ଫରକ ରହିଛି। ଶ୍ରୀକ୍ଷେତ୍ରକୁ ଆସିଥିବା ସିଦ୍ଧ ସାଧକମାନେ ଏହି ପବିତ୍ର ଧାମକୁ ଧାର୍ମିକ କ୍ଷେତ୍ର ଭାବେ ବିବେଚନା କରୁଥିଲେ। ପରେ ଶ୍ରୀମନ୍ଦିରର ସୁରକ୍ଷା ଓ ଶ୍ରୀଜୀଉମାନଙ୍କ ସେବା ପାଇଁ ବ୍ୟବସ୍ଥାରେ ଅନେକ ମଠ ଓ ଆଖଡ଼ା ସୃଷ୍ଟି ହୋଇଥିଲା। ବିବିଧ ସମ୍ପ୍ରଦାୟ ଦ୍ୱାରା ପ୍ରତିଷ୍ଠିତ ସେଇ ମଠ ଆଖଡ଼ାର ନିଜସ୍ୱ ଚିନ୍ତନ ଓ ପରିଚାଳନା ବ୍ୟବସ୍ଥାବଳୀରେ ସ୍ୱତନ୍ତ୍ରତା ମଧ୍ୟ ଥିଲା। ଯାହାକି ପୁରୀ ସଂସ୍କୃତିର ମୁଖ୍ୟ ଅଂଶ ହୋଇଥିଲା। ଐତିହ୍ୟ ସୁରକ୍ଷା ନାମରେ ଅନେକ କିମ୍ବଦନ୍ତୀଯୁକ୍ତ ଏବଂ ସ୍ୱତନ୍ତ୍ର ଗଠନ ଶୈଳୀରେ ନିର୍ମିତ ସେଇ ମଠଗୁଡ଼ିକରୁ ଅନେକଙ୍କୁ ମାଟିରେ ମିଶାଇ ଦିଆଗଲା। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ସେଇ କାର୍ଯ୍ୟର ସମର୍ଥକ ଏବଂ ନୀରବ ଦର୍ଶକ ହୋଇଥିବା କିଛି ବ୍ୟକ୍ତି ବିଶେଷ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କ ସଂସ୍କୃତି ପ୍ରଚାର ପ୍ରସାର ନାମରେ ବିଭିନ୍ନ ଭାଷାରେ ପୁସ୍ତକ ରଚନା ପାଇଁ ଖସଡ଼ା ପ୍ରସ୍ତୁତ କରୁଛନ୍ତି। ଏହି ପ୍ରୟାସ ଏପରି ସୁଚିନ୍ତିତ ଭାବେ କରାଯାଉଛି ଯେ ଏହା ଫଳରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଭକ୍ତଙ୍କ ଦାନ ଅର୍ଥ ବ୍ୟୟରେ କିଛି ବ୍ୟକ୍ତିଙ୍କ ଆତ୍ମପ୍ରଚାର ମାର୍ଗ ସୁଗମ ହୋଇପାରିବ। ଏହା ସତ୍ୟ ଯେ ଶ୍ରୀକ୍ଷେତ୍ରକୁ ଆସିଥିବା କୌଣସି ସାଧକ ଶ୍ରୀଜୀଉ ବା ତତ୍ ସମ୍ପର୍କିତ କୌଣସି ପ୍ରଚାର ପ୍ରସାର ସପକ୍ଷରେ ନ ଥିଲେ।

ବ୍ୟାସଦେବଙ୍କ ରଚିତ ସ୍କନ୍ଦ ପୁରାଣ ବହୁ ପ୍ରାଚୀନ। ସେଥିରେ ଥିବା ଉତ୍କଳ ଖଣ୍ଡରେ ଶ୍ରୀଜଗନ୍ନାଥଙ୍କ ସମ୍ପର୍କରେ ଅନେକ ତଥ୍ୟ ରହିଛି। କିନ୍ତୁ ସେହି ପୁରାଣରେ କୌଣସି ସୂଚନା ନ ଥିଲେ ମଧ୍ୟ ତାହାକୁ ପାଞ୍ଚ ଭାଗ କରାଯାଇ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ନାମରେ ନାମିତ କରାଯାଇଛି। ଏବଂ ଏହାର ପାଳନ ପାଇଁ ବିଧି ନିର୍ଘଣ୍ଟ ବି କରାଯାଇଛି। ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରର ସୃଷ୍ଟି ବହୁ ପ୍ରାଚୀନ ହୋଇଥିବା ବେଳେ ଏହି ପଞ୍ଚରାତ୍ରର ସୃଷ୍ଟି ମାତ୍ର ୧୫ ବର୍ଷ ପୂର୍ବରୁ ହୋଇଛି। ଏଠାରେ ସ୍ୱତଃ ପ୍ରଶ୍ନ ଆସେ ଯେ ବହୁ ଶତାବ୍ଦୀରୁ ଥିବା ମନ୍ଦିର ବା ଆରାଧ୍ୟ ଦେବତାଙ୍କ ସମ୍ପର୍କରେ କୌଣସି ପ୍ରଚାର କରି ନ ଥିବା ଗୁଣୀ ଜ୍ଞାନୀମାନଙ୍କୁ ଏହି ପଞ୍ଚରାତ୍ର ବିଧି କ'ଣ ଏହା ଅଜ୍ଞାତ ଥିଲା? କିନ୍ତୁ ଶ୍ରୀଜଗନ୍ନାଥଙ୍କୁ ପଣ୍ୟ କରି ଯେଉଁମାନେ ଆତ୍ମପ୍ରତିଷ୍ଠା ଏବଂ ଅର୍ଥ ଲାଭ ପାଇଁ ଏଭଳି କାର୍ଯ୍ୟରେ ନିଜକୁ ସମ୍ପୃକ୍ତ କରାଉଛନ୍ତି ସେମାନେ ପ୍ରକାରାନ୍ତରରେ ନିଜକୁ ଅଧମ ସାବ୍ୟସ୍ତ କରୁଛନ୍ତି।

କିଛିବ୍ୟକ୍ତି କାଳ୍ପନିକ ଭକ୍ତ ଚରିତ୍ର ସୃଷ୍ଟି କରି ଏବଂ କିଛି ଦିବଂଗତଙ୍କ ନାମ ନେଇ ଶ୍ରୀଜଗନ୍ନାଥଙ୍କ କରୁଣା ପ୍ରାପ୍ତ ଭକ୍ତଙ୍କ ଅନୁଭୂତି ନାମରେ କପୋଳକଳ୍ପିତ ଗଳ୍ପର ଅବତାରଣା କରି ସାମାଜିକ ପ୍ରତିଷ୍ଠା ଓ ଆୟ ବୃଦ୍ଧି ନିମିତ୍ତ ପୁସ୍ତକ ପ୍ରସ୍ତୁତି କରୁଛନ୍ତି। ଏହି ଘଟଣା ଯୋଗୁ ଧର୍ମାଚରଣରେ ପ୍ରବଞ୍ଚନା ସାବ୍ୟସ୍ତ ହେଉଥିବାରୁ ଏ ସମସ୍ତ କାର୍ଯ୍ୟରେ ଅଙ୍କୁଶ ଲାଗିବା ଜରୁରୀ ନୁହେଁ କି?

**ଗୁଣ୍ଡିଚା ବିହାର ପୁରୀ**
**ମୋ: ୭୯୭୮୭୮୫୪୭୮**

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନରେ ମାଣ୍ଡିଆ ମିଳୁ

ମହାଶୟ,

ରାଜ୍ୟରେ ସବୁ ରାଶନକାର୍ଡଧାରୀଙ୍କୁ ଗହମ ଓ ଚାଉଳ ପରିବର୍ତ୍ତେ କିଛି ମାସରେ ମାଣ୍ଡିଆ ଦିଆଯାଉ। ମାଣ୍ଡିଆ, ଯଅ, ବାଜରା, କାଙ୍ଗୁ, ସୁଆଁ ଇତ୍ୟାଦିରେ ପ୍ରୋଟିନ ଓ ଆଇରନ୍ ଅଧିକ ରହିଛି। ମାଣ୍ଡିଆ ଶିଶୁ ଏବଂ ଗର୍ଭବତୀଙ୍କ ପାଇଁ ବହୁ ଦରକାରୀ। ସେହିପରି ଏଥିରୁ ପ୍ରସ୍ତୁତ ମିକ୍ସଚର, ଲଡୁ, ବିସ୍କୁଟ୍ ଓ ମୁଡ଼କି ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରରେ ଦିଆଯାଉ। ଅଣ୍ଡା ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟ ସହିତ ଏହା ପିଲାମାନଙ୍କ ସ୍ୱାସ୍ଥ୍ୟ ବର୍ଦ୍ଧନରେ ବେଶ୍ ସହାୟକ ହୋଇପାରିବ। ପ୍ରତି ମାସରେ ନ ହେଲେ ମଧ୍ୟରେ କିଛି କିଛି ମାସ ଅନ୍ତରାଳରେ ମାଣ୍ଡିଆ ଯୋଗାଇଦେଲେ ଏହା ଏକ ଯୁଗାନ୍ତକାରୀ ପଦକ୍ଷେପ ହୁଅନ୍ତା। ସରକାର ଏଥିପ୍ରତି ଅଧିକ ପଦକ୍ଷେପ ନେବା ଆବଶ୍ୟକ।

**–ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

### ଚିରନ୍ତନୀ

କ୍ଷୁଦ୍ରତାର ଶୂନ୍ୟତାର
ବାଧା କାଟି ପୁଣି ସମୟର
ଲେଖିଦ୍ୟବି କାଳବକ୍ଷେ
ମୋର ଏକ ଜୀବନ୍ତ ସ୍ୱାକ୍ଷର। -(ଶୂନ୍ୟ ଚିନ୍ତା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଜଳସମ୍ପଦ-ଏନ୍‌ଆଇଓଟି ଏମ୍‌ଓୟୁକୁ ବର୍ଷେ

# କାର୍ଯ୍ୟକାରୀ ହୋଇନାହିଁ

କେନ୍ଦ୍ରାପଡ଼ା, ୩।୯(ଜଗନ୍ନାଥ ଧଳ)



ମହାକାଳପଡ଼ା ବ୍ଲକ ନିପାଣିଆର ଚାଷ ଜମିରେ ଲୁଣା ପାଣି।

■ ସିଏଜି ରିପୋର୍ଟରେ ତଟାଞ୍ଚଳ ଅସୁରକ୍ଷିତ

■ ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ଜିଲା ପ୍ରଶାସନ ସଚେତନ ନାହିଁ

■ ଖର୍ଚ୍ଚ ହେଉଛି ଅନୁଦାନ, ମିଳୁନି ସୁଫଳ

ଓଡ଼ିଶାରେ ସମୁଦ୍ରତଟ ସୁରକ୍ଷା ଓ ଲୁଣାବନ୍ଧ ସୁଦୃଢ଼ୀକରଣ ପାଇଁ ରାଜ୍ୟ ଜଳସମ୍ପଦ ବିଭାଗ ଓ ରାଷ୍ଟ୍ରୀୟ ସମୁଦ୍ର ପ୍ରାଦ୍ୟୋଗିକ ସଂସ୍ଥାନ (ଏନ୍‌ଆଇଓଟି) ମଧ୍ୟରେ ୨୦୨୨ ଅଗଷ୍ଟ ୧୦ରେ ଏକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଥିଲା। ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁଙ୍କ ଉପସ୍ଥିତିରେ ସର୍ବୋଚ୍ଚ ଯନ୍ତ୍ରୀ ଇଂ. ବିଜୟ କୁମାର ମିଶ୍ର ଓ ଏନ୍‌ଆଇଓଟି ନିର୍ଦ୍ଦେଶକ ଡ. ଜି.ଏ. ରାମଦାସ ଏହି ଏମ୍‌ଓୟୁରେ ସ୍ୱାକ୍ଷର କରିଛନ୍ତି। ଆସନ୍ତା ୨୦୨୬ ସୁଦ୍ଧା ରାଜ୍ୟର ଜଳବାୟୁ ପରିବର୍ତ୍ତନ ପ୍ରତିରୋଧକ ସମୁଦ୍ରତଟ ଓ ଲୁଣାବନ୍ଧର ସୁରକ୍ଷା ହେବ ବୋଲି ଏଥିରେ ଉଲ୍ଲେଖ ଅଛି। ଏହି ଏମ୍‌ଓୟୁକୁ ଇତିମଧ୍ୟରେ ୧ ବର୍ଷରୁ ଅଧିକ ହୋଇଛି। ମାତ୍ର କେନ୍ଦ୍ରାପଡ଼ା ଜିଲାରେ ଏହା କାର୍ଯ୍ୟକାରୀ ହୋଇନାହିଁ। ଅପରପକ୍ଷରେ ସମୁଦ୍ର ଓ ଭୂଭାଗକୁ ଛୁଉଁଥିବା ଉପକୂଳ ଜୋନ୍‌ର ସୁରକ୍ଷା ଆବଶ୍ୟକ। ବନ୍ୟା, ସାମୁଦ୍ରିକ ଝଡ଼ ସହିତ ସୁନାମି ଭୟ ରହିଛି। କେନ୍ଦ୍ର ପର୍ଯ୍ୟାବରଣ ଓ ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନରେ ଏଥିରୁ ସୁରକ୍ଷା ପାଇଁ ଅନୁଦାନ ଦିଆଯାଉଛି। ଏହାସହ ଏହି ଅଞ୍ଚଳର ପରିବେଶ ସୁରକ୍ଷା ପାଇଁ ୧୯୮୬ରେ ପରିବେଶ ସୁରକ୍ଷା ଆଇନ ପ୍ରଣୟନ ହୋଇଛି। ଏଥିସହିତ ୧୯୯୧, ୨୦୧୧ ଓ ୨୦୧୯ରେ ଉପକୂଳ ପରିଚାଳନା ଜୋନ୍(ସିଆର୍‌ଜେଡ୍) ଚିହ୍ନଟ ହୋଇ ନୋଟିଫିକେଶନ ହୋଇଛି। ଏହାସତ୍ତ୍ୱେ ରାଜ୍ୟର କେନ୍ଦ୍ରାପଡ଼ା ସମେତ ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ ଓ ଗଞ୍ଜାମ ତଟାଞ୍ଚଳ ସୁରକ୍ଷିତ ନୁହେଁ। ୨୦୨୨ରେ ରାଷ୍ଟ୍ରପତିଙ୍କୁ ପ୍ରଦାନ କରାଯାଇଥିବା ସିଏଜି (କମ୍ପ୍ଟ୍ରୋଲର ଆଣ୍ଡ ଅଡିଟର ଜେନେରାଲ ଅଫ୍ ଇଣ୍ଡିଆ) ନିର୍ଦ୍ଦେଶକ ସଞ୍ଜୟ କୁମାର ଝାଙ୍କ ୨୦୧୫ରୁ ୨୦୨୦ ରିପୋର୍ଟରେ ଉଲ୍ଲେଖ ରହିଛି। ଏହି ରିପୋର୍ଟରେ ରାଜ୍ୟରେ ବୃଦ୍ଧି ପାଉଥିବା ପ୍ରାକୃତିକ ବିପର୍ଯ୍ୟୟ ପ୍ରତି ସଚେତନ ନ ଥିବା ନେଇ କ୍ଷୋଭ ପ୍ରକାଶ କରାଯାଇଛି। ଅନୁଦାନ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ଏହାର ସୁଫଳ ମିଳୁ ନ ଥିବା ଉଲ୍ଲେଖ ହୋଇଛି।

ସିଏଜି ରିପୋର୍ଟ ଅନୁଯାୟୀ, ତଟାଞ୍ଚଳରେ ଶିଳ୍ପାଞ୍ଚଳ ବିକଶିତ ହୋଇଛି। ସେହିପରି ଚିଙ୍ଗୁଡ଼ିଘେରି, ବହୁମାତ୍ରାରେ ବସବାସ ବଢ଼ିଛି। ଏଥିପାଇଁ ତଟବନ୍ଧ ଓ ପରିବେଶ ଅସୁରକ୍ଷିତ ହୋଇଛି। ପାରାଦୀପ ଓ ଧାମରା ମଧ୍ୟରେ ଥିବା ଉପକୂଳ ଅଞ୍ଚଳର ପରିବେଶ ନିରୀକ୍ଷଣ ପାଇଁ ୨୦୧୩ରୁ ୨୦୧୫ ମଧ୍ୟରେ ୨ କୋଟି ୧୭ ଲକ୍ଷ ଟଙ୍କା ବ୍ୟୟରେ ୧୯ଟି ପରୀକ୍ଷାଗାର ପାଇଁ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ହସ୍ତାନ୍ତର କରାଯାଇଥିଲା। ଏହି ପରୀକ୍ଷାଗାର ମାଧ୍ୟମରେ ପରିବେଶ ସମ୍ବନ୍ଧୀୟ ତଥ୍ୟ ହାସଲ କରାଯିବା କଥା। ମାତ୍ର ଏହି ବୋର୍ଡ ୩୩ରୁ ୫୯ ପ୍ରତିଶତ କାର୍ଯ୍ୟକାରୀ ହୋଇଛି। ଜଳ ଓ ବାୟୁର ମାନ ନିର୍ଦ୍ଧାରଣ କରିବା କ୍ଷେତ୍ରରେ ବହୁ ପଛୁଆ ଅଛି। ୨୦୧୬ରୁ ୨୦୧୮ ମଧ୍ୟରେ ରାଜନଗର ମ୍ୟାନ୍‌ଗ୍ରୋଭ ଫରେଷ୍ଟ ଡିଭିଜନ ଓ ପୁରୀ ବନ୍ୟପ୍ରାଣୀ ଡିଭିଜନ ଅଧୀନରେ ୨୨୮ ହେକ୍ଟର ଜମିରେ ହେନ୍ତାଳବଣ ସୃଷ୍ଟି ହୋଇଥିବା ଦର୍ଶାଯାଇଥିଲେ ମଧ୍ୟ ତଦନ୍ତ ସମୟରେ ଶୂନ୍‌ରୁ ୩୫ ପ୍ରତିଶତ ଗଛ ଦେଖିବାକୁ ମିଳିଛି। ସେହିପରି କେନ୍ଦ୍ରାପଡ଼ା ଜିଲା ପେଣ୍ଠଠାରେ ପ୍ରାୟ ୩୩ କୋଟି ଟଙ୍କା ଖର୍ଚ୍ଚ ହୋଇ ଜିଓ ସିନ୍ଥେଟିକ୍ ବନ୍ଧ ନିର୍ମାଣ ହୋଇଥିଲା। ମାତ୍ର ଏହି ୱାଲ୍‌ର ଗାବିୟନ ବକ୍ସରୁ ପଥର ବାହାରି ସମୁଦ୍ର ମଧ୍ୟକୁ ଚାଲି ଯାଉଛି। ୨୦୧୮ରେ ଏହି ଟ୍ୟୁବ୍‌ୱାଲର ସୁରକ୍ଷା ପାଇଁ ରାଜ୍ୟ ପାଣ୍ଠିରୁ ୪ କୋଟି ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲେ ମଧ୍ୟ ଏହାର ତଦନ୍ତ ସମୟରେ ପେଣ୍ଠ ତଟାଞ୍ଚଳର ସୁରକ୍ଷା ନେଇ ପ୍ରଶ୍ନ ଉଠିଛି। ଏଥିସହ ୨୦୧୯ ଅଗଷ୍ଟରେ ଟ୍ୟୁବ୍‌ୱାଲରେ ନିଆଁ ଲାଗିଥିବାରୁ ଅଧିକ ୩ କୋଟି ୨୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏହା ବ୍ୟତୀତ ତଟବନ୍ଧ ସୁରକ୍ଷାକୁ ନେଇ ସିଏଜି ରିପୋର୍ଟ ବହୁ ପ୍ରଶ୍ନ ଉଠାଯାଇଥିଲା। ସୂଚନାଯୋଗ୍ୟ, କେନ୍ଦ୍ରାପଡ଼ା ଜିଲାରେ ମୋଟ ୭୪୪.୩୭ କିମିର ଲୁଣା ତଟବନ୍ଧ ଅଛି। ଏହି ବନ୍ଧ ଅସୁରକ୍ଷିତ ଥିବାରୁ ବନ୍ୟା ବାତ୍ୟା ପରି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜିଲାର ୪୫୫ ଗ୍ରାମାଞ୍ଚଳରେ ସମୁଦ୍ର ଓ ନଦୀ ଜଳ ପଶିଆସୁଛି। ଏଥିସହ ଜିଲାରେ ମୋଟ ୬୪ଟି ଗ୍ରାମକୁ ସୁନାମିପ୍ରବଣ ବୋଲି ଚିହ୍ନଟ କରାଯାଇଛି।

# ନଦୀରେ ମାଇକ୍ ଯୋଗେ କରାଯାଉଛି ସଚେତନ

ରାଜନଗର, ୩।୯ (ଭାସ୍କର ରାଉତରାୟ)



ରାଜନଗରରେ ନଦୀ କୂଳ ଲୋକମାନଙ୍କୁ ଡଙ୍ଗା ଯୋଗେ ବନ ବିଭାଗ କର୍ମଚାରୀମାନେ କୁମ୍ଭୀର ସଚେତନତା କରୁଛନ୍ତି।

## ନିଆରା ଢଙ୍ଗରେ କୁମ୍ଭୀର ସଚେତନତା

କୁମ୍ଭୀର ଆକ୍ରମଣରେ ୭୫ ଦିନରେ ୫ ଜଣଙ୍କ ଜୀବନ ଗଲାଣି। କୁମ୍ଭୀର ଆକ୍ରମଣରେ ମୃତ୍ୟୁ ସଂଖ୍ୟା ବୃଦ୍ଧି ଯୋଗୁ ସବୁ ମହଲରେ ଏହାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। କୁମ୍ଭୀର ପ୍ରଜନନ କେନ୍ଦ୍ର ଅଞ୍ଚଳରେ ଗୋଟିଏ ବି କୁମ୍ଭୀର ଆକ୍ରମଣ ଘଟଣା ଘଟି ନ ଥିବା ବେଳେ ଭିତରକନିକା ଜାତୀୟ ଉଦ୍ୟାନ ବାହାରେ ୫ଟି ଜୀବନ ଯାଇଛି। କୁମ୍ଭୀର ପ୍ରଜନନ ଋତୁରେ କୁମ୍ଭୀରମାନେ ଅଧିକ ଆକ୍ରମଣାତ୍ମକ ହୋଇଥାନ୍ତି। ବର୍ଷାଦିନେ ବଢ଼ିପାଣିରେ କୁମ୍ଭୀରମାନେ ଉପର ମୁଣ୍ଡକୁ ଉଠିଆସିଥାନ୍ତି। ନଦୀ ନାଳକୁ ନ ଯିବା ପାଇଁ ନଦୀକୂଳିଆ ଗ୍ରାମବାସୀଙ୍କୁ ବନ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ନଦୀକୂଳିଆ ଗାଁଗୁଡିକରେ ପ୍ରାଚୀର ପତ୍ର ସହିତ ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର ଓ ନାଟକ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରାଯାଉଥିଲେ ମଧ୍ୟ କୁମ୍ଭୀର ଆକ୍ରମଣରେ ମୃତ୍ୟୁ ସଂଖ୍ୟା ଉପରେ ରୋକ୍ ଲଗାଯାଇପାରୁନି। ରବିବାରଠାରୁ ବିଶେଷକରି ନଦୀ କୂଳେ କୂଳେ ରହୁଥିବା ଗ୍ରାମବାସୀଙ୍କୁ ସଚେତନ କରିବାକୁ ବନ ବିଭାଗ ପକ୍ଷରୁ ଅଭିନବ ପଦକ୍ଷେପ ହାତକୁ ନିଆଯାଇଛି। ବୋଟ୍‌ରେ ସଚେତନତା ବ୍ୟାନର ଓ ମାଇକ ବାନ୍ଧି ବନ ବିଭାଗ ପକ୍ଷରୁ ଜଳପଥରେ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ସଚେତନତା କାର୍ଯ୍ୟକ୍ରମ ହଂସୁଆନଦୀରୁ ଆରମ୍ଭ ହୋଇ ବ୍ରାହ୍ମଣୀ, କାଣିନଦୀରେ କରାଯିବ। ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କ ନିର୍ଦ୍ଦେଶକ୍ରମେ ଫରେଷ୍ଟର ବିଜୟ କୁମାର ପାତ୍ର, ବିଶ୍ୱ ରଞ୍ଜନ ତରାଇ, ନିରୁପମା ଷଡଙ୍ଗୀ, ଗୀତାଞ୍ଜଳି ସାହୁ, ମନୋରଞ୍ଜନ ସାହୁ, ଚନ୍ଦନ କୁମାର ମଲ୍ଲିକ, କଳାକର ବେହେରା, ସଞ୍ଜୟ କୁମାର ସେଠୀ ପ୍ରମୁଖ ଏହି ସଚେତନତାରେ ସାମିଲ ହୋଇଛନ୍ତି। ସେମାନେ ରବିବାର ରାଜନଗର ହଂସୁଆ ନଦୀରୁ ବାହାରି ରାଜନଗର, କେରଡାଗଡ଼, ରାଜପୁର, ବାଲି, ବେଲପାଳ, ନଗଡ଼, ଓସ୍ତିଆ, ସାହୁପଡ଼ା, ନଳଦିଆ, କଳଦିଆ, ଶ୍ରୀରାମପୁର ଦେଇ ମାଣିକପାଟଣାରେ ପହଞ୍ଚିଛନ୍ତି। ପ୍ରତି ଗାଁ ନିକଟରେ ବୋଟ୍ ଲଗାଇ ବନ କର୍ମଚାରୀମାନେ ଓହ୍ଲାଇବା ସହ ନଦୀରେ ଗାଧୋଉଥିବା ଲୋକମାନଙ୍କୁ ନଦୀରେ ନ ଗାଧୋଇବା ପାଇଁ ସଚେତନ କରୁଛନ୍ତି। ଏଥିସହ ପ୍ରତି ଗାଁ ନିକଟରେ କୁମ୍ଭୀର ସଚେତନତା ବୋର୍ଡ ମରାଯାଉଛି। କୌଣସି ପରିସ୍ଥିତିରେ ବି ନଦୀ ମଧ୍ୟରେ ନ ଗାଧୋଇବା ପାଇଁ ଲୋକମାନଙ୍କୁ ସଚେତନତା କରାଯାଉଛି। ଯେଉଁ ସ୍ଥାନରେ ଗାଧୋଇବା ପାଇଁ ବ୍ୟାରିକେଡ ଅଛି, ସେହି ବ୍ୟାରିକେଡ ମଧ୍ୟରେ ଗାଧୋଇବା ପାଇଁ ଲୋକମାନଙ୍କୁ ସଚେତନ କରାଯାଉଛି। ଏହି ବୋଟ ଯୋଗେ ସଚେତନତା କାର୍ଯ୍ୟକ୍ରମ ୮ଦିନ ଧରି ଚାଲିବ। କେନ୍ଦ୍ରାପଡ଼ା ଜିଲାର ପ୍ରତ୍ୟେକ ନଦୀ କୂଳବର୍ତ୍ତୀ ଗାଁ ନିକଟରେ ଏହି ସଚେତନତା ବୋଟ୍ ପହଞ୍ଚିବ। ଚଉଦକୁଲାଟଠାରୁ ଆରମ୍ଭ କରି ଭୂଇଁପୁର ଯାଏ ଓ ରାଜନଗରରୁ ଆରମ୍ଭ କରି ନଳଦିଆ ଯାଏ ସବୁଠି ବନ କର୍ମଚାରୀମାନେ ବୋଟ୍ ଯୋଗେ ପହଞ୍ଚି ଲୋକମାନଙ୍କୁ ସଚେତନ କରିବେ ବୋଲି ଡିଏଫ୍‌ଓ ଯାଦବ ସୂଚନା ଦେଇଛନ୍ତି।

## ଯୌତୁକ ପାଇଁ ବଧୂହତ୍ୟା ଅଭିଯୋଗ

### ଭଲପାଇ ଘର ଛାଡ଼ି ଚାଲିଆସିଥିଲେ, ମିଳିମିଶି ମାରିଦେଲେ

ରାଜନଗର, ୩।୯ (ଭାସ୍କର ରାଉତରାୟ)

ରାଜନଗର ଥାନା ମହିଁଷାସୁର ଗାଁର ପ୍ରକାଶ ତାଡୁଙ୍କ ସ୍ତ୍ରୀ ଅଞ୍ଜନା ମହାନ୍ତିଙ୍କୁ ତାଙ୍କ ଶାଶୁଘର ଲୋକେ ଯୌତୁକ ଲାଗି ମିଳିମିଶି ମାରି ଦେଇଥିବା ନେଇ ତାଙ୍କ ମା' ଲିଖିତ ଅଭିଯୋଗ କରିଛନ୍ତି। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଅଜୟ ମହାନ୍ତିଙ୍କ ବଡ଼ ଝିଅ ଅଞ୍ଜନା (୨୧) ୨ ବର୍ଷ ତଳେ ଭଲ ପାଇ ମହିଁଷାସୁର ଗାଁର ଅଲେଖଙ୍କ ପୁଅ ପ୍ରକାଶଙ୍କ ସହ ଘରୁ ପଳାଇ ଆସିଥିଲେ। ପରିବାର ଲୋକ ଜାଣିବା ପରେ ସେମାନେ ନୋଟାରୀ କୋର୍ଟ ମ୍ୟାରେଜ ସାର୍ଟିଫିକେଟ ଦେଖାଇଥିଲେ। ଅଞ୍ଜନାଙ୍କ ଝିଅ ଜନ୍ମ ହେବା ପରେ ପରିବାର ଲୋକେ ଝିଅ ଘରକୁ ଆସିବା ଆରମ୍ଭ କରିଥିଲେ। ପରିବାର ଲୋକେ ଆସିବାର ୨ମାସ ପରେ ସ୍ୱାମୀ, ଶ୍ୱଶୁର, ନଣନ୍ଦ, ଦେଉଶୁର, ଦିଅର ଝିଅକୁ ଯୌତୁକ ବାବଦ ଟଙ୍କା ଓ ସୁନା ଗହଣା ଆଣିବା ପାଇଁ ବାଧ କରି ଶାରୀରିକ, ମାନସିକ ନିର୍ଯାତନା ଦେଉଥିଲେ। ରବିବାର ଅପରାହ୍ନ ୩ଟାରେ ଖବର ପାଇଲୁ ଯେ, ସ୍ୱାମୀ ଓ ତାଙ୍କ ପରିବାର ଲୋକେ ସଂଘବଦ୍ଧ ଭାବେ ମିଳିମିଶି ଝିଅ ଅଞ୍ଜନାଙ୍କୁ ମାରି ଦେଇଛନ୍ତି। ଆମେ ପହଞ୍ଚିବା ବେଳକୁ ଝିଅ ତଳେ ମରି ପଡିଛି। ଝିଅର ୧ବର୍ଷର ଝିଅ ମଧ୍ୟ ଅଛି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରୁଦ୍ର



@ ଶିବ





@ ସୁଧାଂଶୁ



@ ସୁଶୀଲ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନାଏବ ସରପଞ୍ଚଙ୍କ ଘରେ ପଶି ଭଙ୍ଗାରୁଜା



ନାଏବ ସରପଞ୍ଚଙ୍କ ଘରର ଚାଳ ଛପର ଓଲରାଯାଇଛି।



ବାଇକ୍ ଭଙ୍ଗାରୁଜା ହୋଇଛି।

ମହାକାଳପଡ଼ା,୩।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ ଚାଳ ଓଲାରି ପୋଡ଼ିଦେବାକୁ ଉଦ୍ୟମ

■ ଥାନାରେ ଲିଖିତ ଅଭିଯୋଗ: ପୋଲିସ ତଦନ୍ତ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଜମ୍ବୁ ସାମୁଦ୍ରିକ ଥାନା ଅଧୀନ ଖରିନାସି ପଞ୍ଚାୟତର ନାଏବ ସରପଞ୍ଚ କଲ୍ୟାଣ ରାୟଙ୍କ ଘରେ ଶନିବାର ସନ୍ଧ୍ୟାରେ କେତେଜଣ ମହିଳା ପୁରୁଷ ପଶି ଜିନିଷପତ୍ର ଫୋପାଡିବା ସହ ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଛି। ଏଥିସହ ତାଙ୍କ ଘରର ଚାଳକୁ ଓଲାରି ପୋଡି ଦେବାକୁ ଉଦ୍ୟମ କରାଯାଇଛି। ଖରାପ ଭାଷାରେ ଗାଳିଗୁଲଜ କରାଯାଇଥିବା ନେଇ ସ୍ତ୍ରୀ ମିନାକ୍ଷୀ କବିରାଜ(୨୯) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମୟରେ ନାଏବ ସରପଞ୍ଚ ରାୟ ଓ ତାଙ୍କ ବାପା ଘରେ ଉପସ୍ଥିତ ନ ଥିଲେ ବୋଲି ଉଲ୍ଲେଖ ରହିଛି। ଅଭିଯୋଗପତ୍ରରେ ୧୦ରୁ ଅଧିକ ମହିଳାପୁରୁଷଙ୍କ ନାମ ଥିବାବେଳେ ବହୁ ସଂଖ୍ୟକ ଲୋକଙ୍କ ସମ୍ପୃକ୍ତି ଥିବା ଉଲ୍ଲେଖ ରହିଛି। ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଲୋକମାନେ ସଂପୃକ୍ତ ଥିବା ନେଇ ଏଥିରେ ଉଲ୍ଲେଖ ରହିଛି। ପୋଲିସ ଅଭିଯୋଗପତ୍ର ପାଇ ଶନିବାର ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ବୋଲି ଆଇଆଇସି ରବୀନ୍ଦ୍ର କୁମାର ଭୁଜବଳ ସୂଚନା ଦେଇଛନ୍ତି। ଏ ନେଇ ନଂ. ୧୩୫/୨୩ରେ ମାମଲା ରୁଜୁ କରାଯାଇଛି। ଅନ୍ୟପକ୍ଷରେ ରବିବାର ଅପରପକ୍ଷର ୱାର୍ଡ ସଭ୍ୟ ପୃଥକ୍ ଭାବେ ଲିଖିତ ଅଭିଯୋଗ କରିଥିବା ଆଇଆଇସି ଭୁଜବଳ କହିଛନ୍ତି।

# ଉଦ୍ଧାର ପରେ ପୁଣି ଶିଶୁ ଶ୍ରମିକ

ଯାଜପୁର,୩।୯(ହର୍ଷବର୍ଦ୍ଧନ ବେହେରା) :

■ ନିଯୁକ୍ତିକାରୀଙ୍କୁ ଅନୁକମ୍ପା, ବଢୁଛି ଉତ୍ସାହ

■ ଠିକ ଭାବେ କାର୍ଯ୍ୟକାରୀ ହେଉନି ଶିଶୁ ଶ୍ରମ ଆଇନ

ଯାଜପୁର ଜିଲାରେ ଶିଶୁ ଶ୍ରମିକ ଆଇନ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ଉଦ୍ଧାର ପରେ ସେମାନେ ପୁଣି ଶିଶୁ ଶ୍ରମିକ ସାଜୁଛନ୍ତି । ଶିଶୁମାନଙ୍କୁ ବେଆଇନ ଭାବେ ନିୟୋଜିତ କରୁଥିବା ମାଲିକମାନଙ୍କଠାରୁ କେତେଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀ ମୋଟା ଅଙ୍କର ହାତଗୁଞ୍ଜା ନେଇ ସହଜରେ ଖସେଇ ଦେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଜିଲାର ଦାନଗଦି ବ୍ଲକ ଅନ୍ତର୍ଗତ ଧୂଳିଗଡ଼ ପଞ୍ଚାୟତ ସୁଆଁଲ ଗ୍ରାମର ୫ ଶିଶୁଶ୍ରମିକଙ୍କ କ୍ଷେତ୍ରରେ ଏଭଳି ଘଟଣା ଘଟିଛି।

ଅଭିଯୋଗ ଅନୁଯାୟୀ, ସୁଆଁଲ ଗ୍ରାମର ୫ ଜଣ ଶିଶୁଙ୍କୁ କେନ୍ଦ୍ରାପଡ଼ାର ଜଣେ ବ୍ୟବସାୟୀ ନେଇ ଯାଇଥିଲେ। ଏ ସଂକ୍ରାନ୍ତରେ ଶିଶୁମାନଙ୍କ ଅଭିଭାବକ ଜାଣିପାରି ଶିଶୁ ଅଧିକାର କର୍ମୀ ମଣ୍ଟୁ ଦାସଙ୍କୁ ଉଦ୍ଧାର ପାଇଁ ଅନୁରୋଧ କରିଥିଲେ । ଏହାପରେ ଦାସ ଯାଜପୁର ଜିଲାପାଳଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ଏ ବିଷୟରେ ଅବଗତ କରିଥିଲେ। ହେଲେ କୌଣସି ସୁଫଳ ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଏହି ଘଟଣାକୁ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ଭାବେ ବିଚାର କରି ଡବ୍ଲ୍ୟୁପିସିଆର୍‌ଏଲ ୧୬୬/୨୦୨୨ରେ ଏକ ମାମଲା ରୁଜୁ କରି ଯାଜପୁର ଓ କେନ୍ଦ୍ରାପଡ଼ା ପୋଲିସଙ୍କୁ ଶିଶୁମାନଙ୍କୁ ଉଦ୍ଧାର କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ୨୦୨୨ ଡିସେମ୍ବର ୧ରେ ପୋଲିସ ଶିଶୁ ଶ୍ରମିକମାନଙ୍କୁ ଉଦ୍ଧାର କରି ସୁକିନ୍ଦା ଆମ ଘର ଶିଶୁଗୃହରେ ଥଇଥାନ କରିଥିଲା । ପରେ ଶିଶୁ ଗୃହରେ ସେମାନଙ୍କୁ ହଇରାଣ କରାଯିବାରୁ ରାତାରାତି ସେମାନେ ନିଜ ଘରକୁ ଚାଲି ଯାଇଥିଲେ। ସେଦିନରୁ ଏଯାବତ ଉଦ୍ଧାର ଶିଶୁମାନେ ଏଣେତେଣେ ବୁଲୁଥିବା ଖବର ମିଳିଛି । ସେମାନଙ୍କ ମଧ୍ୟରୁ ୨ ଶିଶୁଙ୍କ ବାପା ଏବଂ ଅନ୍ୟ ଜଣେ ଶିଶୁ ନିଜ ମା'ବାପାଙ୍କୁ ହରାଇଛନ୍ତି। ଏବେ ସେମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟଜନକ । ସେହିପରି ଅନ୍ୟ ୨ ଶିଶୁଙ୍କ ପରିବାର ଅତ୍ୟନ୍ତ ଗରିବ। ବିଡମ୍ବନା ଯେ, ଏହି ଶିଶୁମାନଙ୍କୁ ଉଦ୍ଧାର କରିବା ପରେ ମଧ୍ୟ ପ୍ରଶାସନ ଯେପରି ଭାବେ ଥଇଥାନ କରିବା କଥା, ସେପରି କିଛି କରିନାହିଁ । ଫଳରେ ପୁନର୍ବାର ସେମାନେ ଶିଶୁ ଶ୍ରମିକ ଭାବେ ଗ୍ରାମରେ କାମ କରୁଥିବା ଦେଖିବାକୁ ମିଳୁଛି ।

ନିୟମାନୁଯାୟୀ, ଏହି ଶିଶୁମାନଙ୍କୁ ଶିକ୍ଷା ଅଧିକାର ନଚେତ୍ ଦକ୍ଷତା ବିକାଶ ତାଲିମ ପ୍ରଦାନ କରିବା କଥା। ଶିଶୁଟି ଯେପରି ପୁନର୍ବାର ଶିଶୁ ଶ୍ରମିକ ନ ହୁଏ ସେଥିପାଇଁ ତାର ପାରିବାର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ହୋଇ ପାରିଥାନ୍ତା। ଏପରି ପିଲାମାନଙ୍କ ପାଇଁ ମିଶନ ବାତ୍ସଲ୍ୟରେ ପୃଷ୍ଠପୋଷକତା ଯୋଜନାରେ ଆର୍ଥିକ ସହଯୋଗ ପ୍ରଦାନ କରି ହେବ । ମାତ୍ର ଏସବୁ କରା ନ ଯିବା ବଡ଼ ଦୁଃଖ ଓ ପରିତାପର ବିଷୟ ବୋଲି ଶିଶୁ ଅଧିକାର କର୍ମୀ ଦାସ ପ୍ରକାଶ କରିଛନ୍ତି। ସେହିପରି ଶିଶୁଙ୍କ ଅଧିକାର କ୍ଷୁର୍ଣ୍ଣ କରି ଶିଶୁ ଶ୍ରମିକ ନିଯୋଜିତ କରିଥିବା ବ୍ୟକ୍ତିଙ୍କୁ ଜରିମାନା ନିର୍ଦ୍ଦେଶ ଦେବାର ବ୍ୟବସ୍ଥା ରହିଛି। ସେ ନେଇ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ଶିଶୁମାନେ ପୁଣି ଶିଶୁ ଶ୍ରମିକ ସାଜୁଥିବା ମତପ୍ରକାଶ ପାଇଛି। ଅନ୍ୟପକ୍ଷେ ଥାନାରେ ଉପରୋକ୍ତ ୫ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରିଥିବା ବ୍ୟକ୍ତିଙ୍କ ବିରୋଧରେ କୌଣସି ମାମଲା ରୁଜୁ ହୋଇନାହିଁ। ଏପରି କ୍ଷେତ୍ରରେ ଶିଶୁ ଶ୍ରମିକ ମୁକ୍ତ ହେବା ବଦଳରେ ନିଯୁକ୍ତିକାରୀଙ୍କ ଉତ୍ସାହ ବଢିବା ସହ ଶିଶୁ ଶ୍ରମିକ ସଂଖ୍ୟା ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି। ଏହି ଗୋଟିଏ ଘଟଣା ନୁହେଁ ଅତୀତର ଅନେକ ଘଟଣାରେ ଅଭିଯୁକ୍ତଙ୍କ ବିରୋଧରେ ଏତଲା ହୋଇ ନ ଥିବା ବେଳେ ଉଦ୍ଧାର ଶିଶୁମାନଙ୍କ ଉପଯୁକ୍ତ ଥଇଥାନ ମଧ୍ୟ କରାଯାଉନାହିଁ। ୨୦୧୭ରେ ପଶ୍ଚିମବଙ୍ଗ ଅଞ୍ଚଳର ୫ ଜଣ ଶିଶୁ ଜିଲାର ବ୍ରହ୍ମବରଦାରେ ଗୃହ ନିର୍ମାଣ କାମ କରୁଥିବା ବେଳେ ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ସେହିପରି ୨୦୧୭ରେ ଜାରକା ବଜାରରୁ ୬ଜଣ ଶିଶୁଶ୍ରମିକ ଓ ୨୦୧୮ରେ ରସୁଲପୁର ବ୍ଲକ ନଠୁଆବର ହୋଟେଲରୁ ଜଣେ ଶିଶୁ ଶ୍ରମିକ, ୨୦୨୦ରେ ବରୁଆଁ-ବାଲିଚନ୍ଦ୍ରପୁର ରାସ୍ତାକଡର ଆଖୁକିଆରୀରୁ ୪ ଶିଶୁ ଶ୍ରମିକ, ୨୦୨୨ରେ ଖରସ୍ରୋତା ନଦୀ ସେତୁରେ ଘୁଷୁରି ନେଉଥିବା ୨ ଶିଶୁଶ୍ରମିକ, ୨୦୨୩ରେ ଯାଜପୁର ବ୍ଲକ ଦେବୀଗଡ଼ାରୁ ୨ ଶିଶୁଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। କିନ୍ତୁ ଶିଶୁ ଶ୍ରମିକ ନିଯୁକ୍ତିକାରୀଙ୍କ ବିରୋଧରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ।

ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରୁ ସେ କହିଛନ୍ତି, ଶିଶୁ ଶ୍ରମିକଙ୍କୁ ଉଦ୍ଧାର ଏବଂ ଥଇଥାନ କରିବା ଆମ ଦାୟିତ୍ୱ। ଏହାପରେ ଶ୍ରମ ଓ ପୋଲିସ ବିଭାଗକୁ ଆମେ ଜଣାଇଥାଉ । ଶ୍ରମ ବିଭାଗ ଓ ପୋଲିସ ତଦନ୍ତ କରି ଆଇନ ଅନୁସାରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍।



ଏକ ହୋଟେଲରେ ଜଣେ ଶିଶୁ ଶ୍ରମିକ କାମ କରୁଛନ୍ତି।

# ଚାଷୀ, ଚାଷକୁ ଭୁଲିଗଲେ ସରକାର

ନୟାଗଡ଼,୩।୯(ଲୋକନାଥ ମିଶ୍ର)

ନୟାଗଡ଼ ସହର ଖଣ୍ଡପଡ଼ା ରୋଡ଼ରେ ଥିବା ବଲାଙ୍ଗୀ ବନ୍ଧ ବଲାଙ୍ଗୀ ପାର୍କରେ ରୂପାନ୍ତରିତ ହେବା ପରେ ଚାଷୀ, ଚାଷ ଓ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଦୁଃଖ ଆଣିଛି । ଆମୋଦ ପ୍ରମୋଦ ନାଁରେ ସରକାର ଚାଷୀ ଓ ଚାଷ ପାଇଁ ବ୍ୟବସ୍ଥା ନ କରି ଭୁଲିଯିବା ପରେ ନୟାଗଡ଼ ବ୍ଲକର ଲକ୍ଷ୍ମୀପ୍ରସାଦ ଓ ସିନ୍ଦୁରିଆ ପଞ୍ଚାୟତବାସୀ ଜଳସେଚନ କ୍ଷେତ୍ରରେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ କେତେଜଣ ଲୋକ ବନ୍ଧକୁ ପୋଖରୀ ଭାବେ ବ୍ୟବହାର କରି ସ୍ନାନ କରୁଥିଲେ। ଏପରି କି ଶୁଦ୍ଧକ୍ରିୟା ପାଇଁ ବଲାଙ୍ଗୀ ବନ୍ଧ ଲକ୍ଷ୍ମୀ ପ୍ରସାଦ ପଞ୍ଚାୟତର କେତେଜଣ ବାସିନ୍ଦା ପାଇଁ ସୁବିଧା ହେଉଥିଲା। ବନ୍ଧଟି ପାର୍କ ହୋଇ ଯିବା ପରେ ସ୍ଥାନୀୟ ଲୋକେ ହଇରାଣ ହେଉଛନ୍ତି ବୋଲି ଅଭିଯୋଗ ହେଉଛି।

ଏନେଇ ବଲାଙ୍ଗୀବନ୍ଧ ସାହିର ସନ୍ତୋଷ ପ୍ରଧାନ କୁହନ୍ତି, ଚାଷୀ ଓ ଚାଷର ସୁବିଧା ପାଇଁ ସରକାର ବଲାଙ୍ଗୀ ବନ୍ଧ ପ୍ରକଳ୍ପ କରିଥିଲେ। ଚାଷୀ ଘଣ୍ଟା ପ୍ରତି ମ୍ୟୁନିସିପାଲିଟିରେ ୬୦ ଟଙ୍କାରୁ ଆରମ୍ଭ କରି ୨୦୦ ଟଙ୍କା ପର୍ଯ୍ୟନ୍ତ ଦେଇ ଜମିରେ


ବଲାଙ୍ଗୀ ବନ୍ଧରେ ପାର୍କ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି।

ପାଣି ମଡାଇଛନ୍ତି। ମରୁଡ଼ି ସମୟରେ ବଲାଙ୍ଗୀ ବନ୍ଧ ଜଳସେଚନ ପାଇଁ ଭଲ କାମ କରୁଥିଲା। ପୁଣି ଶୁଦ୍ଧିକ୍ରିୟା ସମୟରେ ବନ୍ଧରେ ଶୁଦ୍ଧକର୍ମ କରିବା, ଗାଧୋଇବା କାର୍ଯ୍ୟରେ ଲାଗୁଥିଲା । ଆମ ଅଞ୍ଚଳରେ ପୋଖରୀ ନ ଥିବାରୁ ଲୋକେ ସ୍ନାନ କରୁଥିଲେ। ସରକାର ପାର୍କ କରନ୍ତୁ ବିରୋଧ ନାହିଁ। ତେବେ ଚାଷୀ, ଚାଷ ଓ ସ୍ଥାନୀୟ ଲୋକଙ୍କ ଅସୁବିଧାକୁ ଉପଲବ୍ଧ କରି ଏହାର ସମାଧାନ ନ ହେବାରୁ ସମସ୍ୟା ସୃଷ୍ଟି ହୋଇଛି। ଆମୋଦପ୍ରମୋଦ ନାଁରେ ଅନ୍ୟକୁ କଷ୍ଟ ଦେବା, ହଇରାଣ କରିବା କି ପ୍ରକାରର ବିକାଶ ବୋଲି ପ୍ରଶ୍ନ ଉଠିଛି । ସିନ୍ଦୁରିଆର ଯୁବ ସଙ୍ଗଠକ ଶେକ୍ ଅବଦୁଲ ଆହାଦ୍ କୁହନ୍ତି, ବଲାଙ୍ଗୀ ବନ୍ଧକୁ ପାର୍କ କରାଯିବା ପୂର୍ବରୁ ଏହାର ସୁବିଧା ଅସୁବିଧା ଦିଗକୁ ବିଚାରକୁ ନେବାର ଥିଲା । ହେଲେ ଏ ଦିଗକୁ ସମୀକ୍ଷା କରାଯାଇ ନ ଥିବାରୁ ଚାଷୀ, ଚାଷ ଓ ସ୍ଥାନୀୟ ଲୋକ ହଇରାଣ ହେଉଛନ୍ତି। ଏବେ ବି ସମୟ ଅଛି। ଲୋକଙ୍କ ଯାହା ସୁବିଧା ଅସୁବିଧା ଅଛି ତାକୁ ଅଭିଯୋଗ ଶୁଣାଣୀ କରି ସମାଧାନ କରାଇବା ଦରକାର। ନ ହେଲେ ଏହା ଆନ୍ଦୋଳନର ରୂପ ନେବ। କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି, ବିକାଶ ନାଁରେ ଲୋକଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲି ଦିଆଯାଉଛି।

**ବଲାଙ୍ଗୀ ବନ୍ଧ ପାର୍କରେ ରୂପାନ୍ତରିତ**

- ବନ୍ଧରୁ ଜମିରେ ପାଣି ମଡାଉଥିଲେ ଚାଷୀ
- ପୋଖରୀ ଭାବେ ହେଉଥିଲା ବ୍ୟବହାର
- ଶୁଦ୍ଧିକ୍ରିୟା ପାଇଁ ନାହିଁ ଜଳାଶ୍ରୟ

ବିକାଶ ହେଉ ବିରୋଧ ନାହିଁ, ହେଲେ ଲୋକଙ୍କ ଅଭାବ ଅସୁବିଧାକୁ କ'ଣ ଅଣଦେଖା କରାଯିବ । ଲୋକଙ୍କୁ ଦୁର୍ଦ୍ଦଶା ଭିତରକୁ ଠେଲି ଏହା କି ପ୍ରକାରର ବିକାଶ ବୋଲି ସେ ପ୍ରଶ୍ନ କରିଛନ୍ତି। ବଲାଙ୍ଗୀ ପାର୍କରେ ଥିବା ବଲାଙ୍ଗୀ ବନ୍ଦରୁ ଯେପରି ପୂର୍ବରୁ ଚାଷୀ ଜମିରେ ପାଣି ମଡାଉଥିଲେ ସେପରି ସୁବିଧା ଦିଆଯାଉ। ଲୋକଙ୍କ ପାଇଁ ନୂଆ ପୋଖରୀ ଖନନ କରାଯାଉ ବୋଲି କହିଛନ୍ତି । ଗୋଡ଼ିସାହିର ଚାଷୀ କୈଳାସ ଭୂୟାଁ କୁହନ୍ତି, ବଲାଙ୍ଗୀ ବନ୍ଧ ପାର୍କ ହୋଇଯିବା ପରେ ମରୁଡ଼ି ସମୟରେ ଆମ ଦୁଃଖ ବଳାଇ ଯାଉଛି। ଜମିରେ ପାଣି ମଡ଼ାଇ ପାରୁନୁ। ସରକାର ଆମ ପାଇଁ ଜଳସେଚନ ବ୍ୟବସ୍ଥା କରିବା ଦରକାର ବୋଲି କହିଛନ୍ତି।

## ଅପହରଣର ୭୨ ଘଣ୍ଟା ପରେ ୪ ଜେଲ ଗଲେ

ନୟାଗଡ଼,୩।୯(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଗୋଡିପଡ଼ା ଫାଣ୍ଡି ବଡ଼ଦେଶ ହରିପୁର ଗାଁର ଅଟୋ ଡ୍ରାଇଭର ଅପହରଣ ଘଟଣାର ୭୨ ଘଣ୍ଟା ପରେ ଅଟକ ୪ଜଣଙ୍କୁ ପୋଲିସ ଗିରଫ ଦେଖାଇ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ବଡ଼ଦେଶ ହରିପୁର ଗାଁର ବିଜୟ କୁମାର ସ୍ୱାଇଁ(୨୯), ମଣିଆ ସେନାପତି(୨୯), ଗଙ୍ଗାଧର ସ୍ୱାଇଁ((୨୪), ପ୍ରଫୁଲ୍ଲ ପ୍ରଧାନ(୪୫)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି।

ଅଭିଯୋଗ ଅନୁଯାୟୀ, ଗୁରୁବାର ରାତିରେ ଅପହରଣ ହୋଇଥିବା ବଡଦେଶ ହରିପୁର ଗାଁର ଅଟୋ ଡ୍ରାଇଭର କାଳିଆ ସେନାପତି(୩୫)ଙ୍କୁ ଉଦ୍ଧାର କରିବାରେ ପୋଲିସ ଅସମର୍ଥ ହୋଇଛି । ଅଟୋ ଡ୍ରାଇଭରଙ୍କୁ ଉଦ୍ଧାର ପାଇଁ ପୋଲିସର କାର୍ଯ୍ୟକଳାପ ଉପରେ ପରିବାର ଲୋକ ଅସନ୍ତୋଷ ବ୍ୟକ୍ତ କରି ଆସୁଛନ୍ତି ।

**ଅପହୃତା ଅଟୋ ଡ୍ରାଇଭରଙ୍କ ଟେର ମିଳୁନି**

ଅପହରଣ ଘଟଣାର ୭୨ ଘଣ୍ଟା ପରେ ପୋଲିସ ୪ଜଣଙ୍କୁ ଜେଲ ପଠାଇ ବାହାବା ନେଇଛି ।ପ୍ରଶ୍ନ ଉଠୁଛି ପୋଲିସ ଯେଉଁମାନଙ୍କୁ ଅପହରଣକାରୀ ଦର୍ଶାଇ କୋର୍ଟ ଚାଲାଣ କରିଛି ସେମାନଙ୍କଠାରୁ କାହିଁକି ଅପହରଣର ଗୁମର ଖୋଲି ପାରିଲା ନାହିଁ । ୪ ଜଣ କୋର୍ଟ ଚାଲାଣ ପରେ ପ୍ରଶ୍ନ ଉଠୁଛି କିଏ ଓ କାହିଁକି ଅଟୋ ଡ୍ରାଇଭରଙ୍କୁ ଅପହରଣ କଲା । ଅଟୋ ଡ୍ରାଇଭର ଏବେ କେଉଁଠି । ବଡଦେଶ ହରିପୁର ଗାଁରେ ଏନେଇ ଉତ୍ତେଜନା ଲାଗି ରହିଥିଲେ ମଧ୍ୟ ପୋଲିସ ସବୁ କିଛି ଠିକ୍ ଅଛି କହି ଚୁପ ରହିଛି । ଏହି ଅପହରଣ ଘଟଣାକୁ ନେଇ ପୋଲିସ ୧୫ଜଣଙ୍କ ନାମରେ ଏକ ମାମଲା(ନଂ.୧୩୬/୨୩) ରୁଜୁ କରିଛି ।

## ଭୋଟରଙ୍କ ସହ ରହିବାକୁ ପିସିସି ସଭାପତିଙ୍କ ପରାମର୍ଶ


ନୟାଗଡ଼ କଂଗ୍ରେସ ନେତା ଓ କର୍ମୀଙ୍କ ସହ ପିସିସି ସଭାପତି ଶରତ ପଟ୍ଟନାୟକ ଓ ଅନ୍ୟମାନେ।

ନୟାଗଡ଼,୩।୯(ଲୋକନାଥ ମିଶ୍ର)

୨ ଦିନ ଫୁଲବାଣୀ ଓ ବୌଦ୍ଧ ଗସ୍ତ ଶେଷ କରି ଭୁବନେଶ୍ୱର ଫେରୁଥିବା ପିସିସ ସଭାପତି ଶରତ ପଟ୍ଟନାୟକ, ପ୍ରଚାର କମିଟି ଅଧକ୍ଷ ବିଜୟ ପଟ୍ଟନାୟକ, କଟକ ଜିଲା ସଭାପତି ମାନସ ଚୌଧୁରୀ ସମେତ କଂଗ୍ରେସ ନେତା ନୟାଗଡ଼ ପୂର୍ତ୍ତ ବିଭାଗ ଡାକ ବିଭାଗ ବଙ୍ଗଳାରେ ଅଟକି କର୍ମୀ ଓ ନେତାଙ୍କୁ ବିଭିନ୍ନ ପରାମର୍ଶ ଦେଇଛନ୍ତି । ଭୋଟରଙ୍କ ସହ ରହି ସେମାନଙ୍କ ଦୁଃଖସୁଖରେ ସାଥି ହେବା ପାଇଁ କହିଛନ୍ତି । କଂଗ୍ରେସର ସାଙ୍ଗଠନିକ ଦକ୍ଷତା ବୃଦ୍ଧି ପାଇଁ ଜିଲା ଓ ବ୍ଲକ ସଭାପତିଙ୍କ ସହ ଆଲୋଚନା କରିଛନ୍ତି । ଅନ୍ୟପକ୍ଷେ ବ୍ଲକ କମିଟି ଗଠନ କରାଯିବା ସହ ପ୍ରତି ବ୍ଲକରେ କର୍ମୀ ସମ୍ମିଳନୀ କରାଯିବ । ପ୍ରାକ ନିର୍ବାଚନକୁ ଆଖି ଆଗରେ ରଖି ନୟାଗଡ଼, ରଣପୁର, ଖଣ୍ଡପଡ଼ା ଓ ଦଶପଲ୍ଲା ଆଦି ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ଲୋକଙ୍କ ପସନ୍ଦର ବିଧାୟକ ପ୍ରାର୍ଥୀ ଚୟନ କରି ସେମାନଙ୍କ ନାଁ ପିସିସିକୁ ପଠାଇବାକୁ ପ୍ରସ୍ତାବ ଦେଇଛନ୍ତି । ସେହିଭଳି ନୂଆ ଚିନିକଳ ସ୍ଥାପନ, ବୃଓଙ୍ଗ ଜଳସେଚନ ଯୋଜନାର କାର୍ଯ୍ୟକାରୀ, ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ପାଇଁ ଜିଲା ବ୍ୟାପୀ ପଦାଯାତ୍ରା କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଆଲୋଚନାରେ ଜିଲା କଂଗ୍ରେସ ସଭାପତ ରଣଜିତ୍ ଦାଶ, କଂଗ୍ରେସ ନେତା ମନୋଜ ସାହୁ, ହୁସେନ ଖାଁ, ଓଡ଼ଗାଁ ବ୍ଲକ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ଓଡ଼ଗାଁ ଛାତ୍ର କଂଗ୍ରେସ ସଭାପତି ଦିଲୀପ ବିଶୋଇ, ଫକିର ମଲ୍ଲ, ଜିଲା କିଷାନ ସେଲ ଅଧ୍ୟକ୍ଷ ଧ୍ରୁବ ପରିଡ଼ା, ମଦନ ବିଶୋଇ, ସସ୍ମିତା ଦାଶ, ଯଶୋଦା କାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ ।

- ପସନ୍ଦ ବିଧାୟକ ପ୍ରାର୍ଥୀଙ୍କ ନାଁ ପଠାଇବାକୁ ନିର୍ଦ୍ଦେଶ
- ନୂଆ ଚିନିକଳ ସ୍ଥାପନ ପରି ପ୍ରମୁଖ ଇସ୍ୟୁକୁ ନେଇ ହେବ ପଦଯାତ୍ରା

## ବଡ଼ଭାଇ ଆକ୍ରମଣରେ ସାନ ଭାଇ ଗୁରୁତର

ନୟାଗଡ଼,୩।୯(ଲୋକନାଥ ମିଶ୍ର)

ଗୋଡିପଡ଼ା ଫାଣ୍ଡି ଜାକେଡ଼ା ଗାଁରେ ବଡ ଭାଇର ଆକ୍ରମଣରେ ସାନ ଭାଇ କୃଷ୍ଣଚନ୍ଦ୍ର ମାନସିଂ(୩୦) ଆହତ ହୋଇଛନ୍ତି । କୃଷ୍ଣଙ୍କୁ ପେଟକୁ ଭୁଜାଲିରେ ଆକ୍ରମଣ କରାଯିବା ସହ ସାଇକେଲ ଚେନରେ ଆଖିକୁ ପିଟିଛନ୍ତି । ପରିବାର ଲୋକ କୃଷ୍ଣଙ୍କୁ ଗୁରୁତର ଅବସ୍ଥାରେ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି । ଏନେଇ କୃଷ୍ଣଙ୍କ ବାପା ଭଗବାନ ମାନସିଂ କୁହନ୍ତି, ମୋର ଦୁଇ ପୁଅ । ଦୁଇ ପୁଅଙ୍କ ମଧ୍ୟରେ ସମ୍ପତ୍ତି ଭାଗ ବଣ୍ଟା ଶେଷ ହୋଇଥିଲେ ମଧ୍ୟ ବଡ଼ ପୁଅ ଗଣ୍ଡଗୋଳ କରୁଥିଲେ । ସାନ ପୁଅ ଘରକୁ ଫେରୁଥିବାବେଳେ ଗାଁ ନିକଟରେ ଭଲି ବଲ ଖେଳା ଯାଉଥିବା ସ୍ଥାନରେ ସାନ ପୁଅକୁ ଆକ୍ରମଣ କରି ତଲାଗିବନ୍ଧ ଗାଁକୁ ଫେରାର ହୋଇଯାଇଛି । ଘରେ ବାରମ୍ୱାର ଗଣ୍ଡଗୋଳ, ମାରପିଟ୍ ବଡ ପୁଅ କରୁ ଥିବାରୁ ଏନେଇ ସୋମବାର ଗୋଡିପଡା ଫାଣ୍ଡିରେ ଅଭିଯୋଗ କରିବୁ । ପ୍ରଥମେ ସାନ ପୁଅକୁ ଭଲ କରିବାକୁ ଡାକ୍ତରଖାନାକୁ ଆଣିଛୁ । ବଡ ପୁଅ ବିବାହ କରି ସାରିଛି । ସାନ ପୁଅ ବିବାହ କରି ନାହିଁ । ତେବେ ସାନ ପୁଅକୁ ସବୁବେଳେ ବଡ ପୁଅ ଟାର୍ଗେଟ କରି ଗଣ୍ଡଗୋଳ କରି ଆସୁଛି ବୋଲି କହି ଭଗବାନ କାନ୍ଦି ପକାଇଥିଲେ ।

**ଭୁଜାଲି ମାରିଲେ, ସାଇକେଲ ଚେନ୍‌ରେ ପିଟିଲେ**


@ ରୁଦ୍ର


@ ରାଜେଶ


@ ଶିବ



@ ସୁଧାଂଶୁ


@ ସୁଶିଲ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋଚର ଜମିକୁ ଠିକାଦାରଙ୍କ ଜବରଦଖଲ

**ଚାଷୀ ଓ ଗାଁଲୋକ ବିତାଉଛନ୍ତି ଅଭିଶପ୍ତ ଜୀବନ**

ନୟାଗଡ଼,୩।୯(ଲୋକନାଥ ମିଶ୍ର)

ଓଡ଼ଗାଁ ତହସିଲ ଦଣ୍ଡୋର ଖଳି ପଡ଼ିଆ ଗୋଚର ହୋଇଥିଲେ ହେଁ ଏହାର ଜମିକୁ ମେଗା ପାନୀୟ ଜଳ ପ୍ରକଳ୍ପର ଠିକାଦାର ଜବରଦଖଲ କରି ରଖିଥିବାରୁ ସ୍ଥାନୀୟ ବାସିନ୍ଦା ଅଭିଶପ୍ତ ଜୀବନଯାପନ କରୁଛନ୍ତି । ପଡ଼ିଆରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଇପ୍ ରଖିବା ଓ କର୍ମଚାରୀ ରହଣି ପାଇଁ ସରପଞ୍ଚଙ୍କଠାରୁ ଠିକାଦାରଏନ୍‌ଓସି ନେଇ ନାହାନ୍ତି । ପଞ୍ଚାୟତରେ ପୁଣି ଗ୍ରାମ ସଭା ହୋଇନି । ଠିକାଦାର ୮ ଏକରରୁ ୫ ଏକର ଦଖଲକୁ ନେଇ ସାରିଲେଣି । ଠିକାଦାରଙ୍କ ଜବରଦଖଲ କାରଣରୁ ଚାଷୀମାନେ କୃଷିକ୍ଷେତ୍ରକୁ ଯିବାକୁ ରାସ୍ତା ନାହିଁ । କେତେଜଣ ଚାଷୀ ଗୋଚର ଜମିରେ ଧାନ ଖଳା କରୁଥିଲେ । ଚାଷୀଙ୍କ ଧାନ ଖଳା ବନ୍ଦ ହୋଇଗଲା । ପୁଣି ଦଣ୍ଡୋର, ଲିଙ୍ଗରାଜପ୍ରସାଦ, ନବରଙ୍ଗପୁର, କୁରାଳ ଗାଁର ଲୋକମାନେ


ଠିକାଦାରଙ୍କ ଦ୍ୱାରା ଜବରଦଖଲ ହୋଇଥିବା ଗୋଚର ଜମି।

ଗାଈଗୋରୁ, ଛେଳି ମେଣ୍ଢା ଆଦି ଗୃହ ପାଳିତ ପ୍ରାଣୀଙ୍କୁ ଚରାଇ ପାରୁନାହାନ୍ତି । ଅନ୍ୟପକ୍ଷେ ସକାଳୁ କେତେଜଣ ଯୁବକ ପୋଲିସ ଟ୍ରେନିଂରେ ଭାଗ ନେବାକୁ କସରତ କରୁଥିଲେ । ସେମାନଙ୍କ କସରତ ବନ୍ଦ ହୋଇ ଯାଇଛି । ବେଆଇନ ଜବରଦଖଲକୁ ହଟାଇବା ପାଇଁ ସ୍ଥାନୀୟ ବାସିନ୍ଦା ତହସିଲଦାରଙ୍କୁ ବାରମ୍ୱାର ଅଭିଯୋଗ କରିବା ପରେ ସୁଫଳ ମିଳିନି । ଏନେଇ ତହସିଲଦାର ଅନିଲ ଆଚାର୍ଯ୍ୟଙ୍କୁ ପଚାରିଲେ କିଛି ନ କହି ଏଡାଇ ଯାଇଥିଲେ ।

## ଓଡ଼କପାରେ ଅଙ୍ଗନୱାଡ଼ି କେନ୍ଦ୍ର ପ୍ରତିଷ୍ଠା ଦାବି ଜୋରଧରିଲା

ନୂଆଗାଁ,୩।୯(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସିଙ୍ଗାରପଲି ପଞ୍ଚାୟତ ଓଡ଼କପା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ପାଇଁ ଦାବି କରିଛନ୍ତି ଓଡ଼କପାବାସୀ। ଏ ନେଇ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ବାରମ୍ବାର ଗୁହାରୀ କରିବା ପରେ ମଧ୍ୟ ଓଡ଼କପା ଗ୍ରାମର ଶିଶୁମାନଙ୍କୁ ପ୍ରଶାସନ ଅଣଦେଖା କରୁଥିବା ଅଭିଯୋଗ ଆଣିଛନ୍ତି ଗ୍ରାମବାସୀ।

ନୂଆଗାଁ ବ୍ଲକ ସିଙ୍ଗାରପଲି ପଞ୍ଚାୟତ ଓଡ଼କପା ଗ୍ରାମରେ ପ୍ରାୟ ଶହେଟି ପରିବାର ରହିଛନ୍ତି। ଓଡ଼କପା ଗ୍ରାମର ୨ ସାହିରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଶିଶୁ ଅଛନ୍ତି । ଉକ୍ତ ଗ୍ରାମର ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ରର ସୁବିଧା ସୁଯୋଗ ପାଇବାକୁ ହେଲେ ସେମାନଙ୍କୁ ଗ୍ରାମଠାରୁ ପ୍ରାୟ ୨ କି.ମି. ଦୂରରେ ଥିବା ସେନ୍ତେରୀ ଗ୍ରାମ ଅଙ୍ଗନୱାଡି କେନ୍ଦ୍ରକୁ ଯିବାକୁ ପଡୁଛି। ମୋଟାମୋଟି ଭାବେ କହିବାକୁ ଗଲେ ଓଡ଼କପା ଗ୍ରାମର ଶିଶୁମାନଙ୍କ ପାଇଁ ସେନ୍ତେରୀ ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ରହିଛି । ତେବେ ସେଠାରେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନ ଥିବାରୁ ସେନ୍ତେରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ


ଓଡ଼କପା ଗ୍ରାମର ଶିଶୁମାନେ ଅଙ୍ଗନୱାଡି କେନ୍ଦ୍ର ଅପେକ୍ଷାରେ।

ଅଙ୍ଗନୱାଡି କେନ୍ଦ୍ର ଚାଲିଛି। ଫଳରେ ସ୍କୁଲ ଛାତ୍ରୀଛାତ୍ରଙ୍କ ପାଠପଢା ସୁବିଧା ଦୃଷ୍ଟିରୁ ଅଙ୍ଗନୱାଡି କେନ୍ଦ୍ର ସକାଳୁଆ ଚଲେଇବାକୁ ପଡୁଛି। ପ୍ରତିଦିନ ସକାଳୁ ଓଡ଼କପା ଗ୍ରାମରୁ ଶିଶୁମାନେ ୨ କି.ମି. ଚାଲି ଚାଲି ଯିବା ଆସିବା କରିବା ସମ୍ଭବପର ହେଉ ନାହିଁ। ଅନ୍ୟପକ୍ଷେ ଶିଶୁମାନଙ୍କୁ ଦାୟିତ୍ୱରେ ନେବା ଆଣିବା କରିବା ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ଦାୟିତ୍ୱ ହୋଇଥିବା ବେଳେ ସେମାନେ ଏଥିରେ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି ଓଡ଼କପାବାସୀ। ଏପରି କି ଶିଶୁମାନେ କେନ୍ଦ୍ରକୁ ନ ଯାଉଥିଲେ ମଧ୍ୟ ଠିକ୍ ସମୟରେ ଶିଶୁମାନଙ୍କ ନିକଟରେ ସେମାନଙ୍କ ଖାଦ୍ୟ ପହଞ୍ଚୁ ନ ଥିବା ମଧ୍ୟ ଅଭିଯୋଗ କରିନ୍ତି। ତେଣୁ ଓଡ଼କପା ଗ୍ରାମରେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ଖୋଲିବା ପାଇଁ ଗ୍ରାମବାସୀଙ୍କ ତରଫରୁ ବାରମ୍ବାର ଅନୁରୋଧ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା କହିଛନ୍ତି, ଗ୍ରାମ ସଭାପତି ପାଣ୍ଡବ ବିଶୋଇ , ମନୁସାହୁ, କପିଳାସ ପ୍ରଧାନ , କୈଳାସ ପ୍ରଧାନ , ଉର୍ବଶୀ ପ୍ରଧାନ , ନିମ ବାରିକ , ରମା ପ୍ରଧାନ , ନମିତା ଖିଲାର, ନନ୍ଦିନୀ ବିଶୋଇଙ୍କ ସମେତ ଓଡ଼କପାବାସୀ ।

ଓଡ଼କପା ଗ୍ରାମରେ ଗୋଟିଏ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା କରିବାକୁ ସିଙ୍ଗାରପଲି ସମିତି ସଭ୍ୟ ସ୍ମିତାରାଣୀ ସେଠୀ ନୂଆଗାଁ ବ୍ଲକ ପଞ୍ଚମ ସାଧାରଣ ବୈଠକରେ ଦାବି ଉପସ୍ଥାପନ କରିଥିଲେ । ସମିତି ସଭ୍ୟ ସେଠୀଙ୍କ ଦାବି ଯଥାର୍ଥ ଏବଂ ଓଡ଼କପା ଗ୍ରାମରେ ମିନି ଅଙ୍ଗନୱାଡି କେନ୍ଦ୍ର ହେବାର ଆବଶ୍ୟକତା ରହିଛି । ତେଣୁ ସେଥିପ୍ରତି ଦୃଷ୍ଟି ଦିଆଯିବ ବୋଲି ନୂଆଗାଁ ସିଡିପିଓ ଶୁଭ୍ରକେଶୀ ମଲିକ କହିଥିଲେ । ଓଡ଼କପା ଗ୍ରାମରେ ଅଙ୍ଗନୱାଡି କେନ୍ଦ୍ର ପ୍ରତିଷ୍ଠା ବାବଦରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଶିଶୁ ଦେଶର ଭବିଷ୍ୟତ । ଯଦି ଆବଶ୍ୟକ ଅଛି ତେବେ କେନ୍ଦ୍ର ପ୍ରତିଷ୍ଠା ପାଇଁ ଆମେ ସହଯୋଗ କରିବୁ ବୋଲି କହିଛନ୍ତି ।

- ଅଙ୍ଗନୱାଡି ସୁବିଧାରୁ ବଞ୍ଚିତ ହେଉଛନ୍ତି ୩୦ରୁ ଉର୍ଦ୍ଧ୍ୱ ଶିଶୁ
- ସମିତି ବୈଠକରେ କ୍ଷୋଭ ପ୍ରକାଶ କରି ଦାବି ଉପସ୍ଥାପନ କଲେ ସମିତି ସଭ୍ୟା

## ସଂକ୍ଷେପରେ

### ସରକାରୀ ଗୃହ ନିର୍ମାଣକୁ ନେଇ ଗଣ୍ଡଗୋଳ

**ନାଏବ ସରପଞ୍ଚଙ୍କ ଭାଇଙ୍କୁ ମାଡ଼ ମାରିଲେ ସରପଞ୍ଚଙ୍କ ସ୍ୱାମୀ ଓ ସମ୍ପର୍କୀୟ**

କାଏମା,୩।୯(ଶିବପ୍ରସାଦ ମହାନ୍ତି): ଯାଜପୁର ଜିଲା ଧର୍ମଶାଳା ଥାନା ଅନ୍ତର୍ଗତ ପାଟପୁର ପଞ୍ଚାୟତରେ ସରକାରୀ ଗୃହ ନିର୍ମାଣକୁ ନେଇ ଗଣ୍ଡଗୋଳ ଘଟିଛି। ଏଥିରେ ସରପଞ୍ଚ ସନ୍ଧ୍ୟାରାଣୀ ନାୟକଙ୍କ ସ୍ୱାମୀ ଧୃଷାଶନ ନାୟକ ଓ ତାଙ୍କର ସମ୍ପର୍କୀୟ ଉକ୍ତ ଗ୍ରାମର ନାଏବ ସରପଞ୍ଚ ସୁରେନ୍ଦ୍ର ଦାସଙ୍କ ଭାଇ ପ୍ରଭାତ ଦାସଙ୍କୁ ଉଠାଇ ନେଇ ମାଡ଼ ମାରିଛନ୍ତି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ମୁତାବକ, ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଏକ ସରକାରୀ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର ଏହା ଅତିନିମ୍ନମାନର କରାଯାଉଥିବା ନାଏବ ସରପଞ୍ଚ ଏବଂ ତାଙ୍କ ଭାଇ ଅଭିଯୋଗ କରିଥିଲେ। ଫଳରେ ଘଟଣାକୁ ନେଇ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ଏନେଇ ସରପଞ୍ଚଙ୍କ ସ୍ୱାମୀ ଅଗଷ୍ଟ ୨୬ରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଘଟଣାର ଆପୋସ ସମାଧାନ ହୋଇଥିଲା। ଏହି ଘଟଣାକୁ ନେଇ ପୁଣି ଶନିବାର ପାଟିତୁଣ୍ଡ ହୋଇଥିଲା। ଫଳରେ ସରପଞ୍ଚଙ୍କ ସ୍ୱାମୀ ନାୟକ ଓ ତାଙ୍କ ସମ୍ପର୍କୀୟ ଅର୍ଜୁନି ନାୟକ, ଭୀମ ନାୟକ ଏବଂ ସରଜୁ ନାୟକ ଆସି ଗାଁ ଛକରେ ତାସ୍ ଖେଳୁଥିବା ନାଏବ ସରପଞ୍ଚଙ୍କ ଭାଇ ପ୍ରଭାତଙ୍କୁ ଏକ ଗାଡ଼ିରେ ଉଠାଇ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ନାୟକଙ୍କୁ ପଚାରିବାରେ ସେ କହିଛନ୍ତି, ମାଡ଼ ମାରିବା ଘଟଣା ସମ୍ପୂର୍ଣ୍ଣ ମିଥ୍ୟା। ପ୍ରଭାତ ବିଭିନ୍ନ ସମୟରେ ମଦ୍ୟପାନ କରି ଗାଳିଗୁଲଜ କରନ୍ତି ଓ ୫୦ ହଜାର ଟଙ୍କା ଚାନ୍ଦା ମାଗିଥିଲେ। ଟଙ୍କା ନ ଦେବାରୁ ସେ ମିଥ୍ୟା ଅଭିଯୋଗ କରିଛନ୍ତି। ଏନେଇ ନାଏବ ସରପଞ୍ଚଙ୍କ ଭାଇଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ଟ୍ରେନ୍‌ରୁ ଜଣେ ନିଖୋଜ, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୩।୯(କଳ୍ପତରୁ ନାୟକ) ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଓଉପଦା ପଞ୍ଚାୟତ କଜଳବନ୍ଧ ଗାଁର ଗଣେଶ ଚନ୍ଦ୍ର ସାମଲ(୫୭) ଅଗଷ୍ଟ ୩୧ରେ ନୂଆଦିଲ୍ଲୀରୁ ନନ୍ଦନକାନନ ଏକ୍ସପ୍ରେସ ଟ୍ରେନରେ ନିଜ ଗାଁକୁ ଆସୁଥିଲେ। ଫେରୁଥିବା ବେଳେ ଶୁକ୍ରବାର ସକାଳ ୮ଟା୩୫ ମିନିଟ୍‌ରେ ଜଲେଶ୍ୱରରେ ଟ୍ରେନ ଥିବାବେଳେ ସ୍ତ୍ରୀ ନିର୍ମଳାଙ୍କ ସହ ଫୋନରେ କଥା ହୋଇଥିଲେ। ପରେ ଆଉ ଗଣେଶଙ୍କ ଫୋନ ଲାଗି ନ ଥିଲା। ପରିବାର ଲୋକମାନେ ଯେତେ ଲଗାଇଲେ ମଧ୍ୟ ଫୋନ ସୁଇଚ ଅଫ ଦେଖାଇଥିଲା। ବହୁ ଖୋଜାଖୋଜି ପରେ ପରିବାର ଲୋକମାନେ ଗଣେଶଙ୍କ କୌଣସି ପତା ନ ପାଇବାରୁ ଶେଷରେ ତାଙ୍କର ନିଖୋଜ ସମ୍ପର୍କରେ ପୁଅ ରାହୁଲ କଟକ ଜିଆରପିଏସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହି ନିଖୋଜ ମାମଲାର ତଦନ୍ତ ଚଳାଇଛି।

# ପୂରଣ ହେଉନି ଅଣସଂରକ୍ଷଣ ଦାବି

ଯାଜପୁର,୩।୯(ହର୍ଷବର୍ଦ୍ଧନ ବେହେରା) ଯାଜପୁର ଲୋକ ସଭା ଆସନଟି ୧୯୬୨ରୁ ସଂରକ୍ଷିତ ହୋଇରହିଛି। ଗତ ଦୁଇ ଦଶନ୍ଧି ହେଲା ଯାଜପୁର ଲୋକ ସଭା ଆସନରୁ ମୋହନ ଜେନାଙ୍କୁ ବାଦ୍ ଦେଲେ ଅନ୍ୟ କେହି ବିଜେଡିରୁ ଲଗାତର ଏମ୍‌ପି ପ୍ରାର୍ଥୀ ହୋଇନାହାନ୍ତି। କିନ୍ତୁ ଏଥର ଜଣେ ଉଚ୍ଚ ଶିକ୍ଷିତା ମହିଳା ଏମ୍‌ପି ପଦରେ ଅଧିଷ୍ଠିତ ଥିବାରୁ ପ୍ରାର୍ଥୀ ବଦଳ ହୋଇ ନ ପାରେ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ୬୧ ବର୍ଷ ହେଲା ଯାଜପୁର ଭଳି ଏକ ବିକଶିତ ଜିଲାରେ ଏମ୍‌ପି ପଦବୀ ସଂରକ୍ଷିତ ରହି ଆସୁଥିବାରୁ ଲୋକେ ଏହାକୁ ସହଜରେ ଗ୍ରହଣ କରି ପାରୁନାହାନ୍ତି। କେନ୍ଦ୍ରର ସୀମା ପୁନଃନିର୍ଦ୍ଧାରଣ କମିଟି ଏବଂ କେନ୍ଦ୍ର ନିର୍ବାଚନ ଅଧିକାରୀ ଏହି ସଂରକ୍ଷିତ ଆସନର ପରିବର୍ତ୍ତନ ପାଇଁ କେବେ ବି ଦୃଷ୍ଟି ଦେଇ ନ ଥିବା ଚର୍ଚ୍ଚା ହେଉଛି। କେନ୍ଦ୍ର କମିଟିର ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରତି ୨୦ ବର୍ଷରେ ଥରେ ସୀମା ପୁନଃନିର୍ଦ୍ଧାରଣ କମିଟିର ବୈଠକ ବସିଲାବେଳେ ସଂରକ୍ଷିତ ଆସନ ପ୍ରତି ଦୃଷ୍ଟି ଦେଇ ଆଲୋଚନା ହେବା କଥା। ରାଜ୍ୟରେ ଯେତିକି ଆସନ ରହିଛି, ତାହା ସେତିକିରେ ସୀମାବଦ୍ଧ ହୋଇ ରହିବ। କିନ୍ତୁ ଭୌଗୋଳିକ ଦୃଷ୍ଟିକୋଣରୁ ଏବଂ ଜନସଂଖ୍ୟାକୁ ପାଥେୟ କରି ଆସନର ପରିବର୍ତ୍ତନ ହେବା କଥା। ଏହା ବିଧାନସଭା ପାଇଁ ଯେମିତି ଲୋକ ସଭା ଆସନ ପ୍ରତି ମଧ୍ୟ ସେହିପରି ଲାଗୁ ହେବ। ଯାଜପୁର ଲୋକ ସଭା ନିର୍ବାଚନମଣ୍ଡଳୀରେ ୭ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ଏଥିରୁ ବିଞ୍ଝାରପୁର ବିଧାନସଭା ନିର୍ବାଚନମଣ୍ଡଳୀଟି ସର୍ବାଧିକ ସମୟ ଧରି ସଂରକ୍ଷିତ ରହିଛି। ସୁକିନ୍ଦା, ବରୀ, ଯାଜପୁର ନିର୍ବାଚନମଣ୍ଡଳୀର ପରିବର୍ତ୍ତନ ଘଟିଥିଲେ ମଧ୍ୟ ବିଞ୍ଝାରପୁର ସେହିପରି ଅପରିବର୍ତ୍ତିତ ରହିଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଯାଉଛି। ସେହିପରି ସଂରକ୍ଷିତ ଯାଜପୁର ଲୋକ ସଭା ଆସନର ପରିବର୍ତ୍ତନ ପାଇଁ ବୁଦ୍ଧିଜୀବୀ ମହଲରୁ ସ୍ୱର ଉଠିବାକୁ ଲାଗିଲାଣି। ୧୯୫୧ରୁ ୧୯୫୭ ପର୍ଯ୍ୟନ୍ତ ଓଡ଼ିଶାରେ ୧୪ ଲୋକ ସଭା ନିର୍ବାଚନମଣ୍ଡଳୀ ଥିଲା। ୧୯୬୨ ପରଠାରୁ ଏହି ଆସନ ସଂଖ୍ୟା ୨୧ ହେଲା। ସେବେଠାରୁ ଯାଜପୁର ଲୋକ ସଭା ଆସନଟି ସଂରକ୍ଷିତ ହୋଇ ଏଯାବତ୍ ରହିଆସିଛି। ସେବେଠାରୁ ଏମ୍‌ପି ଭାବେ ରାମଚନ୍ଦ୍ର ମଲ୍ଲିକ ୩ ଥର, ବାଇଧର ବେହେରା ଥରେ, ୧୯୭୧ରୁ ଅନାଦିଚରଣ ଦାସ ବିଭିନ୍ନ ଦଳରୁ ୬ ଥର, ଜଗନ୍ନାଥ ମଲ୍ଲିକ ଥରେ, ମୋହନ ଜେନା ୨ ଥର, ରୀତା ତରାଇ ଥରେ ଏବଂ ଏବେ ଶର୍ମିଷ୍ଠା ସେଠୀ ପ୍ରତିନିଧିତ୍ୱ କରୁଛନ୍ତି। ପୂର୍ବାପେକ୍ଷା ଏବେ ଏମ୍‌ପିମାନଙ୍କ ହାତପାଣ୍ଠି ୫ କୋଟିରେ ପହଞ୍ଚିଲାଣି। କିନ୍ତୁ ଦେଖାଯାଉଛି ଯେ ଏମ୍‌ପିମାନେ କୌଣସି ଅଞ୍ଚଳରେ ଆଖିଦୃଶିଆ କାର୍ଯ୍ୟ କରୁନାହାନ୍ତି। ଏମ୍‌ପିଙ୍କ ହାତପାଣ୍ଠି ଟଙ୍କାର ସୁବିନିଯୋଗ କରିବା ପାଇଁ ବିଧାୟିକା, ବିଧାୟକମାନେ ବାଟ ଛାଡୁ ନଥିବା କୁହାଯାଉଛି। କେନ୍ଦ୍ରୀୟ ଅନୁଦାନରେ ଚାଲିଥିବା ପ୍ରକଳ୍ପଗୁଡ଼ିକର ମଧ୍ୟ ତଦାରଖ କରିବା ପାଇଁ ସେମାନେ ଇଚ୍ଛା ପ୍ରକାଶ କରିବା ଦେଖାଯାଇନାହିଁ। ପୂର୍ବତନ ଏମ୍‌ପି ରୀତା ତରାଇଙ୍କ ସମୟରେ ସେ ଯେତେଗୁଡ଼ିଏ ପୋଷ୍ୟ ଗ୍ରାମ ହାତକୁ ନେଇଥିଲେ ତାହା ଏବେ ବି ଅଧୁରା ହୋଇରହିଛି। ପ୍ରତି ବିଧାନସଭା ନିର୍ବାଚନମଣ୍ଡଳୀ ଗସ୍ତ କରି ଲୋକ କଲ୍ୟାଣକାରୀ ପ୍ରକଳ୍ପଗୁଡ଼ିକୁ ହାତକୁ ନେଇ ନିଜ ହାତପାଣ୍ଠି ଟଙ୍କା ଖର୍ଚ୍ଚ କରିବାକୁ ଜନସାଧାରଣଙ୍କ ପକ୍ଷରୁ ହେଉଥିବା ଦାବିଗୁଡ଼ିକୁ ସେମାନେ ଏଡ଼ାଇ ଚାଲିଥିବା ଯୋଗୁ ସାଧାରଣ ଜନତା ଏମ୍‌ପିଙ୍କ କାର୍ଯ୍ୟ ଆଦୌ ଜାଣିପାରୁନାହାନ୍ତି। ଏହାବାଦ୍ ଯାଜପୁର ଜିଲାର ପ୍ରମୁଖ ଦାବି ବିରଜାକ୍ଷେତ୍ର ଦେଇ ଆରଡିକୁ ରେଳପଥ ସଂଯୋଗ ଏବଂ ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେଶନକୁ ଡିଭିଜନ ମାନ୍ୟତା ଉପରେ ଏମ୍‌ପିଙ୍କ ପକ୍ଷରୁ ଯେତେ ଥର ଦାବି ହେଉଥିଲେ ବି କିଛି ସୁଫଳ ମିଳି ପାରୁନାହିଁ। ବିରଜା କ୍ଷେତ୍ରକୁ ରେଳ ଲାଇନ ପାଇଁ ୧୯୫୬ରୁ ହେଉଥିବା ଦାବି ଏପର୍ଯ୍ୟନ୍ତ ପୂରଣ ହୋଇପାରିନାହିଁ। ପୂର୍ବରୁ ବି କେତେଜଣ ଏମ୍‌ପି ଏ ସମ୍ପର୍କରେ ଦାବି କରିଥିଲେ ହେଁ ରେଳ ମନ୍ତ୍ରଣାଳୟକୁ କୌଣସି ପ୍ରଭାବ ପକାଇ ନ ଥିବା ଜଣାପଡ଼େ। ଏହାବାଦ ଯାଜପୁର ଜିଲାରେ ଡାକ ବ୍ୟାଙ୍କ ଖୋଲା ଯିବାରେ ଅନ୍ୟ ଜିଲାଠାରୁ ପଛୁଆ ରହିଛି। ସେହିପରି ଦୀର୍ଘ ଦିନର ଲୋକଙ୍କ ଦାବି ନଦୀ ସଂଯୋଗୀକରଣ ଜିଲାରେ ସମ୍ଭବ ହୋଇପାରିନାହିଁ। ଏହିସବୁ ଦୃଷ୍ଟିକୋଣରୁ ଆସନ୍ତା ଲୋକ ସଭା ନିର୍ବାଚନ ପୂର୍ବରୁ ଯାଜପୁର ସଂରକ୍ଷିତ ଆସନର ପରିବର୍ତ୍ତନ ପାଇଁ ଜିଲାବାସୀ ଦାବି ଜଣାଇଛନ୍ତି। ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା କୁହନ୍ତି, ରାଜ୍ୟରେ ଯାଜପୁର ଏକ ବିକଶିତ ଜିଲା ଭାବେ ପରିଚିତ ହୋଇଥିବାବେଳେ ଏମ୍‌ପି ଆସନକୁ ସଂରକ୍ଷିତ ରଖିବା ଦୁର୍ଭାଗ୍ୟଜନକ।

**୬୧ ବର୍ଷ ହେଲା ଯାଜପୁର ଲୋକ ସଭା ଆସନ ସଂରକ୍ଷିତ**




### ଗଛଡାଳ କାଟିବାବେଳେ ଶ୍ରମିକଙ୍କ ମୃତ୍ୟୁ

ଧର୍ମଶାଳା/ଜେନାପୁର,୩।୯ (ବଟକୃଷ୍ଣ ପରିଡ଼ା/ଅଶୋକ ଦାସ): ଗଛ କାଟିବାବେଳେ ଜେନାପୁର ଥାନା ଅଧୀନ ବ୍ରହ୍ମପୁର ଗ୍ରାମର ଜଣେ ଶ୍ରମିକଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ବନମାଳି ଦଲାଇ(୫୫)। ସେ ତାଙ୍କ ଗାଁ ପାଖରେ ଥିବା ଏକ ଅଶ୍ୱତ୍ଥ ଗଛରେ ଚଢ଼ି ଡାଳ ହାଣୁଥିବାବେଳ ହଠାତ୍ ଡାଳଟି ତାଙ୍କ ଉପରେ ପଡ଼ି ଯାଇଥିଲା। ଫଳରେ ତାଙ୍କର ବାମପଟ ଗୋଡ଼ ଛିଡ଼ି ଯାଇଥିଲା। ସେ ୩୦ଫୁଟ ଉଚ୍ଚରେ ଲଟକି ହୋଇ ରହିଥିଲେ। ସ୍ଥାନୀୟ ଲୋକେ, ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଧର୍ମଶାଳା ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୨/୨୩ ରୁଜୁ ହୋଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କ ପରିବାରକୁ ସରକାର ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଔଷଧୀୟ ଚାରା ଚାଷ ଉପରେ ସଚେତନତା

ରସୁଲପୁର,୩।୯(ରଞ୍ଜିତ ରାଉତ): ରସୁଲପୁର ବ୍ଲକ ଅନ୍ତର୍ଗତ ବିଜୁନଗରସ୍ଥିତ ଶୁଭମ ହୋଟେଲ ସମ୍ମିଳନୀ କକ୍ଷରେ ଆର୍‌ସିଏଫ୍‌ସି(ରିଜିଓନାଲ କମ୍ ଫେସିଲେଶନ ସେଣ୍ଟର) ଆନୁକୂଲ୍ୟରେ ଜାତୀୟ ଔଷଧୀୟ ବୃକ୍ଷ ପରିଷଦ(ଭାରତ ସରକାରଙ୍କ ଆୟୁର୍ବିଜ୍ଞାନ ସଂସ୍ଥା) ପକ୍ଷରୁ ଏକ ଆଲୋଚନାଚକ୍ର ଓ ଔଷଧୀୟ ଚାରା ଚାଷ ଉପରେ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ (ଆର୍‌ସିଏଫ୍‌ସି) ଯାଦବପୁର ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସଞ୍ଜୟ ବାଲା ଅଧ୍ୟକ୍ଷତା କରିଥିଲେ। ଜଳବାୟୁ ପରିବର୍ତ୍ତନ ଯୋଗୁ ମାନବ ଶରୀରରେ ନାନା ରୋଗ ଦେଖାଯାଉଛି। ତେବେ ରୋଗମୁକ୍ତ ହେବା ଦିଗରେ ଆବଶ୍ୟକ ଔଷଧୀୟ ବୃକ୍ଷ ପରିବେଶରୁ କ୍ରମଶଃ ଲୋପ ପାଇଯାଉଥିବାକୁ ନେଇ ସମ୍ବଳ ଅଧିକାରୀମାନେ ଚିନ୍ତା ପ୍ରକଟ କରିଥିଲେ। ସନ୍ତୁଳନ ରକ୍ଷା କରିବାକୁ ହେଲେ ବ୍ୟାପକ ଔଷଧୀୟ ଚାରା ଚାଷ କରିବାକୁ ପଡ଼ିବ। ଏହି ପ୍ରୟାସ କେବଳ ଚାଷୀଙ୍କ ଦ୍ୱାରା ସମ୍ଭବପର ହୋଇପାରିବ। ଚାଷୀ ଚାଷପ୍ରତି ମନୋନିବେଶ କରିବା ସହ ଔଷଧୀୟ ବୃକ୍ଷରୁ ଉତ୍ପାଦିତ ଔଷଧୀୟ ଉପାଦାନକୁ ସାଇତି ରଖିବା ଓ ତାହାକୁ ଉଚିତ ମୂଲ୍ୟ ପ୍ରଦାନ କରିବା ଦିଗରେ ଉପଯୁକ୍ତ ବଜାରର ସୁବିଧା ଉପଲବ୍ଧ କରିବା ଉପରେ ଆଲୋଚନା କରାଯାଇଥିଲା।


ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଧିକାରୀ ଓ ଚାଷୀମାନେ।

ଏଥିରେ ବ୍ଲକ ଅଞ୍ଚଳରୁ ୧୬୦ରୁ ଉର୍ଦ୍ଧ୍ୱ ଚାଷୀ ଯୋଗଦେଇ ଔଷଧୀୟ ଚାଷର ବିଭିନ୍ନ ଦିଗ ସମ୍ପର୍କରେ ଅବଗତ ହୋଇଥିଲେ। ବିଭିନ୍ନ ବିଭାଗରୁ ଆସିଥିବା ସମ୍ବଳ ଅଧିକାରୀମାନେ କେବଳ ଔଷଧୀୟ ବୃକ୍ଷ ଚାଷ କରି ଜଣେ ଚାଷୀ କିପରି ଆତ୍ମନିର୍ଭରଶୀଳ ହୋଇପାରିବ ତା'ର ଉପାୟ ସମ୍ପର୍କରେ ମତ ରଖିଥିଲେ। ଚାଷୀମାନେ ଚିରାଚରିତ ଚାଷକରିବା ସହ ସେମାନଙ୍କ ଅନ୍ୟୂନ ୧୦ ଶତକଡା ଜମିରେ ଔଷଧୀୟ ଗଛ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ଏହି ଚାଷ କଲେ କି ଲାଭ ମିଳିବ ଓ ସରକାରଙ୍କ ପକ୍ଷରୁ କ'ଣ ସବୁ ସୁବିଧା ଉପଲବ୍ଧ ହୋଇପାରିବ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା।

ଆଲୋଚନାଚକ୍ରରେ କୃଷି ବୈଜ୍ଞାନିକମାନେ ଯୋଗଦେଇ ଚାଷର ପ୍ରଣାଳୀ, ବେଉଷଣ ଓ ରୋଗ ଦାଉରୁ ସୁରକ୍ଷା ଆଦି ଦିଗ ସମ୍ପର୍କରେ ଶିବିରାର୍ଥୀଙ୍କୁ ବୁଝାଇ କହିଥିଲେ। ଆଲୋଚନାଚକ୍ର ଓ ସଚେତନତା ଶିବିରରେ ସମ୍ବଳ ଅଧିକାରୀ ଭାବେ ଫାଇଟୋବାଓକ୍ସର ପରିଚାଳନା ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଓଡ଼ିଶା କୃଷି ବିଜ୍ଞାନ ଓ ବୈଷୟିକ ସଂସ୍ଥାର ସହକାରୀ ପ୍ରଫେସର ବୈଜ୍ଞାନିକ ଡ. ସୁବାସ ଚନ୍ଦ୍ର ସ୍ୱାଇଁ, କୃଷି ବିଜ୍ଞାନ କେନ୍ଦ୍ର ବଡ଼ଚଣାର ବରିଷ୍ଠ ବୈଜ୍ଞାନିକ ସୁନୀଲ ମହାପାତ୍ର, ଏପିକଲ ଯାଜପୁର ଜିଲା ସଂଯୋଜକ ଜିତେନ ଦାସ, ଓରମାସର ଉପମୁଖ୍ୟ ନିର୍ବାହୀ ଅଧିକାରୀ କ୍ଷୀତିଶ ବଳ, ଓଡ଼ିଶା ଜୀବିକା ମିଶନର ଜିଲା ପ୍ରକଳ୍ପ ସଂଯୋଜକ ପ୍ରଶାନ୍ତ ପାଢ଼ୀ, ଡ. ସୌମ୍ୟଜିତ୍ ବିଶ୍ୱାସ, ସୁଦୀପ୍ତ ଘୋଷ, କୃଷ୍ଣଚନ୍ଦ୍ର ବେହେରା ଓ ଶାସ୍ତ୍ରୀ ବାହାଦୁର ପ୍ରଧାନ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସାମାଜିକକର୍ମୀ ନାରାୟଣ ଚନ୍ଦ୍ର ଜେନା, ପ୍ରଶାନ୍ତ କୁମାର ଦାସ, ଯୁବନେତା ଦୁଷ୍ମନ୍ତ ମଲିକ ଓ ଚାଷୀ ଶିଶିର ରାଉତଙ୍କ ସମେତ ଅନୁଷ୍ଠାନର ବହୁ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ରିଙ୍କୁ ମେମୋରିଆଲ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା

ଚଣ୍ଡିଖୋଲ,୩।୯ (ପ୍ରଦୀପ୍ତ କୁମାର ପୃଷ୍ଟି): ୭ମ ରିଙ୍କୁ ମେମୋରିଆଲ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ବଡ଼ଚଣା ବ୍ଲକ୍ ଅଧୀନ ଛତିଆସ୍ଥିତ ମହାପୁରୁଷ ହାଡ଼ି ଦାସ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. କେଦାର ନାଥ ଦାସଙ୍କ ଅଧ୍ୟକ୍ଷତାରେ ପରିଚାଳିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଫେସର ଡ. ଆଦିତ୍ୟ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜପ୍ରତିଭା ବିକାଶ ଦିଗରେ ଛାତ୍ରୀଛାତ୍ର ଉଦ୍ୟମ ଜାରି ରଖିବା ଦରକାର। ସମସ୍ତଙ୍କ ନିକଟରେ ଦକ୍ଷତା ରହିଛି, ତା'କୁ ପରିପ୍ରକାଶ କରିପାରିଲେ ଯୁବ ସମାଜ ଆଗକୁ ବଢ଼ି ପାରିବ ବୋଲି କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ରାମଚନ୍ଦ୍ର ବେହେରା ଯୋଗଦେଇ କହିଥିଲେ, ରିଙ୍କୁ ଜଣେ ଯୁବ ଇଞ୍ଜିନିୟର ଥିଲେ। ମାତ୍ର ୨୮ ବର୍ଷ ବୟସରେ ସେ ନିଜର ପ୍ରତିଭା ପ୍ରଦର୍ଶିତ କରିପାରିଥିଲେ। ଟ୍ରଷ୍ଟ ଅଧ୍ୟକ୍ଷ ପ୍ରାଧ୍ୟାପକ ରବୀନ୍ଦ୍ର ନାଥ ସାମଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବକ୍ତୃତା ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ୩ ହଜାର ଓ ୨ ହଜାର ଟଙ୍କାର ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ସାହୁ, ଟ୍ରଷ୍ଟ ସଦସ୍ୟା ବିଦ୍ୟୁତ୍‌ଲତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ କବି ରୁଦ୍ର ପ୍ରସନ୍ନ ସାମଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପିକା କବିତା ସାହୁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅତିଥିମାନେ ଟ୍ରଷ୍ଟର ଏକ ପୁସ୍ତକ ଲୋକାର୍ପଣ କରିଥିଲେ।


ରିଙ୍କୁ ମେମୋରିଆଲ ସ୍ମାରକୀ ବକ୍ତୃତା ପ୍ରତିଯୋଗିତା ଅବସରରେ ପୁସ୍ତକ ଉନ୍ମୋଚନ କରାଯାଉଛି।


ଏସ୍‌ୟୁଜେ ପକ୍ଷରୁ ଚାରା ରୋପଣ କରାଯାଉଛି।

# ଏସ୍‌ୟୁଜେ ପକ୍ଷରୁ ଚାରାରୋପଣ

ଚଢ଼େଇଧରା,୩।୯ (ଦିଲୀପ କୁମାର ପରିଡ଼ା): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ କବାଟବନ୍ଧ ବଣିଆ ସାହିଠାରେ ଷ୍ଟେଟ୍ ୟୁନିୟନ୍ ଅଫ୍ ଜର୍ନାଲିଷ୍ଟ(ଏସ୍‌ୟୁଜେ) ଯାଜପୁର ଜିଲା ଶାଖା ପକ୍ଷରୁ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ପ୍ରକାରର ଚାରାରୋପଣ କରାଯାଇଛି। ଜେନାପୁର ଶାଖା ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ କବାଟବନ୍ଧ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ନିହାର ରଞ୍ଜନ କର ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିଥିଲେ। ଏସ୍‌ୟୁଜେର ଯାଜପୁର ଜିଲା ଶାଖା(ଜେଏଜେ) ସଭାପତି ସୁବାସ ଧଳ ଓ ପୂର୍ବତନ ସରପଞ୍ଚ ମାୟାଧର ଭୂୟାଁ ଅନ୍ୟତମ ଅତିଥିଭାବେ ଯୋଗ ଦେଇଥିଲେ। ଜେନାପୁର ଶାଖା ପକ୍ଷରୁ ପରମାନନ୍ଦ ସାହୁ, ବସନ୍ତ କୁମାର ନାୟକ, ଶଙ୍କର ପ୍ରତାପ ଦାସ, ସୁବ୍ରତ କୁମାର ସାହୁ, ବିନେଶ ପରିଡ଼ା, ସୌମ୍ୟରଞ୍ଜନ ପଣ୍ଡା, ଦିଲୀପ ପରିଡ଼ା, ପ୍ରଭାତ କୁମାର ସାହୁ, ବିନୋଦ ବିହାରୀ ପରିଡ଼ା, ସୁଶାନ୍ତ କୁମାର ଗୋଛାୟତ ଓ ପ୍ରଶାନ୍ତ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ବାସିନ୍ଦା ସଦାନନ୍ଦ ମହାରଣା, ପ୍ରଶାନ୍ତ ପଟ୍ଟନାୟକ, ଶରତ ଚନ୍ଦ୍ର ବେହେରା, ବାବୁଲି ସାହୁ ଓ ଅଜୟ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ସଂଘବଦ୍ଧ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ

**ଯାଜପୁର ଜିଲା ସାମ୍ବାଦିକ ସଂଘ ପକ୍ଷରୁ ଆଲୋଚନାଚକ୍ର**

ଧର୍ମଶାଳା,୩।୯(ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ୍ ଅଧୀନ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ହଲ୍‌ରେ ରବିବାର ଯାଜପୁର ଜିଲା ସାମ୍ବାଦିକ ସଂଘ(ଜେଏଜେ) ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ଶାଖା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସଂଘ ସଭାପତି ସୁବାସ ଚନ୍ଦ୍ର ଧଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏସ୍‌ୟୁଜେର ରାଜ୍ୟ ସଭାପତି କୈଳାସ ଚନ୍ଦ୍ର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସଂଘବଦ୍ଧଭାବେ କାର୍ଯ୍ୟ କରିବାକୁ ପରାମର୍ଶ ଦେବା ସହିତ ବିଭିନ୍ନ ସମୟରେ ଘଟୁଥିବା ଘଟଣାଗୁଡ଼ିକୁ ଗୁରୁତର ସହ ପ୍ରକାଶ କରିବାକୁ ଅନୁରୋଧ କରିଥିଲେ।

ମୁଖ୍ୟବକ୍ତାଭାବେ ସ୍ତମ୍ଭକାର ମନୋରଞ୍ଜନ ମହାନ୍ତି ଯୋଗଦେଇ ସାମ୍ବାଦିକତା ହେଉଛି ଏକ ତପସ୍ୟା। ତେଣୁ ନିଜର ବିବେକ ଓ ବିଚାର ପ୍ରୟୋଗ କରି ଖବର ପରିବେଷଣ କରିବା ହେଉଛି ମାନବବାଦୀ ସାମ୍ବାଦିକତାର ଧର୍ମ ବୋଲି କହିଥିଲେ। ସମ୍ମାନିତବକ୍ତାଭାବେ ଖବରଦାତା ବିରଞ୍ଚି ନାରାୟଣ ଦାସ ଯୋଗଦେଇ ଜଣେ ଖବରଦାତା ନିଷ୍ପାପରଭାବେ ଖବର ପରିବେଷଣ କରିବା ସହିତ ତା'ର ଲେଖନି ଶାଣିତ ହେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଉଦୟନାଥ ଖଣ୍ଡେଇ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଚିନ୍ତାମଣି ପାଢ଼ୀ, ରାଜ୍ୟ ନିମନ୍ତ୍ରିତ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ଶତପଥୀ ଓ ଜିଲା ଗଣମାଧ୍ୟମ ସଂଘର ପୂର୍ବତନ ସଭାପତି ଇନ୍ଦ୍ରମଣି ନାୟକ ଯୋଗଦେଇ ସଂଗଠନ ସମ୍ପର୍କରେ ଆଲୋକପାତ କରିବା ସହିତ ଏହାକୁ ରାଜ୍ୟରେ ଏକ ଅଗ୍ରଣୀ ସଂଗଠନ ଭାବେ ଠିଆ କରିବାକୁ ଖବରଦାତାଙ୍କୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଖବରଦାତା ବଟକୃଷ୍ଣ ପରିଡ଼ା ଓ ଡ. ନିତ୍ୟାନନ୍ଦ ମିଶ୍ରଙ୍କ ସମେତ ମଞ୍ଚାସୀନ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲା ସଂଘ ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବିବରଣୀ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲାର ଖବରଦାତାମାନଙ୍କୁ ସଂଘ ପକ୍ଷରୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଖବରଦାତା ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅମୂଲ୍ୟ କୁମାର ବରାଳ ସ୍ୱାଗତ ଭାଷଣ ଦେଇଥିଲେ। ଖବରଦାତା ମାନସ ରଞ୍ଜନ ଜେନା ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ପ୍ରାରମ୍ଭରେ ପୂର୍ବତନ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ବିୟୋଗରେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ଖବରଦାତା ସୀତାକାନ୍ତ ସାମଲ, ବିକ୍ରମ କେଶରୀ ମହାନ୍ତି, ପ୍ରଶାନ୍ତ କୁମାର ଗନ୍ତାୟତ, ବିନୋଦ ବିହାରୀ ସାହୁ, ଅନିଲ କୁମାର ନାୟକ, ରଶ୍ମୀରଞ୍ଜନ ରାୟ, କିଶୋର ରାଉତ, ଚିନ୍ମୟ ନାୟକ ଓ ବିନୋଦ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଜିଲା ସମ୍ପାଦକ ପରମାନନ୍ଦ ସାହୁ ଧନ୍ୟବାଦ ଦେଇଥିଲେ।


କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ ହୋଇଥିବା ଅତିଥିମାନେ।

## ସଂକ୍ଷେପରେ

### ଟ୍ରେନ୍‌ରୁ ଜଣେ ନିଖୋଜ, ଥାନାରେ ଏତଲା

ପଟ୍ଟାମୁଣ୍ଡାଇ,୩।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଓଉପଦା ପଞ୍ଚାୟତ କଜଳବନ୍ଧ ଗାଁର ଗଣେଶ ଚନ୍ଦ୍ର ସାମଲ(୫୭) ଅଗଷ୍ଟ ୩୧ରେ ନୂଆଦିଲ୍ଲୀରୁ ନନ୍ଦନକାନନ ଏକ୍ସପ୍ରେସ ଟ୍ରେନରେ ନିଜ ଗାଁକୁ ଆସୁଥିଲେ। ଫେରୁଥିବା ବେଳେ ଶୁକ୍ରବାର ସକାଳ ୮ଟା୩୫ ମିନିଟ୍‌ରେ ଜଲେଶ୍ୱରରେ ଟ୍ରେନ ଥିବାବେଳେ ସ୍ତ୍ରୀ ନିର୍ମଳାଙ୍କ ସହ ଫୋନରେ କଥା ହୋଇଥିଲେ। ପରେ ଆଉ ଗଣେଶଙ୍କ ଫୋନ ଲାଗି ନ ଥିଲା। ପରିବାର ଲୋକମାନେ ଯେତେ ଲଗାଇଲେ ମଧ ଫୋନ ସୁଇଚ ଅଫ ଦେଖାଇଥିଲା। ବହୁ ଖୋଜାଖୋଜି ପରେ ପରିବାର ଲୋକମାନେ ଗଣେଶଙ୍କ କୌଣସି ପତା ନ ପାଇବାରୁ ଶେଷରେ ତାଙ୍କର ନିଖୋଜ ସମ୍ପର୍କରେ ପୁଅ ରାହୁଲ କଟକ ଜିଆରପିଏସ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏହି ନିଖୋଜ ମାମଲାର ତଦନ୍ତ ଚଳାଇଛି।

### କଷଣଅଣ୍ଟା ହାଇସ୍କୁଲରେ ଜିଲାସ୍ତରୀୟ ସଂସ୍କୃତ ଦିବସ

ପଟ୍ଟାମୁଣ୍ଡାଇ, ୩।୯(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅନ୍ତର୍ଗତ କଷଣଅଣ୍ଟା ହାଇସ୍କୁଲଠାରେ ଜିଲାସ୍ତରୀୟ ସଂସ୍କୃତ ଦିବସ ଶନିବାର ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଜିଲା ସଂସ୍କୃତ ସଂଘ ସଭାପତି ପଣ୍ଡିତ ପ୍ରମୋଦ କୁମାର ତ୍ରିପାଠୀଙ୍କ ପୌରୋହିତ୍ୟ ଓ ନର୍ମଦା ବେହେରାଙ୍କ ସଂଯୋଜନାରେ ଆୟୋଜିତ ସଭାରେ ପୂର୍ବତନ ରାଜ୍ୟ ସଂସ୍କୃତଜ୍ଞ ପ୍ରଶିକ୍ଷକ ଡ. କାଳୀ ପ୍ରସନ୍ନ ଶତପଥୀ, ରାଜ୍ୟ ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ କସ୍ତୁରୀ ଚରଣ ସ୍ୱାଇଁ ମୁଖ୍ୟବକ୍ତା, କଷଣଅଣ୍ଟା ହାଇସ୍କୁଲ ପ୍ରଧାନ ଶିକ୍ଷକ ସଚିତ୍ର ବେହୁରା ଓ ଶିକ୍ଷାବିତ୍ ସୁରେଶ ଜେନା, ପୂର୍ବତନ ସଂସ୍କୃତ ଶିକ୍ଷକ ବଳରାମ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ ଓ ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ସ୍ୱାଗତଭାଷଣ, ମାନସ ମୁଦ୍ରା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସମ୍ପାଦକ ଭଗବାନ ସାହୁ ବିବରଣୀ ପାଠ କରିଥିଲେ। ଏହି ସଂସ୍କୃତ ଦିବସ ପାଳନ ଅବସରରେ ଉତ୍କଳ କାଳି ଦାସ ପଣ୍ଡିତ ପ୍ରବୋଧ କୁମାର ମିଶ୍ରଙ୍କ ସଂସ୍କୃତଦୂତ କାବ୍ୟ ପ୍ରଜ୍ଞାଦୂତମ୍ ର କାବ୍ୟାନୁବାଦ ପଣ୍ଡିତ ପ୍ରମୋଦଙ୍କ ରଚିତ ପୁସ୍ତକଟିକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ସଂଘ ପକ୍ଷରୁ ଆୟୋଜିତ ଗୀତାପାଠ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପଣ୍ଡିତ ଭୁବନ ମୋହନ ମିଶ୍ର, ପଣ୍ଡିତ ଜୟନ୍ତ ଶତପଥୀ ଓ ପଣ୍ଡିତ ଅନୀଲ ଦାସ ବିଚାରକ ଭାବେ କୃତୀ ପ୍ରତିଭା ଚୟନ କରିଥିଲେ। ସଂସ୍କୃତରେ ଶତ ପ୍ରତିଶତ ନମ୍ବର ରଖିଥିବା ପିଲାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଣ୍ଡିତ ଉମାକାନ୍ତ ମହାପାତ୍ର, ଜୟନ୍ତ ପଣ୍ଡା, ସୁରେଶ ପାଣି, ପ୍ୟାରିମୋହନ ସ୍ୱାଇଁ, ଶ୍ରୀନାଥ ମିଶ୍ର, ଗୋପୀନାଥ ଦ୍ୱିବେଦୀ ମମତା ମିଶ୍ର ସଭା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ପଣ୍ଡିତ ତ୍ରୈଲୋକ୍ୟ ପ୍ରସାଦ ମିଶ୍ର ଧନ୍ୟବାଦ ଦେଇଥିଲେ।

### ଅମିର କୁମାର ନାଥଶର୍ମାଙ୍କୁ ସେବା ପୁରସ୍କାର

ପଟ୍ଟାମୁଣ୍ଡାଇ,୩।୯(ଅକ୍ଷୟ ବିଶ୍ୱାଳ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ତରଡିପାଳ ପଞ୍ଚାୟତ ତରଡିପାଳ ଗ୍ରାମର ଅମିର କୁମାର ନାଥଶର୍ମାଙ୍କୁ ରାଜ୍ୟପାଳ ଗତ ୨୫ ତାରିଖ ଦିନ ସେବା ପୁରସ୍କାର ପ୍ରଦାନ କରିଛନ୍ତି । ପିଲାଟି ଦିନରୁ ଅମିର ବିଭିନ୍ନ ଜନହିତକର କାର୍ଯ୍ୟ କରି ଆସୁଛନ୍ତି। କାରାମଙ୍ଗଳ ଅଧିକାରୀ ଭାବେ ବଲାଙ୍ଗୀରରେ ସେ ଯୋଗ ଦେବା ପରେ କଏଦୀମାନଙ୍କ ବିଭିନ୍ନ ସଂସ୍କାରମୂଳକ କାର୍ଯ୍ୟ କରି ରାଜ୍ୟ ସରକାର ଓ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପ୍ରଶଂସିତ ହୋଇଥିଲେ । ୨୦୨୦ରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ତାଙ୍କୁ ଏହି ସେବା ପୁରସ୍କାର ପ୍ରଦାନ କରିଥିଲେ । ହେଲେ କରୋନା କଟକଣା ଯୋଗୁ ତାଙ୍କ ପାଖରେ ସେହି ପୁରସ୍କାର ପହଞ୍ଚି ନ ଥିଲା। ଗତ ୨୫ ତାରିଖରେ ରାଜ୍ୟପାଳ ଗଣେଶୀ ଲାଲ ତାଙ୍କୁ ସେହି ପୁରସ୍କାର ସହ ୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏହି ଖବର ଜଣାପଡିବା ପରେ ତରଡିପାଳ ପଞ୍ଚାୟତରେ ଆନନ୍ଦର ଲହରି ଖେଳିଯାଇଛି। ବହୁ ବିଶିଷ୍ଟ ବ୍ୟକ୍ତି ଅମିରଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ମୋଟରରେ ପାଣି ମଡ଼ାଇ ଚାଲିଛି ଧାନଚାଷ

ପଟ୍ଟାମୁଣ୍ଡାଇ,୩।୯ (କଳ୍ପତରୁ ନାୟକ)

- କେନାଲ ସଫେଇରେ ଅନିୟମିତତା
- ଜମିରେ ମାଡୁନି ପାଣି
- ତଳି ରୋଇ ବର୍ଷାକୁ ଚାହିଁଛନ୍ତି ଚାଷୀ
- ମରୁଡ଼ି ଆଶଙ୍କା


ଜମିକୁ ହଳ କରିବା ଲାଗି ମୋଟରରେ ପାଣି ମଡା ଯାଉଛି।


ଗୋବରୀ ସମ୍ପ୍ରସାରିତ ୧୬ ନଂ. କେନାଲରେ ଦଳ ଭର୍ତ୍ତି।

ସରିଲା ଦୁଇମାସିଆ ଶ୍ରାବଣ, କିନ୍ତୁ ମୌସୁମୀ କି ଲଘୁଚାପଜନିତ ବର୍ଷାର ଦେଖାନାହିଁ। ନିଅଣ୍ଟିଆ ବର୍ଷା ସାଙ୍ଗକୁ କେନାଲ ପାଣି କ୍ଷେତକୁ ମାଡୁ ନ ଥିବା ଯୋଗୁ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସବୁଠି ସ୍ଥିତି ବେହାଲ। ଚାଷୀ ଧାନ ଚାଷ କାର୍ଯ୍ୟ ପାଇଁ ମୋଟର ଲଗାଇ ଜମିକୁ ପାଣି ମଡାଇ ରୁଆ ପୋତା କରୁଛନ୍ତି। ପଟ୍ଟାମୁଣ୍ଡାଇ ଓ ଗୋବରୀ ସମ୍ପ୍ରସାରିତ ମୁଖ୍ୟ କେନାଲର ଅବ୍ୟବସ୍ଥା ତଥା ମରାମତି କାର୍ଯ୍ୟର ଅବହେଳା ହେତୁ ପାଣି କ୍ଷେତକୁ ମାଡୁ ନାହିଁ। ସରକାରୀ ବାବୁମାନଙ୍କୁ ହାତବାରିସି କରି ପାଣି ପଞ୍ଚାୟତର ସଭାପତି ଓ ସମ୍ପାଦକ ଖରା ମାସରେ କେନାଲ, କାଡା କାମ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ମାତ୍ର ଏବେ କେନାଲ ଭିତରେ ଦଳ ଭର୍ତ୍ତି ଥିବାରୁ ପାଣି କ୍ଷେତରେ ପହଞ୍ଚି ପାରୁନାହିଁ। ଯଦି ସପ୍ତାହେ ମଧରେ ବର୍ଷା ନ ହୁଏ ସ୍ଥିତି ଆହୁରି ଭୟଙ୍କର ହେବାର ଆଶଙ୍କା କରାଯାଉଛି। କୃଷି ବିଭାଗର ସୂଚନା ଅନୁସାରେ, ଚଳିତ ବର୍ଷ ପଟ୍ଟାମୁଣ୍ଡାଇ ବ୍ଲକ ଓ ମ୍ୟୁନିସିପାଲିଟି ଅଞ୍ଚଳରେ ୧୧ .୩୪୧ ହେକ୍ଟର ଜମିରେ ଖରିଫ ଫସଲ ହେବା ଲକ୍ଷ୍ୟ ରଖାଯାଇଛି। ୨୦୦ ହେକ୍ଟର ଜମିରେ ଧାନ ବୁଣା ଯାଇଥିବାବେଳେ ୩୦୦୭ ହେକ୍ଟର ଜମିରେ ଅଦ୍ୟାବଧି ବେଉଷଣ ସରିନାହିଁ। ତନ୍ମଧ୍ୟରୁ ୧୪୦ ହେକ୍ଟର ଜମିରେ ପାଣି ଅଭାବ ଯୋଗୁ ରୁଆ କାର୍ଯ୍ୟ ହୋଇପାରିନାହିଁ। ଅନେକ ସ୍ଥାନରେ ଜଳସେଚନ ବ୍ୟବସ୍ଥା ଥାଇ ମଧ ଚାଷ ବଞ୍ଚାଇବା ପାଇଁ ଚାଷୀ ଉଦ୍ୟମ କରୁଛନ୍ତି।

ସମବାୟବିତ୍ ଜ୍ୟୋତି ପ୍ରକାଶ ପ୍ରଧାନ କହିଛନ୍ତି, ଗତବର୍ଷ ତୁଳନାରେ ଚଳିତବର୍ଷ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ କରାଯାଇଛି। ୩ ମାସରେ ପଟ୍ଟାମୁଣ୍ଡାଇରେ ନିଅଣ୍ଟିଆ ବର୍ଷା ହୋଇଥିବା ଆଞ୍ଚଳିକ ପାଣିପାଗ କେନ୍ଦ୍ର ତଥ୍ୟରୁ ଜଣାପଡ଼ିଛି। ୨୦୨୨ ଜୁନରେ ୧୪୯ ମିମି ବର୍ଷା ହୋଇଥିବା ବେଳେ ଚଳିତ ବର୍ଷ ୮୧ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ସେହିପରି ୨୦୨୨ ଜୁଲାଇରେ ୨୮୬ ମିମି ହୋଇଥିବା ବେଳେ ଚଳିତ ବର୍ଷ ୨୬୭ ଓ ୨୦୨୨ ଅଗଷ୍ଟରେ ୫୩୩ ମିମି ବର୍ଷା ହୋଇଥିବା ବେଳେ ଚଳିତବର୍ଷ ୨୧୪ ମିମି ବର୍ଷା ହୋଇଥିବା ରେକର୍ଡ ହୋଇଛି। ଅନ୍ୟପକ୍ଷରେ ପାଣି ପାଇଁ ଧାନ ଫସଲ ନଷ୍ଟ ହେବାକୁ ଯାଉଥିବାରୁ ଚାଷୀ ଚିନ୍ତାରେ ପଡ଼ିଛନ୍ତି। ପାଣି ଅଭାବ ଯୋଗୁ କେହି କେହି ଏ ପର୍ଯ୍ୟନ୍ତ ଚାଷ କାମ ଆରମ୍ଭ କରିନାହାନ୍ତି। ଅନେକ ଚାଷୀ ରୁଆ କାମ ସାରିଥିବା ବେଳେ କେନାଲରେ ପାଣି କ୍ଷେତକୁ ଆସୁ ନ ଥିବାରୁ ଜମି ଫାଟି ଆଁ କରିବା ସହ ତଳି ମଧ ଶୁଖି ଗଲାଣି। ଏପରି ସ୍ଥିତିରେ କିଛି ସ୍ଥାନରେ ଚାଷୀ ମୋଟର ଲଗାଇ ପାଣି ମଡାଇ ଚାଷ କରୁଥିବା ଦେଖିବାକୁ ମିଳିଛି। କୃଷକନେତା ବିଜୟ ଦାସ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସମୁଦାୟ ଜଳସେଚିତ ୧୧,୦୪୯ ହେକ୍ଟର ଜମିକୁ କେନାଲ ମାଧମରେ ପାଣି ଯୋଗାଇ ଦିଆଯାଏ। ପଟ୍ଟାମୁଣ୍ଡାଇ କେନାଲ ଓ ଗୋବରୀ ସମ୍ପ୍ରସାରିତ କେନାଲ ଓ ତାହାର ଶାଖା କେନାଲଗୁଡ଼ିକରେ ପର୍ଯ୍ୟାପ୍ତ ପରିମାଣରେ ପାଣି ଥାଇ ସୁଦ୍ଧା କ୍ଷେତକୁ ପହଞ୍ଚି ପାରୁନାହିଁ। ବିଭାଗୀୟ ଅଧିକାରୀ ଏହାର ତଦାରଖ କରୁ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଯାହାଦ୍ୱାରା ଅଗଷ୍ଟ ଶେଷ ହୋଇଥିବା ବେଳେ ଠିକ୍ ଭାବେ କେନାଲ ସଫେଇ ହୋଇ ନ ଥିବାରୁ ପାଣି ଚାଷଜମିକୁ ମାଡି ପାରିନାହିଁ। ପଟ୍ଟାମୁଣ୍ଡାଇ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟକୁ ଚାଷୀମାନେ ଅଭିଯୋଗ କରିବାକୁ ଯାଇ କୌଣସି ବିଭାଗୀୟ ଅଧିକାରୀଙ୍କୁ ନ ପାଇ ନିରାଶରେ ଫେରିଛନ୍ତି ବୋଲି ସେ କହିଛନ୍ତି। ବୁଦ୍ଧିଜୀବୀ ସୂର୍ଯ୍ୟ ନାରାୟଣ ଦାଶ କହିଛନ୍ତି, ଚଳିତ ବର୍ଷରେ ନାଳ ଓ ପାଟ ନାଳ ଖନନ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ ବହୁ ଅର୍ଥ ଖର୍ଚ୍ଚ କରାଯାଇଛି। ଏଥିରେ କେବଳ ଠିକାଦାର ମାଲାମାଲ ହୋଇଥିବାବେଳେ ନାଳର କୌଣସି ଅଂଶ ଚାଷୀଙ୍କ କାର୍ଯ୍ୟରେ ଲାଗୁ ନାହିଁ। ବହୁ କେନାଲ ଭିତରୁ ମାଟି ଖୋଳି ବନ୍ଧ କାମ କରାଯାଉଛି। ଫଳରେ ବର୍ଷା ପାଣିରେ ଉକ୍ତ ମାଟି ବୋହି ପୁଣି କେନାଲରେ ପଶୁଛି। ବିଭାଗ ପକ୍ଷରୁ ନାଳ ସଫେଇ ପାଇଁ ଅର୍ଥ ଖର୍ଚ୍ଚ ସତ୍ତ୍ୱେ ନାମକୁ ମାତ୍ର ସଫା କରାଯାଇଛି। ଆଞ୍ଚଳିକ ପାଣିପାଗ କେନ୍ଦ୍ର ତଥ୍ୟ ଅନୁଯାୟୀ କେନ୍ଦ୍ରାପଡାରେ ୩୭ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି। ପଟ୍ଟାମୁଣ୍ଡାଇରେ ସବୁଠୁ କମ୍ ବର୍ଷା ରେକର୍ଡ ହୋଇଛି। ତେବେ ନିଅଣ୍ଟିଆ ବର୍ଷାକୁ ଦୃଷ୍ଟିରେ ରଖି କଣ୍ଟିଜେନ୍ସି ପ୍ଲାନ କରାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ କମିଶନର ସତ୍ୟବ୍ରତ ସାହୁ କହିଛନ୍ତି। କୃଷି ବିଭାଗ ଏ ନେଇ ଆବଶ୍ୟକ ପଦକ୍ଷେପ ନେଉଛି ବୋଲି ସେ କହିଛନ୍ତି। ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ନାଳରେ ତୁରନ୍ତୁ ସଫେଇ ପାଇଁ ସ୍ଥାନୀୟ ଚାଷୀ କୁଞ୍ଜବିହାରୀ ନାୟକ, ପ୍ରଶାନ୍ତ ଦାସ, ନରେଶ ଜେନା, ରଞ୍ଜିତ ପ୍ରଧାନ ପ୍ରମୁଖ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ବିଭାଗୀୟ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କୁ ପଚାରିବାରେ ପାଣି ପଞ୍ଚାୟତକୁ ସଫେଇ ପାଇଁ ଅର୍ଥ ବରାଦ କରାଯାଇଛି, ଖୁବ୍ ଶୀଘ୍ର କେନାଲ ସଫେଇ କରାଯିବ ବୋଲି ସେ କହିଛନ୍ତି।

## ଅଧ୍ୟାତ୍ମ, ସଙ୍ଗୀତ ପରସ୍ପର ପରିପୂରକ


ଅତିଥିଙ୍କ ଗହଣରେ କଳାକାରମାନେ।

କେନ୍ଦ୍ରାପଡ଼ା, ୩।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ାର ସାଂସ୍କୃତିକ ବିଭବରେ ଆଧ୍ୟାତ୍ମ୍ୟବାଦ ଯୋଡ଼ି ରହିଛି। ବାଣୀକଣ୍ଠ ନିମାଇଁ ଚରଣ ଶ୍ରୀଚନ୍ଦନଠାରୁ ଆରମ୍ଭ କରି ଭଜନ ସମ୍ରାଟ ଭିକାରୀ ବଳଙ୍କ ଅବଦାନ ସଙ୍ଗୀତ ଦୁନିଆରେ ରାଜ୍ୟ ଓ ରାଜ୍ୟ ବାହାରେ ବେଶ୍ ଚର୍ଚ୍ଚିତ। ରାମଲୀଳାଠାରୁ ଆରମ୍ଭ କରି ପ୍ରତ୍ୟହ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ସ୍ତୁତି ଆମକୁ ସଙ୍ଗୀତ ମାଧମରେ ଅଧ୍ୟାତ୍ମ ମାର୍ଗ ପାଇଁ ପଥପ୍ରଦର୍ଶନ କରୁଛି। ଜିଲାରେ ଆଧ୍ୟାତ୍ମ୍ୟ ଓ ସଙ୍ଗୀତ ପରସ୍ପର ପରିପୂରକ ବୋଲି ଆଧ୍ୟାତ୍ମିକ ସାଂସ୍କୃତିକ ସମାରୋହରେ ମତପ୍ରକାଶ ପାଇଛି। ସହର ନିକଟ ଉଦୟନଗରସ୍ଥ ସଂସ୍କୃତି ଭବନ ପରିସରରେ ଗୋକୁଳ ଚନ୍ଦ୍ର ସଙ୍ଗୀତ ସଦନ ପକ୍ଷରୁ ଏହି ଆଧ୍ୟାତ୍ମିକ ସାଂସ୍କୃତିକ ସମାରୋହ ଓ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ରବିବାର ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ସଦନ ସଭାପତି ଅମ୍ବିକା ପ୍ରସାଦ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ପୌରାଧ୍ୟକ୍ଷା ସରିତା ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ।

ଏହି ଅବସରରେ ସହରର ସର୍ବପୁରାତନ ଉକ୍ତ ସଙ୍ଗୀତ ଶିକ୍ଷା ଅନୁଷ୍ଠାନର ପରମ୍ପରା, କେନ୍ଦ୍ରାପଡ଼ା ଜିଲାର ସାଂସ୍କୃତିକ ବିଭବ ଓ ଆଧ୍ୟାତ୍ମିକ ଧାରା ସମ୍ପର୍କରେ ନିଜର ମତ ରଖିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ପ୍ରଦତ୍ତ ଆର୍ଥିକ ପୁରସ୍କାର ଅନୁଷ୍ଠାନର ୨୯ କଳାକାରଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ସଭାପତି ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଧ୍ୟାତ୍ମିକ ସଙ୍ଗୀତ ପରିବେଷଣ ସହ କଳାକାରଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ନୃତ୍ୟ ଆସରକୁ ସମ୍ପାଦକ ଉମାକାନ୍ତ ଜେନା ସଂଯୋଜନା କରିଥିଲେ। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ହେମନ୍ତ କୁମାର ଜେନା, ଗୌତମ ସାହୁ, ନୃତ୍ୟଗୁରୁ ଭାନୁପ୍ରିୟା ଖଟୁଆ, ସୌମ୍ୟାସଲୋନୀ ବେହେରା, ମୋହିନୀ ଲକ୍ଷ୍ମୀମୁଦ୍ରା ଶତପଥୀ, ଭାଗ୍ୟଶ୍ରୀ ଷଡଙ୍ଗୀ, ପ୍ରୟାଶା ପ୍ରିୟଦର୍ଶିନୀ, ସୁସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ବଜ୍ରପାତରେ ଚାଷୀ ମୃତ

କେନ୍ଦ୍ରାପଡ଼ା, ୩।୯ (ଜଗନ୍ନାଥ ଧଳ)

କେନ୍ଦ୍ରାପଡା ତହସିଲ କଂସାର ଗ୍ରାମ ନିକଟରେ ରବିବାର ବଜ୍ରପାତ ହୋଇଛି। ଏଥିରେ ଗ୍ରାମର ଚାଷୀ ପ୍ରତାପ ରଣା (୩୧)ଙ୍କ ମୃତ୍ୟୁ ଘଟିଛି। ପୂର୍ବାହ୍ନରେ ପ୍ରତାପ ଧାନତଳି ରୋଇବାକୁ ଜମିକୁ ଯାଇଥିଲେ। ଅପରାହ୍ନ ୨ଟାରେ ବର୍ଷା ସହ ବଜ୍ରପାତ ହୋଇଥିଲା। ସେଠାରୁ ସେ ଓ ସ୍ଥାନୀୟ ଗ୍ରାମର ଅନ୍ୟ ୨ଜଣ ଘରକୁ ଆସିବା ସମୟରେ ଏହି ଦୁର୍ଘଟଣା ହୋଇଥିଲା। ଗ୍ରାମବାସୀ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ବେଳେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ।

### ଷଣ୍ଢ ସହ ଧକ୍କା ହେଲା ବାଇକ୍, ଜଣେ ଗୁରୁତର

ପଟ୍ଟାମୁଣ୍ଡାଇ,୩।୯ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ-ରାଜନଗର ତଳ ରାସ୍ତା ସଂସାରଫଳ ନିକଟରେ ଶନିବାର ଷଣ୍ଢ ସହ ବାଇକ୍ ଧକ୍କା ହେବା ଫଳରେ ବାଇକ୍ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ଯୁବକଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରି ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କ ଅବସ୍ଥା ସଂକଟାପର୍ଣ୍ଣ ହେବାରୁ ତାଙ୍କୁ କଟକ ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁରୁତର ବାଇକ୍ ଆରୋହୀ ଜଣକ ହେଉଛନ୍ତି ପଟ୍ଟାମୁଣ୍ଡାଇ ବ୍ଲକ ଦୋସିଆ ପଞ୍ଚାୟତ ବୁହାନଲୋ ଗ୍ରାମର ବିକାଶ ଦାସ ବୋଲି ଜଣାପଡିଛି।

## ୪୦ ସ୍କୁଲର ୩୬୦ କ୍ରୀଡ଼ା ପ୍ରତିଯୋଗୀଙ୍କ ଅଂଶଗ୍ରହଣ

ମହାକାଳପଡ଼ା, ୩।୯(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ବ୍ଲକସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା
- ୭୫ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ

ମାନସିକ, ଶାରୀରିକ, ଭୌତିକ ବିକାଶ ପାଇଁ କ୍ରୀଡ଼ାର ଆବଶ୍ୟକତା ରହିଛି। ଏଥିପାଇଁ ଗାଁରୁ ସହର ସବୁଠି କ୍ରୀଡ଼ା କ୍ଷେତ୍ରକୁ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ସେହିପରି ଗାଁଗଣ୍ଡାରେ ଅନେକ ପ୍ରତିଭାବାନ କ୍ରୀଡାବିତ୍‌ମାନଙ୍କୁ ସରକାର ପ୍ରୋତ୍ସାହନ ଦେଉଛନ୍ତି। ସେଥିପାଇଁ ବିଭିନ୍ନ ବିଦ୍ୟାଳୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ସେହିପରି ମହାକାଳପଡ଼ା ବ୍ଲକ ଅଧୀନ ରାମନଗର ରାମଚଣ୍ଡୀ ବିଜୟାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ୨ ଦିନିଆ ବ୍ଲକସ୍ତରୀୟ ୨ ଦିନିଆ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଶେଷ ହୋଇଛି। ଏହି କ୍ରୀଡ଼ା ପ୍ରତିଯୋଗିତାରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରା ଯୋଗଦେଇ କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ୪୦ଟି ବିଦ୍ୟାଳୟର ୩୬୦ କ୍ରୀଡା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଫୁଟବଲ୍, ଭଲିବଲ, କବାଡି, ଖୋ ଖୋ, କ୍ରିକେଟ, ବ୍ୟାଡ୍‌ମିଣ୍ଟନ, ଯୋଗ, ଆଥ୍‌ଲେଟିକର ସମସ୍ତ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ୭୫ ପ୍ରତିଭାବାନ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇ ଜିଲାସ୍ତରକୁ ମନୋନୀତ ହୋଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଅତିରିକ୍ତ ଶିକ୍ଷା ଅଧିକାରିଣୀ ମିନତି ସେଠୀ , ନୋଡାଲ ପ୍ରଧାନ ଶିକ୍ଷକ ରଘୁନାଥ ଦାସ, ରାମନଗର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦିଲୀପ କୁମାର ସ୍ୱାଇଁ, ଅଭୟ କୁମାର ଦାସ, ରଞ୍ଜନ କୁମାର ଲେଙ୍କା, ଅଞ୍ଜଳି ବେହେରା, ପାର୍ବତୀ ମିଶ୍ର, ବିଜୟଲକ୍ଷ୍ମୀ ସ୍ୱାଇଁ ସ୍ୱାଗତ ଭାଷଣ ଦେଇଥିଲେ। ଜିତେନ୍ଦ୍ର କୁମାର ଦାସ ଧନ୍ୟବାଦ ଦେଇଥିଲେ। କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରେମଚାନ୍ଦ ବିଦ୍ୟାପୀଠ ବରିଷ୍ଠ କ୍ରୀଡ଼ା ଶିକ୍ଷକ ବ୍ୟାସଦେବ ବେବର୍ତ୍ତା ସମ୍ପାଦକୀୟ ବିବରଣୀ ପାଠ କରିବା ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ରାଜକନିକା ପୋଲିସର ନିଷ୍କ୍ରିୟତାକୁ ବିରୋଧ

ରାଜକନିକା,୩।୯
(ସଞ୍ଜୟ କୁମାର ଦାଶ/ରବୀନ୍ଦ୍ର ଦାସ)

**ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ବର୍ଷିଲେ**

ରାଜକନିକା ଥାନା ଅଞ୍ଚଳରେ ଚୋରି, ଡକାୟତି, ଲୁଟ୍, ହତ୍ୟା ଓ ଅପହରଣ ଭଳି ଘଟଣାମାନ ବଢ଼ି ଚାଲୁଛି। ପୋଲିସର ନିଷ୍କ୍ରିୟତା ପ୍ରତିବାଦରେ ରବିବାର ଆଳି ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ଆର୍.ଏନ୍. ହାଇସ୍କୁଲ ପଡ଼ିଆରେ ଖବରଦାତା ସମ୍ମିଳନୀ କରାଯାଇଥିଲା। ଏଥିରେ ଆଳିର ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଗୁଲି ଚରଣ ବେହେରା, ସତ୍ୟବ୍ରତ ପରିଡା, ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ପିସିସି ସଭ୍ୟ ବାବୁରାମ ଜେନା, ସରପଞ୍ଚ ଗଙ୍ଗାଧର ବେହେରା ଯୋଗଦେଇ ପୋଲିସ ଉପରେ ବର୍ଷିଥିଲେ। ଥାନା ଅଞ୍ଚଳ କଣ୍ଟପଡ଼ା ବଜାରରୁ ପ୍ରତ୍ୟେକ ରାତିରେ ଡକାୟତି, କଟକ-ଚାନ୍ଦବାଲି ରାସ୍ତାରୁ ଲୁଟ, ନାବାଳିକା ଅପହରଣ ଓ ହତ୍ୟା ଭଳି ଘଟଣା ଘଟୁଛି। ପୋଲିସ ଅପରାଧୀଙ୍କୁ ଧରିବାରେ ବିଫଳ ହୋଇଛି। ଦେଓଗାଁର ଅଙ୍କିତା ଅପହରଣ ଓ ହତ୍ୟା ଘଟଣାକୁ ପୋଲିସ ଚପାଇ ଦେବାକୁ ଉଦ୍ୟମ କରୁଛି। ପୋଲିସ ସହାୟତାରେ ଭଦ୍ରକ ଧାମରା ଅଞ୍ଚଳରୁ ରାଜକନିକା ଦେଇ ରାତିଅଧିଆ କୋଇଲା ଚୋରା ଚାଲାଣ ହେଉଛି। କାଳିକାପୁର ସୁଧାଂଶୁ ବିଶ୍ୱାଳଙ୍କ ହତ୍ୟା ଘଟଣାର ତଦନ୍ତ ଦାୟିତ୍ୱ କ୍ରାଇମବ୍ରାଞ୍ଚକୁ ଦିଆଯାଉ। ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ, ନଚେତ୍ ଆସନ୍ତା ୧୮ ତାରିଖରେ କଂଗ୍ରେସ ପକ୍ଷରୁ ରାଜକନିକା ଥାନା ଘେରାଉ କରାଯିବ ବୋଲି କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସରପଞ୍ଚ ଅଜୟ କୁମାର ରାଉତ, ସମିତିସଭ୍ୟ ଅମିତ ନାୟକ, ରାଜକନିକା ବ୍ଲକ ଏସ୍‌ସି ମୋର୍ଚ୍ଚା ସଭାପତି ରଞ୍ଜନ ସେଠୀ, ସମିତି ସଭ୍ୟା ଅଞ୍ଜନା ସାହୁ, ଦୀପକ ରଥ ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତାମାନେ।

## ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ

ପାଟକୁରା,୩।୯(ରବୀନ୍ଦ୍ର ନାଥ ବାରିକ)

କେନ୍ଦ୍ରାପଡ଼ା ଜିଲାର ଗରଦପୁର ବ୍ଲକର ଲୋକନାଥ ମହାବିଦ୍ୟାଳୟ ସର୍ବବୃହତ ଶିକ୍ଷାନୁଷ୍ଠାନ। ଏହି ଅଞ୍ଚଳର ବରିଷ୍ଠ ଶିକ୍ଷାବିତ୍ ତଥା ବ୍ଲକର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ବୈଷ୍ଣବ ଚରଣ ନାୟକଙ୍କ ଦ୍ୱାରା ୧୯୭୬ରେ ସ୍ଥାପିତ ହୋଇଥିଲା। ହେଲେ ଏବେ ଏହି ଶିକ୍ଷାନୁଷ୍ଠାନଟି ଦୁର୍ନୀତିର ଗନ୍ତାଘର ପାଲଟିଛି। ତେବେ ଏହି ଦୁର୍ନୀତିକୁ ବରଦାସ୍ତ କରାଯିବ ନାହିଁ ବୋଲି ମା’ ମାଟି ବୁଦ୍ଧିଜୀବୀ ସଙ୍ଗଠନ ପକ୍ଷରୁ ରବିବାର ଅନୁଷ୍ଠିତ ବୈଠକରେ ଚେତାବନୀ ଦିଆଯାଇଛି। ମହାବିଦ୍ୟାଳୟର ସଭାଗୃହରେ ଆୟୋଜିତ ବୈଠକରେ ପ୍ରଧାପକ ଲିଙ୍ଗରାଜ ଶତପଥୀଙ୍କ ସଭାପତିତ୍ୱରେ ସାମାଜିକ କର୍ମୀ ନରୋତ୍ତମ ପରିଡା, ଖବରଦାତା ଧୀରେନ୍ଦ୍ର ମିଶ୍ର, ପୂର୍ବତନ ଜିଲାପରିଷଦ ସଭ୍ୟ ସନ୍ତୋଷ ଜେନା, ମହାବିଦ୍ୟାଳୟ ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ସୁବାସ ସାମଲ, ପୂର୍ବତନ ସରପଞ୍ଚ ତଥା ପୂର୍ବତନ ଛାତ୍ର ସଂସଦ ସମ୍ପାଦକ ଅଶୋକ କୁମାର ଜେନା, ପୂର୍ବତନ ଛାତ୍ର ନେତା ନବାବ ପଣ୍ଡା, ଆଦିକନ୍ଦ ଲେଙ୍କା, ମହେନ୍ଦ୍ର କୁମାର ଦାସ, ରବୀନ୍ଦ୍ର କୁମାର ସାହୁ, ଶରତ କୁମାର ଦାସ, ଧୀରେନ କୁମାର ସାହୁଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ହୋଇ ଆଲୋଚନା କରିଥିଲେ। ଉକ୍ତ ମହାବିଦ୍ୟାଳୟକୁ ୫-ଟି ଯୋଜନାରେ



କଲେଜ ସଭାଗୃହରେ ଅନୁଷ୍ଠିତ ବୈଠକରେ ମା’ ମାଟି ବୁଦ୍ଧିଜୀବୀ ସଙ୍ଗଠନର କର୍ମକର୍ତ୍ତାମାନେ।

**ଲୋକନାଥ ମହାବିଦ୍ୟାଳୟ**
**୨ କୋଟି ଟଙ୍କା ଚଲୁ ପାଇଁ ଚକ୍ରାନ୍ତ**

ସରକାର ୨ କୋଟି ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। ହେଲେ ଏପର୍ଯ୍ୟନ୍ତ ଟେଣ୍ଡର ଖୋଲା ଯାଇ ନାହିଁ। ଉକ୍ତ ୨ କୋଟି ଟଙ୍କାକୁ ଚଲୁ କରିବା ପାଇଁ ଚକ୍ରାନ୍ତ ଚାଲିଥିବା ନେଇ ଅଭିଯୋଗ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଟେଣ୍ଡର ଖୋଲି ନ ଥିବାବେଳେ ଏବେ ରୂପାନ୍ତିକରଣ ନାମରେ ମହାବିଦ୍ୟାଳୟରେ ଥିବା ବିଜ୍ଞାନ ଲାବ୍ରୋଟୋରି କେବଳ ବିଦ୍ୟୁତ୍ ଉପକରଣ ଲଗାଇବା ପାଇଁ କାର୍ଯ୍ୟ ଚାଲୁ ରହିଛି। ଏହି କାମ କିଏ କରୁଛି ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷ ବିଜୟ ନାୟକଙ୍କୁ ପଚାରିବାରୁ ସେ ଜାଣିନାହାନ୍ତି ବୋଲି କହୁଛନ୍ତି। ତେବେ ଅଧ୍ୟକ୍ଷ ମହାବିଦ୍ୟାଳୟର ମୁଖ୍ୟ ହୋଇଥିଲେ ବି ଉକ୍ତ ଲାବ୍ରୋଟୋରି ଚାବି କିଏ ଦେଲା ବୋଲି ପଚାରିରୁ ଚୁପ୍ ରହି ଜଣେ ଅଧ୍ୟାପକ ଜାଣିଛନ୍ତି କହି ଏଡ଼ାଇ ଦେଇଛନ୍ତି। ଉକ୍ତ ଲାବ୍ରୋଟୋରିରେ ଛାତ୍ରୀଛାତ୍ରଙ୍କ ପାଇଁ ଏକ କୋଟିରୁ ଉର୍ଦ୍ଧ୍ୱ କେମିକାଲ ସହ ସରଞ୍ଜାମ ଥିବାରୁ ଯଦି ଏହା ନଷ୍ଟ ହୁଏ କିମ୍ବା ଚୋରି ହୋଇଯାଏ ତାହାହେଲେ କିଏ ଦାୟୀ ରହିବ ବୋଲି ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡା ମହାବିଦ୍ୟାଳୟରେ ଶ୍ରେଣୀ ଗୃହଠାରୁ ଆରମ୍ଭ କରି ଅର୍ନସ ଶ୍ରେଣୀ ଗୃହର ଅଭାବ ରହିଛି। ଏବେ ଛାତ୍ରୀବାସରେ ଅର୍ନସ କ୍ଲାସ୍ ହେଉଛି। ଯେଉଁଥିପାଇଁ ଦୂରଦୁରାନ୍ତରୁ ପାଠ ପଢ଼ିବାକୁ ଆସୁଥିବା ଛାତ୍ରୀ ରହିବା ପାଇଁ ସୁବିଧା ନ ପାଇ ଏଣେତେଣେ ଭଡ଼ା ନେଇ ପାଠ ପଢୁଛନ୍ତି। ତେବେ ଆସିଥିବା ୨ କୋଟି ଟଙ୍କାରେ ଏକ ବୃହତ କୋଠା ସହ ଶ୍ରେଣୀ ଗୃହ ନିର୍ମାଣ ପାଇଁ ଉକ୍ତ ସଙ୍ଗଠନ ଦାବି କରିଛି। ଏହାଛଡା ଏହି ଅନୁଦାନକୁ ଠିକ୍ ଭାବେ ବିନିଯୋଗ ପାଇଁ ପୂର୍ବତନ ଜଣେ ଅଧ୍ୟକ୍ଷଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ଅଧ୍ୟାପକ, ପୂର୍ବତନ ଛାତ୍ର ନେତା ଉକ୍ତ ଅଞ୍ଚଳର ଶିକ୍ଷାବିତ, ସାମାଜିକ କର୍ମୀ ଓ ଖବରଦାତାଙ୍କୁ ନେଇ ଏକ କାର୍ଯ୍ୟ ତଦାରଖ କମିଟି ଗଠନ କରିବା ପାଇଁ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ନିକଟରେ ଦାବି ହୋଇଛି। ମହାବିଦ୍ୟାଳୟରେ ଏବେ ସୁଦ୍ଧା ସମସ୍ତ ଶ୍ରେଣୀ ଗୃହରେ ଛାତ୍ରୀଛାତ୍ରଙ୍କ ବସିବା ପାଇଁ ଡେସ୍କ କି ବେଞ୍ଚ ନାହିଁ। ଏପରିକି ଛାତ୍ରୀଛାତ୍ରଙ୍କ ପାଇଁ କମନ ରୁମ୍ କି ଅଧ୍ୟାପକ ଓ ଅଧ୍ୟାପିକାଙ୍କ ପାଇଁ ଅଲଗା ଅଲଗା କମନ ରୁମ୍ ନାହିଁ। ଏହାଛଡା ସାଇକେଲ ଷ୍ଟାଣ୍ଡ ନ ଥିବାରୁ ଛାତ୍ରୀଛାତ୍ରୀମାନେ ନିଜର ସାଇକେଲକୁ ରାସ୍ତା ଉପରେ ରଖୁଛନ୍ତି। ଖାଲି ସେତିକି ନୁହେଁ ସମସ୍ତ ଶ୍ରେଣୀ ଗୃହରେ ବି ବିଦ୍ୟୁତୀକରଣ ନ ହୋଇ ପାରିବା ହେତୁ ଖରାଦିନେ ଗରମ ଯୋଗୁ ଛାତ୍ରୀଛାତ୍ର ହଇରାଣ ହେଉଛନ୍ତି। ପାନୀୟ ଜଳର ଉତ୍କଟ ଅଭାବ ରହିଛି। ଛାତ୍ରୀଛାତ୍ର ପାଣି ପିଇବାକୁ କଲେଜ ବାହରୁକୁ ଯାଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ତେବେ କଲେଜ ଓ ବ୍ଲକ ପ୍ରଶାସନ ଯଦି କାର୍ଯ୍ୟ କରିବା ପୂର୍ବରୁ ନିଜକୁ ନ ସଜାଡନ୍ତି ତାହା ହେଲେ ସଙ୍ଗଠନ ପକ୍ଷରୁ ଜିଲାପାଳ କାର୍ଯ୍ୟାଳୟ ସହ ମହାବିଦ୍ୟାଳୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

## ସଂକ୍ଷେପରେ

### ଖେମୁଣ୍ଡି ପରିବହନ କର୍ମଚାରୀ ସଂଘ କର୍ମକର୍ତ୍ତା ଚୟନ

ଦିଗପହଣ୍ଡି,୩।୯(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିସ୍ଥିତ ଖେମୁଣ୍ଡି ପରିବହନ କର୍ମଚାରୀ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ କର୍ମଚାରୀ ବିଶ୍ରାମାଗାର ପରିସରରେ ଆୟୋଜିତ ସଭାରେ ସଂଘର ସାଙ୍ଗଠନିକ ପୁନର୍ବିନ୍ୟାସ ନେଇ ବିସ୍ତୃତ ଆଲୋଚନା କରାଯିବା ସହ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ସଂଘର ବିବିଧ ସମସ୍ୟା ଓ ତାର ସମାଧାନ ପାଇଁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଂଘ ସଭାପତି ଭାବେ ଆଇନଜୀବୀ ଅଶେଷ ନାଥ ମିଶ୍ର, କାର୍ଯ୍ୟକାରୀ ସଭାପତି ଭାବେ ଟିଙ୍କିନା ଦାସ, ଉପସଭାପତି ରାଜୀବ ସ୍ୱାଇଁ, ସମ୍ପାଦକ ହରିକୃଷ୍ଣ ଗୌଡ଼, ସହସମ୍ପାଦକ ଭାବେ ପବିତ୍ର ରେଡ୍ଡୀଙ୍କୁ ଚୟନ କରାଯାଇଥିଲା। ତ୍ରିନାଥ ନାୟକ, ନିଳାଞ୍ଚଳ ବେହେରା, ନିରାକାର ପାଣିଗ୍ରାହୀ, ଦୀନବନ୍ଧୁ ସାବତ,ରାଜେନ୍ଦ୍ର ସାହୁଙ୍କୁ ସଂଘର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ କରାଯାଇଥିଲା।

### ମେଧାବୀ ଛାତ୍ରୀଙ୍କ ବିୟୋଗ

ଖଲ୍ଲିକୋଟ,୩।୯(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ଶ୍ରୀକୃଷ୍ଣଶରଣପୁର ଗ୍ରାମର ଦଶମ ଶ୍ରେଣୀ ଛାତ୍ରୀ ସନ୍ଧ୍ୟାରାଣୀ ପାହାନଙ୍କ ବିୟୋଗ ହୋଇଛି। ସେ ଖଲ୍ଲିକୋଟ ଆଦର୍ଶ ବିଦ୍ୟାଳୟରେ ପଢୁଥିଲେ। ତାଙ୍କ ଆତ୍ମାର ସଦଗତି ପାଇଁ ଶନିବାର ବିଦ୍ୟାଳୟରେ ଶୋକସଭା ହୋଇଥିଲା। ଶିକ୍ଷୟିତ୍ରୀ ଶିକ୍ଷକ ସନ୍ଧ୍ୟାରାଣୀଙ୍କ ବାସଭବନରେ ପହଞ୍ଚି ଦୁଃଖରେ ଭାଙ୍ଗି ପଡିଥିବା ବାପା ଅଭିମନ୍ୟୁ ଏବଂ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ସନ୍ଧ୍ୟାରାଣୀ ଜଣେ ଶୃଙ୍ଖଳିତ ଏବଂ ମେଧାବୀ ଛାତ୍ରୀ ଥିଲେ ବୋଲି ଶିକ୍ଷୟିତ୍ରୀ ଶିକ୍ଷକ ପ୍ରକାଶ କରିଥିଲେ। ସନ୍ଧ୍ୟାରାଣୀଙ୍କ ପରିବାରକୁ ସରକାରୀ ସହାୟତା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି।

### ମସ୍ତିଷ୍କାଘାତରେ ସାମାଜିକ କର୍ମୀଙ୍କ ବିୟୋଗ

ଗଞ୍ଜାମ,୩।୯(ବିଦ୍ୟାଧର ସାହୁ)

ଗଞ୍ଜାମ ସହରର ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସକ୍ଷମ' ସଭାପତି ତଥା ସାମାଜିକ କର୍ମୀ ବସନ୍ତ କୁମାର ସାହୁଙ୍କ ବ୍ରେନ୍ ଷ୍ଟ୍ରୋକରେ ପରଲୋକ ଘଟିଛି। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପାଇଁ ଘରୋଇ ଶିକ୍ଷାନୁଷ୍ଠାନ ଏସ୍‌ଏମ୍ ଟ୍ୟୁଟୋରିଆଲ ଅନୁଷ୍ଠାନର ପରିଚାଳନା ମୁଖ୍ୟ ଶବର କୁମାର ତରାଇଙ୍କ ପୌରୋହିତ୍ୟରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପୂର୍ବତନ ସମିତିସଭ୍ୟ ଶ୍ୟାମା ରେଡ୍ଡୀ, ବଡ଼ ବଜାର ବଣିକ ସଂଘ ସଭାପତି ଗୌରୀ ଶଙ୍କର ବାରିକୀ, ପୂର୍ବତନ କାଉନ୍‌ସିଲର ଡି. କେ. ରାଓ, ଭରସାର ସମ୍ପାଦକ ଦୁର୍ଗାମାଧବ ପାଣିଗ୍ରାହୀ, ଓଡ଼ିଶା ସମ୍ବାଦିକ ସଂଘର ଗଞ୍ଜାମ ଜିଲା କାର୍ଯ୍ୟକାରୀ ସଭାପତି ଉମାକାନ୍ତ ବେହେରା, ଗଞ୍ଜାମ ପ୍ରେସ କ୍ଲବ ସମ୍ପାଦକ ବିଦ୍ୟାଧର ସାହୁ, ପୂର୍ବତନ ଭାଜପା ନଗର ସଭାପତି କାନ୍ତାରୀ ଦଳେଇ, ବିଜେଡି ନଗର ଛାତ୍ର ସଭାପତି ରାକେଶ ରଞ୍ଜନ ଦାସ, ଗ୍ରାସୀମ କମ୍ପାନୀ ୟୁନିଟ ହେଡ୍, ଏଚ ଆର ହେଡ୍ ନିରଜ ପଟ୍ଟନାୟକ, ଯୁବନେତା ସୁଦାମ ଜେନା, ପର ମହାଲ୍ଲୁଡ଼, ଜ୍ଞାନରଞ୍ଜନ ସାହୁ, ପୁରୁଣାବନ୍ଧ ଗ୍ରାମ୍ୟ ସଭାପତି ମାଗତା ବେହେରା ପ୍ରମୁଖ ତାଙ୍କର ଶେଷ ଦର୍ଶନ କରିଥିଲେ।

### ଆବାସ ଯୋଜନାରୁ ବଞ୍ଚିତ ଦଣ୍ଡପାଣି

ଶେରଗଡ, ୩।୯(ସୂର୍ଯ୍ୟନାରାୟଣ ଦାଶ)

ଶେରଗଡ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରାମଗିରି ଗ୍ରାମର ଦଣ୍ଡପାଣି ବିଷୋୟୀ ଆବାସ ଯୋଜନାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। ଟିଣ ଛପର ମାଟି କାନ୍ଥ ଘରେ ଦୀର୍ଘ ୩୦ ବର୍ଷ ହେଲା ରହିଆସୁଥିଲେ ମଧ୍ୟ ତାଙ୍କୁ ଏହି ଯୋଜନାରେ ସାମିଲ କରାଯାଇନାହିଁ। ସେ ଆବାସ ଯୋଜନାରେ ଆବେଦନ କରିଥିଲେ। କିନ୍ତୁ ଆର୍ଥିକ ସ୍ୱଚ୍ଛଳ ବ୍ୟକ୍ତିମାନଙ୍କୁ ଏହି ଯୋଜନାରେ ସାମିଲ କରାଯାଇଥିଲେ ମଧ୍ୟ ଦଣ୍ଡପାଣିଙ୍କୁ ସାମିଲ କରାଯାଇନଥିବା ଅଭିଯୋଗ କରିଛନ୍ତି। ତେବେ ଥିଲାବାଲା ଲୋକଙ୍କୁ ଏହି ଯୋଜନାରେ ସାମିଲ କରାଯାଉଥିଲା ବେଳେ ଗରିବ ଲୋକ ଯେଉଁମାନେ କି ପ୍ରକୃତ ହିତାଧିକାରୀ ସେମାନଙ୍କୁ କିପରି ଯୋଜନାରୁ ବାଦ୍ ଦିଆଯାଉଛି ସେ ନେଇ ତଦନ୍ତ କରିବାକୁ ଦଣ୍ଡପାଣି ଦାବି କରିଛନ୍ତି।

# ପିଇବା ପାଣି ପାଇଁ ଡହଳବିକଳ ଏସ୍.ଉରୁଡା ଗ୍ରାମବାସୀ

ପାରଳାଖେମୁଣ୍ଡି,୩।୯ (ଗିରିଧାରୀ ପରିଚ୍ଛା)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସହରାଞ୍ଚଳ ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳରେ ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ଯୋଜନା, ପ୍ରକଳ୍ପ ମାନ କରୁଛନ୍ତି। ଏଥିପାଇଁ ରାଜକୋଷରୁ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। ହେଲେ କେତେକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁ ସରକାରଙ୍କ ଜନହିତକର ଯୋଜନାଗୁଡିକ ଫେଲ ମାରୁଛି। ଏପରି ସ୍ଥଳେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାରମାନେ ମାଲାମାଲ ହେଉଥିବା ବେଳେ ସରକାରଙ୍କ ଏହି ପାନୀୟ ଜଳ ଯୋଗାଣ ଯୋଜନା ଫେଲ ମାରୁଥିବା ଅଭିଯୋଗ ହେଉଛି। ଏହାର ନିଛକ ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲା ଗୋଷାଣି ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ଏସ. ଉରୁଡା ଗ୍ରାମରେ। ଏହି ଗ୍ରାମରେ ୨୦୧୭ ମସିହାରେ ପାନୀୟ ଜଳ ଯୋଗାଇବା ଲାଗି ୩୦ ହଜାର ଲିଟର ବିଶିଷ୍ଟ ଓଭର ହେଡ ଟାଙ୍କି ନିର୍ମାଣ ହୋଇଥିଲା। ଗ୍ରାମର ସମସ୍ତ ଘରକୁ ମଧ୍ୟ ଟ୍ୟାପ ସଂଯୋଗ କରାଯାଇଥିଲା। ମାତ୍ର ଦିନେ ଦୁଇଦିନ ପରେ ପମ୍ପହାଉସ ମୋଟରଟି ଖରାପ ହୋଇଯାଇଥିଲା। ସେବେଠାରୁ ଆଜି ପର୍ଯ୍ୟନ୍ତ ଅର୍ଥାତ ଛଅ



ମହିଳାମାନେ କୂଅରୁ ପାଣି ନେବା ପାଇଁ ଅପେକ୍ଷା କରିଛନ୍ତି।

ବର୍ଷ ହେଲା ଏହି ପାନୀୟ ଜଳ ପ୍ରକଳ୍ପ ବନ୍ଦ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଓଭର ହେଡ ପାଣି ଟାଙ୍କି ଉପରେ ଏସ. ଉରୁଡା ଗ୍ରାମର ଉପରସାହି, ଜକାର ସାହି, ଢେପସାହି, କେ.ଉରୁଡା, ନୂଆସାହିର ପ୍ରାୟ ପନ୍ଦର ଶହରୁ ଊର୍ଦ୍ଧ୍ୱ ଅଧିବାସୀ ନିର୍ଭର କରନ୍ତି। ଏହି ପାନୀୟ ଜଳ ପ୍ରକଳ୍ପ ନିମନ୍ତେ ବସାଯାଇଥିବା ଟ୍ରାନ୍ସଫର୍ମର ୨୦୧୮ରେ ବାତ୍ୟା 'ତିତ୍‌ଲି'ରେ ଭାଙ୍ଗିରୁଜି ଯାଇଥିଲା। ହେଲେ ଆଜି ପର୍ଯ୍ୟନ୍ତ ଟ୍ରାନ୍ସଫର୍ମର ମଧ୍ୟ ବସାଯାଇ ନାହିଁ। ଗ୍ରାମରେ ଜଳ ଯୋଗାଣ ନିମନ୍ତେ ଅନ୍ୟ ବିକଳ୍ପ ନଳକୂପ ରହିଥିଲେ ମଧ୍ୟ ଏଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ଖରାପ ହୋଇଯାଇଛି। ଗୋଟିଏ କି ଦୁଇଟି ନଳକୂପରୁ ପାଣି ଆସୁଛି, ହେଲେ କଳଙ୍କିଯୁକ୍ତ ପାଣି ଆସୁଥିବାରୁ ଲୋକେ ଏହି ପାଣିକୁ ବ୍ୟବହାର କରିପାରୁନାହାନ୍ତି। ଏପରି ସ୍ଥଳେ ଗ୍ରାମରେ ଗୋଟିଏ ମାତ୍ର କୂଅ ରହିଥିବାରୁ ମହିଳାମାନେ ପ୍ରାୟ ଦୁଇ କିମି ରାସ୍ତା ଅତିକ୍ରମ କରି ହାଣ୍ଡିଏ ଲେଖା ପାଣି ବୋହି ଆଣୁଛନ୍ତି। ଏହି କୂଅ ନିକଟକୁ ଯିବାକୁ ମଧ୍ୟ ରାସ୍ତା ନାହିଁ। ଲଟାବୁଦା ଘେରା ମଧ୍ୟ ଦେଇ ପାଣି ଆଣୁଥିବା ଦେଖିବାକୁ ମିଳୁଛି। ଏହି ସମସ୍ୟା ନେଇ ପ୍ରଶାସନକୁ ବହୁବାର ଜଣାଯାଇଛି। ହେଲେ ଫଳ ଶୂନ୍ୟ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଜୁଲାଇ ୩୧ରେ ଗୋଷାଣି ବ୍ଲକ ଲାବାଣ୍ୟଗଡ ଠାରେ ହୋଇଥିବା ଜିଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଥିଲା। ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ୧୫ ଦିନ ମଧ୍ୟରେ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ ମାସେ ବିତିଯାଇଥିଲେ ମଧ୍ୟ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରି ନଥିବା ଗ୍ରାମବାସୀ କ୍ଷୋଭର ସହ ପ୍ରକାଶ କରିଛନ୍ତି।

# ବାରମ୍ବାର ବିଦ୍ୟୁତ୍ କାଟ ଯୋଗୁ ଲୋକେ ଅତିଷ୍ଠ

ଦଶପଲ୍ଲା,୩।୮(ପ୍ରକାଶ କୁମାର ପାଣି )

ଦଶପଲ୍ଲାରେ ଗତ ୩ ଦିନ ଭିତରେ ପ୍ରାୟ ୧୫ଘଣ୍ଟା ଲାଇନ କଟିଥିବା ଅଭିଯୋଗ ହେଉଛି । ଟିପିସିଓଡିଏଲ ମନମାନୀ ଯୋଗୁ ଏପରି ଚାଲିଛି ବୋଲି ବିଦ୍ୟୁତ୍ ଉପଭୋକ୍ତାମାନେ କହିଛନ୍ତି। ମେଣ୍ଟେନାନ୍ସ ନାଁରେ କମ୍ପାନୀ ୟୁନିଟ ଦର ବଢ଼ାଇ ଚାଲିଥିବା ବେଳେ ଅନ୍ୟ ପଟେ ଘଣ୍ଟା ଘଣ୍ଟା ଧରି ଲାଇନ କଟାଯାଉଛି। ଦିନରେ ମେଣ୍ଟେନାନ୍ସ ଆଳରେ ୪ଘଣ୍ଟା ଲାଇନ୍ କାଟିବା ପରେ ପୁଣି ରାତି ୧୨ଟାରେ ଲାଇନ କଟାଯାଉଛି । ଏହାକୁ ନେଇ ଲୋକେ ଅତିଷ୍ଠ ହେଲେଣି। ଶନିବାର ରାତି ୮ଟାରୁ ରାତି ୧ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ଥିବା ଯୋଗୁ ଦଶପଲ୍ଲା ଅନ୍ଧାରରେ ରହିଥିଲା । ପୁଣି ରବିବାର ବାରମ୍ବାର ବିଦ୍ୟୁତ୍ ଯୋଗାଣ ବନ୍ଦ ଥିଲା । ଏଥିରେ ବୟସ୍କ ଲୋକେ,ଛୋଟ ପିଲାମାନେ ବେଶି କଷ୍ଟ ପାଉଛନ୍ତି । ଏହାକୁ ନେଇ ଲୋକଙ୍କ ଭିତରେ ଅସନ୍ତୋଷର ନିଆଁ କୁହୁଳୁଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

# ଖଣ୍ଡପଡ଼ା ତହସିଲ, ବ୍ଲକ ଓ ଏନଏସିରେ ଅଚଳାବସ୍ଥା

ନୟାଗଡ଼,୩।୯(ଲୋକନାଥ ମିଶ୍ର)

**୫-ଟି ସଚିବଙ୍କୁ ଫେରାଦ୍ ହେଲେ ଆଇନଜୀବୀ**

ନୟାଗଡ଼ ଜିଲା ଖଣ୍ଡପଡ଼ା ତହସିଲ, ବ୍ଲକ ଓ ଏନଏସିରେ ଅଚଳାବସ୍ଥା ନେଇ ଆଇନଜିବୀ ବିକ୍ରମ କେଶରୀ ଦେଓ ମୋ ସରକାର ୫-ଟି ସଚିବଙ୍କୁ ଟ୍ୱିଟ ଯୋଗେ ଅବଗତ କରାଇଛନ୍ତି । ଅଭିଯୋଗ ଅନୁସାରେ ଖଣ୍ଡପଡ଼ା ତହସିଲଦାର ସପ୍ତାହକୁ ୧ରୁ ୨ ଥର କାର୍ଯ୍ୟାଳୟକୁ ଆସୁଛନ୍ତି । ଖଣପଡ଼ା ବିଡିଓ ମଧ୍ୟ ଅଫିସକୁ ଠିକ୍‌ରେ ଆସୁ ନାହାନ୍ତି । ପୁଣି ଖଣ୍ଡପଡ଼ା ଏନଏସିରେ ନିର୍ବାହୀ ଅଧିକାରୀ ପଦବୀ ଖାଲି ପଡିଛି । ଲୋକ ବିଭିନ୍ନ ଅସୁବିଧା ନେଇ ବ୍ଲକ, ତହସିଲ ଓ ଏନଏସିକୁ ଆସି ହଟହଟା ହେଉଛନ୍ତି । ହେଲେ ସରକାର ଏହାର ସମାଧାନ କରୁ ନ ଥିବା ଅଭିଯୋଗ ହୋଇଛି ।

# ବୁଲା ବିକାଳି ସଂଘ କର୍ମକର୍ତ୍ତା ମନୋନୀତ



କର୍ମକର୍ତ୍ତାଙ୍କ ସହ ବୁଲା ବିକାଳି ସଦସ୍ୟ ।

ହିଞ୍ଜିଳିକାଟୁ, ୩।୯(ଦ୍ୱିତୀକୃଷ୍ଣ ପଣ୍ଡା)

ହିଞ୍ଜିଳିକାଟୁ ପୌରାଞ୍ଚଳରେ ଜୀବନ ଜୀବିକା ନିର୍ବାହ କରୁଥିବା ବୁଲାବିକାଳିମାନଙ୍କ ଦ୍ୱାରା ଏକ ସଂଘ ଗଠିତ ହୋଇଛି। ମା' କନକଦୁର୍ଗା ବୁଲାବିକାଳି ସଂଘ ନାମରେ ନାମିତ ଏହି ସଂଘର ସାଧାରଣ ବୈଠକ ରବିବାର ସ୍ଥାନୀୟ ବ୍ଲକ ଖରିଡା ମା' କରେଇଶୁଣୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଛି। ହରିହର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ବୁଲା ବିକାଳିମାନଙ୍କ ବିଭିନ୍ନ ସମସ୍ୟା ଓ ସାମାଜିକ ସୁରକ୍ଷା ସମ୍ପର୍କରେ ଆଲୋଚନା କରାଯାଇଥିଲା। ସଂଘ ଗଠନ ଓ ସାମାଜିକ କାର୍ଯ୍ୟରେ ଜଡ଼ିତ ହୋଇ ଜୀବନ ଜୀବିକା ନିର୍ବାହ ପାଇଁ ମତ ପ୍ରକାଶ ପାଇଥିଲା। ଏଥିରେ ସର୍ବସମ୍ମତି କ୍ରମେ ସଂଘ ସଭାପତି ଭାବେ ପୂର୍ବତନ କାଉନ୍‌ସିଲର ତଥା ସାମ୍ବାଦିକ ବିଶ୍ୱମ୍ଭର ସାହୁ, ସମ୍ପାଦକ ଭାବେ ହରିହର ସାହୁ, ଉପସଭାପତି–ଅଶୋକ କୁମାର ବେହେରା, କୋଷାଧ୍ୟକ୍ଷ – ନୀଳାଞ୍ଚଳ ବେହେରା, କାର୍ଯ୍ୟକାରୀ ସଦସ୍ୟ ଭାବେ ସୁଦର୍ଶନ ନାୟକ, ଏ. ସୀମାଞ୍ଚଳ ପାତ୍ର ଓ ହରି ପାଢୀଙ୍କୁ ମନୋନୀତ କରାଯାଇଥିଲା। ଅନୁରୂପ ଭାବେ ଉପଦେଷ୍ଟା ଭାବେ ଶେଷଦେବ ସାହୁ, ସୁଶାନ୍ତ ପ୍ରଧାନ ଏବଂ ଆଇନ ପରାମର୍ଶଦାତା ଭାବେ ବିଭୁପ୍ରସାଦ ପଣ୍ଡାଙ୍କୁ ସର୍ବସମ୍ମତ ମନୋନୀତ କରାଯାଇଥିଲା।

### ଏନ୍‌ଏସି ପକ୍ଷରୁ ଧରପଗଡ଼

ଆସିକା,୩।୯ (ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସିର କଳିଙ୍ଗା ରୋଡରେ ପନିପରିବା ପାଇକାରୀ ବ୍ୟବସାୟ କରୁଥିବା କେତେକ ପ୍ରତିଷ୍ଠାନ ଉପରେ ରବିବାର ଏନ୍‌ଏସି ପକ୍ଷରୁ ଚଢାଉ କରାଯାଇଛି। ଏହି ଚଢାଉ ବେଳେ ୬ଜଣ ବ୍ୟବସାୟୀ ଏନଏସିର କୌଣସି ବ୍ୟବସାୟିକ ପଞ୍ଜିକରଣ ନକରି ପ୍ରତିଷ୍ଠାନ ଚଳାଇଥିବା ଦୃଷ୍ଟିକୁ ଆସିଥିଲା । ସଂପୃକ୍ତ ବ୍ୟବସାୟୀମାନଙ୍କୁ ୩ଦିନ ମଧ୍ୟରେ ଏନଏସି କାର୍ଯ୍ୟାଳୟରେ ନିର୍ଦ୍ଧାରିତ ଟିକସ ଦାଖଲ ସହ ପଞ୍ଜିକରଣ କରିବା ଲାଗି ତାଗିଦ କରାଯାଇଥିବା ବେଳେ ଏଥିରେ ବ୍ୟତିକ୍ରମ କଲେ ବ୍ୟବସାୟ ପ୍ରତିଷ୍ଠାନକୁ ପ୍ରଶାସନ ପକ୍ଷରୁ ବନ୍ଦ କରାଯିବା ଲାଗି ନିର୍ଦ୍ଦେଶ ଦିଆଯାଇଥିବା ନିର୍ବାହୀ ଅଧିକାରୀ ଲୋକନାଥ ବେଜ ସୂଚନା ଦେଇଛନ୍ତି । ଏଥିସହ ରାସ୍ତା ଉପରେ ଅବରୋଧ କରି ଜମା କରାଯାଇଥିବା ବାଲି ପଥରକୁ ମଧ୍ୟ ତୁରନ୍ତ ହଟାଇବା ଲାଗି ବହୁ ଗୃହ ମାଲିକଙ୍କୁ ଏହି ଧରପଗଡକାରୀ ଦଳ ପକ୍ଷରୁ ତାଗିଦ କରାଯାଇଛି ।

# ଜାଗ୍ରତ ଖଣ୍ଡପଡ଼ା ଦିବସ ପାଳନ ପାଇଁ ପ୍ରସ୍ତୁତି

ଖଣ୍ଡପଡ଼ା,୩।୯
(ଅଜୟ କୁମାର ମହାରଣା)

ପ୍ରତିବର୍ଷ ସେପ୍ଟେମ୍ବର ୧୨ରେ ଖଣ୍ଡପଡ଼ାରେ ଜାଗ୍ରତ ଖଣ୍ଡପଡ଼ା ଦିବସ ପାଳିତ ହେଉଛି । ଚଳିତ ବର୍ଷ ଏହି କାର୍ଯ୍ୟକ୍ରମକୁ ବନମାଳୀପୁର ଗ୍ରାମର ଦଶଦୋଳ ପଡିଆସ୍ଥିତ ପ୍ରଭୁ ଶ୍ରୀ ସୋମନାଥ ଦେବଙ୍କ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହେବ ବୋଲି ମତ ପ୍ରକାଶ ପାଇଛି । ସୂଚନାଯୋଗ୍ୟ ଖଣ୍ଡପଡ଼ାର ପୂର୍ବତନ ବିଧାୟକ ଅରୁଣ ପଟ୍ଟନାୟକଙ୍କ ୨୭ ତମ ଶ୍ରାଦ୍ଧଦିବସକୁ ପ୍ରତିବର୍ଷ ପରି ଚଳିତ ବର୍ଷ ଜାଗ୍ରତ ଖଣ୍ଡପଡ଼ା ଦିବସ ଭାବେ ପାଳନ କରାଯାଉଛି । ଏ ପରିପ୍ରେକ୍ଷୀରେ ଖଣ୍ଡପଡାସ୍ଥିତ ଅରୁଣ ନିବାସ ପରିସରରେ ରବିବାର ଆୟୋଜିତ ବୈଠକରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରୁ ବହୁ ଅରୁଣ ପ୍ରେମୀ ଜନତା, ବୁଦ୍ଧିଜୀବି ଓ ବିଜେଡିର ପୁରୁଖା ନେତା, ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧି ଯୋଗ ଦେଇଥିଲେ । ଅରୁଣ ପଟ୍ଟନାୟକ ସ୍ମୃତି ପରିଷଦର ସଭାପତି ବସନ୍ତ କୁମାର ନାୟକ ଏଥିରେ ପୌରୋହିତ୍ୟ କରିଥିଲେ । ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ବିଜେଡି କର୍ମୀ, କର୍ମକର୍ତ୍ତା, ସଙ୍ଗଠକ ଯୋଗ ଦେଇଥିଲେ ।

### ବିଦ୍ୟାଳୟରେ ସ୍ୱଚ୍ଛତା ସଚେତନତା

ଜି.ଉଦୟଗିରି,୩।୯(ଶିଶିର ପଟ୍ଟନାୟକ)

ଜି.ଉଦୟଗିରି ପଦାସାହୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶନିବାର ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଅନୁସାୟା ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏବିଇଓ ମିହିରିକାନ୍ତ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ବିଦ୍ୟାଳୟରେ ସ୍ୱଚ୍ଛତା, ବ୍ୟକ୍ତିଗତ ପରିଷ୍କାର ପରିଚ୍ଛନ୍ନତା ଉପରେ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ।ଏଥିପାଇଁ ଅଭିଭାବକ ମାନେ ମଧ୍ୟ ସଚେତନ ହେବା ଆବଶ୍ୟକ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ପରିଚାଳନା କମିଟି ସଭାପତି ବିପ୍ର ଚରଣ ପ୍ରଧାନ, ପରିଚାଳନା କମିଟି ସଭ୍ୟମାନଙ୍କ ସହିତ ଅଭିଭାବକମାନେ ଉପସ୍ଥିତ ଥିଲେ।

# ନୂତନ ଭୋଟର ସଚେତନତା କର୍ମଶାଳା




ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଫୁଲବାଣୀ, ୩।୯(ରାକେଶ କୁମାର ରାଉତ )

ଫୁଲବାଣୀ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ପୁରାତନ ଛାତ୍ର ସଂଘ ଆନୁକୂଲ୍ୟରେ ନୂତନ ଭୋଟରମାନଙ୍କୁ ନେଇ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡା. ସୁଭାସ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମଶାଳାରେ ଆଇନଜୀବୀ ବନ ମହାନ୍ତି, ପୁରାତନ ଛାତ୍ର ସଂଘ ସଭାପତି ରାଜକିଶୋର ବେହେରା, ପ୍ରସନ୍ନ ପଟ୍ଟନାୟକ, କଲେଜ ପ୍ରଶାସନିକ ଅଧିକାରୀ ମୁରଲୀଧର ସେଠୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଭୋଟ କାର୍ଯ୍ୟକ୍ରମ ଉପରେ ସଚେତନ କରିଥିଲେ। ନୂତନ ଭାବେ ଭୋଟର ପଞ୍ଜୀକରଣ କରିବା ପାଇଁ ଫର୍ମ ବଣ୍ଟନ କରାଯାଇଥିଲା। ପ୍ରଶାସନିକ ଅଧିକାରୀ ସେଠୀ ଭୋଟ କେମିତି ଦେବା ଓ କାହିଁକି ଦେବା, ସେ ବିଷୟରେ ଆଲୋଚନା କରିଥିଲେ। ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ. ଅହଲ୍ୟା ଶିଅଳ ସଭା ପରିଚାଳନା କରିଥିବା ବେଳେ ରାଜନୀତି ବିଜ୍ଞାନ ଅଧ୍ୟାପକ ଅବନୀକାନ୍ତ କହଁର,ଦୁଷ୍ମନ୍ତ ମାର୍ଥା, ଅନୁ ଅଗ୍ରୱାଲ, ସଙ୍ଗୀତା ମଲ୍ଲିକି ସହଯୋଗ କରିଥିଲେ।

# ଦୁଇ ବାଇକ୍ ମୁହାଁମୁହିଁ, ୩ ଗୁରୁତର

ମୋହନା,୩।୯(ମନ୍ମଥ ମିଶ୍ର)

ମୋହନା ଥାନା ଅନ୍ତର୍ଗତ ଲେଢ଼ବନ୍ଧ ବୁଲାଣି ରାସ୍ତାରେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ୩ ଜଣ ଗୁରୁତର ହୋଇଛନ୍ତି। ନୂଆଗଡ ବ୍ଲକ୍ ଅନୁଗୁର ଗ୍ରାମର ଅଭୟ ରଇତ(୨୩) ଓ ସଞ୍ଜୀବ ମାଝୀ (୨୩) ଗଞ୍ଜାମ ଜିଲା ଡେଙ୍ଗାଉସ୍ତା ଗ୍ରାମରୁ କିଛି ଘରୋଇ ସାମାନ କିଣି ଫେରୁଥିଲେ ଓ ଆର୍ ଉଦୟଗିରି ଥାନା ଅନ୍ତର୍ଗତ ଆମ୍ବଗାଁ ଗ୍ରାମର ଈଶ୍ୱର ଦଳାଇ ନାମକ ଯୁବକ ମୋହନାରୁ ବ୍ରହ୍ମପୁର ଅଭିମୁଖେ ଯିବା ସମୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହା ଫଳରେ ତିନିଜଣ ଗୁରୁତର ହୋଇଥିଲେ। ସମସ୍ତଙ୍କୁ ମୋହନା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଈଶ୍ୱର ଓ ସଞ୍ଜୀବଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ଥିବାରୁ ବ୍ରହ୍ମପୁର ବଡ଼ ମେଡ଼ିକାଲ ସ୍ଥାନାନ୍ତର କରାଯାଇଛି।

# କ୍ରୀଡାବିତ୍‌ଙ୍କୁ ସମ୍ବର୍ଦ୍ଧନା



ବିନାଶ ମୁନିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଆସିକା,୩।୯(ସୁରେନ୍ଦ୍ର ନାଥ ସାହୁ)

ଆସିକା ଏନ୍‌ଏସି ୫ ନମ୍ବର ୱାର୍ଡର ବାସିନ୍ଦା ଯୁବ କ୍ରୀଡାବିତ ଅବିନାସ ମୁନୀଙ୍କୁ ଏନଏସି ପକ୍ଷରୁ କ୍ରୀଡା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଗି ସମ୍ବର୍ଦ୍ଧିତ କରାଯାଇଛି । ଗୁରୁବାର ଟାଉନ ହଲ ପରିସରରେ ଅନୁଷ୍ଠିତ ସ୍ୱାୟତ୍ତ ଶାସନ ଦିବସ ଅବସରରେ ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ଅବିନାସଙ୍କୁ ପୁଷ୍ପଗୁଚ୍ଛ, ଉପଢ଼ୌକନ ସହ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । ମନୋଜ କୁମାର ମୁନୀ ଓ ଗୀତାଞ୍ଜଳୀ ମହାପାତ୍ରଙ୍କ ପୁଅ ଅବିନାସ କିଛିଦିନ ତଳେ ସରିଥିବା ଗଞ୍ଜାମ ଜିଲା ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟରେ ୧୯ ବର୍ଷ ବାଳକ ବର୍ଗରେ ସିଙ୍ଗଲ, ଡବଲ ଓ ମିକ୍ସ ଡବଲରେ ଚାମ୍ପିୟନ ହୋଇ ଆସିକା ପାଇଁ ଗର୍ବ ଓ ଗୌରବ ଆଣିଥିବାରୁ ଏହି ସମ୍ବର୍ଦ୍ଧନା ଦିଆଯାଇଛି ।

# ଶୁଣିଲାନି ପ୍ରଶାସନ, କେନାଲ ସଫାକଲେ ଗ୍ରାମବାସୀ

ଖଜୁରିପଡ଼.୩।୯(ବିଦୁର ବେହେରା)

ଦୀର୍ଘ ଦିନରୁ ଶାଖା କେନାଲ ସମସ୍ୟା ଲାଗି ରହିଥିଲେ ବି ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ ନ କରାଯିବାରୁ ଜମି ଫସଲ ସୁରକ୍ଷା ପାଇଁ ଗ୍ରାମବାସୀ ଅଣ୍ଟା ଭିଡ଼ି କେନାଲ ସଫା କଲେ। ଖଜୁରିପଡ଼ା ବ୍ଲକ ବଲସକୁମ୍ପା ପଞ୍ଚାୟତର ନବଗୁବା ଗ୍ରାମରେ ଶ୍ରାବଣ ମାସର ଲଗାଣ ବର୍ଷାରେ ଚାଷୀମାନେ ଧାନ ଚାଷ କରିଛନ୍ତି। କିନ୍ତୁ ଶାଖା କେନାଲ ମରାମତି ହେଉ ନ ଥିବା ଯୋଗୁ ଚାଷ ଜମିକୁ ପାଣି ପହଞ୍ଚି ପାରୁ ନାହିଁ। ଏ ନେଇ ନବଗୁବା ଗ୍ରାମବାସୀ ଇରିଗେଶନ ବିଭାଗକୁ ଜଣାଇଛନ୍ତି କିନ୍ତୁ ବୈଶାଖ, ଜ୍ୟେଷ୍ଠ ମାସ ବିତି ଯାଇଥିଲେ ସୁଦ୍ଧା କେନାଲ ସଫା କି ମରାମତି କରାଗଲା ନାହିଁ; ଯଦ୍ୱାରା ଚାଷ ଉପଯୋଗୀ କେନାଲ



କେନାଲ ସଫା କରୁଛନ୍ତି ଗ୍ରାମବାସୀ।

ପାଣି ନଦୀରେ ବୋହି ଯାଉଛି। ପିଲା ସାଲୁଙ୍କି ଜଳ ଭଣ୍ଡାର ସଂଲଗ୍ନ ଶାଖା କେନାଲଗୁଡିକ ଦୀର୍ଘଦିନ ହେଲା ସଫେଇ ହେଉ ନ ଥିବାରୁ କେନାଲ ମଝିରେ ଅନାବନା ଗଛ ଉଠିବା ସହିତ ମାଟି ଭରି ହୋଇଯାଇଛି। ପିଲା ସାଲୁଙ୍କି ଜଳ ଭଣ୍ଡାରର ଗଚ୍ଛିତ ଜଳ ସହଜରେ ଚାଷୀର ଚାଷ ଜମିକୁ ଯାଇ ପାରୁ ନ ଥିଲା ; ଯାହାକୁ ନେଇ ନବଗୁବାବାସୀ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲା ପରେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିଲା। ଫଳରେ ନିଜର ଚାଷ ଜମିର ସୁରକ୍ଷା ପାଇଁ ନବଗୁବାର ଶତାଧିକ ଯୁବକ ଏକାଠି ହୋଇ କେନାଲରେ ଜମି ରହିଥିବା ଆବର୍ଜନା ସଫା କରିଛନ୍ତି। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବା ସହ ଏହାର ସ୍ଥାୟୀ ସମାଧାନ କରିବା ପାଇଁ ସେମାନେ ଗୁହାରି କରିଛନ୍ତି।

# ଖରସ୍ରୋତା ନଦୀକୁ ଚିରସ୍ରୋତା ପାଇଁ ଦାବି

- ୫-ଟି ସଚିବଙ୍କୁ ଜଣାଇଲା ଖରସ୍ରୋତା ପୁନରୁଦ୍ଧାର ସମିତି
- ୭ ପଞ୍ଚାୟତର ୧୦ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାର ଉପକୃତ ହେବେ
- ୫ହଜାର ଏକରରୁ ଉର୍ଦ୍ଧ୍ୱ ଚାଷଜମିକୁ ଜଳ ସେଚନ ସୁବିଧା ମିଳିପାରିବ


ଖରସ୍ରୋତା ନଦୀରେ ଦଳ ମାଡ଼ିଯାଇଛି।

**ରସୁଲପୁର,୨।୯(ରଞ୍ଜିତ ରାଉତ):**

୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଯାଜପୁର ଜିଲା ଗସ୍ତ ଅବସରରେ ଧର୍ମଶାଳା ବ୍ଲକର ଜନଶୁଣାଣି ଶିବିରରେ ରସୁଲପୁର ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ମୃତ ଖରସ୍ରୋତାକୁ ଚୀରସ୍ରୋତା କରିବାକୁ ମଧୁବନ ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ଦାବି କରାଯାଇଛି। ଟିକରପଡ଼ା ପଞ୍ଚାୟତର ପାଟିଆ ବନ୍ଧ ଉପରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ ପାଇଁ ସମିତି ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି। ଏହା କରାଗଲେ ନଦୀରେ ବନ୍ୟାକୁ ନିୟନ୍ତ୍ରଣ କରାଯାଇ ମୃତ ଖରସ୍ରୋତାକୁ ଚୀରସ୍ରୋତା କରାଯାଇ ପାରିବ। ନଦୀ ଅବବାହିକାରେ ଅବସ୍ଥିତ ଭୋଟକା, ରସୁଲପୁର, ରାହାମ୍ବା, ଗନ୍ଧଣ, ବଡ଼କଇଞ୍ଚ, ଟିକରପଡ଼ା ଓ ନଠୁଆବର ଭଳି ୭ ପଞ୍ଚାୟତର ୧୦ହଜାରରୁ ଉର୍ଦ୍ଧ୍ୱ ଚାଷୀ ପରିବାର ଉପକୃତ ହେବେ। ୫ ହଜାର ଏକରରୁ ଉର୍ଦ୍ଧ୍ୱ ଚାଷଜମିକୁ ଜଳସେଚନ ସୁବିଧା ମିଳିପାରିବ ବୋଲି ସମିତି ସଭାପତି ବେଣୁଧର ଦୋବାଇ ଓ ଉପ–ସଭାପତି କୈଳାସ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି। ଟିକରପଡ଼ାଠାରୁ ଖଣ୍ଡିତର ପର୍ଯ୍ୟନ୍ତ ୧୨ କି.ମି. ଲମ୍ବର ମୂଳ ଖରସ୍ରୋତା ନଦୀ ପୋତି ହୋଇଯାଇଛି। ପରବର୍ତ୍ତୀ ଅବସ୍ଥାରେ ବନ୍ୟା ନିୟନ୍ତ୍ରଣ ଆଳରେ ନଦୀର ଉପମୁଣ୍ଡରେ ବନ୍ଧବାନ୍ଧିବା ଯୋଗୁଁ ନଦୀ ମୃତ ପ୍ରାୟ ପଡିରହିଛି। ୨ ଦଶନ୍ଧିରୁ ଉର୍ଦ୍ଧ୍ୱକାଳ ନଦୀର ଏଭଳି ସ୍ଥିତି ଯୋଗୁ ତଟବାସୀ ବିଶେଷ ପ୍ରଭାବିତ ହେଉଛନ୍ତି। ସଚଳ ନଦୀର ସୁବିଧା, ସୁଯୋଗରୁ ଲୋକେ ବଞ୍ଚିତ ହେବା ସହ ନାନା ଦୁର୍ଦ୍ଦଶାରେ କାଳ କାଟୁଥିବା ଜଣାପଡିଛି। ଶୁଷ୍କନଦୀର ବିଭିନ୍ନ ଗଣ୍ଡ ଅଞ୍ଚଳରେ ବିଲାତି ଦଳରେ ପରିପୂର୍ଣ୍ଣ ରହିଛି। ଖାଲୁଆ ସ୍ଥାନରେ ଜମି ରହୁଥିବା ବର୍ଷାଜଳରେ ମଶା, ମାଛି, ନାନା ପ୍ରଜାତିର କୀଟ ପତଙ୍ଗ, ସରିସୃପ, ବିଷଧର ସାପ ଜନ୍ମ ନେଉଛନ୍ତି। ଏହା ତଟବର୍ତ୍ତୀ ବାସିନ୍ଦାଙ୍କ ପ୍ରତି କ୍ଷତି ପହଞ୍ଚାଉଛି। ଅପରିଷ୍କାର ଜଳପାନ କରି ଗୃହପାଳିତ ପ୍ରାଣୀ ରୋଗାକ୍ରାନ୍ତ ହେଉଛନ୍ତି। ନଦୀକୂଳ ଗ୍ରାମଗୁଡ଼ିକରେ ବସବାସ କରୁଥିବା ଲୋକେ ସେମାନଙ୍କ କୌଳିକ ବୃତ୍ତିକୁ ହରାଇ ବସିଛନ୍ତି। ଶୁଖିଲା ନଦୀ ଉପରେ ଜମି, ବାଲି ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡୁଛି। କେତେକ ବ୍ୟକ୍ତି ନଦୀକୁ ନିଜର ଘରୋଇ ଜମିରେ ପରିଣତ କରି ରେକର୍ଡ ପ୍ରସ୍ତୁତ କରିସାରିଛନ୍ତି। ଚୋରା ବାଲି ଚାଲାଣ କରି ମାଲାମାଲ ହେବା ନିତିଦିନିଆ ଘଟଣା ସାଜିଛି। ନଦୀରେ ପାଣି ପ୍ରଭାବିତ ହେଉ ନ ଥିବାରୁ ଭୂ-ତଳ ଜଳସ୍ତର କମି ଯାଉଛି। ଖରାଦିନରେ ନଦୀ, ପୋଖରୀ, ନଳକୂପର ଜଳସ୍ତର ଖସିଯାଉଛି। ଚାଷକାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଚାଷ ଜମିକୁ ଜଳସେଚନ ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରାଯାଇ ପ୍ରକଳ୍ପ ନିର୍ମାଣ କରାଯାଉଛି। ମାତ୍ର ଏଠାରେ ସ୍ୱଳ୍ପ ଟଙ୍କା ଖର୍ଚ୍ଚ କରି ପ୍ରସ୍ତାବିତ ସ୍ଥାନରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ କରାଯାଇ ପାରିଲେ ବନ୍ଧ ଉପରେ ଗମନାଗମନ ସମ୍ଭବପର ହୋଇପାରନ୍ତା। ବନ୍ୟାନିୟନ୍ତ୍ରଣ ସାଙ୍ଗକୁ ଖରସ୍ରୋତା ତା'ର ପୂର୍ବ ସ୍ଥିତିକୁ ଫେରି ଆସିପାରନ୍ତା ବୋଲି ସମିତି ପକ୍ଷରୁ ମତ ରଖାଯାଇଛି। ଏହି ସମସ୍ୟାକୁ ନେଇ ପାଖାପାଖି ୧୦ବର୍ଷରୁ ଉର୍ଦ୍ଧ୍ୱ ଧରି ଖରସ୍ରୋତା ପୁନରୁଦ୍ଧାର ସମିତି ପକ୍ଷରୁ ବିଭିନ୍ନ ସ୍ଥାନରେ ଦାବି ଉପସ୍ଥାପନ କରାଯାଇ ଆସୁଛି। ସମିତିର ପ୍ରସ୍ତାବ କାର୍ଯ୍ୟକାରୀ କରାଯିବା ନେଇ ବାରମ୍ବାର ପ୍ରତିଶ୍ରୁତି ଦିଆଯାଉଛି। ପରେ ପ୍ରତିଶ୍ରୁତି ପାଣିରେ ଗାର ଭଳି ମିଳେଇ ଯାଉଛି। ଏଥର ସମିତି ୫–ଟି ସଚିବଙ୍କ ନିକଟରେ ଅଭିଯୋଗ କରି ପ୍ରସ୍ତାବିତ ସ୍ଲୁଇସ୍ ଗେଟ୍ ନିର୍ମାଣ ନେଇ ସମିତି ଆଶାବାଦୀ ହୋଇପଡିଛି। ସରକାରଙ୍କ ପକ୍ଷରୁ ଏ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରାଗଲେ ଦୀର୍ଘଦିନର ଦାବି ପୂରଣ ହୋଇପାରିବ ବୋଲି ମତପ୍ରକାଶ ପାଇଛି।

# ସ୍ୱଜଳଧାରା ପ୍ରକଳ୍ପ କାର୍ଯ୍ୟକୁ ବିରୋଧ

- କର୍ମଚାରୀଙ୍କୁ ମାରପିଟ ଓ ସାମଗ୍ରୀ ଭଙ୍ଗାରୁଜା
- ଥାନାରେ ସରପଞ୍ଚଙ୍କ ଅଭିଯୋଗ

**ପ୍ରୀତିପୁର,୩।୯(ସୁଶାନ୍ତ ବେହୁରିଆ):**

୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ ପ୍ରତିଶ୍ରୁତି ଅନୁସାରେ ଜିଲା ପ୍ରଶାସନ କରୁଥିବା କାର୍ଯ୍ୟକୁ କେତେଜଣ ଦୁର୍ବୃତ୍ତ ବିରୋଧ କରିଛନ୍ତି। ଦୁର୍ବୃତ୍ତ କାର୍ଯ୍ୟକରୁଥିବା କର୍ମଚାରୀଙ୍କୁ ମାରପିଟ କରିବା ସହିତ ବିଭିନ୍ନ ସରକାରୀ ଜିନିଷକୁ ଭଙ୍ଗାରୁଜା କରିଛନ୍ତି। ଏଭଳି ଘଟଣା ଘଟିଛି ଯାଜପୁର ଜିଲା ବିଞ୍ଝାରପୁର ନିର୍ବାଚନମଣ୍ଡଳୀ ଅଧୀନ ପାଲଟପୁର ପଞ୍ଚାୟତରେ। ଏନେଇ ସରପଞ୍ଚ ମଙ୍ଗଳପୁର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ଏହି ପଞ୍ଚାୟତ ଅନ୍ତର୍ଗତ କଣ୍ଟିବାଙ୍କଠାରେ ୨୦୦୮ରେ ନିର୍ମାଣ ହୋଇଥିବା ସ୍ୱଜଳଧାରା ପ୍ରକଳ୍ପ ଦୀର୍ଘ ବର୍ଷଧରି କାର୍ଯ୍ୟକାରୀ ହେଉ ନ ଥିଲା। ଏଥିନେଇ ପଞ୍ଚାୟତ ପକ୍ଷରୁ ବିଭିନ୍ନ ସମୟରେ ବିଡିଓ, ଜିଲାପାଳଙ୍କ ନିକଟରେ ଅଭିଯୋଗ କରାଯିବା ସହ ବ୍ଲକ ସମ୍ମୁଖରେ ୩ ଥର ଧାରଣା ଦିଆଯାଇଥିଲା। ଶେଷରେ ଗତ ୩୧ ତାରିଖରେ ୫–ଟି ସଚିବଙ୍କ ବିଞ୍ଝାରପୁର ନିର୍ବାଚନମଣ୍ଡଳୀର ବରୁଣେଶ୍ୱର ପଡିଆରେ ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ପଞ୍ଚାୟତ ପକ୍ଷରୁ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ନ ଥିବା ନେଇ ଅଭିଯୋଗ କରାଯାଇଥିଲା। ଏହାପରେ ୨ ତାରିଖରେ ପଞ୍ଚାୟତକୁ ପାନୀୟଜଳ ଯୋଗାଣ ବିଭାଗର ଅଧିକାରୀ ଏବଂ ମେଗା କମ୍ପାନୀର ଅଧିକାରୀ ସମେତ ୫–ଟି କାର୍ଯ୍ୟକୁ ତଦାରଖ କରୁଥିବା ଅଧିକାରୀମାନେ ଆସି ସମସ୍ୟା ସମ୍ପର୍କରେ ପଚାରି ବୁଝିଥିଲେ। ରବିବାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ମାତ୍ର କାର୍ଯ୍ୟ ଆରମ୍ଭ ହେବା ପରେ କଣ୍ଟିବାଙ୍କ ଗ୍ରାମର ୨ ଯୁବକ ଅଧିକାରୀମାନଙ୍କୁ ଗାଳି ଗୁଲଜ କରିବା ସହ ମେଶିନକୁ ଭଙ୍ଗାରୁଜା କରିଥିଲେ। ସେମାନଙ୍କୁ ଏ ସମ୍ପର୍କରେ କର୍ମଚାରୀମାନେ ପଚାରିବାରୁ ସେମାନେ ଓଲଟା କର୍ମଚାରୀଙ୍କୁ ମାରପିଟ କରି ଭୁଜାଲି ଏବଂ ଶାବଳ ଧରି ଜୀବନରୁ ମାରିଦେବାକୁ ଗୋଡାଇବାରୁ ସେମାନେ ପଳାଇଥିଲେ। ଏହାପରେ ପଞ୍ଚାୟତ ପକ୍ଷରୁ କରାଯାଇଥିବା କଣ୍ଟିବାଙ୍କ ସପ୍ତାଘର ନିକଟରେ ନଳକୂପ ଚାନ୍ଦିନୀ ଏବଂ ଡଷ୍ଟବିନକୁ ସେହି ୨ ଯୁବକ ପିଟି ଭାଙ୍ଗି ଦେଇଥିଲେ। ଏଥିନେଇ ପ୍ରତିବାଦ କରିବାରୁ ସେଠିକାର ୨ ଜଣଙ୍କୁ ମଧ୍ୟ ମାରପିଟ କରିଥିଲେ। ଏନେଇ ସରପଞ୍ଚ ଲିପିକା ମଲ୍ଲିକ ମଙ୍ଗଳପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ।



# ପୂର୍ବତନ ଥାନା ଅଧିକାରୀ, ଏଏସ୍ଆଇଙ୍କୁ ଜବାବ ତଲବ

**ଅଭିଯୋଗ ବିଷୟରେ ବୁଝିବାକୁ ଆସିଥିବା ଯୁବକଙ୍କୁ ଦୁର୍ବ୍ୟବହାର, ଆକ୍ରମଣ ମାମଲା**

**ଧର୍ମଶାଳା,୩।୯( ବଟକୃଷ୍ଣ ପରିଡା) :**

ଧର୍ମଶାଳା ଥାନା ଅଧୀନ କଣ୍ଟିଗଡ଼ିଆ ଗ୍ରାମର ଜଣେ ଯୁବକ ଥାନାକୁ ଅଭିଯୋଗ ବିଷୟରେ ବୁଝିବାକୁ ଆସିଥିବାବେଳେ ତାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ କରିବା ପୋଲିସ ପାଇଁ ମହଙ୍ଗା ପଡ଼ିଛି। ଘଟଣାରେ ପୂର୍ବତନ ଥାନା ଅଧିକାରୀ ରାକେଶ ତ୍ରିପାଠୀ ଓ ଏଏସ୍ଆଇ ବିଜୟ କୁମାର ସାହୁଙ୍କୁ ଚଣ୍ଡିଖୋଲ ଜେଏମ୍ଏଫ୍ସି କୋର୍ଟ ପକ୍ଷରୁ ଜବାବ ତଲବ କରାଯାଇଛି।

କଣ୍ଟିଗଡ଼ିଆ ଗ୍ରାମର ଦେବେନ୍ଦ୍ର ରାଉତ (୨୦) ତାଙ୍କ ଭଉଣୀ ଶାଶୁଙ୍କ ବିରୋଧରେ ଏତଲା ଦେବା ପାଇଁ ଏପ୍ରିଲ ୬ରେ ଧର୍ମଶାଳା ଥାନାକୁ ଅସିଥିଲେ। ଏହି ସମୟରେ ତତ୍କାଳୀନ ଥାନା ଅଧିକାରୀ ତ୍ରିପାଠୀ ତାଙ୍କ ଅଭିଯୋଗକୁ ଗ୍ରହଣ କରି ନ ଥିଲେ। ଏନେଇ ଦେବେନ୍ଦ୍ର ଯାଜପୁର ଏସ୍ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ତାଙ୍କ ଅଭିଯୋଗ ଗ୍ରହଣ କରିଥିଲା। ହେଲେ ତଦନ୍ତ ନ କରି ଚୁପ ହୋଇ ବସିରହିଥିଲା। ସେହି ମାସ ୨୨ ତାରିଖରେ ଏତଲା କପି ଓ ତଦନ୍ତ ସମ୍ପର୍କରେ ବୁଝିବାକୁ ଦେବେନ୍ଦ୍ର ଯାଇଥିବାବେଳେ ତତ୍କାଳୀନ ଥାନା ଅଧିକାରୀ ତ୍ରିପାଠୀ ଓ ଏଏସ୍ଆଇ ସାହୁ ତାଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଫଳରେ ସେ ଆହତ ହୋଇ ଧର୍ମଶାଳା ମେଡିକାଲରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେ ସୁସ୍ଥ ହେବା ପରେ ନ୍ୟାୟ ପାଇଁ ଚଣ୍ଡିଖୋଲ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ବୋଲି ସତ୍ୟପାଠରେ ଉଲ୍ଲେଖ କରିଛନ୍ତି।

# ଅରାଜକତା ସୃଷ୍ଟି କରୁଛନ୍ତି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତିବିଶେଷ


ଥାନାକୁ ଅଭିଯୋଗ କରିବାକୁ ଆସଥିବା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମୀ।

**ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ ପକ୍ଷରୁ ଥାନାରେ ଅଭିଯୋଗ**

**ଯାଜପୁର ଟାଉନ,୩।୯(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି):**

ଯାଜପୁର ଜିଲା ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ବ୍ୟକ୍ତିବିଶେଷଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଛି। ଉଭୟ ଅନୁଷ୍ଠାନର କର୍ମକର୍ତ୍ତା ଯାଜପୁର ଥାନା ଭାରପ୍ରାପ୍ତ ଅଧିକାରୀଙ୍କୁ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ଯାଜପୁର ଜିଲାରେ ସମ୍ପୃକ୍ତ ରାଜନୈତିକ ଦଳର ବ୍ୟକ୍ତିବିଶେଷ ସେହି ଦଳର ଝଣ୍ଡା ଏବଂ ଚିହ୍ନ ଥିବା ପୋଷାକ ବ୍ୟବହାର କରି ବିଭିନ୍ନ ଅରାଜକତା ସୃଷ୍ଟି କରୁଛନ୍ତି। ସାଧାରଣ ଲୋକଙ୍କ ମନରେ ଭୟ ସଞ୍ଚାର କରୁଛନ୍ତି। ଅଗଷ୍ଟ ୧୦ତାରିଖରେ ଯାଜପୁରସହର ଉପକଣ୍ଠ ଚିତାଳୋ ମହାବିଦ୍ୟାଳୟ ଛାତ୍ରମାନଙ୍କ ମଧ୍ୟରେ ଏକ ବଚସାକୁ କେତେଜଣ ଛାତ୍ର ସାମ୍ପ୍ରଦାୟିକ ରଙ୍ଗ ବୋଳି ତିଳକୁ ତାଳ କରିଥିଲେ। ପରେ ଉକ୍ତ ଘଟଣା ଥାନାରେ ଆପୋସ ସମାଧାନ ହୋଇଥିଲା। ସେହିପରି ଅଗଷ୍ଟ ୨୯ରେ ୫–ଟି ସଚିବ ଭି.କେ. ପାଣ୍ଡିଆନଙ୍କ ଯାଜପୁର ଗସ୍ତ ସମୟରେ କେତେଜଣ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ଅସମାଜିକ ଯୁବକ ୫–ଟି ଲେଖାଥିବା ଗଞ୍ଜି ପରିଧାନ କରି ଠେଙ୍ଗାବାଡି ଧରି ଦଙ୍ଗା ସୃଷ୍ଟି କରିବା ପାଇଁ ପ୍ରଚେଷ୍ଟା କରିଥିଲେ। ଏ ବିଷୟରେ ବିଭିନ୍ନ ସଂଗଠନ ଗଣମାଧ୍ୟମରେ ପ୍ରଚାରିତ କରିଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି ମାମଲା ରୁଜୁ ହୋଇନାହିଁ। ଏହା ଯାଜପୁର ପୋଲିସର ଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଜିଲା ପ୍ରଶାସନ ଓ ପୋଲିସ ଘଟଣାକୁ ଦୃଢ଼ତା ସହିତ ଗ୍ରହଣ କରିବାକୁ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ଅରବିନ୍ଦ ଦାସ, ମୃତ୍ୟୁଞ୍ଜୟ ରାଉତ, ରାମକୃଷ୍ଣ ବେହୁରିଆ, ବାଦଲ ନାୟକ, ଶ୍ରୀକାନ୍ତ ସାହୁ, ଧନେଶ୍ୱର ସାହୁ, ତପନ ନାୟକ, ଦୀପକ କୁମାର ସାହୁ, ମନୋଜ କୁମାର ମିଶ୍ର, ଗୌରାଙ୍ଗ ଚରଣ ପଣ୍ଡା, ବିଷ୍ଣୁ ପଣ୍ଡା, ଶ୍ରୀକାନ୍ତ ଜେନା, ସରୋଜ ଘଡ଼ାଇ, ଉମାକାନ୍ତ ଧଳ ଓ ସୁଦର୍ଶନ ଦୋବାଇ ପ୍ରମୁଖ ନିବେଦନ କରିଛନ୍ତି।


**Government of Odisha**
**Higher Education Department**

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2023-24**

No. n: Timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website **www.samsodisha.gov.in**. Please refer the Common Prospectus (CP) before filling up the CAF.

| Sl # | Activities | Timeline |
|---|---|---|
| 1) | Availability of Online Common Application Form (CAF) on the website **www.samsodisha.gov.in** | 04 Sept. 2023 (Monday) (12.00 Noon) |
| 2) | Last date for applying online CAF through **www.samsodisha.gov.in** | 13 Sept. 2023 (Wednesday) (11.45 P.M.) |
| 3) | Editing of the earlier submitted CAF (for once only), if required | 14 Sept. 2023 (Thursday) (11.00 A.M.) & 15 Sept. 2023 (Friday) (11.45 P.M.) |
| 4) | Publication of Provisional Allotment of Seats along with waitlisted applicants in HEI's e-Space (Ten (10) times the actual vacancy as on 15.09.2023) | 22 Sept. 2023 (Friday) (12.00 Noon) |
| 5) | Online payment of admission fees by the selected applicants through SAMS **[Student's Account]** portal | 22 Sept. 2023 (Friday) (01.00 P.M.) to 25 Sept. 2023 (Monday) (11.45 P.M.) |
| 6) | Reporting of the applicants at allotted Institutions for taking admission **(for First Round Selection)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (05.00 P.M.) (Except Holiday) |
| 7) | Data updation of admitted students in the e-space by the respective Institutions **(for First Round Admission)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (07.00 P.M.) (Except Holiday) |
| 8) | Reporting of waitlisted applicants for submission of CAF along with relevant documents for participating in the waiting list admission round | 27 Sept. 2023 (Wednesday) (09.00 A.M.) & 28 Sept. 2023 (Thursday) (05.00 P.M.) |
| 9) | Preparation of merit list among the reported waitlisted applicants & update in HEI's e-space | 03 Oct. 2023 (Tuesday) (02.00 P.M.) |
| 10) | Display of selected options in the SAMS **[Student's Account]** portal | 03 Oct. 2023 (Tuesday) (04.00 P.M.) |
| 11) | Last date to Choose any one of the selected HEI in Student's login | 05 Oct. 2023 (Thursday) (06.00 P.M.) |
| 12) | Reporting of the waitlisted applicants to take admission in one of the selected HEIs, where the admission fees will be deposited directly at the HEIs in online mode only **(Net Banking/Bank Challan/ NEFT/UPI etc.)** | 06 Oct. 2023 (Friday) (upto 05.00 P.M. |
| 13) | Updation of selected waitlisted Student's data by the HEIs in their e-Space | 07 Oct. 2023 (Saturday) (upto 09.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**N.B.:** Please go through the detailed U.G. Phase-II Guidelines available in the SAMS U.G. Portal.

**OIPR-11001/11/0029/2324** **Sd./- Deputy Director, PTC Section**



**GOVERNMENT OF ODISHA** No.n-171
**DEPARTMENT OF SCHOOL & MASS EDUCATION**
**NOTICE**

**Advertisement for extension of dateline for obtaining Certificate of Recognition (CoR) for the Academic session 2023-24 to 2027-28 by Privately Managed Elementary schools and opening permission for new Private Elementary schools for the Academic session 2024-25 as per RTE Act, 2009 and Rules, 2010**

| Sl. No. | Item of work | Date |
|---|---|---|
| 1 | Last date for submission of online application for obtaining Certificate of Recognition (CoR) / Permission for opening of New Private Schools by Private School Authorities | 15.09.2023 |
| 2 | Last date for submission of online Inspection Report for CoR / Permission for opening of New Private Schools by DEOs to DEE(O) | 31.10.2023 |
| 3 | Last date for issue of approval order by DEE to DEOs | 15.11.2023 |
| 4 | Last date for Issue of CoR/Opening permission by DEOs | 30.12.2023 |

**Sd./- Director, Elementary Education**
**Odisha, Bhubaneswar**
OIPR-27068/11/0019/2324



**ODISHA PUBLIC SERVICE COMMISSION, CUTTACK**
**NOTICE**

**No. 6825/PSC** **Dt.02.09.2023**
**PF-04-1E-01-2023-24 (DR-III)**

No. D-119: It is for information of all concerned that on the basis written examination held on **03.07.2022** for recruitment to the Post of **Post Graduate Teachers in Odia,** pursuant to Advt. No. 12 of 2020-21, **98 (Ninety-Eight)** candidates bearing following Roll Nos. have been qualified for admission to Document Verification & Viva Voce Test. The physical verification of original certificates/documents etc. and Viva Voce Test in respect of above qualified candidates, will be conducted simultaneously in the Office of the Commission at 19, Dr. P.K. Parija Road, Cuttack - 753001 from **25.09.2023 to 27.09.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para - 10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test**. The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | Roll No. of Candidates | Board |
|---|---|---|---|---|---|
| 1 | 25.09.2023 | 8.30 A.M. | 10.30 A.M. | 500006, 500009, 500017, 500018, 500023, 500028, 500029 & 500030 **= 08 Candidates** | Board-I |
| | | | | 500034, 500040, 500045, 500047, 500050, 500054, 500055 & 500058 **= 08 Candidates** | Board-II |
| | | 12.30 P.M. | 2.30 P.M. | 500068, 500069, 500077, 500083, 500091, 500094, 500102 & 500107 **= 08 Candidates** | Board-I |
| | | | | 500115, 500121, 500139, 500141, 500163, 500165, 500176 & 500179 **= 08 Candidates** | Board-II |
| 2 | 26.09.2023 | 8.30 A.M. | 10.30 A.M. | 500183, 500184, 500186, 500206, 500208, 500210, 500234, 500238, 500251 & 500256 **= 10 Candidates** | Board-I |
| | | | | 500263, 500265, 500269, 500271, 500275, 500288, 500289, 500293, 500295 & 500302 **= 10 Candidates** | Board-II |
| | | 12.30 P.M. | 2.30 P.M. | 500303, 500305, 500315, 500319, 500323, 500348, 500350 & 500354 **= 08 Candidates** | Board-I |
| | | | | 500357, 500367, 500381, 500386, 500394, 500395, 500397 & 500404 **= 08 Candidates** | Board-II |
| 3 | 27.09.2023 | 8.30 A.M. | 10.30 A.M. | 500405, 500414, 500418, 500421, 500426, 500427, 500428, 500431, 500434 & 500442 **= 10 Candidates** | Board-I |
| | | | | 500448, 500450, 500461, 500463, 500465, 500469, 500470, 500472, 500475 & 500482 **= 10 Candidates** | Board-II |
| | | 12.30 P.M. | 2.30 P.M. | 500483, 500484, 500488, 500493 & 500499 **= 05 Candidates** | Board-I |
| | | | | 500502, 500519, 500529, 500539 & 500542 **= 05 Candidates** | Board-II |

**N.B.:** The candidates are advised to report at the Office of the Commission **half an hour before the commencement of verification** on their scheduled dates & time as mentioned against each.
**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the Commission for the purpose.

**OIPR-12002/11/0088/2324** **Sd./- Secretary**



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR**
**No. 2520/RWDBNJ/Dated: 31.08.2023**
**1st CORRIGENDUM TO TENDER CALL NOTICE**
**IDENTIFICATION No.06/RWDBNJ/2023-2024 T.O. LETTER NO.2415 DATED: 21.08.2023**
No.O-858:- The following modifications to the Online Tender/06/SERWBNJ/2023-2024 are made under unavoidable circumstances

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date & Time of Seeking Tender Clarification | Date of opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2023-24 | **As per TENDER CALL NOTICE** | | | |
| | | 29.8.2023 10.00 A.M. | 07.09.2023 to 3.00 P.M. | 04.09.2023 upto 3.00 P.M. | 08.09.2023 at 12.00 Noon |
| | | **As per 1st Corrigendum** | | | |
| | | 07.09.2023 10.00 A.M. | 16.09.2023 to 3.00 P.M. | 05.09.2023 upto 3.00 P.M. | 18.09.2023 at 12.00 Noon |

**All other terms and conditions of the said tender call notice shall remain unchanged.**
OIPR-25174/11/0017/2324 **Sd./- Superintending Engineer, Rural Works Division, Bhanjanagar**

# ପଲିଥିନ ବ୍ୟାନ୍ ପ୍ରହସନ ପାଲଟିଛି

## ଉପରଠାଉରିଆ ଚଢ଼ାଉକୁ ନେଇ ଅସନ୍ତୋଷ ବଢ଼ୁଛି

ଜଗତ୍‌ସିଂହପୁର, ୩।୯ (ପ୍ରମୋଦ କୁମାର ନାୟକ)

ପଲିଥିନର ବହୁଳ ବ୍ୟବହାର ପରିବେଶ ଉପରେ କୁପ୍ରଭାବ ପକାଉଛି। ଏଗୁଡ଼ିକ ବର୍ଷ ବର୍ଷ ଧରି ନଷ୍ଟ ନ ହୋଇ ପଡ଼ିରହିବାରୁ ଅନେକ ସମସ୍ୟା ସୃଷ୍ଟି କରୁଛି। ତେଣୁ ପଲିଥିନ ବ୍ୟାନ ଉପରେ ସରକାର ଗୁରୁତ୍ୱ ଦେଇଛନ୍ତି। ୨୦୧୯ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ ଓଡ଼ିଶା ସରକାର ପଲିଥିନ ବିକ୍ରି ଓ ବ୍ୟବହାର ଉପରେ ଅଙ୍କୁଶ ଲଗାଇଛନ୍ତି। କିନ୍ତୁ ସରକାରଙ୍କ ଏହି ନିର୍ଦ୍ଦେଶନାମା ଜଗତ୍‌ସିଂହପୁର ଜିଲାରେ ପ୍ରହସନ ପାଲଟିଛି। ବିଭିନ୍ନ ଦୋକାନ, ବଜାରରେ ପଲିଥିନ୍ ଖୁଲମଖୁଲା ବିକ୍ରି ଚାଲିଛି। ଇତିମଧ୍ୟରେ ଉପରଠାଉରିଆ ଭାବେ କାଁ ଭାଁ ଜିଲାର ବିଭିନ୍ନ ସ୍ଥାନ ବିଶେଷକରି ଜଗତ୍‌ସିଂହପୁର ଓ ପାରାଦୀପ ପୌରାଞ୍ଚଳରେ ଚଢ଼ାଉ କରାଯାଉଛି। ମାତ୍ର ଏହା କେବଳ ଔପଚାରିକତା ପୂରଣ ପାଇଁ ବୋଲି ଅଭିଯୋଗ ହେଉଛି।

ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ୨୦୧୯ ସେପ୍ଟେମ୍ବର ୩୦ରେ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ଜାରି କରାଯାଇଥିଲା। ଏଥିରେ ଉଲ୍ଲେଖ ଥିଲା, ଯେଉଁ ପଲିଥିନ୍‌ଗୁଡିକ ଠିକ୍ ଭାବେ ନଷ୍ଟ ଅର୍ଥାତ୍ ଖତ ହୋଇପାରୁଛି ସେଗୁଡିକ ବ୍ୟବହାର ଉପଯୋଗୀ। ଅବଶିଷ୍ଟ ପଲିଥିନ ବ୍ୟବହାର ଉପଯୋଗୀ ନୁହେଁ। ତେଣୁ ଏହି ପଲିଥିନ୍‌ଗୁଡିକର ଉତ୍ପାଦନ ହୋଇପାରିବ ନାହିଁ। ଯଦି କେଉଁଠି ରହିଯାଇଥିବ ତେବେ ତାହା କିଣା ବିକା ହୋଇପାରିବ ନାହିଁ। ଅର୍ଥାତ୍ ଏହି ପଲିଥିନ ଉପରେ ଅଙ୍କୁଶ ଲଗାଗଲା। ଏପରି କି ପ୍ଲାଷ୍ଟିକ ଥାଳି, ଚାମଚ, ଗିନା, କପ୍, ପ୍ଲେଟ୍, ଗ୍ଲାସ୍ ଆଦି ମଧ୍ୟ ବ୍ୟବହାର ହୋଇପାରିବ ନାହିଁ। ଯେଉଁ ପଲିଥିନ୍‌ର ସ୍ଥଳତା (ଥିକ୍‌ନେସ୍) ୫୦ ମାଇକ୍ରୋନ୍ ତଳକୁ ଥିବ ତାହା ବ୍ୟବହାର ଉପଯୋଗୀ ନୁହେଁ। କେବଳ କ୍ଷୀର କିମ୍ବା ଅନ୍ୟ ଔଷଧୀୟ ସାମଗ୍ରୀ ରଖିବା ପାଇଁ ଉପଯୁକ୍ତ ମାନର ପଲିଥିନ୍ ବ୍ୟବହାର କରାଯାଇପାରେ। ରାଜ୍ୟ ସରକାରଙ୍କ ଏହି ନିର୍ଦ୍ଦେଶନାମା ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ କୁହାଯାଇଥିଲେ ସୁଦ୍ଧା ଜିଲାରେ ଏହା ପାଳନ କରାଯାଉନାହିଁ। ବିଶେଷକରି ଜିଲା ମୁଖ୍ୟାଳୟ ଜଗତ୍‌ସିଂହପୁର ଓ ପାରାଦୀପ ସହରରେ ଅବାଧରେ ପଲିଥିନ ବିକ୍ରି ଚାଲିଛି। ପାନ ଦୋକାନ, ରାଶନ, ଷ୍ଟେଶନାରି ଓ ଜଳଖିଆ ଆଦି ଦୋକାନରେ ପଲିଥିନ୍ କାରବାର ଖୋଲାଖୋଲି ଚାଲିଛି। ଧୀରେ ଧୀରେ ପୂର୍ବପରି ପଲିଥିନ୍ ବ୍ୟବହାର ହେବାରେ ଲାଗିଛି। ବଡ କଥା ହେଲା ଜିଲାରେ ପଲିଥିନ୍ ଉତ୍ପାଦନ ହେଉନାହିଁ। କଟକରୁ ପ୍ରାୟତଃ ପଲିଥିନ୍ ଆସୁଛି। ଅନ୍ୟପକ୍ଷରେ ଜିଲାର ଜଗତ୍‌ସିଂହପୁର ଓ ପାରାଦୀପ ପୌର ପରିଷଦ ପକ୍ଷରୁ ପଲିଥିନ୍ ବନ୍ଦ ପାଇଁ ଏନ୍‌ଫୋର୍ସମେଣ୍ଟ କମିଟି ଗଠନ କରାଯାଇଥିଲା। କିନ୍ତୁ କମିଟି ପକ୍ଷରୁ ଆଶାନୁରୂପ ଚଢ଼ାଉ କରାଯାଉ ନ ଥିବାରୁ ପଲିଥିନ୍ ପୂର୍ବପରି ବ୍ୟବହୃତ ହେଉଛି। ଯେତେବେଳେ ଅଭିଯୋଗ ହେଉଛି, ସେତେବେଳେ ଉଭୟ ପରିଷଦ ଚେଇଁ ଉଠୁଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହ କହିଛନ୍ତି,ପଲିଥିନ ବ୍ୟାନ କଡ଼ାକଡି ଭାବେ ପାଳନ ପାଇଁ ବିଭାଗୀୟ ପତ୍ର ହସ୍ତଗତ ହୋଇଛି। ତେଣୁ ଚଢ଼ାଉ ଜୋରଦାର କରାଯିବ।

# ମହିଳା ଉତ୍ପାଦକ ଗୋଷ୍ଠୀର ୨ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଉଠାଇନେଲେ



ଉଦାସ ଅଗରବତୀ ଉତ୍ପାଦକ ଗୋଷ୍ଠୀର ସଦସ୍ୟାମାନେ ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି।

## ମେଶିନ, କଞ୍ଚାମାଲ କିଣାଯିବ କହି ଦସ୍ତଖତ କରାଇନେଲେ

ରଘୁନାଥପୁର,୩।୯(ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତରେ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏଚ୍‌ଜି)ପକ୍ଷରୁ ଉଦାସ ଅଗରବତୀ ଉତ୍ପାଦକ ଗୋଷ୍ଠୀ ଗଢ଼ାଯାଇଛି। ଏହି ଗୋଷ୍ଠୀକୁ ସରକାରଙ୍କ ପକ୍ଷରୁ ୨ଟି ପର୍ଯ୍ୟାୟରେ ୨ ଲକ୍ଷ ୩୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅର୍ଥରେ ମେଶିନ ଓ କଞ୍ଚାମାଲ କିଣାଯିବ କହି ଗୋଷ୍ଠୀ ସମ୍ପାଦକଙ୍କ ଠାରୁ ବ୍ଲକରେ ଥିବା ଏକ ମହାସଂଘର କେତେଜଣ କର୍ମକର୍ତ୍ତା ଦସ୍ତଖତ କରାଇ ଟଙ୍କା ଉଠାଇ ନେଇଛନ୍ତି। ଏନେଇ ଉତ୍ପାଦକ ଗୋଷ୍ଠୀ ପକ୍ଷରୁ ସିଡିପିଓ, ବିଡିଓ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ, ଜିଲାପାଳ ଓ ୫-ଟି ସଚିବଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏ ସମ୍ପର୍କରେ ଉକ୍ତ ମହାସଂଘର ସମ୍ପୃକ୍ତ କର୍ମକର୍ତ୍ତାଙ୍କୁ ପଚାରିବାରୁ ସେମାନେ ଟଙ୍କାନେଇ ମିଶନଶକ୍ତି ବିପିସିଙ୍କୁ ଦେଇଥିବା କହିଛନ୍ତି। ବିପିସି ସ୍ନେହପ୍ରିୟା ସ୍ୱାଇଁ ଏହାକୁ ଖଣ୍ଡନ କରିବା ସହ ଅନୁଦାନ ବାବଦରେ ସେ ସମ୍ପୂର୍ଣ୍ଣ ଅଜ୍ଞ ଥିବା କହିଛନ୍ତି। ଏଭଳି ସ୍ଥିତିରେ ଅନୁଦାନ ଟଙ୍କା କାହାପାଖରେ ରହିଛି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବିଧିବଦ୍ଧ ତଦନ୍ତ କରିବାକୁ ଦାବି କରାଯାଇଛି। ଏଥିସହ ସମ୍ପୃକ୍ତ କର୍ମକାର୍ତ୍ତାଙ୍କୁ ମହାସଂଘରୁ ବହିଷ୍କାର କରିବା ପାଇଁ ଚିନୁ ଦାସ, ଅନ୍ନପୂର୍ଣ୍ଣା ବେହେରା, ସ୍ମିତା ବେହେରା, ମିତା ଭୋଇ, ଦୀପାଞ୍ଜଳି ଚୟିନୀ, କବିତା ଭୋଇ, ମାନସୀ ଭୋଇ, ସ୍ୱର୍ଣ୍ଣମୟୀ ଦାସ ପ୍ରମୁଖ ଦାବି କରିଛନ୍ତି।

# ନାଉଗାଁରେ ଭାଜପାର ସମାନ୍ତରାଳ ବୈଠକ



ଡେରିକି ଧାନ ମଣ୍ଡି ପରିସରରେ ଜଗନ୍ନାଥ ଦାସଙ୍କ ନେତୃତ୍ୱରେ ଆୟୋଜିତ ବୈଠକ ।



ମଉଳା ଭଣଜା ମନ୍ଦିର ପରିସରରେ ନିଳୁରାମ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକ।

## ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଲା

ନାଉଗାଁ,୩।୯(ସୁଧା ବେହୁରା)

ଆଗକୁ ନିର୍ବାଚନ ଥିବାରୁ ଭାଜପା ପକ୍ଷରୁ ଦଳକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଉଥିବାବେଳେ ନାଉଗାଁ ବ୍ଲକରେ ଦଳର ଗୋଷ୍ଠୀକନ୍ଦଳ ପଦାରେ ପଡ଼ିଛି। ରବିବାର ନାଉଗାଁ ମଣ୍ଡଳ ଭାଜପା ପକ୍ଷରୁ ସମାନ୍ତରରାଳ ଭାବେ ୨ ସ୍ଥାନରେ ବୈଠକ କରାଯାଇଛି। ଜିଲା ସମ୍ପାଦକ ଜଗନ୍ନାଥ ଦାସଙ୍କ ନେତୃତ୍ୱରେ ଡେରିକି ଧାନ ମଣ୍ଡି ପରିସରରେ କେତେଜଣ କର୍ମୀଙ୍କୁ ନେଇ ବୈଠକ କରାଯାଇଥିବାବେଳେ ନାଉଗାଁ ମଣ୍ଡଳ ସଭାପତି ନିଳୁରାମ ଜେନାଙ୍କ ସଭାପତିତ୍ୱରେ ମଉଳା ଭଣଜା ମନ୍ଦିର ପରିସରରେ ଅନ୍ୟ ଏକ ବୈଠକ କରାଯାଇଛି। ଉଭୟ ବୈଠକରେ ଦଳର ସ୍ଥିତି ସୁଦୃଢ଼ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜଗନ୍ନାଥଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ନାଉଗାଁ ବ୍ଲକ କାର୍ଯ୍ୟକାରିଣୀ ସଭାପତି ସଲିଳ ସ୍ୱାଇଁ, ପୂର୍ବତନ ବ୍ଲକ ସଭାପତି ଗୌତମ ସାହୁ, ସମ୍ପାଦକ ବିଜୟ ଦାସ, ଜିଲା ପ୍ରଭାରୀ ପ୍ରଦୀପ ସେଠୀ, ଲିଙ୍ଗରାଜ ଲେଙ୍କା,ସନ୍ତୋଷ ସ୍ୱାଇଁ, ପବିତ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ସେହିପରି ନିଳୁରାମଙ୍କ ପକ୍ଷରୁ ଆୟୋଜିତ ବୈଠକରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ମିଶ୍ର, ନିଗମାନନ୍ଦ ପରିଡ଼ା, କୋରୁଅ ପଞ୍ଚାୟତ ସଭାପତି ଯୁଜ ପାଳ, ଓଷକଣା ପଞ୍ଚାୟତ ସଭାପତି କେଦାର ସ୍ୱାଇଁ, ତିରୁଣା ପଞ୍ଚାୟତ ସଭାପତି ଶରତ ଜେନା, ଦଳିତ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ରତ୍ନାକର ତରାଇ, ଶିଖର ପଞ୍ଚାୟତର ଚିତ୍ରସେନ ସ୍ୱାଇଁ, ନାଉଗାଁ ପଞ୍ଚାୟତର ବସନ୍ତ ଲେଙ୍କା, ବିମ୍ବାଧର ବେହେରା ଓ ଧରଣୀ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏ ସମ୍ପର୍କରେ ମଣ୍ଡଳ ସଭାପତି ନିଳୁରାମଙ୍କୁ ପଚାରିବାରେ ଦଳରେ ସେମିତିକିଛି ହୋଇନାହିଁ। ସମସ୍ତଙ୍କୁ ଉକ୍ତ ସ୍ଥାନକୁ ବୈଠକ ପାଇଁ ଡକାଯାଇଥିଲା। ଜଗନ୍ନାଥ କାହିଁକି ପୃଥକ ବୈଠକ କରିଛନ୍ତି ସେ ବିଷୟରେ କିଛି କହିପାରିବେ ନାହିଁ ବୋଲି ନିଳୁରାମ କହିଛନ୍ତି। ଏ ସମ୍ପର୍କରେ ଜିଲା ସମ୍ପାଦକ ଜଗନ୍ନାଥଙ୍କୁ ମୋବାଇଲ ଫୋନ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ କଲ୍ ଗ୍ରହଣ କରି ନ ଥିଲେ।

# ଉତ୍କଳୀୟ ସାହିତ୍ୟରେ ବର୍ଷାଋତୁର ବର୍ଣ୍ଣନା ଅତୁଳନୀୟ




ବର୍ଷା ଆସର କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

## ମେଘ ମହ୍ଲାର ସାହିତ୍ୟ ଆସର

କୁଜଙ୍ଗ,୩।୯(ମନୋଜ ପ୍ରଧାନ)

ପ୍ରାଚୀନ କାଳରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ଉତ୍କଳୀୟ କାବ୍ୟ କବିତାରେ ବର୍ଷାଋତୁ ବର୍ଣ୍ଣନାର ତୁଳନା ନାହିଁ । ଧରାପୃଷ୍ଠରେ ବର୍ଷାଋତୁ ପ୍ରକାଶିଲେ ସୃଜନ ସ୍ରଷ୍ଟାମାନେ ଭାବପ୍ରବଣ ହୋଇପଡ଼ନ୍ତି ବୋଲି ସାରସ୍ୱତ ଆସରରେ ମତପ୍ରକାଶ ପାଇଛି। କୁଜଙ୍ଗସ୍ଥିତ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କରତୁଠାରେ ସାହିତ୍ୟ, ସଂସ୍କୃତି ତଥା ସ୍ୱେଚ୍ଛାସେବୀ ସଙ୍ଗଠନ ମେଘମହ୍ଲାର ପକ୍ଷରୁ ଆୟୋଜିତ ଏହି ଆସରରେ ସଭାପତି କେଶବ ଚନ୍ଦ୍ର ଦଳାଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ ଯୋଗଦେଇ ଭାରତୀୟ ସାହିତ୍ୟରେ ବର୍ଷାଋତୁ ବର୍ଣ୍ଣନା ତୁଳନା କ୍ଷେତ୍ରରେ ଓଡିଆ କାବ୍ୟକବିତା କୌଣସି ଗୁଣରେ କମ୍ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟ ବକ୍ତାଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ଯୋଗଦେଇ ବର୍ଷାର ଆଗମନରେ ସାହିତ୍ୟ ସର୍ଜନାମାନଙ୍କର ମନ ପୁଲକିତ ହୋଇଉଠେ ବୋଲି କହିଥିଲେ। ଶିକ୍ଷାବିତ୍ ବାବୁରାମ ଚୌଧୁରୀ, ଅଙ୍ଗଦ କୁମାର ମହାନ୍ତି, ପ୍ରଫୁଲ୍ଲ ମହାପାତ୍ର, ସୁଶ୍ରୀ ଶୁଭଶ୍ରୀର ସମ୍ପାଦିକା ବସନ୍ତ ମଞ୍ଜରୀ ଦାସ , ବିଜୟ ଖଟେଇ ପ୍ରମୁଖ ଏଥିରେ ଯୋଗଦେଇ ସାହିତ୍ୟ, ସଙ୍ଗୀତ ଓ ଚିତ୍ର ଆଦିରେ ବର୍ଷାର କଳାତ୍ମକ ବର୍ଣ୍ଣନା ରୋମାଞ୍ଚକର ବୋଲି କହିଥିଲେ । ଏହି ଅବସରରେ ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଗାଳ୍ପିକ ଦୀପ୍ତିରଞ୍ଜନ ଖଣ୍ଡୁଆଳ, ମଧୁସ୍ମିତା ମହାନ୍ତି, ନବୀନ କୁମାର ପ୍ରଧାନ, ଶଙ୍କର ଦାସ, ଅର୍ପିତା ବାରିକ, ଜୟନ୍ତୀ ଦାସ, ନାରାୟଣ ନାୟକ, ଗୌରହରି ବାରିକ, ସିମ୍ରନ ନାୟକ, ନିରଞ୍ଜନ ରାଉତ, ବିଭୂତି ଜେନା ପ୍ରମୁଖ ଯୋଗଦେଇ ସ୍ୱରଚିତ ବର୍ଷା ଶୀର୍ଷକ କବିତା ଆବୃତି କରିଥିଲେ। ଚିତ୍ତରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳା ବିଜେଡି କାର୍ଯ୍ୟକାରିଣୀ ସମାବେଶ ପାଇଁ ପ୍ରସ୍ତୁତି

**ତିର୍ତ୍ତୋଲ, ୩।୯ (ଗୌରାଙ୍ଗ ଚରଣ ସ୍ୱାଇଁ) :** ଜଗତ୍‌ସିଂହପୁର ଜିଲାରେ ଆସନ୍ତା ୧୦ ତାରିଖରେ ବିଜେଡି ପକ୍ଷରୁ ବିଶାଳ ମହିଳା ସମାବେଶ ଅନୁଷ୍ଠିତ ହେବ। ଏଥିରେ ରାଜ୍ୟସ୍ତରୀୟ ନେତୃମଣ୍ଡଳୀଙ୍କ ସମେତ ଜିଲାର ଏମ୍‌ପି, ବିଧାୟକ, ସମସ୍ତ ବ୍ଲକ ପଞ୍ଚାୟତର ପ୍ରତିନିଧିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ତିର୍ତ୍ତୋଲ ବ୍ଲକ ସରଣୀ ଛକ ନିକଟ ଆନନ୍ଦ ମଣ୍ଡପ ପରିସରରେ ରବିବାର ସନ୍ଧ୍ୟାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ତିର୍ତ୍ତୋଲ ବ୍ଲକ ମହିଳା ବିଜେଡି ସଭାପତି ତଥା ୧ ନଂ. ଜୋନର ଜିଲା ପରିଷଦ ସଦସ୍ୟା ରଞ୍ଜିତା ସିଂହ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲା ମହିଳା ବିଜେଡି ସଭାପତି ସବିତା ମହାପାତ୍ର ଯୋଗଦେଇ ରାଜ୍ୟ ସରକାର ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଥିବା କହିଥିଲେ। ରାଜ୍ୟ ମହିଳା ବିଜେଡିର ସମ୍ପାଦିକା ଲିପାଲି ରାଉଳ, ଜିଲା ସମ୍ପାଦିକା ପ୍ରିୟଙ୍କା ମହାପାତ୍ର, ରଘୁନାଥପୁର ବ୍ଲକ ମହିଳା ବିଜେଡି ସମ୍ପାଦିକା ସବିତା ସାମନ୍ତରାୟ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ପ୍ରୀତିଲତା ମଲ୍ଲ ମଞ୍ଚ ପରିଚାଳନା କରିଥିଲେ। ଉପଭାନେତ୍ରୀ ରେଖାଶ୍ରୀ ମଲ୍ଲିକ, କୋଷାଧ୍ୟକ୍ଷା ରିନାରାଣୀ ଦାଶ, ବିଷ୍ଣୁପ୍ରିୟା ସାହୁ, ପ୍ରମୋଦିନୀ ସେଠୀ, ରଶ୍ମିତା ମହାପାତ୍ର, ରୋଜାଲିନ ସ୍ୱାଇଁ, ସୁଭଦ୍ରା ଦାସ, ରିତାଞ୍ଜଳି ମଲ୍ଲିକ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## Government of Odisha
## Higher Education Department

### Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2023-24

No. n: Timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website **www.samsodisha.gov.in**. Please refer the Common Prospectus (CP) before filling up the CAF.

| Sl # | Activities | Timeline |
|---|---|---|
| 1) | Availability of Online Common Application Form (CAF) on the website **www.samsodisha.gov.in** | 04 Sept. 2023 (Monday) (12.00 Noon) |
| 2) | Last date for applying online CAF through **www.samsodisha.gov.in** | 13 Sept. 2023 (Wednesday) (11.45 P.M.) |
| 3) | Editing of the earlier submitted CAF (for once only), if required | 14 Sept. 2023 (Thursday) (11.00 A.M.) & 15 Sept. 2023 (Friday) (11.45 P.M.) |
| 4) | Publication of Provisional Allotment of Seats along with waitlisted applicants in HEI's e-Space (Ten (10) times the actual vacancy as on 15.09.2023) | 22 Sept. 2023 (Friday) (12.00 Noon) |
| 5) | Online payment of admission fees by the selected applicants through SAMS **[Student's Account]** portal | 22 Sept. 2023 (Friday) (01.00 P.M.) to 25 Sept. 2023 (Monday) (11.45 P.M.) |
| 6) | Reporting of the applicants at allotted Institutions for taking admission **(for First Round Selection)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (05.00 P.M.) (Except Holiday) |
| 7) | Data updation of admitted students in the e-space by the respective Institutions **(for First Round Admission)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (07.00 P.M.) (Except Holiday) |
| 8) | Reporting of waitlisted applicants for submission of CAF along with relevant documents for participating in the waiting list admission round | 27 Sept. 2023 (Wednesday) (09.00 A.M.) & 28 Sept. 2023 (Thursday) (05.00 P.M.) |
| 9) | Preparation of merit list among the reported waitlisted applicants & update in HEI's e-space | 03 Oct. 2023 (Tuesday) (02.00 P.M.) |
| 10) | Display of selected options in the SAMS **[Student's Account]** portal | 03 Oct. 2023 (Tuesday) (04.00 P.M.) |
| 11) | Last date to Choose any one of the selected HEI in Student's login | 05 Oct. 2023 (Thursday) (06.00 P.M.) |
| 12) | Reporting of the waitlisted applicants to take admission in one of the selected HEIs, where the admission fees will be deposited directly at the HEIs in online mode only **(Net Banking/Bank Challan/ NEFT/UPI etc.)** | 06 Oct. 2023 (Friday) (upto 05.00 P.M. |
| 13) | Updation of selected waitlisted Student's data by the HEIs in their e-Space | 07 Oct. 2023 (Saturday) (upto 09.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**N.B.:** Please go through the detailed U.G. Phase-II Guidelines available in the SAMS U.G. Portal.

**OIPR-11001/11/0029/2324** **Sd./- Deputy Director, PTC Section**

## ODISHA PUBLIC SERVICE COMMISSION, CUTTACK
### NOTICE

**No. 6825/PSC** **Dt.02.09.2023**
**PF-04-1E-01-2023-24 (DR-III)**

No. D-119: It is for information of all concerned that on the basis written examination held on **03.07.2022** for recruitment to the Post of **Post Graduate Teachers in Odia,** pursuant to Advt. No. 12 of 2020-21, **98 (Ninety-Eight)** candidates bearing following Roll Nos. have been qualified for admission to Document Verification & Viva Voce Test. The physical verification of original certificates/documents etc. and Viva Voce Test in respect of above qualified candidates, will be conducted simultaneously in the Office of the Commission at 19, Dr. P.K. Parija Road, Cuttack - 753001 from **25.09.2023 to 27.09.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para - 10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test**. The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | Roll No. of Candidates | Board |
|---|---|---|---|---|---|
| 1 | 25.09.2023 | 8.30 A.M. | 10.30 A.M. | 500006, 500009, 500017, 500018, 500023, 500028, 500029 & 500030 **= 08 Candidates** | Board-I |
| | | | | 500034, 500040, 500045, 500047, 500050, 500054, 500055 & 500058 **= 08 Candidates** | Board-II |
| | | 12.30 P.M. | 2.30 P.M. | 500068, 500069, 500077, 500083, 500091, 500094, 500102 & 500107 **= 08 Candidates** | Board-I |
| | | | | 500115, 500121, 500139, 500141, 500163, 500165, 500176 & 500179 **= 08 Candidates** | Board-II |
| 2 | 26.09.2023 | 8.30 A.M. | 10.30 A.M. | 500183, 500184, 500186, 500206, 500208, 500210, 500234, 500238, 500251 & 500256 **= 10 Candidates** | Board-I |
| | | | | 500263, 500265, 500269, 500271, 500275, 500288, 500289, 500293, 500295 & 500302 **= 10 Candidates** | Board-II |
| | | 12.30 P.M. | 2.30 P.M. | 500303, 500305, 500315, 500319, 500323, 500348, 500350 & 500354 **= 08 Candidates** | Board-I |
| | | | | 500357, 500367, 500381, 500386, 500394, 500395, 500397 & 500404 **= 08 Candidates** | Board-II |
| 3 | 27.09.2023 | 8.30 A.M. | 10.30 A.M. | 500405, 500414, 500418, 500421, 500426, 500427, 500428, 500431, 500434 & 500442 **= 10 Candidates** | Board-I |
| | | | | 500448, 500450, 500461, 500463, 500465, 500469, 500470, 500472, 500475 & 500482 **= 10 Candidates** | Board-II |
| | | 12.30 P.M. | 2.30 P.M. | 500483, 500484, 500488, 500493 & 500499 = **05 Candidates** | Board-I |
| | | | | 500502, 500519, 500529, 500539 & 500542 = **05 Candidates** | Board-II |

**N.B.:** The candidates are advised to report at the Office of the Commission **half an hour before the commencement of verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the Commission for the purpose.

**OIPR-12002/11/0088/2324** **Sd./- Secretary**

## GOVERNMENT OF ODISHA
## DEPARTMENT OF SCHOOL & MASS EDUCATION

No.n-171

### NOTICE

**Advertisement for extension of dateline for obtaining Certificate of Recognition (CoR) for the Academic session 2023-24 to 2027-28 by Privately Managed Elementary schools and opening permission for new Private Elementary schools for the Academic session 2024-25 as per RTE Act, 2009 and Rules, 2010**

| Sl. No. | Item of work | Date |
|---|---|---|
| 1 | Last date for submission of online application for obtaining Certificate of Recognition (CoR) / Permission for opening of New Private Schools by Private School Authorities | 15.09.2023 |
| 2 | Last date for submission of online Inspection Report for CoR / Permission for opening of New Private Schools by DEOs to DEE(O) | 31.10.2023 |
| 3 | Last date for issue of approval order by DEE to DEOs | 15.11.2023 |
| 4 | Last date for Issue of CoR/Opening permission by DEOs | 30.12.2023 |

**Sd./- Director, Elementary Education**
**Odisha, Bhubaneswar**

OIPR-27068/11/0019/2324

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

**No. 2520/RWDBNJ/Dated: 31.08.2023**
**1st CORRIGENDUM TO TENDER CALL NOTICE**
**IDENTIFICATION No.06/RWDBNJ/2023-2024 T.O. LETTER NO.2415 DATED: 21.08.2023**

**No.O-858:- The following modifications to the Online Tender/06/SERWBNJ/2023-2024 are made under unavoidable circumstances**

| Procurement Officer | Bid Identification No. | Availability of Tender online for bidding: From | Availability of Tender online for bidding: To | Last date & Time of Seeking Tender Clarification | Date of opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | **As per TENDER CALL NOTICE** | | | |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2023-24 | 29.8.2023 10.00 A.M. | 07.09.2023 to 3.00 P.M. | 04.09.2023 upto 3.00 P.M. | 08.09.2023 at 12.00 Noon |
| | | **As per 1st Corrigendum** | | | |
| | | 07.09.2023 10.00 A.M. | 16.09.2023 to 3.00 P.M. | 05.09.2023 upto 3.00 P.M. | 18.09.2023 at 12.00 Noon |

**All other terms and conditions of the said tender call notice shall remain unchanged.**

OIPR-25174/11/0017/2324 **Sd./- Superintending Engineer, Rural Works Division, Bhanjanagar**

# ନାଟକ ବଖାଣିଲା ଆଇନର ସଚେତନତା ବାର୍ତ୍ତା




ଜଣେ କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି ।

ନୟାଗଡ଼,୩।୯(ଲୋକନାଥ ମିଶ୍ର)

## ଛାତ୍ରୀଛାତ୍ର ଦେଖାଇଲେ ସମାଜର ଅସଲ ଚିତ୍ର

ନାଟକ ବଖାଣିଲା ଆଇନର ସଚେତନତା ବାର୍ତ୍ତା । ଛାତ୍ରୀଛାତ୍ର ସଚେତନତା ହୋଇ ଦେଖାଇଲେ ସମାଜରେ ଘରୋଇ ହିଂସା ନିରୋଧ, ପରିବେଶ ସଚେତନତା, ବାଳ ଶ୍ରମିକ ପ୍ରଥା, ବରିଷ୍ଠ ନାଗରିକଙ୍କ ଅଧିକାର, ମଧ୍ୟସ୍ଥତା, ମାନବ ଚାଲଣ, କାରାଗାର ଅନ୍ତେବାସୀଙ୍କ ସୁରକ୍ଷା, ଆଦିବାସୀଙ୍କ ଅଧିକାର, ଭିନ୍ନକ୍ଷମ ଅଧିକାର, ମହିଳାଙ୍କ ଉପରେ ଏସିଡ ଆକ୍ରମଣ, କନ୍ୟାଭ୍ରୁଣ ନଷ୍ଟ ନିରୋଧ ଆଇନ ଇତ୍ୟାଦି ଉପରେ କାର୍ଯ୍ୟକ୍ରମ । ନୟାଗଡ଼ ଜିଲାଆଇନ ସେବା ପ୍ରାଧିକରଣ ଆଣି ଦେଇଥିଲା ଏହି ସୁଯୋଗ। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିସରରେ ଯୋଗ ଦେଇଥିଲେ ୧୭ ବିଦ୍ୟାଳୟର ଛାତ୍ରୀଛାତ୍ର ।

ପ୍ରଥମେ ତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଏବଂ କ୍ଷୁଦ୍ର ନାଟକ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ପରେ ବିଭିନ୍ନ ପ୍ରସଙ୍ଗ ଉପରେ କ୍ଷୁଦ୍ର ନାଟକ ହୋଇଥିଲା । ପ୍ରାରମ୍ଭ ଅଧିବେଶନକୁ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ, ନୟାଗଡ଼ ସ୍ୱଂୟ ଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ନାୟକ ଏବଂ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କହଁର ସମ୍ବୋଧନ କରିଥିଲେ । ଶେଷ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଦୌରାଜଜ ତଥା ପୋକ୍ସୋ ବିଚାରପତି ନିରଞ୍ଜନ ପଣ୍ଡା, ଅତିରିକ୍ତ ଜିଲା ଜଜ ଲିଲି ସେନାପତି, ଜିଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ବର୍ଗ ବିଚାରପତି ବିଶେଷ କୁମାର ସାହୁ, ଜିଲାପାଳ ରବୀନ୍ଦ୍ରନାଥ ସାହୁ, ନୟାଗଡ଼ ବିଚାର ବିଭାଗର ସମସ୍ତ ବିଚାରପତିବୃନ୍ଦ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରିଥିଲେ । ନୟାଗଡ଼ ସ୍ୱଂୟଶାସିତ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ,ଶିକ୍ଷକ, ଅଭିଭାବକ, ମହାବିଦ୍ୟାଳୟ ସ୍ୱେଚ୍ଛାସେବୀ, ପାରା ଲିଗାଲ ସ୍ୱେଚ୍ଛାସେବୀ, ଆଇନଜୀବି, ତାଲୁକ ସେବା ସମିତିର କର୍ମଚାରୀଗଣ ଉପସ୍ଥିତ ଥିଲେ । ପ୍ରାଧୀକରଣ ତାଲିକାଭୁକ୍ତ ଅଧିବକ୍ତା ଚନ୍ଦ୍ରବିଜୟୀ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ପ୍ରାଧିକରଣ ସଦସ୍ୟ ଏମ୍‌ଡି ଓମର ମଲିକ ଧନ୍ୟବାଦ ଅର୍ପଣ କରିଥିଲେ । ବିଭିନ୍ନ ବିଭାଗରେ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପ୍ରବନ୍ଧ ବିଭାଗରେ ଚଣ୍ଡୀ ଉଚ୍ଚ ବିଦ୍ୟାଳୟ, ବାଲୁଗାଁର ପୂର୍ଣ୍ଣିମା ପ୍ରିୟଦର୍ଶନୀ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜୟପୁର ଉଚ୍ଚ ବିଦ୍ୟାଳୟ, ଜୟପୁରର ଦୀପାଞ୍ଜଳି ମହାରଣା ଦ୍ୱିତୀୟ ସ୍ଥାନ ଜବାହର ନବୋଦୟ ବିଦ୍ୟାଳୟ, ନୟାଗଡ଼ ପ୍ରାଚୀସ୍ମିତା ପ୍ରିୟଦର୍ଶିନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ତର୍କ ପ୍ରତିଯୋଗୀତାରେ ଏନଏସଏସ ଏମପି ଶିକ୍ଷା ନିକେତନ, ନବଘନପୁରର ସୋନାଲୀ ସେନାପତି ପ୍ରଥମ, ନାରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ଇଟାମାଟିର ଜ୍ୟୋତିର୍ମୟୀ ସାହୁ ଦ୍ୱିତୀୟ ଓ ଏନଏସି ଉଚ୍ଚ ବିଦ୍ୟାଳୟ, ନୟାଗଡ଼ ପିଙ୍କି କୁମାରୀ ସିଂହ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ଚିତ୍ରକଳାରେ ଜବାହର ନବୋଦୟ ବିଦ୍ୟାଳୟ, ନୟାଗଡ଼ ଦୀପ୍ତି ଦାସ ପ୍ରଥମ, ଏନଏସି ଉଚ୍ଚ ବିଦ୍ୟାଳୟ, ନୟାଗଡ଼ ରଶ୍ମି ରଞ୍ଜନ ଦାଶ ଦ୍ୱିତୀୟ ଓ ନାରାୟଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ଇଟାମାଟିର ଶୁଭଶ୍ରୀ ପରିଡ଼ା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । କ୍ଷୁଦ୍ର ନାଟିକାରେ ଜବାହର ନବୋଦୟ ବିଦ୍ୟାଳୟ, ନୟାଗଡ଼ ପ୍ରଥମ, ଏନଏସ୍ଏସ୍ ଏମ୍‌ପି ଶିକ୍ଷା ନିକେତନ, ନବଘନପୁର ଦ୍ୱିତୀୟ ଓ ଭାଗୀରଥୀ ଉଚ୍ଚ ବିଦ୍ୟାଳୟ ଗୋବିନ୍ଦପୁର ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।

# ବାଲି ବୋଝେଇ ଗାଡ଼ି ଯୋଗୁ ମାଳବନ୍ଧ ଦୁର୍ବଳ

ଖଣ୍ଡପଡ଼ା,୩।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ନଦୀର ମାଳବନ୍ଧ ଦିନକୁ ଦିନ ଦୁର୍ବଳ ହୋଇପଡୁଛି । ବିଭିନ୍ନ ସମୟରେ ବାଲି ବୋଝେଇ ଗାଡ଼ି ଯାତାୟତ ମାଳବନ୍ଧକୁ ଅଧିକ ଦୁର୍ବଳ କରୁଛି । ଏଥିପ୍ରତି ପ୍ରଶାସନ ଅଙ୍କୁଶ ଲଗାଇବାର ଆବଶ୍ୟକତା ରହିଛି ବୋଲି ଅଞ୍ଚଳବାସୀ କହିଛନ୍ତି । ତେବେ ଏଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଉ ନ ଥିବାରୁ ଅଣ ଓସାରିଆ ମାଳବନ୍ଧ ରାସ୍ତା ଦବି ଯିବା ସହ ଯାତାୟତରେ ସମସ୍ୟା ଉପୁଜୁଥିବା ଅଭିଯୋଗ ହେଉଛି । ଆଗାମୀ ଦିନରେ ମାଳବନ୍ଧର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସୂଚନା ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡା ବ୍ଲକ୍ ଅଞ୍ଚଳ ଦେଇ ମହାନଦୀ ଓ କୁଆଁରିଆ ନଦୀ ପ୍ରବାହିତ ହେଉଛି । ଖରସ୍ରୋତା ମହାନଦୀ ଓ କୁଆଁରିଆ ନଦୀର ବିଭିନ୍ନ ଘାଟରୁ ଶତାଧିକ ଟ୍ରିପ ବାଲି ଆଖପାଖ ଅଞ୍ଚଳକୁ ଚୋରାରେ ମାଳବନ୍ଧ ଦେଇ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ଫଳରେ ନଦୀ ପାର୍ଶ୍ୱସ୍ଥ ମାଳବନ୍ଧ ରାସ୍ତା ନଷ୍ଟ ହେବା ସହ ଏହା ସର୍ବସାଧାରଣଙ୍କ ଗମନାଗମନ କ୍ଷେତ୍ରରେ ସମସ୍ୟା ସୃଷ୍ଟି କରୁଛି ।



ରାସ୍ତାସାରା ସୃଷ୍ଟି ହୋଇଥିବା ଗାତ।

ଖଣ୍ଡପଡ଼ା ବ୍ଲକ ଅଧୀନ ଗଡ଼ିଆସାହି ପଞ୍ଚାୟତ ନଟବରପୁରଶାସନ ଗ୍ରାମ ପାର୍ଶ୍ୱ କୁଆଁରିଆ ମାଳବନ୍ଧର ଉନ୍ନତିକରଣ ନିମନ୍ତେ ପ୍ରତିବର୍ଷ ଜଳସେଚନ ବିଭାଗ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ହେଉଛି । ମାତ୍ର କୁଆଁରିଆ ନଦୀ ପଠାରୁ ବାଲି ଉଠାଣ ନିମନ୍ତେ ତହସିଲ ପ୍ରଶାସନ ପକ୍ଷରୁ କୌଣସି ବ୍ୟକ୍ତିଙ୍କୁ ନିଲାମ ଦିଆଯାଇ ନାହିଁ । ଏହାର ସୁଯୋଗ ନେଇ ବାଲି ବ୍ୟବସାୟୀମାନେ ବେଫିକର ଭାବେ କୁଆଁରିଆ ନଦୀ ପଠାରୁ ବାଲି ଉଠାଣ କରି ଆଖପାଖ ଅଞ୍ଚଳକୁ ମାଳବନ୍ଧ ରାସ୍ତାଦେଇ ଚାଲାଣ କରୁଛନ୍ତି । କୁଆଁରିଆ ନଦୀ ପଠାରୁ ବେଆଇନ ବାଲି ଉଠାଣ ଯୋଗୁ ରାଜ୍ୟ ସରକାର ରାଜସ୍ୱ ହରାଉଥିବା ବେଳେ ମାଳବନ୍ଧ ରାସ୍ତା ନଷ୍ଟ ହେଉଥିବା ଅଭିଯୋଗ ହେଉଛି । ଏଥିପ୍ରତି ଖଣ୍ଡପଡ଼ା ତହସିଲ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସମ୍ମିଳନୀ



ସମ୍ମିଳନୀରେ ଯୋଗ ଦେଇଥିବା ମହିଳାମାନେ।

ଦଶପଲ୍ଲା,୩।୯ (ପ୍ରକାଶ କୁମାର ପାଣି)

ରବିବାର ଦଶପଲ୍ଲା ବ୍ଲକ ବୁଗୁଡ଼ା କଲୋନୀ ଠାରେ ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତିର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ପଞ୍ଚାୟତର ପ୍ରତିନିଧିମାନେ ସମ୍ମିଳନୀରେ ଯୋଗ ଦେଇଥିଲେ। ସମ୍ମିଳନୀ ପ୍ରାରମ୍ଭରେ ଜୟନ୍ତୀ ଦାସ ସଙ୍ଗଠନର ପତାକା ଉତ୍ତୋଳନ କରି ଶହୀଦ ବେଦୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହାପରେ ସମସ୍ତ ପ୍ରତିନିଧି ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ। ଜୟନ୍ତୀ ଦାସଙ୍କ ସଭାପତିତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏହାକୁ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟ ମିନତି ପାଣିଗ୍ରାହୀ ଉଦ୍‌ଘାଟନ କରିବା ପରେ ପ୍ରତିନିଧିମାନେ ମହିଳାମାନଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରମିକ ନେତା ଶରତ ଚନ୍ଦ୍ର ବେହେରା ମହିଳାମାନଙ୍କ ଅଧିକାର ଉପରେ ଆଲୋଚନା କରିଥିଲେ। ଡିୱାଇଏଫ୍‌ଆଇର ବ୍ଲକ ସଭାପତି ସୁଶାନ୍ତ କୁମାର ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ୧୫ଜଣିଆ କମିଟି ଗଠନ କରାଯାଇଥିଲା। କମିଟିରେ ବାସନ୍ତୀ ପୃଷ୍ଟି ସଭାନେତ୍ରୀ,ଜୟନ୍ତୀ ଦାସ ସମ୍ପାଦିକା ଓ ରଶ୍ମିତା ରାଉଳ କୋଷାଧ୍ୟକ୍ଷ, ସରୋଜିନୀ ମଲିକ ଓ ଯୁବତୀ ନାୟକ ଉପ ସଭାପତି, ସୁକାନ୍ତି ବେହେରା ଓ ଗୋଲାପ ମୁଦୁଲି ସହ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି। ଜିଲା ସମ୍ପାଦିକା ଜ୍ୟୋତିର୍ମୟୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଖୁଦୁରୁକୁଣୀ ଓଷା ଆରମ୍ଭ

ଖଣ୍ଡପଡ଼ା,୩।୯ (ଅଜୟ କୁମାର ମହାରଣା)

ରାଜ୍ୟର ପ୍ରାୟ ସମସ୍ତ ଅଞ୍ଚଳରେ ରବିବାରଠାରୁ ପାରମ୍ପରିକ ଖୁଦୁରୁକୁଣୀ ଓଷା ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ଖଣ୍ଡପଡ଼ା, ଖଳିସାହି, ମର୍ଦ୍ଦରାଜପୁର, କଣ୍ଟିଲୋ ଓ ଏହାର ଆଖପାଖ ଅଞ୍ଚଳ ଏବଂ ଭାପୁର ବ୍ଲକ୍ ଅଧୀନ କଳପଙ୍ଗୀ, ଧାନଚେଙ୍ଗଡା ଆଦି ଗ୍ରାମ ଏଥିପାଇଁ ଉତ୍ସବ ମୁଖର ହୋଇ ଉଠିଛି । ସାଜସଜ୍ଜା ଓ ମୂର୍ତ୍ତିକୁ ନେଇ ସାହିର ଯୁବତୀମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଛି । ରାତି ଅଧରୁ ଗାଁର ଯୁବତୀମାନେ ଦଳ ଦଳ ହୋଇ ବିଭିନ୍ନ ସ୍ଥାନରୁ



ଫୁଲ ତୋଳିବା ପରେ ସକାଳୁ ମହାନଦୀ କିମ୍ବା ପୋଖରୀ ତୁଠକୁ ଯାଇ ବାଲୁକା ପୂଜା କରିଥିଲେ । ପରେ ସେମାନେ ଗ୍ରାମ ଦେବତୀଙ୍କ ପାଖରେ ପାଣି ତୋଳିଥିଲେ । ଯୁବତୀମାନଙ୍କ ସହିତ ନବ ବିବାହିତା ମହିଳାମାନେ ଏହି ପୂଜାରେ ସାମିଲ ହୋଇଥିଲେ । କଣ୍ଟିଲୋ ଓ ଖଣ୍ଡପଡ଼ା ଅଞ୍ଚଳର ପ୍ରାୟ ଶତାଧିକ ସ୍ଥାନରେ ପୂଜା ମଣ୍ଡପଗୁଡିକୁ ରଙ୍ଗ ବେରଙ୍ଗ ଆଲୋକମାଳାରେ ସଜ୍ଜିତ କରାଯାଇଛି । ସନ୍ଧ୍ୟାରେ ପାରମ୍ପରିକ ବିଧି ଅନୁଯାୟୀ ଭୋଗଥାଳି ଧରି ଯୁବତୀମାନେ ପୂଜାମଣ୍ଡପରେ ସମବେତ ହୋଇଥିଲେ । ତେବେ ପୂର୍ବ ଅପେକ୍ଷା ବର୍ତ୍ତମାନର ଧାରା ବହୁ ଗୁଣରେ ବଦଳି ଯାଇଛି ବୋଲି ଅଧିକାଂଶ ମହିଳା ମତ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ଭାଦ୍ରବ ମାସର ପ୍ରତି ରବିବାର ମା' ମଙ୍ଗଳାଙ୍କ ନିକଟରେ ଭାଇଙ୍କ ନାମରେ ମାନସିକ କରି ଭଉଣୀମାନେ ଖୁଦୁରୁକୁଣୀ ଓଷା କରିଥାଆନ୍ତି ।

# ବନମାଳୀପୁରରେ ବିଜେଡି କର୍ମୀ ସମ୍ମିଳନୀ

ଖଣ୍ଡପଡ଼ା,୩।୯ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ବନମାଳୀପୁର ପଞ୍ଚାୟତରେ ବିଜେଡି କର୍ମୀ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଖଣ୍ଡପଡ଼ା ବ୍ଲକ ଅଧୀନ ୨୨ ପଞ୍ଚାୟତରୁ ୨ଶହରୁ ଊର୍ଦ୍ଧ୍ୱ କର୍ମୀ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ । ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ସମ୍ମିଳନୀରେ ଯୋଗଦେଇ ଦଳର କର୍ମକର୍ତ୍ତା, ସଙ୍ଗଠକ ଓ ପୁରୁଖା ନେତାଙ୍କ ସହ ନିର୍ବାଚନ ମଣ୍ଡଳୀର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ପୂର୍ବତନ ବିଧାୟକ ଅନୁଭବଙ୍କ ଉପରେ କର୍ମୀମାନେ ଆସ୍ଥା ପ୍ରକଟ କରି ସେ ବିଧାୟକ ପ୍ରାର୍ଥୀ ହେଲେ ସମସ୍ତେ ତାଙ୍କୁ ସହଯୋଗ କରିବେ ବୋଲି କହିଥିଲେ । ସେହିପରି ଖଣ୍ଡପଡା ବିଧାୟକଙ୍କ କାର୍ଯ୍ୟକଳାପକୁ ନେଇ ଦଳୀୟ କର୍ମୀମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ସମ୍ମିଳନୀରେ ବରିଷ୍ଠ ନେତା ଅଖିଳ କୁମାର ମହାରଣା, ପୂର୍ବତନ ବ୍ଲକ ବିଜେଡି ସଭାପତି ଚନ୍ଦ୍ରକାନ୍ତ ବଳିୟାରସିଂ, ନାରାୟଣ ଜେନା, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର କର, ନବ କିଶୋର ସାହୁ, ସର୍ବେଶ୍ୱର ସ୍ୱାଇଁ, ସଦାନନ୍ଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।


## Government of Odisha
## Higher Education Department

**Timeline for Phase-II Admission into U.G. Courses under SAMS in the Higher Education Institutions for the Academic Year 2023-24**

No. n: Timeline for e-Admission in all (+3) Degree Colleges including Self Financing (Degree)/Sanskrit (Shastri) Colleges of the State under Student Academic Management System (SAMS) is given below. Any changes in the timelines will be published in the newspapers as well as in the website **www.samsodisha.gov.in**. Please refer the Common Prospectus (CP) before filling up the CAF.

| Sl # | Activities | Timeline |
|---|---|---|
| 1) | Availability of Online Common Application Form (CAF) on the website **www.samsodisha.gov.in** | 04 Sept. 2023 (Monday) (12.00 Noon) |
| 2) | Last date for applying online CAF through **www.samsodisha.gov.in** | 13 Sept. 2023 (Wednesday) (11.45 P.M.) |
| 3) | Editing of the earlier submitted CAF (for once only), if required | 14 Sept. 2023 (Thursday) (11.00 A.M.) & 15 Sept. 2023 (Friday) (11.45 P.M.) |
| 4) | Publication of Provisional Allotment of Seats along with waitlisted applicants in HEI's e-Space (Ten (10) times the actual vacancy as on 15.09.2023) | 22 Sept. 2023 (Friday) (12.00 Noon) |
| 5) | Online payment of admission fees by the selected applicants through SAMS **[Student's Account]** portal | 22 Sept. 2023 (Friday) (01.00 P.M.) to 25 Sept. 2023 (Monday) (11.45 P.M.) |
| 6) | Reporting of the applicants at allotted Institutions for taking admission **(for First Round Selection)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (05.00 P.M.) (Except Holiday) |
| 7) | Data updation of admitted students in the e-space by the respective Institutions **(for First Round Admission)** | 23 Sept. 2023 (Saturday) (09.00 A.M.) to 26 Sept. 2023 (Tuesday) (07.00 P.M.) (Except Holiday) |
| 8) | Reporting of waitlisted applicants for submission of CAF along with relevant documents for participating in the waiting list admission round | 27 Sept. 2023 (Wednesday) (09.00 A.M.) & 28 Sept. 2023 (Thursday) (05.00 P.M.) |
| 9) | Preparation of merit list among the reported waitlisted applicants & update in HEI's e-space | 03 Oct. 2023 (Tuesday) (02.00 P.M.) |
| 10) | Display of selected options in the SAMS **[Student's Account]** portal | 03 Oct. 2023 (Tuesday) (04.00 P.M.) |
| 11) | Last date to Choose any one of the selected HEI in Student's login | 05 Oct. 2023 (Thursday) (06.00 P.M.) |
| 12) | Reporting of the waitlisted applicants to take admission in one of the selected HEIs, where the admission fees will be deposited directly at the HEIs in online mode only **(Net Banking/Bank Challan/ NEFT/UPI etc.)** | 06 Oct. 2023 (Friday) (upto 05.00 P.M. |
| 13) | Updation of selected waitlisted Student's data by the HEIs in their e-Space | 07 Oct. 2023 (Saturday) (upto 09.00 P.M.) |

**For more details please contact:**
**e-Admission Helpline (Toll Free) Number 155335/1800-345-6770**

**N.B.:** Please go through the detailed U.G. Phase-II Guidelines available in the SAMS U.G. Portal.

**OIPR-11001/11/0029/2324** **Sd./- Deputy Director, PTC Section**



## ODISHA PUBLIC SERVICE COMMISSION, CUTTACK

**NOTICE**

**No. 6825/PSC** **Dt.02.09.2023**

**PF-04-1E-01-2023-24 (DR-III)**

No. D-119: It is for information of all concerned that on the basis written examination held on **03.07.2022** for recruitment to the Post of **Post Graduate Teachers in Odia,** pursuant to Advt. No. 12 of 2020-21, **98 (Ninety-Eight)** candidates bearing following Roll Nos. have been qualified for admission to Document Verification & Viva Voce Test. The physical verification of original certificates/documents etc. and Viva Voce Test in respect of above qualified candidates, will be conducted simultaneously in the Office of the Commission at 19, Dr. P.K. Parija Road, Cuttack - 753001 from **25.09.2023 to 27.09.2023** as per the programme detailed below.

The candidates are required to come with hard-copies of online application forms (indicating their Roll Nos. at the top right corner and **instructed to mask the Mobile No./alternative Mobile No. and Email ID through blackening)**, three passport size photographs, self-attested copies of all relevant certificates, documents, Aadhaar Card etc. **with original of the same** as per **Para - 10** of the aforesaid Advertisement and duly filled in **"Attestation Form" & "Bio-Data Form"** (to be downloaded from the website of the Commission) and submit the same **in person** on the day of verification.

It is also made clear that the candidature of these candidates for the recruitment is **purely provisional**. The candidature is liable to rejection in the event of inadequacy/deficiency found at any stage before or after the verification of original certificate/documents and is subject to fulfillment of terms and conditions laid down in the advertisement.

**Mere participation in the document verification does not reserve any right to appear the Viva Voce Test**. The candidates shall be allowed to the Viva Voce Test on scheduled date and time mentioned below subject to fulfillment of their eligibility in all respect as per verification of original certificate/documents. The decision of the Commission thereon shall be final.

**PROGRAMME OF DOCUMENT VERIFICATION & INTERVIEW**

| Sl. No. | Date | Time of Verification | Time of Interview | Roll No. of Candidates | Board |
|---|---|---|---|---|---|
| 1 | 25.09.2023 | 8.30 A.M. | 10.30 A.M. | 500006, 500009, 500017, 500018, 500023, 500028, 500029 & 500030 **= 08 Candidates** | Board-I |
| | | | | 500034, 500040, 500045, 500047, 500050, 500054, 500055 & 500058 **= 08 Candidates** | Board-II |
| | | 12.30 P.M. | 2.30 P.M. | 500068, 500069, 500077, 500083, 500091, 500094, 500102 & 500107 **= 08 Candidates** | Board-I |
| | | | | 500115, 500121, 500139, 500141, 500163, 500165, 500176 & 500179 **= 08 Candidates** | Board-II |
| 2 | 26.09.2023 | 8.30 A.M. | 10.30 A.M. | 500183, 500184, 500186, 500206, 500208, 500210, 500234, 500238, 500251 & 500256 **= 10 Candidates** | Board-I |
| | | | | 500263, 500265, 500269, 500271, 500275, 500288, 500289, 500293, 500295 & 500302 **= 10 Candidates** | Board-II |
| | | 12.30 P.M. | 2.30 P.M. | 500303, 500305, 500315, 500319, 500323, 500348, 500350 & 500354 **= 08 Candidates** | Board-I |
| | | | | 500357, 500367, 500381, 500386, 500394, 500395, 500397 & 500404 **= 08 Candidates** | Board-II |
| 3 | 27.09.2023 | 8.30 A.M. | 10.30 A.M. | 500405, 500414, 500418, 500421, 500426, 500427, 500428, 500431, 500434 & 500442 **= 10 Candidates** | Board-I |
| | | | | 500448, 500450, 500461, 500463, 500465, 500469, 500470, 500472, 500475 & 500482 **= 10 Candidates** | Board-II |
| | | 12.30 P.M. | 2.30 P.M. | 500483, 500484, 500488, 500493 & 500499 **= 05 Candidates** | Board-I |
| | | | | 500502, 500519, 500529, 500539 & 500542 **= 05 Candidates** | Board-II |

**N.B.:** The candidates are advised to report at the Office of the Commission **half an hour before the commencement of verification** on their scheduled dates & time as mentioned against each.

**Note:** The candidates are informed that the pedagogy skill is part of the interview. They are to come prepared to present a topic of their choice within 8 to 10 minutes before the Interview Board. White board shall be provided by the Commission for the purpose.

**OIPR-12002/11/0088/2324** **Sd./- Secretary**



## GOVERNMENT OF ODISHA
## DEPARTMENT OF SCHOOL & MASS EDUCATION

No.n-171

**NOTICE**

**Advertisement for extension of dateline for obtaining Certificate of Recognition (CoR) for the Academic session 2023-24 to 2027-28 by Privately Managed Elementary schools and opening permission for new Private Elementary schools for the Academic session 2024-25 as per RTE Act, 2009 and Rules, 2010**

| Sl. No. | Item of work | Date |
|---|---|---|
| 1 | Last date for submission of online application for obtaining Certificate of Recognition (CoR) / Permission for opening of New Private Schools by Private School Authorities | 15.09.2023 |
| 2 | Last date for submission of online Inspection Report for CoR / Permission for opening of New Private Schools by DEOs to DEE(O) | 31.10.2023 |
| 3 | Last date for issue of approval order by DEE to DEOs | 15.11.2023 |
| 4 | Last date for Issue of CoR/Opening permission by DEOs | 30.12.2023 |

**Sd./- Director, Elementary Education Odisha, Bhubaneswar**

OIPR-27068/11/0019/2324



## GOVERNMENT OF ODISHA
## OFFICE OF THE SUPERINTENDING ENGINEER, RURAL WORKS DIVISION, BHANJANAGAR

**No. 2520/RWDBNJ/Dated: 31.08.2023**

**1st CORRIGENDUM TO TENDER CALL NOTICE**

**IDENTIFICATION No.06/RWDBNJ/2023-2024 T.O. LETTER NO.2415 DATED: 21.08.2023**

No.O-858:- The following modifications to the Online Tender/06/SERWBNJ/2023-2024 are made under unavoidable circumstances

| Procurement Officer | Bid Identification No. | Availability of Tender online for bidding | | Last date & Time of Seeking Tender Clarification | Date of opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Bhanjanagar | Online Tender/06/ RWDBNJ/ 2023-24 | As per TENDER CALL NOTICE | | | |
| | | 29.8.2023 10.00 A.M. | 07.09.2023 to 3.00 P.M. | 04.09.2023 upto 3.00 P.M. | 08.09.2023 at 12.00 Noon |
| | | As per 1st Corrigendum | | | |
| | | 07.09.2023 10.00 A.M. | 16.09.2023 to 3.00 P.M. | 05.09.2023 upto 3.00 P.M. | 18.09.2023 at 12.00 Noon |

All other terms and conditions of the said tender call notice shall remain unchanged.

OIPR-25174/11/0017/2324 **Sd./- Superintending Engineer, Rural Works Division, Bhanjanagar**

# ରୁଷିଆରୁ କମୁଛି ଭାରତର ତୈଳ ଆମଦାନୀ

## ଅଗଷ୍ଟରେ ୭ ମାସର ସର୍ବନିମ୍ନ ସ୍ତରକୁ ପହଞ୍ଚିଲା

ନୂଆଦିଲ୍ଲୀ,୩।୯ (ଅଭୟ ଦାଶ)



ସାରା ବିଶ୍ୱରେ ଭାରତ ୩ ସର୍ବବୃହତ୍ ତୈଳ ଆମଦାନୀ ଦେଶ ଭାବେ ପରିଗଣିତ ହେଉଥିବାବେଳେ ଗତ କିଛି ମାସ ହେବ ଭାରତ ରୁଷିଆରୁ ତୈଳ ଆମଦାନୀ କମାଇଥିବା ଜଣାପଡିଛି। ଏପରିକି ଶସ୍ତା ଦରରେ ରୁଷିଆରୁ ଭାରତ ତୈଳ ଆମଦାନୀ କରୁଥିଲାବେଳେ ୨୦୨୩ ଅଗଷ୍ଟରେ ଏହାର ପରିମାଣ ୭ ମାସର ସର୍ବନିମ୍ନସ୍ତରରେ ପହଞ୍ଚିଛି ବୋଲି କୁହାଯାଉଛି। ବିଶେଷକରି ମୌସୁମୀ ବର୍ଷା ଯୋଗୁ ଦେଶରେ ତୈଳ ଚାହିଦା ହ୍ରାସ କାରଣରୁ ୨୦୨୩ ଅଗଷ୍ଟରେ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ହ୍ରାସ ହୋଇଥିଲା ବୋଲି ଭାରତୀୟ ତୈଳକମ୍ପାନୀଗୁଡିକ ପକ୍ଷରୁ କୁହାଯାଇଛି, ତେବେ ଅଗଷ୍ଟରେ ଆମଦାନୀ ହୋଇଥିବା ତୈଳ ପରିମାଣ ବିଗତ ୭ ମାସର ସର୍ବନିମ୍ନ ସ୍ତରକୁ ପହଞ୍ଚି ଯାଇଥିବା ଭର୍ଟେକ୍ସ ତଥ୍ୟରୁ ଜଣାପଡିଛି। ଅପରପକ୍ଷରେ ରୁଷିଆରୁ ତୈଳ ଆମଦାନୀ ଲଗାତର ତୃତୀୟ ମାସ ଲାଗି ହ୍ରାସ ହୋଇଛି। ଏପରିକି ଭର୍ଟେକ୍ସ ତଥ୍ୟ ଅନୁସାରେ ୨୦୨୩ ଅଗଷ୍ଟରେ ରୁଷିଆରୁ ଭାରତ ଦୈନିକ ୧.୪୬ ମିଲିୟନ ବ୍ୟାରେଲ ଅଶୋଧିତ ତୈଳ କିଣିଥିବାବେଳେ ଜୁଲାଇରେ ଏହି ପରିମାଣ ଦୈନିକ ୧.୯୧ ମିଲିୟନ ବ୍ୟାରେଲ ଥିଲା। ଏହାଛଡା ଭାରତୀୟ ରିଫାଇନାରୀ କମ୍ପାନୀମାନେ ବିଶ୍ୱର ଅନ୍ୟତମ ତୈଳ ଯୋଗାଣକାରୀ ଦେଶ ଇରାକରୁ ମଧ୍ୟ ତୈଳ ଆମଦାନୀ ହ୍ରାସ କରିଛନ୍ତି। ଇରାକରୁ ଭାରତ ଦୈନିକ ୮,୯୧,୦୦୦ ବ୍ୟାରେଲ ତୈଳ ଆମଦାନୀ କରୁଥିବାବେଳେ ବର୍ତ୍ତମାନ ତାହା ୮,୬୬,୦୦୦ ବ୍ୟାରେଲରେ ପହଞ୍ଚିଛି। ସେହିଭଳି ଏହି ଅବଧି ମଧ୍ୟରେ ସାଉଦିଆରବରୁ ଭାରତ ୨୦୨୩ ଜୁଲାଇରେ ଦୈନିକ ଆମଦାନୀ ୪,୮୪,୦୦୦ ବ୍ୟାରେଲରୁ ୮,୨୦,୦୦୦ ବ୍ୟାରେଲକୁ ବଢାଇଛି। ଉଲ୍ଲେଖଯୋଗ୍ୟ, ୨୦୨୨ ଫେବୃୟାରୀରେ ଉଭୟ ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହୋଇଥିଲା। ସେହି ସମୟରୁ ଭାରତର ରୁଷିଆରୁ ତୈଳ ଆମଦାନୀ ୧%ରୁ ମଧ୍ୟ କମ୍ ଥିଲା। ଯେତେବେଳେ ରୁଷିଆ ରିହାତି ଦରରେ ଭାରତକୁ ତୈଳ ଦେବା ପାଇଁ ସହମତି ପ୍ରକାଶ କରିଥିଲା ସେବେଠାରୁ ଭାରତୀୟ ରିଫାଇନାରୀ କମ୍ପାନୀମାନେ ରୁଷିଆରୁ ତୈଳ ଆମଦାନୀ ଆରମ୍ଭ କରିଥିଲେ।

## ଟିମ୍ କନେକ୍ଟ ବାର୍ ସଲ୍ୟୁଶନର ଶୁଭାରମ୍ଭ

ଭୁବନେଶ୍ୱର,୩।୯

ସେନ୍‌ହାଇସର ପକ୍ଷରୁ ଛୋଟ ଓ ମଧ୍ୟମ ଆକାରର ମିଟିଂ ରୁମ୍ ଓ କୋଲାବରେଶନ ସ୍ପେଶ୍‌ଗୁଡିକ ପାଇଁ ସବୁଠାରୁ ଫ୍ଲେକ୍ସିବୁଲ ଅଲ୍-ଇନ୍-ୱାନ୍ ଡିଭାଇସ୍ ସହିତ ୟୁନିଫାଏଡ୍ କମ୍ୟୁନିକେଶନ୍ସ ଏ/ଭି ବାର୍‌କୁ ବଜାର ପ୍ରବେଶ କରାଇଛି। ଏପରିକି ସେନ୍‌ହାଇସର୍ ଟିମ୍ କନେକ୍ଟ ପରିବାରର ଅଂଶ ଭାବେ ଟିମ୍ କନେକ୍ଟ (ଟିସି) ବାର୍ ସଲ୍ୟୁଶନ୍‌କୁ ନିକଟରେ ଶୁଭାରମ୍ଭ କରାଯାଇଛି। ଏ ସମ୍ପର୍କରେ ସେନ୍‌ହାଇସର୍ ଇଣ୍ଡିଆର ବିଜ୍‌ନେସ୍ କମ୍ୟୁନିକେଶନ୍ସ ଡାଇରେକ୍ଟର ଅଫ୍ ସେଲ୍‌ସ, ନବୀନ ଶ୍ରୀଧର କହିଛନ୍ତି, ସେନ୍‌ହାଇସର୍‌ରେ ଆମେ ସଂଯୋଜିତ ଯୋଗାଯୋଗର ଭବିଷ୍ୟତକୁ ପୁନଃପରିଭାଷିତ କରିବା ପାଇଁ ଆମର ପ୍ରତିବଦ୍ଧତାକୁ ନେଇ ଗର୍ବିତ। ଟିମ୍ କନେକ୍ଟ ପରିବାର ଏହି ଲକ୍ଷ୍ୟକୁ ପୂରଣ କରିବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ଏନ୍‌ଏମ୍‌ଡିସିର ରେକର୍ଡ ପରିମାଣର ଉତ୍ପାଦନ

ଭୁବନେଶ୍ୱର,୩।୯



ଅମିତାଭ ମୁଖାର୍ଜୀ

ନ୍ୟାଶନାଲ ମିନେରାଲ ଡେଭଲପମେଣ୍ଟ କର୍ପୋରେଶନ (ଏନ୍‌ଏମ୍‌ଡିସି) ଚଳିତ ବର୍ଷ ଅଗଷ୍ଟରେ ଉଲ୍ଲେଖନୀୟ ସଫଳତା ସହ ରେକର୍ଡ ପରିମାଣର ଉତ୍ପାଦନ ଏବଂ ବିତରଣ କରିଥିବା କର୍ପୋରେଶନ ପକ୍ଷରୁ କୁହାଯାଇଛି। ବିଶେଷକରି ୨୦୨୩ ଅଗଷ୍ଟରେ କର୍ପୋରେଶନ ୩.୪୧ ମିଲିୟନ ଟନ୍ ଷ୍ଟିଲ ଉତ୍ପାଦନ କରିଥିବାବେଳେ ୩.୫୪ ମିଲିୟନ ଟନ୍ ଆଇରନ ଓର ଅଗଷ୍ଟରେ ବିକ୍ରୟ କରିଛି। ଏପରିକି ୨୦୨୨ର ସମାନ ଅବଧି ମଧ୍ୟରେ କର୍ପୋରେଶନ ଉତ୍ପାଦନ କରିଥିବା ଷ୍ଟିଲ ଓ ବିକ୍ରୟ କରିଥିବା ଲୁହାପଥର ତୁଳନାରେ ଯଥାକ୍ରମେ ଚଳିତ ବର୍ଷ ୩୮% ଉତ୍ପାଦନରେ ଅଭିବୃଦ୍ଧି କରିଥିବାବେଳେ ୨୫% ବିକ୍ରୟରେ ବୃଦ୍ଧି ହୋଇଛି ବୋଲି ଏନ୍‌ଏମ୍‌ଡିସି ପକ୍ଷରୁ ବିସ୍ତୃତ ଭାବେ କୁହାଯାଇଛି। ସେହିଭଳି ୨୦୨୩-୨୪ ଆର୍ଥିକ ବର୍ଷର ଅଗଷ୍ଟ ଶେଷ ସୁଦ୍ଧା କର୍ପୋରେଶନ ୧୬.୫୬ ମିଲିୟନ ଟନ୍ ଉତ୍ପାଦନ କରିଥିବାବେଳେ ୧୭.୪୩ ମିଲିୟନ ଟନ୍ ବିକ୍ରୟ କରିସାରିଛି ବୋଲି ଏନ୍‌ଏମ୍‌ଡିସି ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଏନ୍‌ଏମ୍‌ଡିସିର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ (ଅତିରିକ୍ତ ଭାର) ଅମିତାଭ ମୁଖାର୍ଜୀ କହିଛନ୍ତି, ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କର୍ପୋରେଶନ ଭଲ ପ୍ରଦର୍ଶନ ଜାରି ରଖିଛି। ଏପରିକି କର୍ପୋରେଶନର ଉତ୍ପାଦନ ଓ ବିକ୍ରୟ ସମପରିମାଣରେ ଯାଉଛି।

## ହାର୍‌ପିକ୍ ପକ୍ଷରୁ ସ୍ୱତନ୍ତ୍ର କିଟ୍ ଉନ୍ମୋଚିତ

ଭୁବନେଶ୍ୱର,୩।୯

ହାର୍‌ପିକ୍ ପକ୍ଷରୁ ଏକ ସ୍ୱତନ୍ତ୍ର କିଟ୍ 'ସୁଶ୍ ଜର୍ମସ୍ ଆୱେ'ର ବିକଶିତ କରାଯାଇଛି। ଏପରିକି ନିକଟରେ ଉକ୍ତ କିଟ୍‌କୁ ମଧ୍ୟ ଉନ୍ମୋଚନ କରାଯାଇଛି। ବିଶେଷ କରି ସେସାମି ୱର୍କଶପ୍ ଇଣ୍ଡିଆ ଟ୍ରଷ୍ଟ ସହଭାଗିତାରେ 'ସାନିଟେଶନ ହାଇଜିନ୍ ଏଜୁକେଶନ ଫ୍ରେମ୍‌ୱାର୍କ' ଶୀର୍ଷକ ଉପରେ ଆଧାରିତ ଏକ ସ୍ୱତନ୍ତ୍ର କିଟ୍‌ର ଉନ୍ମୋଚନ କରାଯାଇଛି। ସେହିଭଳି ହାର୍‌ପିକ୍‌ର ମିଶନ ସ୍ୱଚ୍ଛତା ଔର୍ ପାନି କ୍ୟାମ୍ପେନ୍‌କୁ ସମର୍ଥନ କରିବା ପାଇଁ ଉକ୍ତ 'ସୁଶ୍ ଜର୍ମସ୍ ଆୱେ' କିଟ୍‌କୁ ରାଷ୍ଟ୍ରୀୟ ଶିକ୍ଷା ନୀତି (ଏନ୍‌ଇପି ୨୦୨୦) ଏବଂ ନ୍ୟାଶନାଲ କରିକୁଲମ୍ ଫ୍ରେମ୍ ୱର୍କ (୨୦୨୨) ସହ ମିଳିତ ଭାବେ ଡିଜାଇନ୍ କରାଯାଇଛି। ଉକ୍ତ କିଟ୍‌ରେ ୩ଡି ପପ୍-ଅପ୍ ବୁକ୍, ୩ଡି ଜିଗ୍‌ସ ପଜଲ୍ ଓ ଏକ ଆକ୍ଟିଭିଟି ବୁକଲେଟ୍ ସାମିଲ ରହିଛି,ଯାହାକୁ ସେସାମିର ଲୋକପ୍ରିୟ ଚରିତ୍ର ଏଲ୍‌ମୋ, ଚମ୍‌କି, ନିଲା ଯାଦୁଗର ଓ କେକେ କୀଟାଣୁ ସାହାଯ୍ୟରେ ଉପସ୍ଥାପନ କରାଯିବ। ଏହି ପଦକ୍ଷେପ ହାର୍‌ପିକ୍‌ର 'ସମସ୍ତଙ୍କ ପାଇଁ ସୁରକ୍ଷିତ ଶୌଚାଳୟ' ମିଶନର ଏକ ଅଂଶ ଅଟେ। ଏ ସମ୍ପର୍କରେ ରେକିଟ୍ଟ-ସାଉଥ୍ ଏସିଆର କାର୍ଯ୍ୟକାରୀ ଉପାଧ୍ୟକ୍ଷ ଗୌରବ ଜୈନ କହିଛନ୍ତି, ଆମେ ସମସ୍ତଙ୍କ ପାଇଁ ଏକ ସୁସ୍ଥ ପୃଥିବୀ ସୃଷ୍ଟି କରିବା ପ୍ରତି ପ୍ରତିବଦ୍ଧ ରହିଛୁ। ଏପରିକି ସେସାମି ଇଣ୍ଡିଆ ସହ ଆମର ସହଭାଗିତା ପିଲାମାନଙ୍କଠାରେ ସ୍ୱଚ୍ଛତା ସମସ୍ୟା ଓ ଶୌଚାଳୟ ସ୍ୱଚ୍ଛତା ଅନ୍ତରକୁ ଦୂର କରିବା ଉପରେ ଗୁରୁତ୍ୱ ଦେଉଛି। ସେସାମି ୱର୍କଶପ୍ ଇଣ୍ଡିଆ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ସୋନାଲି ଖାନ୍ କହିଛନ୍ତି, ଆମେ 'ସାନିଟେଶନ ହାଇଜିନ୍ ଏଜୁକେଶନ ଫ୍ରେମ୍‌ୱର୍କ' ସହ ଜଡିତ ହୋଇ 'ସୁଶ୍ ଜର୍ମସ୍ ଆୱେ' କିଟ୍‌ର ଶୁଭାରମ୍ଭ ସହିତ ମିଶନ ସ୍ୱଚ୍ଛତା ଔର୍ ପାନି ଅଭିଯାନ ସହ ଆମର ସହଭାଗିତାକୁ ଆଗକୁ ବଢାଇ ଉତ୍ସାହିତ ଅଛୁ। ଏହି କିଟ୍ ପିଲାମାନଙ୍କ ପାଇଁ ସହଜ, ନିୟୋଜନକାରୀ ଓ ମଜାଦାର ଅଟେ। ପିଲାମାନେ ସ୍ୱଚ୍ଛତା ଓ ଶୌଚାଳୟ ଅଭ୍ୟାସ ଯାତ୍ରା ଶୀଘ୍ର ଆରମ୍ଭ କଲେ ଜୀବନକାଳନ ପାଇଁ 'ସ୍ୱଚ୍ଛତା ଚାମ୍ପିଅନ୍' ହୋଇପାରିବେ ବୋଲି ଆମେ ବିଶ୍ୱାସ କରୁଛୁ।

## ଜିମ୍‌ନିର ଅଫ୍ ରୋଡ୍ ଡ୍ରାଇଭିଂ ଅନୁଭୂତି

ଭୁବନେଶ୍ୱର,୩।୯




ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇଏଲ୍)ର ଅଗ୍ରଣୀ ମଡେଲ ଜିମ୍‌ନି ପକ୍ଷରୁ ଏକ ଅଫ୍ ରୋଡିଂ ଏକ୍ସପେରିଏନ୍ସ କ୍ୟାମ୍ପେନର ଶୁଭାରମ୍ଭ କରାଯାଇଛି। ବିଶେଷକରି ସାରା ଦେଶରେ ଜିମ୍‌ନି ଗ୍ରାହକଙ୍କୁ କମ୍ପାନୀର ଡିଲରମାନଙ୍କ ଜରିଆରେ ଏକତ୍ରିତ କରାଇବା ସହିତ ଏକ ଦୁଃସାହସିକ ଅଫ୍ ରୋଡ୍ ଡ୍ରାଇଭିଂ ଅନୁଭୂତି ଗାଡ଼ି ଚାଳକଙ୍କୁ ବିଶେଷଜ୍ଞଙ୍କ ମାଧ୍ୟମରେ ଦିଆଯାଉଛି। ଏହି ପରିପ୍ରେକ୍ଷୀରେ ଏମ୍‌ଏସ୍‌ଆଇଏଲ୍‌ର ସ୍ୱୀକୃତିପ୍ରାପ୍ତ ଡିଲର ନେକ୍ସା ଗଜପତି ନଗର (ତୁସି ମୋଟର୍ସ) ପକ୍ଷରୁ ରବିବାର ଏକ ସ୍ୱତନ୍ତ୍ର 'ଅଫ୍ ରୋଡିଂ ଏକ୍ସପେରିଏନ୍ସ ଉଇଥ୍ ନ୍ୟୁ ଜିମ୍‌ନି' କାର୍ଯ୍ୟକ୍ରମର ଆୟୋଜନ ଚନ୍ଦକାଠାରେ କରାଯାଇଥିଲା। ବିଶେଷକରି ଉକ୍ତ କାର୍ଯ୍ୟକ୍ରମରେ ମହିଳା ଜିମ୍‌ନି ଚାଳକ ସ୍ୱତନ୍ତ୍ର ଭାବେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ନେକ୍ସା ଗଜପତି ନଗର (ତୁସି ମୋଟର୍ସ)ର ପରିଚାଳନା ନିର୍ଦ୍ଦେଶିକା ପ୍ରୀତି ପଲ୍ଲଭି. ପଟ୍ଟନାୟକ କହିଛନ୍ତି, ଗ୍ରାହକଙ୍କ ସନ୍ତୁଷ୍ଟି ପ୍ରତି ପ୍ରତିବଦ୍ଧତା ଏବଂ ଏକ ନିଆରା ତଥା ରୋମାଞ୍ଚକର ସୁଯୋଗ ପ୍ରଦାନ କରିବାକୁ ଏଭଳି ଏକ ସାହସିକ ପଦକ୍ଷେପ ନିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଜରିଆରେ ଅଂଶଗ୍ରହଣକାରୀମାନଙ୍କୁ ଏକ ଉତ୍ସାହଜନକ ଅଭିଜ୍ଞତା ସହିତ ଜିମ୍‌ନିର ଅପୂର୍ବ କ୍ଷମତା ପ୍ରଦର୍ଶନ, କଠିନତା, ଶକ୍ତି ଏବଂ ଚ୍ୟାଲେଞ୍ଜ ବିଭିନ୍ନ ପୃଷ୍ଠଭୂମିରେ ପ୍ରଦର୍ଶିତ ହୋଇଥିଲା। ବିଶେଷକରି ଆମ ସମ୍ପ୍ରଦାୟର ଦୁଃସାହସିକ ମହିଳାଙ୍କ ପାଇଁ ଏଭଳି ଏକ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିବାକୁ ଆମେ ଚାହୁଁଥିଲୁ ଏବଂ ଜିମ୍‌ନି ଏହା କରିବା ପାଇଁ ଆମକୁ ପ୍ରେରଣା ଦେଇଥିଲା ବୋଲି ପ୍ରୀତି ପଲ୍ଲଭି ପଟ୍ଟନାୟକ ମତପ୍ରକାଶ କରିଛନ୍ତି।

## ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଉତ୍ପାଦ

ଭୁବନେଶ୍ୱର,୩।୯

ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ନୂତନ ଆୟ ଯୋଜନା 'ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏହି ଯୋଜନା ଗ୍ରାହକଙ୍କୁ ବାର୍ଷିକ ଆଧାରରେ ବର୍ଦ୍ଧିତ ଆୟ କିମ୍ବା ଏକ ନିରନ୍ତର ନିୟମିତ ଆୟ ହାସଲ କରିବା ପାଇଁ ବିକଳ୍ପ ପ୍ରଦାନ କରୁଛି, ଏହା ବ୍ୟତୀତ ଏହି ଅଣ-ଅଂଶଗ୍ରହଣକାରୀ ସଞ୍ଚୟ ଉତ୍ପାଦର ଲାଇଫ୍ କଭର ଉପାଦାନ ପରିବାର ପାଇଁ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରିଥାଏ। ଆଇସିଆଇସିଆଇ ପ୍ରୁ ଗିଫ୍ଟ ଗ୍ରାହକଙ୍କୁ ଆୟ ଲାଭ, ପ୍ରିମିୟମ ପେମେଣ୍ଟ ଅବଧି ଓ ଅନ୍ୟାନ୍ୟ ସୁବିଧାର ଏକ ବିକଳ୍ପ ପ୍ରଦାନ ସହିତ ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ମୁତାବକ ପ୍ରଡକ୍ଟକୁ କଷ୍ଟୋମାଇଜ୍ କରିବା ପାଇଁ ଅନୁମତି ଦେଇଥାଏ। ନିଶ୍ଚିତ ଦୀର୍ଘ ଅବଧି ଆୟ ସମେତ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋ ଗ୍ରାହକଙ୍କୁ ଏକ ଲମ୍ପ୍ ସମ୍ ଲାଭ ପାଇବା ପାଇଁ ବିକଳ୍ପ ଦେଇଥାଏ। ଗ୍ରାହକଙ୍କ ନିକଟରେ ଏକ ଲମ୍ପ୍ ସମ୍ ବା ମୋଟ ଲାଭ ଭାବେ ପଇଠ କରାଯାଇଥିବା ପ୍ରିମିୟମର ୧୦୦% ପର୍ଯ୍ୟନ୍ତ ଯେକୌଣସି ରାଶିକୁ ଚୟନ କରିବାର ନମନୀୟତା ରହିଥାଏ। ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍‌ସ୍ୟୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ୍ ପାଲ୍‌ଟା କହିଛନ୍ତି, ଆମେ ବିଲ୍ଟ-ଇନ୍ ଫ୍ଲେକ୍ସିବିଲିଟି ସହିତ ଏକ ଦୀର୍ଘ ଅବଧି ସଞ୍ଚୟ ଉତ୍ପାଦ ଆଇସିଆଇସିଆଇ ପ୍ରୁ ଗିଫ୍ଟ ପ୍ରୋର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ, ଯାହା ଗ୍ରାହକଙ୍କୁ ସେମାନଙ୍କର ସ୍ୱତନ୍ତ୍ର ଆବଶ୍ୟକତା ସହ ମେଳ ଖାଇବା ପାଇଁ ଉତ୍ପାଦକୁ ଆଡ୍‌ଜଷ୍ଟ କରିବାକୁ ଅନୁମତି ଦେବ, ଯାହା ସେମାନଙ୍କୁ ଉତ୍ତମ ଭାବେ ପ୍ରସ୍ତୁତ ରହିବା ଏବଂ ଜୀବନର ଲକ୍ଷ୍ୟଗୁଡିକୁ ହାସଲ କରିବା ଲାଗି ସକ୍ଷମ କରୁଛି। ଉକ୍ତ ଉତ୍ପାଦରେ ଥିବା ଲାଇଫ୍ କଭର୍ କମ୍ପୋନେଣ୍ଟ ବ୍ୟତୀତ ପରିବାର ପାଇଁ ତାହା ଆର୍ଥିକ ସୁରକ୍ଷା ପ୍ରଦାନ କରୁଛି।

**ଫୁର୍‌ସତ୍**

# ବ୍ୟାପକ ହୋଇଛି ବନ୍ୟପ୍ରାଣୀ ସଂରକ୍ଷଣ ଆଇନ

**ଜାତୀୟ ବନ୍ୟପ୍ରାଣୀ ଦିବସ**

ଭୁବନେଶ୍ୱର, ୩।୯
(ଅସମାପିକା ସାହୁ)



ଆଜି ଜାତୀୟ ବନ୍ୟପ୍ରାଣୀ ଦିବସ। ଲୋକଙ୍କୁ ବନ୍ୟପ୍ରାଣୀଙ୍କ ପ୍ରତି ଉନ୍ନତମାନର ସଚେତନତା ପ୍ରତି ପ୍ରେରିତ କରିବା ଆଭିମୁଖ୍ୟ ନେଇ ଏହି ଦିବସ ପାଳନ କରାଯାଉଛି। ବନ୍ୟପ୍ରାଣୀ ଶିକାର ଯୋଗୁ ଏବେ ଏମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ଏମାନଙ୍କ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ବିଭିନ୍ନ ପଦକ୍ଷେପ ନେଉଥିଲେ ମଧ୍ୟ କୌଣସି ଫଳପ୍ରଦ ହେଉନାହିଁ। ଶିକାର ଦିନକୁ ଦିନ ବଢୁଥିବାରୁ ବହୁ ପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗୁଛି। ସେହିପରି ବହୁ ପ୍ରାଣୀଙ୍କୁ ମାରିବା ତ ଦୂର କଥା ପୋଷା କରି ରଖିଲେ ବି ଦଣ୍ଡବିଧାନ ରହିଛି। କିନ୍ତୁ ଉପଯୁକ୍ତ ସଚେତନତା ଅଭାବରୁ ଲୋକେ ଏହାକୁ ଜାଣୁନାହାନ୍ତି। ସେହିପରି ବହୁ ପ୍ରାଣୀ ଭାରତୀୟ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ ଅନ୍ତର୍ଭୁକ୍ତ ରହିଛନ୍ତି, ଯାହାକୁ ଶିକାର କରିବା, ମାଂସ ଖାଇବା ଓ ପୋଷା କରି ରଖିବା ଅପରାଧ ଏବଂ ଏଥିପାଇଁ ଜେଲ ଯିବାର ବି ବ୍ୟବସ୍ଥା ରହିଛି। ତେବେ ଲୋକଙ୍କୁ ଏ ନେଇ ସଚେତନ କରାଗଲେ ବହୁ ମାତ୍ରାରେ ଫଳପ୍ରଦ ହେବ ବୋଲି ବନ୍ୟପ୍ରାଣୀ ବିଶେଷଜ୍ଞ ମତପ୍ରକାଶ କରୁଛନ୍ତି। ଭାରତୀୟ ବନ୍ୟପ୍ରାଣୀ(ସଂରକ୍ଷଣ) ଆଇନ ୧୯୭୨ରେ ଯେଉଁ ବନ୍ୟପ୍ରାଣୀ ସାମିଲ ନ ଥିଲେ ତାହା ୨୦୨୩ ଏପ୍ରିଲ ୧ ସଂଶୋଧିତ ଆଇନରେ ସ୍ଥାନିତ କରାଯାଇଛି ଏବଂ ଆଉ କିଛି ବନ୍ୟପ୍ରାଣୀଙ୍କ ସିଡ୍ୟୁଲ ବଢ଼ାଯାଇଛି; ଯାହା କି କେବଳ ସାଧାରଣ ଲୋକେ ନୁହେଁ କ୍ଷେତ୍ରୀୟ ବନ କର୍ମଚାରୀମାନେ ମଧ୍ୟ ଜାଣିବା ଉଚିତ। ସଂଶୋଧିତ ଆଇନରେ ବିଲୁଆକୁ ସିଡୁଲ-୧ରେ ଅନ୍ତର୍ଭୁକ୍ତ କରାଯାଇଛି। ଏମାନଙ୍କ ସଂଖ୍ୟା କମିଯାଉଥିବାରୁ ଏମାନଙ୍କୁ ସିଡୁଲ-୧ରେ ଅନ୍ତର୍ଭୁକ୍ତ କରାଯାଇଛି। ସେହିପରି ଘରଚଟିଆ, ବାଦୁଡ଼ି ପୂର୍ବରୁ ଏଥିରେ ସାମିଲ ହୋଇ ନ ଥିବା ବେଳେ ଏବେ ଏମାନଙ୍କୁ ସିଡ୍ୟୁଲ-୨ ଅନ୍ତର୍ଭୁକ୍ତ କରାଯାଇଛି। ହରିଣ, ବାର୍‌ହା, କୁଟୁରା ଭଳି ଏଥର ବାଦୁଡ଼ି ମାଂସ ଖାଇବା ବା ବାଦୁଡ଼ିକୁ ପୋଷିବା ବେଆଇନ୍ ହୋଇଗଲା। ଶାଳିଆପତନୀ, ନେଉଳ, ବହୁରୂପୀ ଏଣ୍ଡୁଅ, ନାଗ, ତମ୍ପ, ଚନ୍ଦନବୋଡ଼ା, ଧଣ୍ଡ, ଡମଣା ସାପ, ଜଙ୍ଗଲ କ୍ୟାଟ୍ ବା କଟାସ ବା ବଣଭୁଆ, ଝିଙ୍କ ଆଦି ପୂର୍ବରୁ ସିଡୁଲ-୨ ଅନ୍ତର୍ଭୁକ୍ତ ଥିବା ବେଳେ ଏବେ ତା'ର ଗୁରୁତ୍ୱ ବଢ଼ିଯାଇଛି ଏବଂ ଏମାନଙ୍କୁ ସିଡ୍ୟୁଲ-୧ରେ ରଖାଯାଇଛି। ସେହିଭଳି ଷ୍ଟାର୍ କଇଁଛ ପୂର୍ବରୁ ସିଡୁଲ-୪ରେ ଥିବାବେଳେ ଏବେ ତାକୁ ସିଡୁଲ-୧ରେ ସାମିଲ କରାଯାଇଛି। ଏହି କଇଁଛକୁ ବହୁ ଲୋକ ପୋଷା କରି ରଖନ୍ତି। ପେଟ୍‌ସପ୍‌ଗୁଡ଼ିକ ମଧ୍ୟ ବିକ୍ରି କରିଥାନ୍ତି। କିନ୍ତୁ ଏବେ ତାକୁ ଆଉ ବିକ୍ରି କରିପାରିବେ ନାହିଁ। ଯେଉଁ ପ୍ରାଣୀମାନେ ସିଡ୍ୟୁଲ-୧ରେ ରହିଛନ୍ତି ସେମାନଙ୍କୁ ମାରିବା, ଶିକାର କରିବା ବା ବିକ୍ରି କରିଲେ ୩ ରୁ ୭ବର୍ଷ ପର୍ଯ୍ୟନ୍ତ ଜେଲ ଯିବା ଏବଂ ଲକ୍ଷେ ଟଙ୍କା ଜରିମାନାର ବ୍ୟବସ୍ଥା ରହିଛି। ସେହିଭଳି ସିଡ୍ୟୁଲ-୨ରେ ଥିବା ବନ୍ୟପ୍ରାଣୀଙ୍କ ଅପରାଧ ହେଲେ ୩ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୨୫ହଜାର ଟଙ୍କା ଜରିମାନା ପାଇଁ ନିୟମ ରହିଛି। ଏ ସମ୍ପର୍କରେ ବନ୍ୟପ୍ରାଣୀ ବିଶେଷଜ୍ଞ ଶୁଭେନ୍ଦୁ ମଲ୍ଲିକ କହିଛନ୍ତି, ଭାରତୀୟ ବନ୍ୟପ୍ରାଣୀଙ୍କ ସଂରକ୍ଷଣ ତାଲିକାକୁ ବ୍ୟାପକ କରାଯାଇଛି; ଯାହା ଫଳରେ ଶିକାରୀ ବା ଅପରାଧୀମାନଙ୍କ ପାଇଁ ଉଭୟ ଦଣ୍ଡ ଏବଂ ଜରିମାନା ବଢ଼େଇ ଦିଆଯାଇଛି। ଲୋକେ ଘରେ ଗୃହପାଳିତ ପଶୁ ପକ୍ଷୀ ଭାବରେ ପୋଷୁ ଥିବା ଶୁଆ, ନେଉଳ, ଶାରୀ ଆଦି ପାଇଁ ଏଥର ଅଧିକ ସମସ୍ୟାରେ ପଡ଼ିବେ। ତେଣୁ ଆଗରୁ ସଚେତନ ହୋଇ କୌଣସି ବନ୍ୟପ୍ରାଣୀଙ୍କୁ ଘରେ ରଖନ୍ତୁ ନାହିଁ ବୋଲି ଶୁଭେନ୍ଦୁ ପରାମର୍ଶ ଦେଇଛନ୍ତି।

## ସୌରଭ ଗାଙ୍ଗୁଲିଙ୍କ ଚରିତ୍ରରେ ଆୟୁଷ୍ମାନ

ମୁମ୍ବାଇ



ଭାରତୀୟ ଖେଳାଳିଙ୍କ ଉପରେ ଆଧାରିତ ମୁଭିକୁ ଦର୍ଶକ ଅଧିକ ପସନ୍ଦ କରୁଛନ୍ତି। ଯେପରି କି 'ଏମ୍‌ଏସ୍ ଧୋନୀ ଦି ଅନ୍‌ଟୋଲ୍ଡ ଷ୍ଟୋରି' ଓ 'ଭାଗ ମିଲ୍ଖା ଭାଗ'କୁ ଅଧିକ ଲୋକପ୍ରିୟତା ମିଳିଛି। ତେବେ ଏହି ଫିଲ୍ମର ସଫଳତାକୁ ଦେଖି ବଲିଉଡ୍‌ରେ ସବୁଠାରୁ ଲୋକପ୍ରିୟ ଖେଳାଳି ତଥା ଭାରତୀୟ କ୍ରିକେଟ୍ ଟିମ୍‌ର ଲୋକପ୍ରିୟ ଅଧିନାୟକ ସୌରଭ ଗାଙ୍ଗୁଲିଙ୍କ ଜୀବନୀ ଉପରେ ଚଳଚ୍ଚିତ୍ର ନିର୍ମାଣ ହେବାକୁ ଯାଉଛି। ଏହି ବାୟୋପିକ୍ ମୁଭିରେ ଅଭିନେତା ଆୟୁଷ୍ମାନ ଖୁରାନା ଗାଙ୍ଗୁଲିଙ୍କ ଚରିତ୍ରରେ ନଜରକୁ ଆସିବେ। ପୂର୍ବରୁ ଏହି ଫିଲ୍ମର ଘୋଷଣା ୨୦୨୧ରେ ହୋଇଥିବାବେଳେ ବାୟୋପିକ୍‌ରେ ରଣବୀର କପୁର ପରେ କାର୍ତ୍ତିକ ଆର୍ଯ୍ୟନଙ୍କ ନାମ ସାମ୍ନାକୁ ଆସିଥିଲା। ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟା ରଜନୀକାନ୍ତଙ୍କ ନିର୍ଦ୍ଦେଶିତ ଏହି ମୁଭିରେ ସେ ଆୟୁଷ୍ମାନଙ୍କୁ ବାଛିଛନ୍ତି। ଏହା ଐଶ୍ୱର୍ଯ୍ୟାଙ୍କ ପ୍ରଥମ ହିନ୍ଦୀ ଚଳଚ୍ଚିତ୍ର ନିର୍ଦ୍ଦେଶନା ହେବ। ଆୟୁଷମାନ ଏବଂ ଗାଙ୍ଗୁଲି ଉଭୟ ବାମହାତିଆ ହୋଇଥିବାରୁ ଆୟୁଷମାନଙ୍କୁ ଏହି ବାୟୋପିକ୍ ପାଇଁ ବଛା ଯାଇଥିବା ଜଣାପଡ଼ିଛି। ୨୦୧୨ରୁ ଆୟୁଷ୍ମାନ ତାଙ୍କ ଅଭିନୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ଅନେକ ଫିଲ୍ମ ଦର୍ଶକଙ୍କୁ ଭେଟି ଦେଇଥିବାବେଳେ ତାଙ୍କୁ ଶେଷ ଥର ପାଇଁ ସିନେମା 'ଡ୍ରିମ୍ ଗର୍ଲ ୨'ରେ ଦେଖିବାକୁ ମିଳିଥିଲା। ଏଥିସହ ସେ ଅନେକ ଟିଭି ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।

## ପ୍ରତିବର୍ଷ ଦ୍ୱୀପକୁ ଠେଲିବାକୁ ଲାଗେ ୨୫ ଡଙ୍ଗା



**ୱାଶିଂଟନ:** ସମୁଦ୍ରରେ ଅନେକ ଛୋଟ ବଡ଼ ଦ୍ୱୀପ ରହିଥାଏ। ହେଲେ ଆମେରିକାର ହ୍ରଦରେ ଏକ ଦ୍ୱୀପ ରହିଛି, ଯାହାକୁ ଲୋକେ ଠେଲି କରି ଘୁଞ୍ଚାଇଥାନ୍ତି। ଆମେରିକାର ୱିଶକନସିନରେ ଥିବା ଏକ 'ଟିପେୱା' ନାମକ ହ୍ରଦରେ ଏକ ଦ୍ୱୀପ ରହିଛି, ଯାହା ଭାସୁଥିବା ଦ୍ୱୀପ ଭାବେ ୪୦ ଏକର ପରିମିତ ଅଞ୍ଚଳରେ ଅବସ୍ଥିତ। ସେହି ଦ୍ୱୀପର ପୃଷ୍ଠ ଚିକ୍କଣ ହୋଇଥିବାରୁ ତାକୁ 'ଟିପେୱା ଫ୍ଲୋଜ୍‌ର ଟିପେୱା ବୋଗ' ମଧ୍ୟ କୁହାଯାଏ। ଏହା ଏପରି ଏକ ଦ୍ୱୀପ, ଯାହା ବେଳେବେଳେ ଲୋକଙ୍କ ଅସୁବିଧାର କାରଣ ହୋଇଥାଏ। ସେଥିପାଇଁ ଲୋକଙ୍କୁ ତାକୁ ଡଙ୍ଗା ସାହାଯ୍ୟରେ ଠେଲିବାକୁ ପଡିଥାଏ। ରିପୋର୍ଟ ମୁତାବକ, ଟିପେୱା ହ୍ରଦରେ ଏକ ବ୍ରିଜ୍ ରହିଛି, ଯାହାକି ହ୍ରଦର ପୂର୍ବ ଓ ପଶ୍ଚିମ ଅଂଶକୁ ସଂଯୋଗ କରୁଥିବା ଏକମାତ୍ର ରାସ୍ତା। ମଝିରେ ମଝିରେ ଏହି ବ୍ରିଜ୍‌ଟି ଦ୍ୱୀପ ପାଇଁ ବନ୍ଦ ହୋଇଯାଏ। କାରଣ ଦ୍ୱୀପଟି ଭାସି ଆସି ବ୍ରିଜ୍ ପାଖରେ ଲାଗିଯାଏ। ଏଥିରେ ବ୍ରିଜ୍‌ରେ ଯାଉଥିବା ଲୋକଙ୍କୁ ଅସୁବିଧା ହେବା ସହ ଡଙ୍ଗା ଚାଳକମାନେ ମଧ୍ୟ ଅସୁବିଧା ଭୋଗନ୍ତି। ଏହି କାରଣରୁ ଡଙ୍ଗା ଚାଳକଙ୍କୁ ଏହି ଦ୍ୱୀପକୁ ପ୍ରତିବର୍ଷ ଠେଲିବାକୁ ପଡିଥାଏ। ପାଖାପାଖି ୨୫ଟି ଡଙ୍ଗା ଚାଳକ ମିଶି ଡଙ୍ଗା ସାହାଯ୍ୟରେ ଦ୍ୱୀପକୁ ବ୍ରିଜ୍‌ଠାରୁ ଦୂରକୁ ଠେଲିଥାନ୍ତି। ଜଣେ ସ୍ଥାନୀୟ ଲୋକ କହିଛନ୍ତି, ଏହି କାମ ପାଇଁ ସମସ୍ତଙ୍କ ପ୍ରୟାସର ଆବଶ୍ୟକତା ରହିଥାଏ। ତେବେ ଏହି ଦ୍ୱୀପ ସବୁବେଳେ ଭାସୁ ନ ଥାଏ। ଯେତେବେଳେ ଅଧିକ ଜୋରରେ ପବନ ହୁଏ, ସେତେବେଳେ ଦ୍ୱୀପରେ ଥିବା ଗଛଗୁଡ଼ିକ ଯୋଗୁ ତାହା ଭାସିବାକୁ ଲାଗିଥାଏ। ପରେ ଭାସି ଭାସି ଆସି ବ୍ରିଜ୍ ପାଖରେ ଲାଗିଯାଏ।

## ମାନବ ଡ୍ରୋନ୍‌କୁ ହରାଇଲା ଏଆଇ ସଞ୍ଚାଳିତ ଡ୍ରୋନ୍



ନୂଆଦିଲ୍ଲୀ

କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଆସିବା ପରେ ଅନେକ କ୍ଷେତ୍ରରେ ବିଭିନ୍ନ ପରିବର୍ତ୍ତନ ଦେଖିବାକୁ ମିଳିଛି। କିଛି ମାମଲାରେ ଏହା ମଣିଷକୁ ପଛରେ ପକାଇଦେଇଛି। ଏକ ଏଆଇ ସଞ୍ଚାଳିତ ଡ୍ରୋନ୍ ନିକଟରେ ହାଇସ୍ପିଡ୍ ରେସିଂ ପ୍ରତିଯୋଗିତାରେ ୩ ବିଶ୍ୱ ଚାମ୍ପିୟନ ମାନବ ଡ୍ରୋନ୍ ପାଇଲଟଙ୍କୁ ହରାଇ ଦେଇଛି। ଏହାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ରିପୋର୍ଟ ମୁତାବକ, ଜୁରିଚ୍ ବିଶ୍ୱବିଦ୍ୟାଳୟର ଅନୁସନ୍ଧାନକାରୀଙ୍କ ଦ୍ୱାରା ବିକଶିତ ଡ୍ରୋନ୍ ବିଶ୍ୱ ଚାମ୍ପିୟନ ଡ୍ରୋନ୍ ବିପକ୍ଷରେ ୨୫ରୁ ୧୫ଟି ରେସ୍ ଜିତିବାରେ ସକ୍ଷମ ହୋଇଛି। ଡ୍ରୋନ୍‌ର ଗତି ପ୍ରତି ଘଣ୍ଟାରେ ୮୦ କି.ମି ରହିଥିଲା। ବିଶ୍ୱବିଦ୍ୟାଳୟର ଜଣେ ଅନୁସନ୍ଧାନକାରୀ ଏଲିଆ କଉଫମ୍ୟାନ୍‌ଙ୍କ କହିବା ମୁତାବକ, ପ୍ରଥମଥର ପାଇଁ ଏଆଇ ସଞ୍ଚାଳିତ ରୋବଟ୍ ମଣିଷ ଦ୍ୱାରା ଡିଜାଇନ କରାଯାଇଥିବା ବାସ୍ତବିକ ଶାରୀରିକ ଖେଳରେ ମଣିଷ ଚାମ୍ପିୟନକୁ ହରାଇ ଦେଇଛି। ଏକ ଜର୍ନାଲରେ କଉଫମ୍ୟାନ୍ ଓ ତାଙ୍କ ସହଯୋଗୀ ଏକ ସିରିଜ୍‌ରେ, ଯେଉଁଥିରେ ୩ ବିଶ୍ୱ ଚାମ୍ପିୟନ ଡ୍ରୋନ୍ ରେସର ଥୋମାସ ବିଟମାଟା, ମାର୍ଭିନ ସ୍କାପର ଏବଂ ଆଲେକ୍ସ ଭାନୋଭରଙ୍କ ସହିତ ସାମ୍ନାସାମ୍ନି ରେସ୍ ବିଷୟରେ କହିଛନ୍ତି। ପ୍ରତିଯୋଗିତା ପୂର୍ବରୁ ମଣିଷ ପାଇଲଟ୍‌ଙ୍କ ପାଖରେ ଅଭ୍ୟାସ କରିବାକୁ ସପ୍ତାହେ ସମୟ ଥିଲା। ଯେତେବେଳେ କି ଏଆଇ ସଞ୍ଚାଳିତ ଡ୍ରୋନ୍‌କୁ ଉତ୍ତେଜିତ ପରିବେଶରେ ପ୍ରଶିକ୍ଷଣ ଦିଆଯାଇଥିଲା।

# ହେଲିକପ୍ଟର ବ୍ୟବହାର ନେଇ ବିଜେଡି-ଭାଜପା ଟୁଇଟ୍ ଯୁଦ୍ଧ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

■ ସମସ୍ୟା ସମାଧାନ ହେଉଥିବା ଦେଖି ଭାଜପା ମୁଣ୍ଡ କାମ କରୁନି: ମନ୍ତ୍ରୀ
■ ବିଧାନସଭାରେ କଡ଼ାଗଣ୍ଡାରେ ହିସାବ ହେବ: ଟେଟେ
■ ଆପଣଙ୍କ ଦୁର୍ନୀତିର ଅସଲ କଥା ବିଧାନସଭାରେ ଖୋଲିବ: ଈପ୍ସିତା

ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ(୫-ଟି) ବେସରକାରୀ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ହେଲିକପ୍ଟର ବ୍ୟବହାର କରିଛନ୍ତି ବୋଲି ଭାଜପା ଅଭିଯୋଗ ଆଣିବା ପରେ ଏହି ପ୍ରସଙ୍ଗରେ ରାଜ୍ୟ ପରିବହନ ମନ୍ତ୍ରୀ ତଥା ବିଜେଡି ନେତ୍ରୀ ଟୁକୁନି ସାହୁ ପ୍ରବଳ ବର୍ଷିଛନ୍ତି। ଆସନ୍ତା ବିଧାନସଭାରେ ଏହି ପ୍ରସଙ୍ଗରେ ତଥ୍ୟ ରଖି ଭାଜପାର ମିଛ ଲୋକଙ୍କ ଆଗରେ ରଖିବେ ବୋଲି ସେ ଟୁଇଟ୍ କରି କହିଛନ୍ତି। ଭାଜପା ବିଧାୟିକା କୁସୁମ ଟେଟେ ମନ୍ତ୍ରୀ ସାହୁଙ୍କ ପ୍ରତିକ୍ରିୟା ଉପରେ ପାଲଟା ଜବାବ ରଖିଛନ୍ତି। ଟେଟେଙ୍କ ପ୍ରତିକ୍ରିୟାକୁ ପୁନର୍ବାର ବିଜେଡି ପାଲଟା କାଉଣ୍ଟର କରିଛି।

ଟୁକୁନି ସାହୁ ଟୁଇଟ୍ କରି କହିଛନ୍ତି ଯେ, କୁଚକ୍ରୀ ଗୋଷ୍ଠୀଙ୍କର ମୁଣ୍ଡ ଖରାପ ହୋଇଗଲାଣି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କ କାର୍ଯ୍ୟାଳୟ ଯେଉଁଭଳି ଲୋକଙ୍କ ସମସ୍ୟା ବୁଝୁଛି ଓ ସମାଧାନ କରୁଛି ସେମାନଙ୍କ ମୁଣ୍ଡ କାମ କରୁନି। ସେଥିପାଇଁ ଭାଜପା ନେତାମାନେ ଇଆଡୁ ସିଆଡୁ ବୟାନ ଦେଉଛନ୍ତି। ଏମାନେ ଚାହୁଁ ନ ଥିଲେ ଲୋକଙ୍କ ସମସ୍ୟାର ସମାଧାନ ହେଉ, ସେଥିପାଇଁ ବିଭ୍ରାନ୍ତିକର ବକ୍ତବ୍ୟ ଦେଇଚାଲିଛନ୍ତି। କିଏ କହୁଛି ହେଲିକପ୍ଟର ଗସ୍ତ ବାବଦକୁ ୩୦୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି ତ ଆଉ କିଏ କହୁଛି ୫୦୦ କୋଟି। ସେମାନଙ୍କ ନିଜ କଥାରେ ତାଳମେଳ ରହୁନାହିଁ। ପ୍ରକୃତରେ ଗତ ୫ ବର୍ଷରେ ହେଲିକପ୍ଟରରେ ଗସ୍ତ ବାବଦକୁ ପ୍ରାୟ ୫୦ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଅର୍ଥାତ୍ ବର୍ଷକୁ ହାରାହାରି ୧୦ରୁ ୧୨ କୋଟି ଟଙ୍କା ବ୍ୟୟ ହୋଇଛି। ସାହୁ ଆହୁରି ଲେଖିଛନ୍ତି, ଆସନ୍ତା ବିଧାନସଭାରେ ସେ ଏ ବାବଦରେ ସବୁ ତଥ୍ୟ ରଖିବେ। ସେତେବେଳେ ଏମାନଙ୍କ ସବୁ ମିଥ୍ୟା ପ୍ରଚାର ଧରାପଡ଼ିବା ସହିତ ମୁଖା ଖୋଲିଯିବ। ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଏପରି ମିଥ୍ୟା ପ୍ରଚାର କରୁଛନ୍ତି, ସେମାନଙ୍କୁ ଲଜ୍ଜା ଲାଗିବା ଦରକାର। ଏମାନଙ୍କ ପାଖରେ ଯଦି ସାମାନ୍ୟ ଲଜ୍ଜା ଥିବ, ତେବେ ବିଭ୍ରାନ୍ତିକର ତଥ୍ୟ ପ୍ରଚାର କରୁଥିବାରୁ ରାଜ୍ୟବାସୀଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବେ ବୋଲି ମନ୍ତ୍ରୀ ସାହୁ କହିଛନ୍ତି।

ମନ୍ତ୍ରୀ ସାହୁଙ୍କ ଟୁଇଟ୍ ଉପରେ ପ୍ରତିକ୍ରିୟା ରଖି କୁସୁମ କହିଛନ୍ତି ଯେ, ରାଜ୍ୟରେ ଚାଲିଥିବା ଶାସନ ବ୍ୟବସ୍ଥା ଆପଣଙ୍କୁ ବ୍ୟଥିତ କରୁନାହିଁ। ଆପଣଙ୍କ କଥାରୁ ପ୍ରମାଣ ହୋଇଛି ମନ୍ତ୍ରୀ ଠାରୁ ସଚିବ ବଡ଼। ଦୁଇଟି ବିଭାଗର ମନ୍ତ୍ରୀ ଭାବେ କେତେଥର ହେଲିକପ୍ଟର ବ୍ୟବହାର କରିଛନ୍ତି। ଭାଜପା ଯେଉଁ ବୈଧାନିକ ପ୍ରଶ୍ନ କରିଛି ତା'ର ଉତ୍ତର କେବେ ଦେବେ। ମାତ୍ର ୬ ମାସରେ ୭୫ ଥର ସରକାରୀ ଅର୍ଥରେ ହେଲିକପ୍ଟର, ସ୍ୱତନ୍ତ୍ର ବିମାନ, ଅତ୍ୟାଧୁନିକ ବିଜ୍‌ନେସ୍ ଜେଟ୍ ବ୍ୟବହାର ହୋଇଛି। ଏହିସବୁ ଥର କେଉଁମାନେ ହେଲିକପ୍ଟର ବ୍ୟବହାର କରିଛନ୍ତି ତାହା ସ୍ପଷ୍ଟ କରନ୍ତୁ। ଜିଲା ଗସ୍ତ କାର୍ଯ୍ୟକ୍ରମରେ ଯେଉଁଭଳି ୫୦୦ କୋଟି ଟଙ୍କା ଖର୍ଚ୍ଚ ହେଲା ତାହା ଜନବିରୋଧୀ ନୁହେଁ କି ବୋଲି ପ୍ରଶ୍ନ କରିବା ସହିତ ଆସନ୍ତା ବିଧାନସଭାରେ ଭାଜପା ଏହାର କଡ଼ାଗଣ୍ଡା ଜବାବ ଦେବ ବୋଲି ଟେଟେ କହିଛନ୍ତି।

ବିଜେଡି ନେତ୍ରୀ ଈପ୍ସିତା ସାହୁ ଟୁଇଟ୍ ଜରିଆରେ ଟେଟେଙ୍କୁ ଟାର୍ଗେଟ କରି କହିଛନ୍ତି, ଆପଣଙ୍କ ନିକଟତମ ସମ୍ପର୍କୀୟ ୨ ନମ୍ବର କୋଇଲା ବେପାର ଏବଂ ଟେଣ୍ଡର ଫିକ୍ସିଂ କରି ଯେଉଁ ୫୦୦ କୋଟି ଟଙ୍କା ରୋଜଗାର କରିଛନ୍ତି କହୁ କହୁ ସେକଥା କହିଦେଲେ। ଆପଣଙ୍କ ନିକଟତମ ସମ୍ପର୍କୀୟ ଚାକିରି ଦେବା ନାଁରେ ଯେଉଁ ଠକାମି କରିଛନ୍ତି ସେଥିଲାଗି ଉଦ୍‌ବେଗ ପ୍ରକାଶ କରୁଛନ୍ତି ନା କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନ୍‌ଟିପିସିରୁ ପାଉଁଶ ପରିବହନ ବାବଦକୁ ହୋଇଥିବା ଟେଣ୍ଡର ଫିକ୍ସିଂରେ କିଏ ସମ୍ପୃକ୍ତ ଅଛନ୍ତି। ୫୦୦ କୋଟି ଟଙ୍କା ଆପଣଙ୍କୁ କମ୍ ଲାଗିପାରେ ହେଲେ ସମସ୍ତେ ଜାଣନ୍ତି ଆପଣ କେତେ କୋଟି ଟଙ୍କାର ମାଲିକ। ଆପଣଙ୍କ ଭଳି ଜଣେ ଦୁର୍ନୀତିଗ୍ରସ୍ତ ଏବଂ ଜନବିରୋଧୀ ନେତାଙ୍କ ଅସଲ ଚେହେରା ଆସନ୍ତା ବିଧାନସଭା ଅଧିବେଶନରେ ଖୋଲିଯିବ ବୋଲି ଈପ୍ସିତା କହିଛନ୍ତି।

# ପ୍ରିୟବ୍ରତ ମାଝୀ ହେଲେ ବିଜେଡି ମିଡିଆ ସଂଯୋଜକ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳରେ ପୁଣି ଜଣଙ୍କୁ ନୂଆ ଦାୟିତ୍ୱ ଦେଇଛନ୍ତି। ପ୍ରିୟବ୍ରତ ମାଝୀଙ୍କୁ ରବିବାର ଦଳର ମିଡିଆ ସଂଯୋଜକ ଭାବେ ଦାୟିତ୍ୱ ଦିଆଯାଇଛି। ତେବେ ପୂର୍ବରୁ ପ୍ରକାଶ ପାଇଥିବା ଦଳର ମିଡିଆ ସଂଯୋଜକ ତାଲିକାକୁ ଦେଖି ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ଏହି ଘୋଷଣା କରିଛନ୍ତି। ତେବେ ଏନେଇ ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ଦସ୍ତଖତରେ ଦଳ ତରଫରୁ ଏହିଚିଠି ପ୍ରକାଶ କରାଯାଇଛି।

# ଲିଙ୍ଗରାଜଙ୍କ ଦର୍ଶନ କରି ନିଜକୁ ସୌଭାଗ୍ୟ ମନେକରୁଛି: ଧର୍ମେନ୍ଦ୍ର


କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରବିବାର ପ୍ରଭୁ ଲିଙ୍ଗରାଜଙ୍କୁ ଦର୍ଶନ କରିଛନ୍ତି। ଏହି ଅବସରରେ ଧର୍ମେନ୍ଦ୍ର କହିଛନ୍ତି ଯେ, ପ୍ରଭୁ ଲିଙ୍ଗରାଜଙ୍କ ଦର୍ଶନ କରି ନିଜକୁ ସୌଭାଗ୍ୟ ମନେକରୁଛି। ଲିଙ୍ଗରାଜ ମନ୍ଦିର ଆସ୍ଥାର କେନ୍ଦ୍ର, ଓଡ଼ିଆ ଜାତିର କଳା, ସଂସ୍କୃତି ଏବଂ ସମୃଦ୍ଧିର ଏକ ପ୍ରତିବିମ୍ବ। ଏଠାକୁ ଆସି ସେ ସନ୍ତୋଷ ଲାଭ କରିଥାଆନ୍ତି। ପ୍ରଭୁଙ୍କ ପାଖରେ ସମାଜର ମଙ୍ଗଳ ଏବଂ ଉତ୍ତରୋତ୍ତର ଉନ୍ନତି କାମନା କରିଥିବା ଧର୍ମେନ୍ଦ୍ର କହିଛନ୍ତି।

# ସଙ୍ଗଠନ ସୁଦୃଢ଼ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ସ୍ଥିର କଲା ଭାଜପା



କୋର୍ କମିଟି ବୈଠକରେ ଉପସ୍ଥିତ ଦଳୀୟ ନେତୃବୃନ୍ଦ।

## ଭାଜପା କୋର୍ କମିଟି ବୈଠକ ଅନୁଷ୍ଠିତ

### ଆସନ୍ତା ୧୭ରୁ ଅକ୍ଟୋବର ୨ ଯାଏ ଚାଲିବ ବିଭିନ୍ନ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ଭାଜପାର କୋର୍ କମିଟି ବୈଠକ ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ରବିବାର ଅନୁଷ୍ଠିତ ହୋଇଛି। ଆସନ୍ତା ୨୦୨୪ ନିର୍ବାଚନ ରଣନୀତି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିବା ଦଳ ପକ୍ଷରୁ କୁହାଯାଇଛି। ଦଳର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କ୍ଷେତ୍ରୀୟ ପ୍ରଭାରୀ ସୁନୀଲ ବଂଶଲ, ସହପ୍ରଭାରୀ ବିଜୟ ପାଲ ସିଂ ତୋମାର, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଶ୍ୱେଶ୍ୱର ଟୁଡୁ, ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା, ଏମ୍‌ପି ଜୁଏଲ ଓରାମ, ପ୍ରତାପ ଷଡ଼ଙ୍ଗୀ, ବସନ୍ତ ପଣ୍ଡା, ରାଷ୍ଟ୍ରୀୟ ମୁଖପାତ୍ର ସମ୍ବିତ ପାତ୍ର, ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି, ପୂର୍ବତନ ବିଧାୟକ କେ.ଭି.ସିଂଦେଓ, ପୂର୍ବତନ ଉପସଭାନେତ୍ରୀ ସୁରମା ପାଢ଼ୀ, ରାଜ୍ୟ ସାଧାରଣ ସମ୍ପାଦକ(ସଙ୍ଗଠନ) ମାନସ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ତେବେ ବୈଠକ ଦିନ ପ୍ରାୟ ୧୧ଟା ୩୦ ମିନିଟ୍‌ରୁ ଆରମ୍ଭ ହୋଇ ପ୍ରାୟ ୪ଟା ୪୦ ମିନିଟ୍ ପର୍ଯ୍ୟନ୍ତ ଚାଲିଲା। ଏତେ ସମୟ କୋର୍ କମିଟି ସଦସ୍ୟମାନେ ବସିଥିବାରୁ କିଛି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥାରେ ବୋଲି ଚର୍ଚ୍ଚା ହେଉଛି। ତେବେ ବୈଠକ ସମ୍ପର୍କରେ ସୂଚନା ଦେଇ ମନମୋହନ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନରେ ଆରମ୍ଭ ହୋଇଥିବା 'ମୋ ମାଟି ମୋ ଦେଶ' କାର୍ଯ୍ୟକ୍ରମକୁ ଭାଜପା ସମ୍ପୂର୍ଣ୍ଣ ସହଯୋଗ କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ନିଜର ଜୀବନ ଓ ଯୌବନ ବଳିଦାନ ଦେଇଥିବା ପ୍ରତ୍ୟେକ ଶହୀଦଙ୍କ ଗାଁକୁ ଯାଇ ମାଟି ଆଣିବା ସହ ୭୫ଟି ଗଛ ଲଗାଯିବ। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଉପଲକ୍ଷେ ଆସନ୍ତା ୧୭ ତାରିଖରେ ବିଶ୍ୱକର୍ମା କାର୍ଯ୍ୟକ୍ରମ ଆରମ୍ଭ ହେବ। ସାରା ରାଜ୍ୟରେ ଆସନ୍ତା ୧୮ରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଦୀନଦୟାଲ ଉପାଧ୍ୟାୟଙ୍କ ଜନ୍ମଦିନ ଅବସରରେ ଆସନ୍ତା ୨୫ରୁ ଆରମ୍ଭ କରି ଅକ୍ଟୋବର ୨ ପର୍ଯ୍ୟନ୍ତ ତଳସ୍ତରର ସଙ୍ଗଠନକୁ ଶକ୍ତିଶାଳୀ କରିବା ପାଇଁ କାର୍ଯ୍ୟକ୍ରମ କରାଯିବ। ସେହିପରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ପ୍ରତି ପଞ୍ଚାୟତ ଓ ମଣ୍ଡଳରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରାଯିବ ବୋଲି ମନମୋହନ କହିଛନ୍ତି। ଲୋକ ସଭା ଓ ବିଧାନସଭା ନିର୍ବାଚନ ପାଇଁ ଦଳୀୟ ରଣନୀତି ପ୍ରସ୍ତୁତ କରାଯାଇଛି। ଗତ ୯ ବର୍ଷରେ ଓଡ଼ିଶାକୁ ୧୮ ଲକ୍ଷ ୮୩ ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ଓ ସହାୟତା ଆସିଛି। ହେଲେ ରାଜ୍ୟରେ ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ଯୋଗୁ ଏହି ଅର୍ଥ ବାଟମାରଣା ହୋଇଛି। ଏନେଇ ବିଧାନସଭା ଭିତରେ ଏବଂ ବାହାରେ ବ୍ୟାପକ ଆନ୍ଦୋଳନ କରାଯିବ। ରାଜ୍ୟ ସରକାରଙ୍କ ସ୍ଥାଣୁତା ଓ ଅପାରଗତା ବିରୋଧରେ ପଞ୍ଚାୟତସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ବ୍ୟାପକ ଆନ୍ଦୋଳନ ହେବ ବୋଲି ମନମୋହନ କହିଛନ୍ତି।

# ଓଡ଼ିଶାରେ ଲିଜ୍‌ରେ ଚାଲିଥିବା ସରକାର ଗାଦିଚ୍ୟୁତ ହେବ: ଜୟନାରାୟଣ

## ମାନସିକ ରୋଗର ଚିକିତ୍ସା ଅଧାରୁ ଛାଡ଼ି ପଳାଇଆସିଛନ୍ତି: ଶ୍ରୀମୟୀ


ଜୟନାରାୟଣ ମିଶ୍ର


ଶ୍ରୀମୟୀ ମିଶ୍ର

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

କିଛିଦିନ ହେଲା ଅସୁସ୍ଥ ଥିବା ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ସୁସ୍ଥ ହୋଇ ଫେରିଛନ୍ତି। ଭାଜପା କୋର୍ କମିଟି ବୈଠକରେ ଯୋଗଦେବା ଅବସରରେ ଜୟନାରାୟଣ ଭାଜପା ରାଜ୍ୟ କାର୍ଯ୍ୟାଳୟକୁ ଆସିଥିଲେ। ଏହି ଅବସରରେ ସେ କହିଛନ୍ତି ଯେ, ଆଗାମୀ ଦିନରେ ଲଢ଼େଇ ଜୋରଦାର୍ ହେବ। ବିଜେଡି ରାଜ୍ୟରୁ ଗାଦିଚ୍ୟୁତ ହେବ। ଓଡ଼ିଶାରେ ଲିଜ୍‌ରେ ଚାଲିଥିବା ସରକାରକୁ ଲୋକମାନେ ଗାଦିଚ୍ୟୁତ କରାଇବେ। ଅନ୍ୟାୟ, ଅତ୍ୟାଚାର ଓ ବ୍ୟଭିଚାର ସୀମା ପାର କରିଛି। ରାଜ୍ୟରେ ଭାଜପା ସରକାର କରିବ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏମାନଙ୍କୁ ଜେଲରେ ପୂରେଇବେ ବୋଲି ଜୟନାରାୟଣ କହିଛନ୍ତି।

ଜୟନାରାୟଣଙ୍କ ପ୍ରତିକ୍ରିୟାର ଜବାବରେ ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର କହିଛନ୍ତି ଯେ, ସେ ଶୁଣିଥିଲେ ଜୟନାରାୟଣ ମିଶ୍ର କୁଆଡେ ମାନସିକ ରୋଗର ଚିକିତ୍ସା ଲାଗି ଯାଇଥିଲେ। ଯାହା ଜଣାପଡୁଛି ସମ୍ପୂର୍ଣ୍ଣ ଚିକିତ୍ସା ସରିବା ପୂର୍ବରୁ ସେ ଆସିଯାଇଛନ୍ତି। ଆମର ପ୍ରାର୍ଥନା ସେ ତୁରନ୍ତ ସୁସ୍ଥ ହୁଅନ୍ତୁ। ଗଣମାଧ୍ୟମ ଏବଂ ଭାଜପା ରାଜ୍ୟ ନେତାମାନଙ୍କୁ ଅନୁରୋଧ ଜୟନାରାୟଣଙ୍କ ପୂର୍ବ ବ୍ୟବହାର ଯାହାଥିଲା ତାକୁ ମନେପକାଇ ତାଙ୍କଠାରୁ ସୁରକ୍ଷିତ ଦୂରତା ରକ୍ଷାକରନ୍ତୁ ବୋଲି ଶ୍ରୀମୟୀ କହିଛନ୍ତି।


**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY, BONAI, DIST.: SUNDARGARH**
Ph. No. 06626-244429, email: itdabni@nic.in
**Govt. of Odisha "e" Procurement Notice**
**Bid Identification No. 04/ITDA BNI of 2023-24**
No. CAD-1929
No. 920 Dt.01.09.2023

| | | | |
|---|---|---|---|
| 1 | No. of Work | : | 12 (Twelve) Nos. |
| 2 | Estimated Cost | : | Rs.17.00 lakhs to Rs.50.00 lakhs |
| 3 | Period of Completion | : | 4 (Four) Calendar Months |
| 4 | Date & time of availability of Bid documents in the portal | : | 07 September 2023 from 5 P.M. |
| 5 | Last date/time for receipt of bids in the portal | : | 16 September 2023 upto 5 P.M. |
| 6 | Date of Opening of Bids | : | 18 September 2023 at 11.00 A.M. |
| 7 | Name and address of the Officer Inviting Bid | : | Project Administrator, ITDA, Bonai |

Further details can be seen from the e-procurement portal **http://tendersodisha.gov.in**. Any Addendum/Corrigendum/Cancellation of tender can also be seen in the said website only.
**Sd./- Project Administrator**
**I.T.D.A., Bonai**
OIPR-26050/11/0008/2324

**OFFICE OF THE NOTIFIED AREA COUNCIL, BHUBAN**
No. C-1290
Tel. No.: 06769-272023, E-Mail: bhubann.hud@nic.in
**E-Procurement Notice - 02/2023-24**
Tender Call Notice No. 1308/BBN NAC Dt.01.09.2023
1. Name of the Work : 41 numbers of Civil Construction works as in the DTCN published in the website.
2. Estimated Cost : Varies from Rs.2.32 lakhs to Rs.26.50 lakhs
3. Period of Completion : One Month to Three Months
4. Date and time of availability of Bid document in the portal : From 11.00 A.M. of Dt.04.09.2023 to 5.00 P.M. of Dt.16.09.2023
5. Last date/time for receipt of Bid in the portal : 5.00 P.M. of Dt.16.09.2023
6. Last date of submission of Bid Document through Regd. Post/Speed Post : 5.00 P.M. of Dt.16.09.2023
7. Date and time of Opening of Bid : 11.00 A.M. hours of Dt.18.09.2023
8. Name and address of the Officer Inviting Bid : Executive Officer, Bhuban NAC

Further details can be seen from the e-Procurement portal **http://tenderorissa.gov.in**.
OIPR-13096/11/0004/2324 **Sd./- Executive Officer, Bhuban NAC**

**OFFICE OF THE NOTIFIED AREA COUNCIL, BARPALI**
At/P.O.: Barpali, Dist.: Bargarh, PIN - 768029
Email: barpalinac@gmail.com
Letter No. 1514 Date: 29.08.2023
**1st Corrigendum**
No. C-1294: In connection to the Bid reference Number - EOBRP/02/2023-24 Dated: 18.08.2023 & e-procurement call Notice No. 1412/Dt.18.08.2023, due to some unavoidable circumstances the schedule time period of following activities are hereby extended as given below.

| Description | Schedule Date | Extended Date |
|---|---|---|
| Last date online submission of Bid | Dt.01.09.2023 upto 5.00 P.M. | Dt.04.09.2023 upto 5.00 P.M. |
| Online Bids will be Opened on | Dt.02.09.2023 at 11.00 A.M. | Dt.05.09.2023 at 11.00 A.M. |

All other terms and conditions of DTCN remain unchanged.
**Sd./- Executive Officer, NAC, Barpali**
OIPR-13127/11/0005/2324

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**
E-mail: eemisundargarh@yahoo.co.in
**'e' Procurement Notice**
**Bid Reference No. SE MID SNG 07/2023-24**
No. A-513: Bid documents consisting names of Work, Estimated Cost, Cost of Tender Paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-Procurement portal **https://tendersodisha.gov.in**

| | | | |
|---|---|---|---|
| 1 | Name of the works | : | Civil Construction Works |
| 2 | No. of Works | : | 01 (One) No. |
| 3 | Estimated Cost | : | Rs.23.00 lakh (Approximately) |
| 4 | Period of Completion | : | 04 (Four) Calendar Months |
| 5 | Date and time of availability of bid documents in the portal | : | From Dt.15.09.2023 at 10.00 A.M. to Dt.25.09.2023 upto 5.30 P.M. |
| 6 | Last date/time of receipt of bids in the portal | : | Dt.25.09.2023 upto 5.30 P.M. |
| 7 | Date of Opening of Bid | : | Dt.26.09.2023 at 11.00 A.M. onwards |
| 8 | Name and address of the OIT | : | Superintending Engineer, Minor Irrigation Division, Sundargarh |

** Further detials can be seen from the e-Procurement market place **http://tendersodisha.gov.in**.
**Sd./- 01.09.2023**
**Superintending Engineer**
**M.I. Division, Sundargarh**
OIPR-32124/11/0007/2324

**GOVERNMENT COLLEGE OF ENGINEERING, KEONJHAR**
At: Jammalia, P.O.: Old Town, Dist.: Keonjhar, PIN - 758002
Web: www.gcekjr.ac.in, Mail Id: principal@gcekjr.ac.in
No. 1720 Date: 02.09.2023
**SPOT ADMISSION**
**FOR VACANT SEATS FOR B.TECH**
**(2nd YEAR LATERAL ENTRY) FOR THE SESSION 2023-24**
No. KK-198: In pursuance to Government of Odisha, Skill Development and Technical Education Department Letter No. SDTE-HTE-HTE-I-0003-2017/6224/SDTE, Dated: 29.08.2023 for filling up of vacant seats for 2nd year lateral Entry, Spot Counseling of GCE, Keonjhar will be conducted at the College on 07.09.2023. For details visit college website **www.gcekjr.ac.in**.
**Sd./- Principal**
**Government College of Engineering, Keonjhar**
OIPR-14088/11/0007/2324

**OFFICE OF THE ENGINEER-IN-CHIEF (CIVIL) ODISHA, BHUBANESWAR**
Ph.: 0674-2394804, e-mail: eiccivil.nirmansoudha@gmail.com
**RE-VALIDATION OF ADVERTISEMENT NO. 42025 DT.07.11.2022 FOR CONTRACTUAL RE-EMPLOYMENT OF RETIRED CIVIL ENGINEERS AS OSD**
No. E.V-II.A-1/22/34894 August 22nd 2023
**ORDER**
No. B-821: This office advertisement No. 42025 Dt.07.11.2022 inviting applications from retired Civil Engineers for engagement as OSD is hereby re-validated & the last date of submission of application is extended upto 8th September, 2023. The criteria for selection of prospective candidates will remain unchanged and can be viewed at Works Department website at **http://worksodisha.gov.in/newsevent.listing.php**.
OIPR-34117/11/0053/2324 **Sd./- Engineer-in-Chief (Civil), Odisha**

**BLOCK DEVELOPMENT OFFICER, BAMRA**
**Tender Call Notice**
**Order No. 3968, 3971, 3974 &3977 / Date. 01.09 .2023**
No.i-358:- The Block Development Officer, Bamra invites percentage rate basis tender for **1. Repair & Renovation of Mahaveer Dham, Kutarimal G.P. & 2. Construction of Grade II Metalling Road with CD work from Salpakudar to Jarabaga, Jarabaga G.P. 3. Construction of Grade II Metalling Road with CD work from Lariapali to Rengalbeda via-Junadihi 4. Improvement of Road with Culvert from RD Road Fatatanagar village, Keseibahal G.P. under Bamra Block.** The detail of bid documents **can be downloaded from district website www.Sambalpur.nic.in starts from Dt .04.09.2023 to 18.09.2023** during **office hour and receipt of bid documents starts from 04.09.2023 to 21.09.2023 upto 4.00 PM** on all working days in office of the Block Development Officer, Bamra. The bid will be opened on **dt.22.09.2023 at 11.00 A.M.** Intending Class- **'C' & 'D'** contractor may visit district website of Sambalpur **www.Sambalpur.nic.in for detail information**.
**Sd./- Block Development Officer, Bamra**
OIPR-19319/11/0002/2324

**ଭୁବନେଶ୍ୱର ମହାନଗର ନିଗମ**
Phone: 0674- 2431253, Fax: 0674-2432895
Email: info@bmc.gov.in, Web: www.bmc.gov.in
**ସଂଖ୍ୟା ୪୧୬୨୫** **ତାରିଖ ୩୧।୦୮।୨୦୨୩**
**ନୋଟିସ**
XXXXVI-RAY-37/16
No.C-1276:- ଏତଦ୍ଵାରା ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ନିମ୍ନଲିଖିତ ବସ୍ତିର ବାସିନ୍ଦାମାନଙ୍କୁ ଜଣାଇ ଦିଆଯାଉଛି କି, ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନା (PMAY)ରେ ଅନ୍ତର୍ଗତ ହେବା ନିମନ୍ତେ ହିତାଧିକାରୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ହିତାଧିକାରୀ ତାଲିକା ପ୍ରସ୍ତୁତ କରାଯାଇ BMC, website- www.bmc.gov.inରେ ପରିବାର ବିବରଣୀ ଉପଲବ୍ଧ କରାଯାଇଅଛି।

| କ୍ର. ନଂ. | ୱାର୍ଡ ନଂ. | ବସ୍ତିର ନାମ |
|---|---|---|
| ୧ | ୩୪ | ଶାନ୍ତିପଲ୍ଲୀ ବସ୍ତି |

ପ୍ରକାଶଥାଉ କି, ଏହି ତାଲିକା ନେଇ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ରହିଥାଏ, ତେବେ ସେମାନେ ଆସନ୍ତା ତା୦୭।୦୯।୨୩ରିଖ ଅପରାହ୍ନ ୫.୩୦ ଘଟିକା ସମୟ ମଧ୍ୟରେ ବି.ଏମ୍.ସି. କାର୍ଯ୍ୟାଳୟ (BMC Head Office Issue / Diary)ରେ ଦାଖଲ କରିବେ।
**ସ୍ୱା./- ଉପ ଆୟୁକ୍ତ (ହାଉସିଂ)**
**ଭୁବନେଶ୍ୱର ମହାନଗର ନିଗମ**
OIPR-13002/11/0130/2324

**GOVERNMENT OF ODISHA**
No. O-868
**OFFICE OF THE EXECUTIVE ENGINEER, RURAL WORKS DIVISION-II, DHENKANAL, KAMAKHYANAGAR**
E-Mail: rw.kamakhyanagar@yahoo.co.in
**e-Procurement Notice No. 02/Road Work/2023-24**
1. Name of the Work : Road Work
2. Total No. of Works : 1 (One) No.
3. Tender Cost : Rs.12.61 lakhs (Approx.)
4. Class of Contractor : "D" & "C" Class
5. Period of Completion : 03 Calendar Months
6. Availability of Tender Online for Bidding : 11.09.2023 at 11.00 A.M. to 18.09.2023 upto 5.00 P.M.
7. Last date & time of seeking tender clarification : 17.09.2023 upto 4.00 P.M.
8. Date & Time of opening of Bid : 21.09.2023 at 11.00 A.M.

Other details can be seen from the website **http://tendersorissa.gov.in**.
**Sd./- Executive Engineer**
**R.W. Division-II, Dhenkanal**
**Kamakhyanagar**
OIPR-25094/11/0004/2324

No.C-1274
www.watcoodisha.in
**GOVERNMENT OF ODISHA**
**WATER CORPORATION OF ODISHA**
**OFFICE OF THE GENERAL MANAGER, WATCO DIVISION, SAMBALPUR**
Phone No.: (0663)-2412135; Email ID: eephdsbp@gmail.com
**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. GMWATCOSBP-01/2023-24 Dt.25.08.2023**

| | | | |
|---|---|---|---|
| 01. | Name of the Work | : | 16 Nos. Works. |
| 02. | Type of Bid | : | Single Bid System |
| 03. | Estimated Cost | : | Rs.5.07 lakhs to Rs.48.43 lakhs |
| 04. | Period of Completion | : | 1 (One) Calendar Months. |
| 05. | Date & Time of availability of bid document in the portal | : | From 11.00 AM of dt.04.09.2023 to 5.00 PM of 14.09.2023 |
| 06. | Last date/time of receipt of bids in the portal | : | 5.00 PM of 14.09.2023 |
| 07. | Date & Time of opening of technical bids | : | At 11.30 AM of 15.09.2023 |
| 08. | Name and Address of the Officer Inviting Bid | : | General Manager, WATCO Division, Sambalpur, Brooks' Hill, Near Stadium, At/Po- Motijharan, Dist.- Sambalpur-768001 |

Further details can be seen from the website http://tenders.ori.nic.in or www.tendersorissa.gov.in
**Sd./- General Manager, WATCO Division, Sambalpur**
OIPR-13247/11/0002/2324

**GOVERNMENT OF ODISHA**
No. A-515
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
(E-mail id: cceabp@gmail.com/loabpbbsr@gmail.com)
**E-procurement Notice No. CCEABP-08 of 2023-24**

| E-Procurement Officer | Name of the work | Bid Id No. | Tender cost in Lakhs (Appx) | Bid security (online) | Cost of Bid Document (Online) | Class of contractor | Period of completion | Availability of tender online for bidding: From | Availability of tender online for bidding: To | Date of opening of technical Bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer, A.B. Project, Salapada | Excavation and Cement Concrete Lining of Baitarani Right Bank Canal (BRBC) from RD 3400 m to RD 6810 m including construction of structures and service road. | ABP-ACD-01/8 of 2023-24 | 2832.00 | 28,32,000/- | 10,000/- | Spl. & Super Class | 12 calendar months | 05.09.23 11.30 AM | 25.09.23 5.00 PM | 26.09.23 11.30 AM |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/corrigendum/cancelletion if any required will be published in Govt. website only.
OIPR-32180/11/0010/2324 **Sd./- Chief Construction Engineer, Anandapur Barrage Project, Salapada**

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE CHIEF GENERAL MANAGER (P&C)**
**IDCO, IDCO TOWERS, JANPATH, BHUBANESWAR - 751022**
No. CAD-1931
Tender Call Notice No. IDCO/H.O./P&C/EST/E-2467/01/2023/27817 Dated: 01.09.2023
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**
1. Name of the Work : Construction of SFRC/RCC Pre-Cast Compound Wall at Mouza: Bhuinpur & Golapatna Area, Begunia, Dist.: Khordha
2. Estimated Cost : Rs.309.76 lakh
3. Period of Completion : 04 (Four) Calendar Months
4. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Chief General Manager (P&C), IDCO, IDCO Tower, Bhubaneswar | Bid ID/Tender Reference No. P&C/EST/E-117/2023-24 | 12.09.2023 at 17.00 Hrs. | 27.09.2023 upto 17.00 Hrs. |

Further details can be seen from the e-Procurement Portal: **www.tendersodisha.gov.in** and Corrigendum if any will not be published in Newspapers and can be seen in e-Procurement portal **www.tendersodisha.gov.in** and **www.idco.in**.
OIPR-14003/11/0200/2324 **Sd./- Chief General Manager (P&C), IDCO, Bhubaneswar**

See Career Appointment on every Wednesday & Saturday

**ଜନ୍ମଦିନର ଶୁଭେଚ୍ଛା**

ନାମ: ......................................
ବୟସ:......................................
ଜନ୍ମ ତାରିଖ: ...............................


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇଲେ

## ଛେଳି ଚୋରି ଅଭିଯୋଗ

ରୂପ୍‌ସା,୩।୯(ବାଞ୍ଛାନିଧି ଦେ)

ଛେଳି ଚୋରି ଅଭିଯୋଗରେ ଜଣେ ଯୁବକଙ୍କୁ ଗ୍ରାମବାସୀ କାବୁ କରି ନିର୍ଧୂମ ମାଡ଼ ମାରିଲେ। ପରେ ତାଙ୍କ ବେକରେ ଜୋତାମାଳ ପିନ୍ଧାଇ ଗାଁ ଦାଣ୍ଡରେ ବୁଲାଇଲେ। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ଥାନା ଅଧୀନ ସାନଖୁଡ଼ି ଗ୍ରାମରେ। ଏହି ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ୍ ହେବା ପରେ ସବୁଠି ଚର୍ଚ୍ଚା ଜୋର୍ ଧରିଛି।

ସୂଚନା ଅନୁଯାୟୀ, ସାନଖୁଡ଼ି ଗ୍ରାମର କରୁଣାକର ଦାସ ସେହି ଗ୍ରାମର ବଂଶୀଧର ଦାସଙ୍କ ଘରୁ ଶନିବାର ଏକ ଛେଳି ଚୋରି କରି ଅନ୍ୟତ୍ର ବିକ୍ରି ପାଇଁ ଉଦ୍ୟମ କରୁଥିଲେ। ଏହି ସମୟରେ କୌଣସି ସୂତ୍ରରୁ ଖବର ପାଇ ବଂଶୀଧର ଏବଂ ତାଙ୍କ ପୁଅ ସେଠାରେ ପହଞ୍ଚି କରୁଣାକରଙ୍କୁ କାବୁ କରିଥିଲେ। ପରେ ଗାଁ ଲୋକଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଛେଳି ଚୋରି କରିଥିବା ପ୍ରମାଣିତ ହେବା ପରେ ଗ୍ରାମର ଉତ୍ତ୍ୟକ୍ତ ମହିଳାମାନେ ଏକଜୁଟ ହୋଇ କରୁଣାକରଙ୍କୁ ନିର୍ଧୂମ ମାଡ଼ ମାରିବା ସହ ତାଙ୍କ ବେକରେ ଜୋତାମାଳ ପିନ୍ଧାଇ ଗାଁଯାକ ବୁଲାଇବା ପରେ ଥାନାରେ ଜିମା ଦେଇଥିଲେ। ଅଭିଯୋଗକୁ ଭିତ୍ତି କରି ବସ୍ତା ଥାନା ପୋଲିସ ଏକ ମାମଲା (ନଂ.୨୫୭/୨୩) ରୁଜୁ କରି ଅଭିଯୁକ୍ତ କରୁଣାକରଙ୍କୁ କୋର୍ଟଚାଲାଣ କରିଛି।


କରୁଣାକର ଦାସଙ୍କ ବେକରେ ପଡ଼ିଥିବା ଜୋତାମାଳ।

# ଗୋରୁଙ୍କୁ ଓହ୍ଲାଇ ୨ ଗାଡ଼ି ପୋଡ଼ିଦେଲେ


ପୋଡ଼ି ଯାଇଥିବା ପିକ୍‌ଅପ୍ ଭ୍ୟାନ୍।

ଭୋଗରାଇ,୩।୯(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ବାଲିଆପାଳ-କମର୍ଦ୍ଦା ରାସ୍ତାର ଉଲୁଡ଼ା ତାରିଣୀ ଛକଠାରେ ବେଆଇନ ଚାନ୍ଦା ଆଦାୟକାରୀମାନେ ଗୋରୁ ନେଇ ଯାଉଥିବା ୨ଟି ଗାଡ଼ିକୁ ପୋଡ଼ି ଦେଇଛନ୍ତି। ଏନେଇ ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାରୁ ଶାନ୍ତି ଶୃଙ୍ଖଳା ପାଇଁ ଏକ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି।

ସୂଚନା ଅନୁଯାୟୀ, ରବିବାର ୩ଟି ପିକ୍‌ଅପ୍ ଭ୍ୟାନରେ ୯୦ ଗୋରୁ ବୋଝେଇ ହୋଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ଉଲୁଡ଼ା ତାରିଣୀ ଛକଠାରେ କେତେଜଣ ଯୁବକ ଗାଡ଼ି ଅଟକାଇ ଚାନ୍ଦା ଜୁଲୁମ କରିଥିଲେ। ଆବଶ୍ୟକ ଅନୁଯାୟୀ ଚାନ୍ଦା ନ ଦେବାରୁ ଗୋ ଚାଲାଣକାରୀ ଓ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ସୂତ୍ରପାତ ହୋଇ ଉଗ୍ରରୂପ ଧାରଣ କରିଥିଲା। ଚାନ୍ଦା ଆଦାୟକାରୀମାନେ ସମସ୍ତ ଗୋରୁଙ୍କୁ ଗାଡ଼ିରୁ ବାହାରକରି ଆଣିବା ସହିତ ଡ୍ରାଇଭର ଓ ଖଲାସିଙ୍କୁ ମାଡ଼ ମାରିଥିଲେ। ପରେ ୨ଟି ଗାଡ଼ିରେ ପେଟ୍ରୋଲ ପକାଇ ନିଆଁ ଲଗାଇ ଦେଇଥିଲେ। ଅନ୍ୟ ଏକ ପିକ୍‌ଅପ୍ ଭ୍ୟାନ୍‌କୁ ଭାଙ୍ଗି ଚୂରମାର କରିଥିଲେ। ଖବର ପାଇ କମର୍ଦ୍ଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ଉଲ୍ଲେଖଯୋଗ୍ୟ, ଦଲାଲଙ୍କ ସହାୟତାରେ ଭଦ୍ରକରୁ ପ୍ରତିଦିନ ପଶ୍ଚିମବଙ୍ଗକୁ ଗୋଚାଲାଣ ହେଉଥିବା ଅଭିଯୋଗ ହେଉଛି। ଜାତୀୟ ରାଜପଥ ଜଳେଶ୍ୱରରେ ପୋଲିସ ପକ୍ଷରୁ ଧରପଗଡ଼ ହେଉଥିବା ବେଳେ ଦଲାଲମାନେ ଗଳାବାଟ ଦେଇ ଗୋ ଚାଲାଣ କରୁଛନ୍ତି। ଏହି ରାସ୍ତା ଦେଇ ଗଲା ବେଳେ ସ୍ଥାନୀୟ ଲୋକେ ଚାନ୍ଦା ମାଗୁଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବା ନଜର ରହିଛି।

# ୫ରେ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ

ଭୁବନେଶ୍ୱର, ୩।୯(ସୁନିତ୍ ମିଶ୍ର)

ରାଜ୍ୟ ସରକାରଙ୍କ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକ ଆସନ୍ତା ମଙ୍ଗଳବାର ଅନୁଷ୍ଠିତ ହେବ। ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ଲୋକସେବା ଭବନ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଏହି ବୈଠକ ବସିବ। ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅତିରିକ୍ତ ସଚିବ ଗଣେଶ ଚନ୍ଦ୍ର ପାତ୍ର ଗତ ୧ ତାରିଖରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବଙ୍କୁ ଜଣାଇଛନ୍ତି। ତେବେ ଆଗକୁ ବିଧାନସଭା ଅଧିବେଶନ ଆସୁଥିବାରୁ ଏହି ବୈଠକ ବହୁତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟରେ ବିଭିନ୍ନ ସଙ୍ଗଠନ ପକ୍ଷରୁ ନାନା ସମୟରେ ସରକାରଙ୍କ ନିକଟରେ ଅନେକ ଦାବି ଉପସ୍ଥାପନା କରି ଆନ୍ଦୋଳନ ଜାରି ରହିଛି। ତେଣୁ ସାଧାରଣ ନିର୍ବାଚନକୁ କମ୍ ସମୟ ଥିବାବେଳେ ଏହା ପୂର୍ବରୁ ଆନ୍ଦୋଳନ ଡାକରା ଦେଉଥିବା ସଙ୍ଗଠନଗୁଡ଼ିକ ସହିତ ଆଲୋଚନା କରି ସେମାନଙ୍କ ସମସ୍ୟା ସମାଧାନ ଦିଗରେ ଏହି ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଆଲୋଚନା ହୋଇପାରେ ବୋଲି ଅନୁମାନ କରାଯାଉଛି।

# ଗୁରୁଦିବସରେ କଳାପଟି ପିନ୍ଧିବେ ଗୁରୁ

ଭୁବନେଶ୍ୱର, ୩।୯(ଅସମାପିକା ସାହୁ)

ରାଜ୍ୟରେ ପୁଣି ଶିକ୍ଷାଦାନ ବାଧାପ୍ରାପ୍ତ ହୋଇପାରେ। କାରଣ ବିଭିନ୍ନ ଦାବି ନେଇ ପୁଣି ଆନ୍ଦୋଳନକୁ ଓହ୍ଲାଇବେ ଶିକ୍ଷକ। ଗୁରୁଦିବସରେ ଶିକ୍ଷକମାନେ କଳାପଟି ପିନ୍ଧି ଗୁରୁଦିବସକୁ ମର୍ଯ୍ୟାଦା ଦିବସ ଭାବେ ପାଳନ କରିବେ ବୋଲି ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ପକ୍ଷରୁ ଚେତାବନୀ ଦିଆଯାଇଛି। ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସଂଘର ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ କହିଛନ୍ତି, ଗତ ମାସ ୧୬ ରୁ ୧୮ ତାରିଖ ତିନିଦିନ ଧରି ଅହୋରାତ୍ର ଧାରଣା ପରେ ୮ଦିନ ମଧ୍ୟରେ ଆନ୍ତଃ ମନ୍ତ୍ରୀସ୍ତରୀୟ ବୈଠକ ବସି ସମସ୍ୟାର ସମାଧାନ କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଥିଲା। ସଂଗଠନ ଏଥିରେ ଏକମତ ହୋଇ ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଥିଲା। ଏପରିକି ସରକାର ଯଦି କାଳକ୍ଷେପଣ ନୀତି ଧରନ୍ତି ତେବେ ଗୁରୁ ଦିବସଠାରୁ ପୁଣି ଆନ୍ଦୋଳନ ଆରମ୍ଭ ହେବ ବୋଲି ସଂଘ ଚେତାଇ ଦେଇଥିଲା। ଏବେ ତାହା ହିଁ ହେଲା। ୮ଦିନ ଯାଇ ୧୮ଦିନ ବିତିଥିଲେ ମଧ୍ୟ ସରକାର ଚୁପ୍ ବସିଛନ୍ତି। ଏପଟେ ଆଗୁଆ ନିର୍ବାଚନ କରିବାକୁ ସରକାର ସଜବାଜ ହେଲେଣି। ମନେ ହେଉଛି ସରକାର ଠକିବା ମତଲବରେ ଅଛନ୍ତି। ଏହାକୁ ଶିକ୍ଷକମାନେ ବରଦାସ୍ତ କରିବେ ନାହିଁ। ୨୫ବର୍ଷରୁ ଊର୍ଦ୍ଧ୍ୱ ବିନା ଦରମାରେ ଶିକ୍ଷାଦାନ କରି ସାରିବା ପରେ ସହିବାର ସମସ୍ତ ସୀମା ଅତିକ୍ରମ କରିଗଲାଣି। ୨,୬୦୮ ଉଚ୍ଚ ବିଦ୍ୟାଳୟରେ କାର୍ଯ୍ୟରତ ୩୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଶିକ୍ଷା କର୍ମଚାରୀଙ୍କୁ ସରକାର ବାରମ୍ବାର ପ୍ରତାରିତ କରି ଚାଲିଛନ୍ତି। ଦାବି ପୂରଣ କରିବା ଦିଗରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବାରୁ ସଂଘ ବାଧ୍ୟହୋଇ ଗୁରୁ ଦିବସରେ କଳାପଟି ପିନ୍ଧି ନୀରବ ପଦୁଆର କରିବାକୁ ନିଷ୍ପତ୍ତି ନେଇଛି। ସାରା ରାଜ୍ୟରୁ ୩୦ହଜାରରୁ ଊର୍ଦ୍ଧ୍ୱ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଭୁବନେଶ୍ୱର ଗାନ୍ଧୀମାର୍ଗରେ ସମବେତ ହୋଇ ଦିନଟିକୁ ମର୍ଯ୍ୟାଦା ଦିବସ ରୂପେ ପାଳନ କରିବେ। ଏହା ସତ୍ତ୍ୱେ ଯଦି ସରକାର ଏହାକୁ ହେୟ ମନେ କରନ୍ତି ତେବେ ବିଧାନସଭା ଆରମ୍ଭ ହେବା ଦିନ ଆଉ ଏକ 'ବିକଳ୍ପ ଖୋଲା ବିଧାନସଭା' ଗାନ୍ଧୀମାର୍ଗରେ ଅନୁଷ୍ଠିତ ହେବ। ଲକ୍ଷାଧିକ ଶିକ୍ଷକ, ପୁରାତନ ଛାତ୍ର, ଅଭିଭାବକ, ପରିଚାଳନା କମିଟିର ସଭ୍ୟ, ଆଲୁମିନି କମିଟି ଏଥିରେ ଯୋଗଦେବେ। ଏହି ଖୋଲା ବିଧାନସଭାକୁ ଶିକ୍ଷାବିତ୍, ବୁଦ୍ଧିଜୀବୀ, ପତ୍ରକାର ଓ ବିଭିନ୍ନ ଗଣସଂଗଠନକୁ ଆମନ୍ତ୍ରଣ କରାଯିବ। ସରକାର ଯେତେଦିନ ବିଧାନସଭା ଚଳାଇବେ ରାଜରାସ୍ତାରେ ସେତେଦିନ ଏହି 'ବିକଳ୍ପ ବିଧାନସଭା' ଚାଲିବ ବୋଲି ସଂଘ ପକ୍ଷରୁ ଏହା କୁହାଯାଇଛି। ଏହି ସମ୍ମିଳନୀରେ ସଂଘ ସଭାପତି ଅକ୍ଷୟ କୁମାର ମିଶ୍ର, କାର୍ଯ୍ୟକାରୀ ସଭାପତି ନୀଳମଣୀ ପୁରୋହିତ, ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସରକାରଙ୍କୁ କଡ଼ା ଚେତାବନୀ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଓଷ୍ଟାର କର୍ମକର୍ତ୍ତାମାନେ ଆନ୍ଦୋଳନ ସମ୍ପର୍କରେ ସୂଚନା ଦେଉଛନ୍ତି।

# ନଦୀରେ ନାବାଳିକା ଭାସିଗଲେ

## ଖୁଦୁରୁକୁଣୀ ଓଷା କାଳ ହେଲା

ପାରାଦୀପ,୩।୯(ଶରତ ରାଉତ)

ପାରାଦୀପ,୩।୯(ଶରତ ରାଉତ) ଜଗତ୍‌ସିଂହପୁର ଜିଲା ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ବୃନ୍ଦାବନ କଲୋନୀ ମୁଣ୍ଡାପଡା ବସ୍ତିରେ ରବିବାର ସକାଳେ ଏକ ଅଘଟଣ ଘଟିଛି। ଏନ୍‌ଏସି ବାଳିକା ବିଦ୍ୟାଳୟରେ ୯ମ ଶ୍ରେଣୀରେ ଜଣେ ନାବାଳିକା ଖୁଦୁରୁକୁଣୀ ଓଷାରେ ନିକଟସ୍ଥ କଂସାରୀପାଟିଆ ମହ୍ୟଡିଆ ନଦୀରେ ଭାସି ଯାଇଛନ୍ତି। ସେ ହେଲେ ମୁଣ୍ଡାପଡା ବସ୍ତିର ସଞ୍ଜୟ ମଲ୍ଲିକଙ୍କ ଝିଅ ଆରତି(୧୪)। ଖବରପାଇ ପାରାଦୀପ ବନ୍ଦର ସିଆଇଏସ୍‌ଏଫ୍ ଅଗ୍ନିଶମ ବିଭାଗ, ଏନ୍‌ଡିଆର୍‌ଏଫ୍ ଓ ସ୍ଥାନୀୟ ଲୋକମାନେ ନଦୀରେ ଖୋଜାଖୋଜି କରିଥିଲେ, ମାତ୍ର ରିପୋର୍ଟ ଲେଖା ପର୍ଯ୍ୟନ୍ତ ତାଙ୍କର କୌଣସି ପତ୍ତା ମିଳିନାହିଁ। ୪ ସାଙ୍ଗଙ୍କ ସହ ଆରତି ସକାଳେ ନଦୀକୁ ଗାଧୋଇବାକୁ ଯାଇଥିଲେ। ସେଠାରୁ ଖୁଦୁରୁକୁଣୀ ପୂଜା ନିମନ୍ତେ ନଦୀରୁ ବାଲୁକା ସ୍ଥାପନା ପାଇଁ ମାଟି ସଂଗ୍ରହ କରୁଥିଲେ। ମାତ୍ର ସାମାନ୍ୟ ଅସାବଧାନତା ଯୋଗୁ ଆରତି ନଦୀରେ ଭାସି ଯାଇଥିଲେ। ପାଖରେ ଥିବା ଆରତିଙ୍କ ବଡ଼ ମା'ନମିତା ମଲ୍ଲିକ ତାଙ୍କୁ ଉଦ୍ଧାର ପାଇଁ ନଦୀକୁ ପଶିଥିଲେ ହେଁ ସେ ମଧ୍ୟ ପାଣିସ୍ରୋତରେ ଭାସି ଯାଇଥିଲେ। ଏହି ସମୟରେ ନିକଟରେ ଥିବା ୨ ଜଣ ପିଲା ନମିତାଙ୍କୁ ଉଦ୍ଧାର କରିଥିଲେ। ମାତ୍ର ଆରତି ନିଖୋଜ ହୋଇଯାଇଥିଲେ। ସୂଚନାଯୋଗ୍ୟ, ଯେଉଁ ସ୍ଥାନରେ ନାବାଳିକା ଜଣକ ବୁଡ଼ିଯାଇଛନ୍ତି ସେଠାରେ ଏକ ଠିକାସଂସ୍ଥା ଓଭରବ୍ରିଜ କାମ କରୁଛି। ନଦୀର ଏକ ତୃତୀୟାଂଶ ବନ୍ଧ କରାଯାଇଥିବାରୁ ଅଳ୍ପ ଜାଗାରେ ପାଣି ସମୁଦ୍ରକୁ ଯାତାୟାତ କରୁଛି। ସେଠାରେ ପାଣିରସ୍ରୋତ ଅଧିକ ରହୁଛି।

**5TH BIRTHDAY WISH**


(Omm)
SREHANSU SAHOO
Ratilo, Nimapada, puri
Best wishes from Baba, Mama and Friends.
Many many happy returns of the day. God Bless You.
D-74578

# ଥାନାରେ ଏତଲା ପରେ ପାରାଦୀପ ବିଧାୟକଙ୍କ ଅଡୁଆ ବଢ଼ିଲା

## ମହିଳାଙ୍କୁ ଦୁର୍ବ୍ୟବହାର ଅଭିଯୋଗ

କୁଜଙ୍ଗ,୩।୯(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଗୋଇ ଗ୍ରାମର ବଟମହାପୁରୁଷ ପୀଠରେ ମହିଳାଙ୍କୁ ଦୁର୍ବ୍ୟବହାର ଘଟଣାରେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କ ଅଡୁଆ ବଢ଼ିଛି। ତାଙ୍କ ବିରୋଧରେ ରବିବାର ସମ୍ପୃକ୍ତା ମହିଳା କାଞ୍ଚନବାଳା ସ୍ୱାଇଁ ଓ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ପୃଥକ୍ ଭାବେ ଥାନାରେ ଏତଲା ଦିଆଯାଇଛି। ବଟମହାପୁରୁଷ ପୀଠର ଉନ୍ନତୀକରଣ ନିମନ୍ତେ ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ଗତ ୧ ତାରିଖରେ ଶିଳାନ୍ୟାସ କରିବାକୁ ଯାଇଥିଲେ। ଏହି ଅବସରରେ ଉକ୍ତ ଗ୍ରାମର କାଞ୍ଚନବାଳା ସ୍ୱାଇଁ ୫ବର୍ଷ ପର୍ଯ୍ୟନ୍ତ କୁଆଡେ ଯାଇଥିଲ ବୋଲି ବିଧାୟକ ରାଉତରାୟଙ୍କୁ ପଚାରିବା ସହ ମଠକୁ ଆସିଥିବା ୧୭ ଲକ୍ଷ ଟଙ୍କାର ସୁବିନିଯୋଗ କରିବାକୁ କହିଥିଲେ। ଏହାର ଉନ୍ନତୀକରଣ କାର୍ଯ୍ୟ ଠିକାଦାରଙ୍କ ବଦଳରେ ମଠ କମିଟି ଦ୍ୱାରା କରିବାକୁ ଦାବି କରିଥିଲେ। ଏଥିରେ ବିଧାୟକ ଉତ୍‌କ୍ଷିପ୍ତ ହୋଇ 'ମଠ କ'ଣ ତୋ ବୋପା ସମ୍ପତ୍ତି' ବୋଲି କହିଥିଲେ। ଏନେଇ କାଞ୍ଚନ ଥାନାରେ ଅଭିଯୋଗ କରି ବିଧାୟକ ତାଙ୍କ ସହ ଦୁର୍ବ୍ୟବହାର କରିଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅପରପକ୍ଷେ ଭାଜପା ମହିଳା ମୋର୍ଚ୍ଚା ପକ୍ଷରୁ ଜିଲା ଉପସଭାନେତ୍ରୀ ଦୀପ୍ତିମୟୀ ବସ୍ତିଆ, ବୀଣାପାଣି ସାମଲ, ମାନିନୀ ବରାଳ, ପୁଷ୍ପଲତା ତରାଇ ପ୍ରମୁଖ ଶତାଧିକ କର୍ମୀ ଏକତ୍ର ହୋଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ କାର୍ଯ୍ୟାନୁଷ୍ଠାନ ବେଳେ ଟାଳଟୁଳ ନୀତି ଅବଲମ୍ବନ କଲେ ବାଧ୍ୟହୋଇ ସେମାନେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# ବଜ୍ରପାତରେ ଠିକାଶ୍ରମିକ ମୃତ

ପାରାଦୀପ, ୩।୯(ଶରତ ରାଉତ)

ପାରାଦୀପ ଲକ୍ ଥାନା ଅନ୍ତର୍ଗତ ନିମିଡ଼ି ଗ୍ରାମରେ ରବିବାର ମଧ୍ୟାହ୍ନରେ ବଜ୍ରପାତ ଯୋଗୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମହେନ୍ଦ୍ର କୁମାର ଚୌଧୁରୀ (୨୭)। ତାଙ୍କ ଘର ଝାଡ଼ଖଣ୍ଡ ଗରହ୍ୱା ଥାନା ଅନ୍ତର୍ଗତ ଆଦର ଗ୍ରାମରେ। ସେ ତୈଳ ବିଶୋଧନାଗାର ପରିସରରେ ଥିବା ଏକ ଠିକାସଂସ୍ଥାରେ ଶ୍ରମିକ ଭାବେ କାମ କରୁଥିଲେ। ନିମିଡ଼ି ଗ୍ରାମରେ ଭଡ଼ାରେ ରହୁଥିଲେ। ରବିବାର ଛୁଟିଦିନ ଥିବାରୁ ଘରେ ଥିଲେ। ମଧ୍ୟାହ୍ନ ସମୟରେ ଘର ବାହାରେ ଗାଧୋଉଥିବା ବେଳେ ବଜ୍ରପାତ ହୋଇଥିଲା। ସେଠାରେ ସେ ଟଳି ପଡିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ନେଇ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ମହେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏବେ ମୃତଦେହ ହସ୍ପିଟାଲରେ ସଂରକ୍ଷିତ ରଖାଯାଇଛି। ମୃତକଙ୍କ ପରିବାର ଲୋକେ ପହଞ୍ଚିବା ପରେ ଏହା ବ୍ୟବଚ୍ଛେଦ କରାଯିବ ବୋଲି ଲକ୍ ଥାନା ପୋଲିସ ସୂଚନା ଦେଇଛି।

**Classified Everyday**
**0674-2580101, 2549949**


REAL ESTATE
**SALE**

ଭୁବନେଶ୍ୱର ପାହାଳ NH ପାଖରେ developed yellowzone plot boundary, road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 6370354458. D-75207

3BHK Semi furnished flat sale at Jharpada, Bhubaneswar 80' feet road side. Contact: 9437307086. D-1184

New Cancer Hospital ନାଇଜର, ଜଟଣୀ yellow zone BDA ୨୦୦ ଫୁଟ ରାସ୍ତାକୁ ଲାଗି ବର୍ଗଫୁଟ ୩୦୦-୮୦୦ରେ ଜାଗା ବିକ୍ରି ହେଉଛି। 7008323065. D-75146

ନଖରା ତ୍ରିନାଥବଜାର ମହୀଧରପଡ଼ା ପାଖରେ SC plot 7400sqft 11,00,000/-(outright) 7978663279. D-75208

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।




Spa Kerala body Massage only best Therapist @699/- Bhubaneswar. 9337672475. D-1199

Asribada Panchakarma herbal SPA Kesharimall, Bhubaneswar. Contact: 8926173473. D-75030

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**Relax, Refresh your body, Mind at Saikrupa Spa with best therapies. 8984068077.** D-1190

Reduce stress through professional massage, SPA Station, Krishna Plaza, Nayapalli. Contact: 8118079281. D-74579

**Newly open spa positively health benefits with expert therapist. 9938843929.** D-75145

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି


ଏସୁନୀଲ ଚନ୍ଦ୍ର ଦାସ
ଅଠାନ୍ତର, ବାଲିପାଟଣା, ଖୋର୍ଦ୍ଧା
ଆବିର୍ଭାବ: ୧୬।୦୯।୧୯୪୫
ତିରୋଧାନ: ୨୫।୦୮।୨୦୨୩
ଆପଣ ଥିଲେ ଆମର ପଥ ପ୍ରଦର୍ଶକ। ଆପଣଙ୍କ ନିଷ୍ଠାପର କର୍ମ, ସ୍ପଷ୍ଟବାଦିତା ଆପଣଙ୍କୁ ସର୍ବଦା ଅମର କରି ରଖିବା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ।
ଶୋକସନ୍ତପ୍ତ: ଭ୍ରାତା, ପୁତ୍ର ଓ ପୁତ୍ରବଧୂ, କନ୍ୟା ଓ ଜାମାତା, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୭୫୦୩୪

# ବୀର ବୈଷ୍ଣବଙ୍କ ଘରୁ କଲେ ମାଟି ସଂଗ୍ରହ


ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ ଅବସରରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ।

## ଢେଙ୍କାନାଳରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ

ଢେଙ୍କାନାଳ,୩।୯(ରତନ ନାୟାର)

ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ ଅବସରରେ ଭାରତ ସରକାରଙ୍କ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ରବିବାର ସନ୍ଧ୍ୟାରେ ଢେଙ୍କାନାଳ ଗସ୍ତରେ ଆସି ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରମୁଖ କର୍ଣ୍ଣଧାର ତଥା ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବୀର ବୈଷ୍ଣବ ପଟ୍ଟନାୟକଙ୍କ ବାସଭବନରୁ ଅମୃତ କଳସରେ ପବିତ୍ର ମାଟି ସଂଗ୍ରହ କରିଛନ୍ତି। ଏହାପରେ ଉକ୍ତ ଅମୃତ କଳସକୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରାରେ ବାଜିରାଉ ଛକ ଯାଏ ନିଆଯାଇଥିଲା। ସେଠାରେ ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଅବସରରେ ଆୟୋଜିତ ଏକ ସଭାରେ କେନ୍ଦ୍ରମନ୍ତ୍ରୀ ବୀର ବୈଷ୍ଣବ ପଟ୍ଟନାୟକ ଓ ଶହୀଦ ବାଜି ରାଉତଙ୍କ ଉଦ୍ଦେଶ୍ୟରେ ପ୍ରଣାମ କରି, ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବୀର ବୈଷ୍ଣବ ପଟ୍ଟନାୟକଙ୍କ ଦୁଇପୁତ୍ର ମନୋରଞ୍ଜନ ପଟ୍ଟନାୟକ ଓ ଚିତ୍ତରଞ୍ଜନ ପଟ୍ଟନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମା' ବ୍ରହ୍ମାଣୟଣୀ ଦେବୀଙ୍କୁ ଦର୍ଶନ କରିବା ସହ ଜିଲାର ୪ଟି ବିଧାନସଭା କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ୮ଟି ଅମୃତ କଳସ ରଥକୁ ତ୍ରିରଙ୍ଗା ପତାକା ଦେଖାଇ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନରେଶଚନ୍ଦ୍ର ମହାପାତ୍ର, ଭାଜପା ନେତା ଦିଲେଶ୍ୱର ପ୍ରଧାନ, ରୁଦ୍ର ନାରାୟଣ ପାଣି, ସିମାଞ୍ଚଳ ଖଟେଇ, ପ୍ରେମାନନ୍ଦ ଜେନା, ଧୀରେନ ସେନାପତି, କୃଷ୍ଣଚନ୍ଦ୍ର ପାତ୍ର, ଅଞ୍ଜଳି ବେହେରା, ବିଭୂତି ପ୍ରଧାନ, କାଳନ୍ଦୀ ସାମଲ, ଅଶୋକ ମହାନ୍ତି, ଶତ୍ରୁଘ୍ନ ଜେନା, ଦିଲୀପ ପ୍ରଧାନ, ନିରଜ ନଳିନୀ ମହାଲିକ୍, ପ୍ରତିମା ମିଶ୍ର, ଅମୃତ ରଞ୍ଜନ ସ୍ୱାଇଁ, ଭକ୍ତ ବସଳ ବସ୍ତିଆ, ରାମଚନ୍ଦ୍ର ପାତ୍ର, ସୁନୀଲ ଶର୍ମା, ନବକିଶୋର ଗୁରୁ, ମାତୃପ୍ରସାଦ ନନ୍ଦ, ବିଷ୍ଣୁ ପ୍ରସାଦ ଲେଙ୍କା, ରାସ ବିହାରୀ ବେହେରା ଓ ରତିକାନ୍ତ ସାହୁଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

# ଭାରତର ସୌର ଅଭିଯାନ



ଇଂ. ମାୟାଧର ସ୍ୱାଇଁ

"ସୂର୍ଯ୍ୟକୁ ଅଧ୍ୟୟନ କରିବା ହେଉଛି ଏହି ଅଭିଯାନର ଉଦ୍ଦେଶ୍ୟ। ସୂର୍ଯ୍ୟର କେତେକ ରହସ୍ୟ ଏପର୍ଯ୍ୟନ୍ତ ଆମକୁ ଜଣାନାହିଁ। ଉଦାହରଣ ସ୍ୱରୂପ ସୂର୍ଯ୍ୟ ପୃଷ୍ଠର ତାପମାତ୍ରା ହେଉଛି ୫୫୦୦ ଡିଗ୍ରୀ ସେଲସିୟସ ଏବଂ ଏହାର ବାହାର କୋରୋନା (କୀରଟି ମଣ୍ଡଳ)ର ତାପମାତ୍ରା ହେଉଛି ୧୦ ଲକ୍ଷ ଡିଗ୍ରୀ ସେଲସିୟସ। କମ୍ ତାପମାତ୍ରା ଅଞ୍ଚଳରୁ ଅଧିକ ତାପମାତ୍ରା ଅଞ୍ଚଳକୁ ଶକ୍ତି ପ୍ରବାହ ହେଉଛି ପଦାର୍ଥ ବିଜ୍ଞାନର ପରିପନ୍ଥୀ। କିନ୍ତୁ ସୂର୍ଯ୍ୟ ଦେହରେ ତାହା ଘଟୁଛି। ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ସୂର୍ଯ୍ୟ ଦେହରେ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଯୋଗୁ ଏହା ହେଉଛି। ଆଦିତ୍ୟ ଏଲ୍-୧ ପ୍ରଥମରୁ ଏହାକୁ ବିଶଦ ଭାବରେ ଅଧ୍ୟୟନ କରିବ।"

ଭାରତ ଚନ୍ଦ୍ରପୃଷ୍ଠରେ ସଫଳ ଭାବରେ 'ଚନ୍ଦ୍ରୟାନ-୩'ର ଲ୍ୟାଣ୍ଡରକୁ ଅବତରଣ କରାଇ ଇତିହାସ ସୃଷ୍ଟି କରିଛି। ଚନ୍ଦ୍ରର ଦକ୍ଷିଣ ମେରୁରେ ଅନ୍ୟ କୌଣସି ଦେଶର ଯାନ ଅବତରଣ କରି ନ ଥିଲା। ଏହାର ରୋଭର ଚନ୍ଦ୍ର ମୃତ୍ତିକାରେ ଗନ୍ଧକ, ଆଲୁମିନିୟମ, କ୍ୟାଲସିୟମ, ଟାଇଟାନିୟମ, ଅମ୍ଳଜାନ ଆଦିକୁ ଚିହ୍ନଟ କରିଛି। ଏହି ସଫଳତା ପରେ ଇସ୍ରୋ ସେପ୍ଟେମ୍ବର ୨ ତାରିଖରେ ସୂର୍ଯ୍ୟ ଅଧ୍ୟୟନ ପାଇଁ ଏକ ମହାକାଶ ଯାନ ପଠାଇଛି।

**ମହାକାଶ ଯାନ:** ଏହି ମହାକାଶ ଯାନଟିର ନାମ ହେଉଛି 'ଆଦିତ୍ୟ ଏଲ୍-୧' ସଂସ୍କୃତରେ ସୂର୍ଯ୍ୟର ନାମ ହେଉଛି ଆଦିତ୍ୟ ଏବଂ ଏହି ଯାନ ମହାକାଶର ଏଲ-୧ ବିନ୍ଦୁରେ ଅବସ୍ଥାପିତ ହେବ। ଏଣୁ ଏହାର ନାମ 'ଆଦିତ୍ୟ-୧' ରଖାଯାଇଛି। ଉତ୍କ୍ଷେପଣ ସମୟରେ ଏହାର ଓଜନ ହେଉଛି ୧୪୭୫ କିଗ୍ରା ଏବଂ ଏଥିରେ ଥିବା ପେଲୋଡ ଓଜନ ହେଉଛି ୨୪୪ କିଗ୍ରା।

**ଉତ୍କ୍ଷେପଣ:** 'ଆଦିତ୍ୟ ଏଲ୍-୧' ଯାନକୁ ଚଳିତ ମାସ ୨ ତାରିଖରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ପିଏସ୍ଏଲ୍ଭି-ଏକ୍ସଏଲ ରକେଟ୍ ସାହାଯ୍ୟରେ ଉତ୍କ୍ଷେପଣ କରାଯାଇଛି। ଆରମ୍ଭରେ ଏହା ପୃଥିବୀର ନିମ୍ନ କକ୍ଷରେ ଅବସ୍ଥାପିତ ହେବ ଏବଂ ପରେ ଏହାର କକ୍ଷକୁ ଅଧିକ ଇଲିପ୍ଟିକାଲ୍ କରାଯିବ ଏବଂ ତା'ପରେ ଏହା ଏଲ୍-୧ ବିନ୍ଦୁ ଆଡ଼କୁ ଯାଇ ସେଠାରେ ପହଞ୍ଚିବା ପାଇଁ ୧୨୫ ଦିନ ଲାଗିବ। ଏହା ସେଠାରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବା ପାଇଁ ଡିଜାଇନ୍ କରାଯାଇଛି।



**ଏଲ୍-୧ ବିନ୍ଦୁ :** ମହାକାଶରେ ଲାଗ୍ରାଞ୍ଜେ ବିନ୍ଦୁ ହେଉଛି ଗୋଟିଏ ସ୍ଥାନ ଯେଉଁଠାରେ କୌଣସି ଯାନ ଯାଇ ରହିଲେ ତାହା ଉପରେ ସୂର୍ଯ୍ୟ ଓ ପୃଥିବୀର ମାଧ୍ୟାକର୍ଷଣ ବଳ ସମାନ ଏବଂ ବିପରୀତ ଦିଗରେ ଅନୁଭୂତ ହେବ। ଏହାର ଅର୍ଥ ହେଉଛି ଯେ, ଏହି ସ୍ଥାନରେ କୌଣସି ଯାନ ରହିଲେ ଏହା ସର୍ବଦା ସମାନ ଆପେକ୍ଷିକ ସ୍ଥିତିରେ ରହିବ ଏବଂ ସେମାନଙ୍କ ସହ ଗତି କରିବ। ଏଣୁ ଯାନକୁ ନିଜ ସ୍ଥାନରେ ରହିବା ପାଇଁ କମ୍ ଇନ୍ଧନ ଆବଶ୍ୟକ ହେବ।

ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ଏହିପରି ପାଞ୍ଚଟି ସ୍ଥାନ ଅଛି। ଏଗୁଡ଼ିକୁ ପ୍ରଥମେ ଇଟାଲୀ ଗଣିତଜ୍ଞ ଜୋସେଫ ଲୁଇସ୍ ଲାଗ୍ରାଞ୍ଜେ ଗଣନା କରିଥିବାରୁ ତାଙ୍କ ନାମାନୁସାରେ ଏଗୁଡ଼ିକୁ 'ଲାଗ୍ରାଞ୍ଜେ ବିନ୍ଦୁ' କୁହାଯାଇଛି। ଏଗୁଡ଼ିକ ହେଉଛି- ଏଲ୍-୧, ଏଲ୍-୨, ଏଲ୍-୩, ଏଲ୍-୪, ଏବଂ ଏଲ୍-୫। ଯୁକ୍ତରାଷ୍ଟ୍ର ଆମେରିକା ଓ ୟୁରୋପୀୟ ମହାକାଶ ସଂଘ ମିଳିତ ଭାବରେ ୧୯୯୫ ମସିହାରେ ପଠାଇଥିବା ସୋହୋ ଯାନ ଏଲ୍-୧ ବିନ୍ଦୁରେ ଏବଂ ଆମେରିକା ୨୦୨୧ରେ ପଠାଇଥିବା ଜେମ୍ସ ୱେବ୍ ମହାକାଶ ଦୂରବୀକ୍ଷଣ ଯନ୍ତ୍ର ଏଲ୍-୨ ବିନ୍ଦୁରେ ଅବସ୍ଥାପିତ ହୋଇଛି। ଏଲ୍-୧ ବିନ୍ଦୁରେ ଆଦିତ୍ୟ କାର୍ଯ୍ୟ କରିବ। ଏହା ହେଉଛି ପୃଥିବୀ ଓ ସୂର୍ଯ୍ୟ ମଧ୍ୟରେ ପୃଥିବୀଠାରୁ ୧୫ ଲକ୍ଷ କିମି ଦୂରରେ ଅବସ୍ଥିତ। ସୂଚନାଯୋଗ୍ୟ ଯେ ପୃଥିବୀଠାରୁ ସୂର୍ଯ୍ୟର ହାରାହାରି ଦୂରତା ହେଉଛି ୧୫୧ ନିୟୁତ କି.ମି.। ଏହି ବିନ୍ଦୁରେ ଏହା ସୂର୍ଯ୍ୟଙ୍କୁ ଅନବରତ ପର୍ଯ୍ୟବେକ୍ଷଣ କରିପାରିବ।

**ଅଭିଯାନର ଉଦ୍ଦେଶ୍ୟ:** ସୂର୍ଯ୍ୟକୁ ଅଧ୍ୟୟନ କରିବା ହେଉଛି ଏହି ଅଭିଯାନର ଉଦ୍ଦେଶ୍ୟ। ସୂର୍ଯ୍ୟର କେତେକ ରହସ୍ୟ ଏପର୍ଯ୍ୟନ୍ତ ଆମକୁ ଜଣାନାହିଁ। ଉଦାହରଣ ସ୍ୱରୂପ ସୂର୍ଯ୍ୟ ପୃଷ୍ଠର ତାପମାତ୍ରା ହେଉଛି ୫୫୦୦ ଡିଗ୍ରୀ ସେଲ୍ସିୟସ ଏବଂ ଏହାର ବାହାର କୋରୋନା (କୀରଟି ମଣ୍ଡଳ)ର ତାପମାତ୍ରା ହେଉଛି ୧୦ ଲକ୍ଷ ଡିଗ୍ରୀ ସେଲ୍ସିୟସ। କମ୍ ତାପମାତ୍ରା ଅଞ୍ଚଳରୁ ଅଧିକ ତାପମାତ୍ର ଅଞ୍ଚଳକୁ ଶକ୍ତି ପ୍ରବାହ ହେଉଛି ପଦାର୍ଥ ବିଜ୍ଞାନର ପରିପନ୍ଥୀ। କିନ୍ତୁ ସୂର୍ଯ୍ୟ ଦେହରେ ତାହା ଘଟୁଛି। ବୈଜ୍ଞାନିକମାନେ ଅନୁମାନ କରୁଛନ୍ତି ସୂର୍ଯ୍ୟ ଦେହରେ ସୃଷ୍ଟି ହେଉଥିବା ଶକ୍ତିଶାଳୀ ଚୁମ୍ବକୀୟ କ୍ଷେତ୍ର ଯୋଗୁ ଏହା ହେଉଛି। ଆଦିତ୍ୟ ଏଲ୍-୧ ପ୍ରଥମରୁ ଏହାକୁ ବିଷଦ ଭାବରେ ଅଧ୍ୟୟନ କରିବ।

ପୃଥିବୀ ପ୍ରତି ସୂର୍ଯ୍ୟର ଏକ ବିପଦ ହେଉଛି ଏଥିରୁ ନିର୍ଗତ ଚାର୍ଜିତ ସୌରବାୟୁ। ସୂର୍ଯ୍ୟର ଅନ୍ତଃଭାଗର ତାପମାତ୍ରା ହେଉଛି ୧୫ ନିୟୁତ ଡିଗ୍ରୀ ସେଲ୍ସିୟସ। ଏହି ତାପାମାତ୍ରାରେ ଉଦ୍ଜାନ ଗ୍ୟାସ୍ ଆୟନରେ ପରିଣତ ହୋଇଥାଏ ଏବଂ ଏଥିରୁ ନିର୍ଗତ ଇଲେକ୍ଟ୍ରନଗୁଡ଼ିକ ଅତି ଉତ୍ତପ୍ତ ପ୍ଲାଜ୍ମା ଗଠନ କରିଥାଏ। ସୂର୍ଯ୍ୟରୁ ପ୍ଲାଜ୍ମା ଓ ବିକିରଣ ସୌରଜଗତର ଚାରିଆଡ଼କୁ ଯାଇଥାଏ। ଏହାକୁ 'ସୌର ନିର୍ଗମନ' କୁହାଯାଏ। ପ୍ଲାଜ୍ମା ସେକେଣ୍ଡ ପ୍ରତି ୩୦୦୦ କିମି ବେଗରେ ଯାଇପାରେ ଏବଂ ପୃଥିବୀରେ ପହଞ୍ଚିବା ପାଇଁ ଅଳ୍ପ କେତେଦିନ ନେଇଥାଏ। ବିକିରଣ ଆଲୋକ ବେଗରେ ଗତି କରିଥାଏ ଏବଂ ଏହା ୮ ମିନିଟ୍‌ରେ ପୃଥିବୀରେ ପହଞ୍ଚିଥାଏ। ଏଗୁଡ଼ିକୁ ପୃଥିବୀ ଚାରିପଟେ ଥିବା ଚୁମ୍ବକୀୟ କ୍ଷେତ୍ର ମହାକାଶକୁ ପୁଣି ପଠାଇ ଦିଏ ଏବଂ ଫଳରେ ଏହାର କୁପ୍ରଭାବରୁ ଆମେ ରକ୍ଷା ପାଇଥାଉ। ମାତ୍ର ଯଦି ସୌରବାୟୁ ଅଧିକ ହୁଏ କିମ୍ବା ପୃଥିବୀର ଚୁମ୍ବକୀୟ କ୍ଷେତ୍ର କୌଣସି ସ୍ଥାନରେ ଦୁର୍ବଳ ହେଲେ, ଏହା ପୃଥିବୀରେ ପ୍ରବେଶ କରିପାରେ। ଏହା ଯୋଗୁ ରେଡିଓ ଯୋଗାଯୋଗ, ଉପଗ୍ରହ ଯୋଗାଯୋଗ ଓ ଜିପିଏସ ନେଟୱାର୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୋଇଥାଏ। ଏଣୁ ସୌରବାୟୁର ଉପାଦାନ, ଉତ୍ପତ୍ତି ଓ ଗତି ସମ୍ବନ୍ଧରେ ଆମର ଜାଣିବା ଆବଶ୍ୟକ। ଆଦିତ୍ୟ ଏଲ୍-୧ର ଏହା ହେଉଛି ଅନ୍ୟତମ ଲକ୍ଷ୍ୟ। ଏହାବ୍ୟତୀତ ସୂର୍ଯ୍ୟର ଆଲୋକ ମଣ୍ଡଳ, ବର୍ଣ୍ଣ ମଣ୍ଡଳ ଓ କୋରୋନାକୁ ଏହା ଅଧ୍ୟୟନ କରିବ।

**ପେଲୋଡ୍:** ଆଦିତ୍ୟ ଏଲ୍-୧ରେ ସାତଟି ପେଲୋଡ୍ (ବୈଜ୍ଞାନିକ ଯନ୍ତ୍ରପାତି) ଅଛି। ଏଥିରୁ ଚାରୋଟି ହେଉଛି ଦୂରସଂବେଦୀ, ଅର୍ଥାତ୍ ଏହା ଏଲ୍-୧ ବିନ୍ଦୁରେ ରହି ସୂର୍ଯ୍ୟର ଚିତ୍ର ନେବ। ଏଥିରୁ ଗୋଟିଏ କୋରୋନା, ଅନ୍ୟଟି ଆଲୋକ ମଣ୍ଡଳ ଏବଂ ବର୍ଣ୍ଣ ମଣ୍ଡଳର ଚିତ୍ର ନେବ। ଅନ୍ୟ ଦୁଇଟି ଯନ୍ତ୍ର ହେଉଛି କୋମଳ ଓ କଠିନ ଏକ୍ସ-ରଶ୍ମି ବର୍ଣ୍ଣବୀକ୍ଷକ ଏବଂ ଏହି ଦୁଇଟି ଯନ୍ତ୍ର ସୂର୍ଯ୍ୟକୁ ନକ୍ଷତ୍ର ଭାବେ ପର୍ଯ୍ୟବେକ୍ଷଣ କରିବ। ଆଦିତ୍ୟ ଏଲ୍-୧ରେ ଏହାର ନିକଟରେ ଥିବା ଅଞ୍ଚଳରେ ଅଧ୍ୟୟନ କରିବା ପାଇଁ ତିନୋଟି ଯନ୍ତ୍ର ଅଛି। ଏଥିରୁ ଗୋଟିଏ ସୌରବାୟୁକୁ ଅଧ୍ୟୟନ କରିବ, ଅନ୍ୟ ଗୋଟିଏ ପ୍ଲାଜ୍ମା ଅଧ୍ୟୟନ କରିବ ଏବଂ ତୃତୀୟଟି ଚୁମ୍ବକୀୟ କ୍ଷେତ୍ରକୁ ଅଧ୍ୟୟନ କରିବ।

ଆଦିତ୍ୟ ଏଲ୍-୧ ହେଉଛି ଭାରତର ପ୍ରଥମ ସୂର୍ଯ୍ୟ ଅଭିଯାନ। ୟୁରୋପୀୟ ମହାକାଶ ସଂଘ ୨୦୨୦ରେ ସୂର୍ଯ୍ୟକୁ ଅଧ୍ୟୟନ କରିବା ପାଇଁ 'ସୋଲାର ଅର୍ବିଟର' ଏବଂ ଯୁକ୍ତରାଷ୍ଟ୍ର ଆମେରିକା ୨୦୧୮ରେ 'ପାର୍କର ପ୍ରୋବ୍' ପଠାଇଛି। ଏହି ଅଭିଯାନଗୁଡ଼ିକରୁ ଆମେ ସୂର୍ଯ୍ୟ ସମ୍ବନ୍ଧରେ ଅନେକ ତଥ୍ୟ ଜାଣିପାରିବା।

-୭୦, ଲକ୍ଷ୍ମୀବିହାର
ଫେଜ୍-୧, ଭୁବନେଶ୍ୱର
ମୋ: ୯୪୩୮୬୯୩୭୨୪

## ଲିଭର୍ ପ୍ରୋଟିନ ଓ ଆଲ୍‌ଜିମର୍ସ



ଅମ୍ଲଏଡ୍ ଏଭଳି ଏକ ଲିଭର୍ ପ୍ରୋଟିନ୍ ଯାହା ଆମ ଆଲ୍‌ଜିମର୍ସ ପାଇଁ କେତେକାଂଶରେ ଦାୟୀ। ଅମ୍ଲଏଡ୍‌ର ଅନ୍ୟ ରୂପ ହେଉଛି ବେଟା-ଅମ୍ଲଏଡ୍। ଏହା ମସ୍ତିଷ୍କର ସ୍ନାୟୁ କୋଷଗୁଡ଼ିକୁ ଦୁର୍ବଳ କରିବା ସହ ଏହାର ବିକାଶରେ ବାଧା ସୃଷ୍ଟି କରେ। କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନଙ୍କ ଦ୍ୱାରା ହୋଇଥିବା ଏକ ସଦ୍ୟତମ ଗବେଷଣାରୁ ଏପରି ତଥ୍ୟ ଜଣାପଡ଼ିଛି। ଏହା ଆମ ସ୍ମରଣ ଶକ୍ତିକୁ ବହୁ ମାତ୍ରାରେ କମାଇଦିଏ। ଏହା ଶରୀରକୁ ଦୁର୍ବଳ କରି ଆମ ବ୍ୟବହାରରେ ମଧ୍ୟ ପରିବର୍ତ୍ତନ ଆଣିଥାଏ। ସେହିପରି ଶରୀରର ଅନ୍ୟ ଅଙ୍ଗରେ ଏ-ବେଟା ସୃଷ୍ଟି ହୁଏ, ଯାହା ରକ୍ତରେ ପ୍ରୋଟିନ୍‌ର ପରିମାଣକୁ ବଢ଼ାଇଦିଏ। ଫଳରେ ଏହା ମଧ୍ୟ ଆଲ୍‌ଜିମର୍ସ୍ ସୃଷ୍ଟିର ଅନ୍ୟ ଏକ କାରଣ ସାଜିଥାଏ। ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞ ଜନ୍ ମାମୋ ପ୍ରଥମେ ମୂଷା ଉପରେ ଏ ନେଇ ଗବେଷଣା କରିଥିଲେ। ସେଥିରୁ ସେ ଜାଣିବାକୁ ପାଇଲେ ଯେ, ମଣିଷ ଶରୀରରେ ଏ-ବେଟା ନାମକ ତତ୍ତ୍ୱ ରହିଛି, ଯାହା ଆଲଜିମର୍ସ ରୋଗ ସୃଷ୍ଟି ପାଇଁ ଦାୟୀ। ତେଣୁ ଏଭଳି ଲକ୍ଷଣ ଦେଖାଗଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ।

## ଉପକାରୀ ମହୁ

**ମହୁରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ..**

- ମହୁରେ ଆଣ୍ଟି-ଅକ୍ସିଡ଼ାଣ୍ଟ ଗୁଣ ଭରି ରହିଛି। ଏହା ଶରୀରରେ ରକ୍ତ ସଞ୍ଚାଳନକୁ ସକ୍ରିୟ ରଖିଥାଏ।
- ଓଜନ କମାଇବାରେ ଏହା ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ସକାଳେ ଖାଲି ପେଟରେ ଏବଂ ରାତିରେ ଶୋଇବା ପୂର୍ବରୁ ଗୋଟିଏ ଗ୍ଲାସ ଉଷୁମ ପାଣି ସହ ଗୋଟିଏ ଲେମ୍ବୁ ରସ ଓ ଗୋଟିଏ ଚାମଚ ମହୁ ମିଶାଇ ପିଇଲେ ଓଜନ ହ୍ରାସ ପାଏ।
- ମହୁ ଖାଇଲେ ତାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳିତ ରଖେ। ତା' ସହ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ।
- ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।
- ଛୋଟ ପିଲାମାନଙ୍କୁ ମୁଖ୍ୟତଃ ସର୍ଦ୍ଦି, କାଶ ଓ କଫ ବେଶି ହୋଇଥାଏ। ସେମାନଙ୍କ ପାଇଁ ଏହା ବରଦାନ ସଦୃଶ। ଘରୋଇ ଉପଚାର ଭାବେ ମହୁ ସହ କ୍ଷୀର ମିଶାଇ ପିଇବା ଦ୍ୱାରା ଥଣ୍ଡାଜନିତ ସମସ୍ୟାରୁ ଆରାମ ମିଳିଥାଏ।
- ଆମ ଶରୀରର କୌଣସି ସ୍ଥାନରେ ଯଦି ଘା' ହୋଇଛି କିମ୍ବା କଟିଯାଇଛି, ତେବେ ସେହି ସ୍ଥାନରେ ମହୁକୁ ଆମେ ଲଗାଇ ପାରିବା।
- ଏହା ସ୍ମରଣ ଶକ୍ତି ବୃଦ୍ଧି କରିବାରେ କେତେକାଂଶରେ ସାହାଯ୍ୟ କରିଥାଏ।



## ଭାଇରସ୍‌କୁ ପ୍ରତିହତ କରେ ବ୍ୟାକ୍ଟେରିଆ



ଅନେକ ସମୟରେ ଆମେ ବ୍ୟାକ୍ଟେରିଆ ଦ୍ୱାରା କେତେକ ରୋଗର ସମ୍ମୁଖୀନ ହୋଇଥାଉ। ହେଲେ ଏଭଳି କେତେକ ବ୍ୟାକ୍ଟେରିଆ ଅଛନ୍ତି ଯେଉଁମାନେ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଆନ୍ତି। 'ବ୍ୟାକ୍ଟେରିଆ ଏବଂ ରୋଗ ପ୍ରତିରୋଧକ ଶକ୍ତି' ଶୀର୍ଷକ ବିଷୟକୁ ନେଇ ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ ନିକଟରେ ଏକ ଗବେଷଣା କରି ଏକଥା ଜାଣିପାରିଛନ୍ତି। ଏଭଳି ଉପକାରୀ ବ୍ୟାକ୍ଟେରିଆମାନଙ୍କୁ ଶକ୍ତ କରିବା ପାଇଁ 'ଜିନ୍ ଏଡ଼ିଟିଂ' ପ୍ରଣାଳୀ ସେମାନେ ଅନୁସରଣ କରିଥିଲେ। ଏହା ଡି.ଏନ.ଏ.ଗୁଡିକୁ ମଧ୍ୟ ଦୃଢ଼ କରିଥାଏ। ଯେତେବେଳେ ରୋଗ ସୃଷ୍ଟିକାରୀ ବ୍ୟାକ୍ଟେରିଆ ସମସ୍ୟା ସୃଷ୍ଟି କରନ୍ତି ସେତେବେଳେ ଏଭଳି ବ୍ୟାକ୍ଟେରିଆ ସେମାନଙ୍କ ସହ ଲଢ଼ିଥାଆନ୍ତି। ଏହାଦ୍ୱାରା ଆମର ରୋଗ ପ୍ରତିରୋଧକ ଶକ୍ତି ଆହୁରି ଦୃଢ଼ ହୋଇଥାଏ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। କେବଳ ସେତିକି ନୁହେଁ, ଏଭଳି ଉପକାରୀ ବ୍ୟାକ୍ଟେରିଆ ଆଉ ଏକ କାମରେ ମଧ୍ୟ ସାହାଯ୍ୟ କରିଥାଆନ୍ତି। ଏମାନେ ସଂକ୍ରମଣଜନିତ ସମସ୍ୟାରୁ ଆମ ଶରୀରକୁ କେତେକାଂଶରେ ରକ୍ଷା କରିଥାଆନ୍ତି ବୋଲି ମଧ୍ୟ ଜଣାପଡିଛି।

## ପୃଥୁଳତା ଓ ଡାଇବେଟିସ୍

ପୃଥୁଳତା ଏବଂ ଡାଇବେଟିସ୍ ମଧ୍ୟରେ ସମ୍ପର୍କ ରହିଛି। ଅବଶ୍ୟ ଅଧିକାଂଶ ଡାଇବେଟିସ୍ ରୋଗୀଙ୍କ କ୍ଷେତ୍ରରେ ଏଥିରେ ବଂଶଗତ ପ୍ରଭାବ ପରିଲକ୍ଷିତ ହୋଇଥାଏ। ପୃଥୁଳତା ବା ଓବେସିଟି ରକ୍ତରେ ସୁଗାର ପରିମାଣ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିଥାଏ। ରକ୍ତରେ ଚର୍ବି ଜମିଲେ ମଧ୍ୟ ତାହା ଡାଇବେଟିସ୍ ରୋଗୀଙ୍କ ପାଇଁ କ୍ଷତିକାରକ। ପୃଥୁଳତା ପରି ସମସ୍ୟା ଲାଗି ରହିଲେ ଇନ୍‌ସୁଲିନ୍ ତିଆରି କରୁଥିବା 'ବିଟା ସେଲ୍' ନାମକ ଜୀବକୋଷଗୁଡ଼ିକୁ ପ୍ରଭାବିତ କରିଥାଆନ୍ତି। ଫଳରେ ପୃଥୁଳକାୟ ବ୍ୟକ୍ତିଙ୍କ ରକ୍ତରେ ଅଧିକ ମାତ୍ରାରେ ଇନ୍‌ସୁଲିନ୍ ଥାଇ ମଧ୍ୟ ତାହା ଆଶାନୁରୂପ କାର୍ଯ୍ୟ କରିପାରେନି। ତେଣୁ ଜଣେ ଡାଇବେଟିସ୍ ରୋଗୀ ପ୍ରଥମେ ନିଜର ଓଜନ ସନ୍ତୁଳିତ ରଖିବା ନିହାତି ଜରୁରୀ। ଏଥିପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡ଼ିଥାଏ। ପ୍ରଥମେ ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ନିଜ ସାମର୍ଥ୍ୟ ଅନୁସାରେ ବ୍ୟାୟାମ କରନ୍ତୁ। ଓଜନକୁ ସନ୍ତୁଳିତ ରଖିବା ଲାଗି ଖାଦ୍ୟପେୟ ପ୍ରତି ସତର୍କ ହେବାକୁ ପଡ଼ିଥାଏ। ତେଣୁ ଏଥିପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ।

# ସଫଳତା ପଥେ ଚନ୍ଦ୍ରଯାନ-୩



ନିକୁଞ୍ଜ ବିହାରୀ ସାହୁ

ଅଗଷ୍ଟ ୨୩ ତାରିଖ, ସମୟ ସନ୍ଧ୍ୟା ୫ଟା ୪୩ ମିନିଟ୍। ବେଙ୍ଗାଲୁରୁସ୍ଥିତ ଭାରତୀୟ ଅନ୍ତରୀକ୍ଷ ସଙ୍ଗଠନ (ଇସ୍ରୋ)ର କଣ୍ଟ୍ରୋଲ ରୁମ୍‌ରେ ଏକ ଉତ୍କଣ୍ଠା ଓ ଆବେଗପୂର୍ଣ୍ଣ ମୁହୂର୍ତ୍ତ। ଭାରତର ଅନ୍ତରୀକ୍ଷଯାନ ଚନ୍ଦ୍ରୟାନ-୩ ଅନ୍ତରୀକ୍ଷରେ ଦୀର୍ଘ ୪୧ ଦିନ କାଳ ଯାତ୍ରା କଲା ପରେ ଚନ୍ଦ୍ରର ଦକ୍ଷିଣ ମେରୁଠାରେ ଅବତରଣ କରିଛି। ଅଭିଯାନର ସବୁଠାରୁ କଠିନ ଓ ଜଟିଳ 'ପାୱାର ଡିସେଣ୍ଟ' ଅବତରଣ ପର୍ଯ୍ୟାୟ ଆରମ୍ଭ ହୋଇ ସାରିଥାଏ। କୋଡ଼ିଏ ମିନିଟ କାଳର ଏହି ସ୍ୱୟଂଚାଳିତ ଧୀର-ଅବତରଣ ପ୍ରକ୍ରିୟା ବୈଜ୍ଞାନିକମାନଙ୍କ ପାଇଁ ଏକ ଅଗ୍ନିପରୀକ୍ଷାର ବେଳ ତଥା ଘଡ଼ିସନ୍ଧି ମୁହୂର୍ତ୍ତ ଯାହା ସାଧାରଣତଃ '୨୦ ମିନିଟର ଆତଙ୍କ କାଳ' ନାମରେ ପରିଚିତ।

ଚନ୍ଦ୍ରପୃଷ୍ଠରେ ଏହି ଧୀର-ଅବତରଣ ସୋପାନ ଅଭିଯାନର ସବୁଠାରୁ କଠିନ ଓ ଜଟିଳ ପ୍ରକ୍ରିୟା। ଯାନଟି ଚନ୍ଦ୍ରର ମାଧ୍ୟାକର୍ଷଣ ବଳ ଦ୍ୱାରା ପ୍ରଚଣ୍ଡ ବେଗରେ ତ୍ୱରାନ୍ୱିତ ହୋଇ ଚନ୍ଦ୍ରପଷ୍ଠ ଆଡ଼କୁ ଛୁଟି ଯାଉଥିଲାବେଳେ ଠିକ୍ ସମୟରେ ଠିକ୍ ଇଞ୍ଜିନ୍ କାର୍ଯ୍ୟକ୍ଷମ କରି ଯାନର ଅଗ୍ରଗାମୀ ବେଗ ହ୍ରାସ କରିବା ଆବଶ୍ୟକ। ନ ହେଲେ, ଯାନଟି ଚନ୍ଦ୍ରପୃଷ୍ଠରେ ପିଟି ହୋଇ ନଷ୍ଟ ହୋଇଯିବ ଏବଂ ସାରା ଅଭିଯାନ ବ୍ୟର୍ଥ ପାଲଟି ଯିବ। ଧୀର ଅବତରଣର ଏହି ପ୍ରଯୁକ୍ତିଗତ ଜଟିଳତା ହେତୁ ହିଁ ଏ କ୍ଷେତ୍ରରେ ଏପର୍ଯ୍ୟନ୍ତ ବିଶ୍ୱର ମାତ୍ର ଏକ-ତୃତୀୟାଂଶ ଉଦ୍ୟମ ସଫଳ ହୋଇଛି ଏବଂ ପୂର୍ବରୁ ଭାରତର ଚନ୍ଦ୍ରୟାନ-୨ ଅଭିଯାନ ମଧ୍ୟ ଅସଫଳ ରହିଛି। ଅବତରଣ ସମୟରେ ଚନ୍ଦ୍ରୟାନ-୩ର ତୀବ୍ର ବେଗକୁ ହ୍ରାସ କରିବା ନିମନ୍ତେ ଯାନଟିରେ ୮୦୦ ନିଉଟନ୍ ସଂଘାତ ବଳ ପ୍ରଦାନ କରି ପାରୁଥିବା ସମୁଦାୟ ଚାରୋଟି ଇଞ୍ଜିନର ବ୍ୟବସ୍ଥା ରହିଛି।

ପ୍ରଥମେ ଯାନଟି ଚନ୍ଦ୍ରପୃଷ୍ଠରୁ ୨୫ କି.ମି. ଉଚ୍ଚତାରେ ଥିବା ସମୟରେ 'ରଫ୍ ବ୍ରେକିଙ୍ଗ' ପ୍ରକ୍ରିୟା ଆରମ୍ଭ କରାଗଲା। ସେତେବେଳେ ଯାନର ବେଗ ସେକେଣ୍ଡ ପ୍ରତି ଥିଲା ୧୬୮୦ ମି.। ପ୍ରାୟ ୧୧ ମିନିଟ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲୁ ରହି ବିକ୍ରମ ଅବତରଣର ଉଚ୍ଚତାକୁ ଚନ୍ଦ୍ରପଷ୍ଠରୁ ମାତ୍ର ୭.୪ କି.ମି. ଦୂରତା ପର୍ଯ୍ୟନ୍ତ ହ୍ରାସ କରାଯିବା ସହିତ ବେଗକୁ ୭.୪ ମିଟର ସେକେଣ୍ଡ ପ୍ରତି ମୂଲ୍ୟକୁ ମନ୍ଦିତ କରାଗଲା। ଏହା ପରେ ଦ୍ୱିତୀୟ ସୋପାନ ଆରମ୍ଭ କରାଗଲା, ଯାହା ଥିଲା 'ଅଲ୍ଟିଚ୍ୟୁଡ ହୋଲ୍ଡିଙ୍ଗ' ପ୍ରକ୍ରିୟା। ଏହି ସୋପାନକୁ ୧୦ ସେକେଣ୍ଡ ପାଇଁ ଚାଲୁ କରାଗଲା ଏବଂ ବିକ୍ରମ ଅବତରଣର ଉଚ୍ଚତାକୁ ୭.୪ କି.ମି. ରୁ ୬.୮ କି.ମି. ପର୍ଯ୍ୟନ୍ତ ହ୍ରାସ କରାଗଲା। ପରବର୍ତ୍ତୀ ୩ ମିନିଟ ସମୟ ମଧ୍ୟରେ ଯାନର ଉଚ୍ଚତାକୁ କ୍ରମଶଃ ୮୦୦ ମିଟର ପର୍ଯ୍ୟନ୍ତ ହ୍ରାସ କରାଗଲା। ତା'ପରେ ତୃତୀୟ 'ଫାଇନ୍ ବ୍ରେକିଙ୍ଗ୍' ପର୍ଯ୍ୟାୟକୁ ୧୭୫ ସେକେଣ୍ଡ ପାଇଁ ଚାଲୁ କରାଯାଇ ବିକ୍ରମକୁ ସମ୍ପୂର୍ଣ୍ଣ ଭୂଲମ୍ବ ରୂପେ ଅବସ୍ଥାପିତ କରାଗଲା ଏବଂ ଏହି ଅବସ୍ଥାରେ ଯାନର ଉଚ୍ଚତା ଚନ୍ଦ୍ରପୃଷ୍ଠରୁ ମାତ୍ର ୧ କି.ମି. ରହିଗଲା। ଚତୁର୍ଥ ତଥା ଅନ୍ତିମ ପର୍ଯ୍ୟାୟରେ ବିକ୍ରମ ଚନ୍ଦ୍ରପଷ୍ଠର ମାତ୍ର ୧୫୦ ମିଟର ଦୂରତାରେ ଥିଲାବେଳେ ଯାନର ବେଗକୁ ସମ୍ପୂର୍ଣ୍ଣ ଶୂନ୍ୟ କରି ଦିଆଗଲା ଏବଂ ଯାନଟି ଚନ୍ଦ୍ରପୃଷ୍ଠ ଉପରେ ୩୮ ସେକେଣ୍ଡ ପାଇଁ ନିଶ୍ଚଳ ଭାବେ ଝୁଲନ୍ତା ଅବସ୍ଥାରେ ଲାଖି ରହିଲା। ଏହି ସ୍ଥିତିରେ ଯାନକୁ ସାମାନ୍ୟ ଗତିଶୀଳ କରି ଚନ୍ଦ୍ରପଷ୍ଠର ମାତ୍ର ୧୦ ମିଟର ଉଚ୍ଚତାକୁ ଅଣାଗଲା। ପରିଶେଷରେ, ସେହି ବହୁ ପ୍ରତୀକ୍ଷିତ ମୁହୂର୍ତ୍ତ ଆଗତପ୍ରାୟ: ଯାନଟି ପରବର୍ତ୍ତୀ ୯ ସେକେଣ୍ଡ ସମୟ ମଧ୍ୟରେ ଶେଷ ୧୦ ମିଟର ଦୂରତା ଅତିକ୍ରମ କରି ଚନ୍ଦ୍ରମାଟିକୁ ୬ଟା ୩ମିନିଟ ସମୟରେ ସୁରକ୍ଷିତ ଭାବେ ସ୍ପର୍ଶ କଲା। ଚନ୍ଦ୍ରୟାନର ଚନ୍ଦ୍ରମାଟିରେ ଧୀର ଅବତରଣର ଏହି ସଫଳତାରେ ଇସ୍ରୋର ବୈଜ୍ଞାନିକମାନଙ୍କ ମଧ୍ୟରେ ବିପୁଳ ଉଦ୍ଦୀପନା ଖେଳି ଯାଇଥିଲା। ପରେ ଚନ୍ଦ୍ରପୃଷ୍ଠରୁ ଅବତରଣ ଆଘାତ ଜନିତ ନିର୍ଗତ ଧୂଳି ବସି ଯିବାରୁ ବିକ୍ରମ ଅବତରକର ଗୋଟିଏ ଫାଟକ ଖୋଲି ଏକ ଆନତତଳ ଜରିଆରେ 'ପ୍ରଜ୍ଞାନ' ରୋଭରକୁ ଚନ୍ଦ୍ରମାଟି ଉପରକୁ ଗଡ଼ାଇ ଦିଆଯାଇଥିଲା। ଏହା ୬ଟି ଚକା ବିଶିଷ୍ଟ ଭ୍ରମଣଶୀଳ ଏକ ଚକଲଗା ଗାଡ଼ି ଯାହା ଆଗାମୀ ୧୪ ଦିନ ପାଇଁ ଚନ୍ଦ୍ରପୃଷ୍ଠରେ ଗଡ଼ି ଗଡ଼ି ନିଜର ବୈଜ୍ଞାନିକ ଯନ୍ତ୍ରାବଳି ଜରିଆରେ ଚନ୍ଦ୍ରମାଟିର ରାସାୟନିକ ଗଠନ ଓ ସଂରଚନା ଅନୁଧ୍ୟାନ କରିବ। ଏହା ଚନ୍ଦ୍ରପୃଷ୍ଠକୁ ଆସିବା ମାତ୍ରେ ନିଜର ସୌର ଫଳକଗୁଡ଼ିକୁ ଖୋଲି ସୂର୍ଯ୍ୟାଲୋକରୁ ଶକ୍ତି ଆହରଣ କରିବା ଆରମ୍ଭ କରିଥିଲା। ଏହାର ଚନ୍ଦ୍ରପୃଷ୍ଠରେ ସେକେଣ୍ଡ ପ୍ରତି ଅଧ ସେ.ମି. ବେଗରେ ଗଡ଼ିଗଡ଼ି ନିଜର ୧୨ ଦିନର ସ୍ୱଳ୍ପ ଜୀବନକାଳ ମଧ୍ୟରେ ସମୁଦାୟ ଅଧ କି.ମି. ଦୂରତା ଅତିକ୍ରମ କରିବ। ଏହା ନିଜର କ୍ୟାମେରା ଜରିଆରେ ଚନ୍ଦ୍ରପୃଷ୍ଠର ଫଟୋ ଉତ୍ତୋଳନ କରି ବିକ୍ରମ ଅବତରକକୁ ପ୍ରେରଣ କରିବ ଯାହା ଚନ୍ଦ୍ରକକ୍ଷରେ ଘୂରୁଥିବା ଚନ୍ଦ୍ରଯାନ-୨ ଅର୍ବିଟର ଜରିଆରେ ଭୂପୃଷ୍ଠରେ ଥିବା ଇସ୍ରୋ କାର୍ଯ୍ୟାଳୟକୁ ପ୍ରେରଣ କରିବ। ଇତିମଧ୍ୟରେ ଇସ୍ରୋ ଚନ୍ଦ୍ରୟାନର ଅବତରକ ଓ ରୋଭର ଦ୍ୱାରା ଚନ୍ଦ୍ରପୃଷ୍ଠରେ ଉତ୍ତୋଳିତ ଏଭଳି କିଛି ଦୁର୍ଲଭ ଫଟୋ ଓ ଭିଡିଓ ଜାରି କରିଛି। ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ପ୍ରଜ୍ଞାନ ରୋଭରର ଏକ ବୈଜ୍ଞାନିକ ଉପକରଣ ଲେଜର୍ ଇଣ୍ଡିଉସଡ୍ ବ୍ରେକଡାଉନ୍ ସ୍ପେକ୍ଟ୍ରୋସ୍କୋପ୍ ଜରିଆରେ ଚନ୍ଦ୍ରମାଟିରେ ଅନେକ ମୌଳିକ ଉପାଦାନ ଯଥା ଆଲୁମିନିୟମ୍, ସଲଫର୍, କ୍ୟାଲସିୟମ୍, ଲୌହ, କ୍ରୋମିୟମ୍, ଟାଇଟାନିୟମ୍, ସିଲିକନ୍, ମାଙ୍ଗାନିଜ୍ ଓ ଅକ୍ସିଜେନର ସନ୍ଧାନ କରିଛି। (କ୍ରମଶଃ...)



-ଏଜୁକେଶନ ଅଫିସର, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର, ଭୋପାଳ, ମଧ୍ୟପ୍ରଦେଶ
ମୋ : ୮୯୧୭୬୩୭୯୭୪

## ସ୍ୱାସ୍ଥ୍ୟ ସୂଚନା

- ସବୁବେଳେ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ର ଭୋଜନ କରନ୍ତୁ। ବିଳମ୍ବିତ ରାତିରେ ଖାଇବା ଅଭ୍ୟାସକୁ ପରିବର୍ତ୍ତନ କରନ୍ତୁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ।
- କେତେକ ମିଠାଜାତୀୟ ଖାଦ୍ୟ ଅଧିକ ଖାଇବାକୁ ପସନ୍ଦ କରନ୍ତି। ହେଲେ ଏହାର ପରିମାଣ ଯେପରି ଅଧିକ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଅଧିକ ଲୁଣଜାତୀୟ ଖାଦ୍ୟ ମଧ୍ୟ ଖାଆନ୍ତୁ ନାହିଁ।



- ଖାଇବା ସମୟରେ ପାଣି ପିଇବା କେତେକଙ୍କର ଅଭ୍ୟାସ। ହେଲେ ଏହାର ପ୍ରତିକୂଳ ପ୍ରଭାବ ସ୍ୱାସ୍ଥ୍ୟ ଉପରେ ପଡିଥାଏ। ବିଶେଷଭାବରେ ହଜମ କ୍ରିୟା ଏହାଦ୍ୱାରା ପ୍ରଭାବିତ ହୁଏ। ତେଣୁ ଘଣ୍ଟାଏ ପୂର୍ବରୁ କିମ୍ବା ଘଣ୍ଟାଏ ପରେ ପାଣି ପିଅନ୍ତୁ।
- ପ୍ରତିଦିନ କିଛି ସମୟ ଯୋଗ କରନ୍ତୁ। ଏ ବିଷୟରେ ଯଦି ଆପଣଙ୍କର ସେତେ ଅଭିଜ୍ଞତା ନାହିଁ ତେବେ ଯୋଗ ପ୍ରଶିକ୍ଷକଙ୍କ ସହ ଏ ନେଇ ବିଶଦ ଭାବରେ ଆଲୋଚନା କରନ୍ତୁ।
- ବିଶେଷଭାବରେ ବୟସ ୪୦ ଟପିଲେ କେତେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଯାଇଥାଏ। ତେଣୁ ଏହି ସମୟରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ନିଜର ରୁଟିନ୍ ଚେକ୍‌ଅପ୍ କରାଇ ନିଅନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ସେପ୍ଟେମ୍ବର ୪/୨୦୨୩ Bhubaneswar, Monday, September 4/ 2023

# ମୋହନ ବାଗାନ ଜିତିଲା ଡୁରାଣ୍ଡ କପ୍

**କୋଲକାତା, ୩।୯ (ପି.ଟି.)**

ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର ୧୩୨ତମ ସଂସ୍କରଣରେ ବାଜି ମାରିଛି ମୋହନ ବାଗାନ ସୁପର ଜାଏଣ୍ଟ। ରବିବାର ଅନୁଷ୍ଠିତ ଫାଇନାଲରେ ମୋହନ ବାଗାନ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଷ୍ଟ ବେଙ୍ଗଲକୁ ୧-୦ ଗୋଲରେ ପରାସ୍ତ କରିଛି। ପୂର୍ବାନୁମାନ ଅନୁସାରେ ଫାଇନାଲ ତୀବ୍ର ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର ୭୧ତମ ମିନିଟରେ ମୋହନ ବାଗାନର ଡିମିଟ୍ରି ପେଟ୍ରୋଟୋସ ଦେଇଥିବା ଗୋଲ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦୀର୍ଘ ୨୩ ବର୍ଷ ବ୍ୟବଧାନରେ ମୋହନ ବାଗାନ ଡୁରାଣ୍ଡ କପ୍ ଟାଇଟଲ ହାସଲ କରିବାରେ ସକ୍ଷମ ହୋଇଛି। ଅଷ୍ଟ୍ରେଲୀୟ ଖେଳାଳି ପେଟ୍ରୋଟୋସ ଇଷ୍ଟବେଙ୍ଗଲ ରକ୍ଷଣଭାଗକୁ ଚକିତ କରି ୨୫ ଗଜ ଦୂରରୁ ଶକ୍ତିଶାଳୀ ଶଟ୍ ମାରି ଗୋଲ କରିଥିଲେ। ଶଟ୍‌ର ଗତି ଏତେ ତୀବ୍ର ଥିଲା ଯେ ଇଷ୍ଟବେଙ୍ଗଲ ଗୋଲକିପର ପ୍ରଭ୍‌ସୁଖନ ସିଂ ଗିଲ୍ ଜଣେ ଦର୍ଶକ ହୋଇ ରହି ଯାଇଥିଲେ। ଏହାକୁ ମିଶାଇ ମୋହନ ବାଗାନ ୧୭ ଥର ପାଇଁ ଡୁରାଣ୍ଡ କପ୍ ଚାମ୍ପିୟନ ହେବାର ସୌଭାଗ୍ୟ ପାଇଛି। ଏହା ପୂର୍ବରୁ ୨୦୦୦ରେ ଦଳ ଟାଇଟଲ ହାସଲ କରିଥିଲା। ସେତେବେଳେ ମୋହନ ବାଗାନ ଫାଇନାଲରେ ଏକ ଗୋଲ୍ଡେନ ଗୋଲ୍‌ରେ ମହିନ୍ଦ୍ରା ୟୁନାଇଟେଡ୍‌କୁ ପରାସ୍ତ କରିଥିଲା। ସମୟ ହାତରୁ ଚାଲି ଯାଉଥିବା ଦେଖି ଇଷ୍ଟବେଙ୍ଗଲ୍ କୋଚ୍ କାର୍ଲେସ କୁଆଡ୍ରାଟ୍ ଶେଷ ୧୦ ମିନିଟରେ ୩ ପରିବର୍ତ୍ତନ କରିଥିଲେ। ନିଶୁ କୁମାର, ଭିପି ସୁହେର ଓ ଏଡ୍‌ୱିନ ଭଂସପଲ୍‌ଙ୍କୁ ପଡ଼ିଆକୁ ଆଣିଥିଲେ। ମାତ୍ର ମୋହନ ବାଗାନ କୋଚ୍ ଜୁଆନ ଫେରାଣ୍ଡୋ ୮ ଜଣ ଖେଳାଳିଙ୍କୁ ନେଇ ରକ୍ଷଣଭାଗକୁ ଅତ୍ୟନ୍ତ ମଜଭୁତ କରି ଦେଇଥିଲେ। ମଧ୍ୟଭାଗରେ ଅନଓ୍ୱର ଅଲୀ ମଧ୍ୟ ଦୃଢ଼ ପ୍ରଦର୍ଶନ କରିଥିଲେ। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିରେ ଇଷ୍ଟବେଙ୍ଗଲ ସହକାରୀ କୋଚ୍ ଡିମାସ ଡେଲଗାଡୋ ମୋହନ ବାଗାନ କୋଚ୍ ଫେରାଣ୍ଡୋଙ୍କ ସହ ବାକ୍ୟ ବିନିମୟ କରିଥିଲେ। ଧସ୍ତାଧସ୍ତି ହେବାପରେ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ଡେଲଗାଡୋ ରେଡ୍‌କାର୍ଡ ପାଇଥିଲେ। ୮୬ତମ ମିନିଟରେ ଇଡ୍‌ୱିନ ଭଂସପଲ ବକ୍ସ ଏରିଆ ବାହାରୁ ଟାର୍ଗେଟ୍‌କରି ଶଟ୍ ମାରିଥିଲେ। ମାତ୍ର ଅନଓ୍ୱର ଅଲୀ ଏହାକୁ ବ୍ଲକ୍ କରିବାରୁ ଇଷ୍ଟବେଙ୍ଗଲ ମ୍ୟାଚକୁ ସମାନ ସ୍ତରକୁ ଆଣିପାରି ନ ଥିଲା। ୨୦୦୪ ଡୁରାଣ୍ଡ କପ୍ ଫାଇନାଲରେ ଇଷ୍ଟବେଙ୍ଗଲ ୨-୧ ଗୋଲରେ ମୋହନ ବାଗାନକୁ ହରାଇ ଚାମ୍ପିୟନ ହୋଇଥିଲା। ଏଠାରେ ତାହାର ମଧୁର ପ୍ରତିଶୋଧ ନେଇଛି ମୋହନ ବାଗାନ। ଏହା ମଧ୍ୟରେ ମୋହନ ବାଗାନ ୩ ଥର ଡୁରାଣ୍ଡ କପ୍ ଫାଇନାଲରେ ପ୍ରବେଶ କରିଥିଲେ ହେଁ ଚାମ୍ପିୟନ ହୋଇପାରି ନ ଥିଲା। ପୂର୍ବଥର ୨୦୧୯ରେ ଏହି ଦଳ ୧-୨ ଗୋଲରେ ଗୋକୁଲମ୍ କେରଳଠାରୁ ହାରି ଯାଇଥିଲା। ଅନ୍ୟପକ୍ଷରେ ଇଷ୍ଟବେଙ୍ଗଲ ଗତ ୧୧ ବର୍ଷରୁ ଊର୍ଦ୍ଧ୍ୱହେଲା ଜାତୀୟ ସ୍ତରରେ ଟାଇଟଲ ଜିତି ପାରିନାହିଁ। ଶେଷଥର ପାଇଁ ସିନିୟର ସ୍ତରରେ ଏହି ଦଳ ୨୦୧୨ରେ ଫେଡେରେଶନ କପ୍ ଜିତିଥିଲା।


ଡୁରାଣ୍ଡ କପ୍ ଫୁଟବଲ ଚାମ୍ପିୟନ ହେବାପରେ ଉଲ୍ଲସିତ ମୋହନ ବାଗାନ ସୁପର ଜାଏଣ୍ଟ ଦଳ।

**ପୁରସ୍କାର**

ଚାମ୍ପିୟନ: ମୋହନ ବାଗାନ
ରନରଅପ୍: ଇଷ୍ଟ ବେଙ୍ଗଲ
ଗୋଲ୍ଡେନ ବଲ୍: ନନ୍ଦ କୁମାର (ଇଷ୍ଟ ବେଙ୍ଗଲ)
ଗୋଲ୍ଡେନ ବୁଟ୍: ଡେଭିଡ୍ (ମହମ୍ମଡାନ ସ୍ପୋର୍ଟିଂ)
ଗୋଲ୍ଡେନ ଗ୍ଲୋଭ୍: ବିଶାଲ କେଥ୍ (ମୋହନ ବାଗାନ)

### ୧୦ ଜଣିଆ ମୋହନ ବାଗାନ

୬୨ତମ ମିନିଟରେ ଅନିରୁଦ୍ଧ ଥାପ୍ପା ଦ୍ୱିତୀୟ ୟେଲୋ ପାଇ ପଡ଼ିଆ ଛାଡ଼ିଥିବାରୁ ମୋହନ ବାଗାନ ୧୦ ସଦସ୍ୟ ବିଶିଷ୍ଟ ହୋଇଯାଇଥିଲା। ଏହି ଭାରତୀୟ ମିଡ୍ ଫିଲ୍ଡର ଏକ ଏରିଏଲ୍ ବଲ୍‌କୁ ନିୟନ୍ତ୍ରଣକୁ ଆଣିବାକୁ ଚେଷ୍ଟା କରିବା ଅବସରରେ ବିପକ୍ଷ ଦଳର ସିଭେରିଓଙ୍କ ମୁଣ୍ଡରେ ତାଙ୍କ ବୁଟ୍ ବାଜିଥିଲା। ଏହା ଅଜାଣତରେ ହୋଇଥିବା ପରିଲକ୍ଷିତ ହୋଇଥିଲା। ମାତ୍ର ଇଷ୍ଟବେଙ୍ଗଲ ଫରଓ୍ୱାର୍ଡ ସିଭେରିଓ ତଳେ ପଡ଼ିରହି କିଛି ସମୟ ଯନ୍ତ୍ରଣା ଅନୁଭବ କରିଥିଲେ। ରେଫରି ରାହୁଲ ଗୁପ୍ତା ଏହି ଘଟଣାରେ ଅନିରୁଦ୍ଧଙ୍କୁ ଦ୍ୱିତୀୟ ୟେଲୋ କାର୍ଡ ଦେଖାଇବା ସହ ପଡ଼ିଆ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ମୋହନ ବାଗାନ ଚାପର ବଶବର୍ତ୍ତୀ ହୋଇଥିଲେ ହେଁ ଚମତ୍କାର ପ୍ରଦର୍ଶନ କରି ଚାମ୍ପିୟନ ହୋଇଥିଲା।

## ନେପାଳ ବିପକ୍ଷରେ ଖେଳିବେନି ବୁମ୍‌ରା

**ପାଲେକେଲ୍,୩।୯(ପି.ଟି.)**

ଏସିଆ କପ୍ କ୍ରିକେଟ୍ ୨୦୨୩ରେ ସୋମବାର ନେପାଳ ବିପକ୍ଷରେ ଦ୍ୱିତୀୟ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଖେଳିବ ଭାରତ। ଏହି ମ୍ୟାଚରେ ଭାରତୀୟ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍‌ରା ଖେଳି ପାରିବେ ନାହିଁ। ବ୍ୟକ୍ତିଗତ କାରଣରୁ ବୁମ୍‌ରା ମୁମ୍ବାଇ ଫେରି ଆସିଥିବା ବେଳେ ସୁପର-୪ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳ ସହିତ ଯୋଗ ଦେବେ। ଉଲ୍ଲେଖଯୋଗ୍ୟ ଯେ, ଭାରତର ପ୍ରଥମ ମ୍ୟାଚ୍ ଧୋଇଯିବା କାରଣରୁ ବୁମ୍‌ରା ବୋଲିଂ କରିବାର ସୁଯୋଗ ପାଇ ନ ଥିଲେ। ବିଶ୍ୱକପ ପୂର୍ବରୁ ଦିନିକିଆରେ ନିଜର ଫିଟନେସ ପ୍ରମାଣ ଦେବାର ଏସିଆ କପ ପ୍ରକୃଷ୍ଟ ସୁଯୋଗ। ନେପାଳ ବିପକ୍ଷ ମ୍ୟାଚ୍ ଜିତିବା ସହିତ ସୁପର୍-୪ରେ ସ୍ଥାନ ସୁରକ୍ଷିତ କରିବାକୁ ଚାହିଁବ ରୋହିତ ଶର୍ମାଙ୍କ ନେତୃତ୍ୱାଧୀନ ଦଳ। ଏହି ମ୍ୟାଚରେ ଭାରତ ବିଜୟୀ ହେଲେ ଅଥବା ବର୍ଷାରେ ଧୋଇଗଲେ ଭାରତ ହିଁ ସୁପର୍-୪ରେ ପ୍ରବେଶ କରିବ। ଗ୍ରୁପ୍-ଏରୁ ପାକିସ୍ତାନ ସୁପର-୪ରେ ସ୍ଥାନ ସୁରକ୍ଷିତ କରି ସାରିଛି। ଅନ୍ୟ ପକ୍ଷରେ ଭାରତ ଏହାର ପ୍ରଥମ ମ୍ୟାଚ ପାକିସ୍ତାନ ବିପକ୍ଷରେ ଖେଳିଥିବା ବେଳେ ଏହା ବର୍ଷାରେ ଧୋଇ ଯାଇଥିଲା। ଭାରତ ୧ ପଏଣ୍ଟ ପାଇଥିବା ବେଳେ ମ୍ୟାଚ୍ ବାତିଲ ହେଲେ ଦଳ ସୁପର-୪ରେ ପ୍ରବେଶ କରିବ। ତେବେ ରୋହିତ ଶର୍ମାଙ୍କ ଦଳ ଏକ ସମ୍ପୂର୍ଣ୍ଣ ମ୍ୟାଚ ଖେଳିବାକୁ ଚାହିଁବ। ପାକିସ୍ତାନ ବିପକ୍ଷ ମ୍ୟାଚ୍‌ରେ ଭାରତର ଟପ୍ ଅର୍ଡରରେ ବ୍ୟାଟିଂ ବିପର୍ଯ୍ୟୟ ଘଟିଥିଲେ ମଧ୍ୟ ମିଡିଲ ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଇଶାନ କିଶନ୍ ଚମତ୍କାର ବ୍ୟାଟିଂ କରିଥିଲେ। ଶାହିନ ଆଫ୍ରିଦି ଓ ହରିଶ ରୌଫ୍‌ଙ୍କ ଘାତକ ବୋଲିଂ ବଳରେ ଭାରତ ୬୬ ରନ୍‌ରେ ୪ ଉଇକେଟ ହରାଇଥିବା ବେଳେ କିଶନ୍-ପାଣ୍ଡ୍ୟା ୧୩୮ ରନ୍ ଯୋଡି ସଙ୍କଟରୁ ଉଦ୍ଧାର କରିଥିଲେ।

**ଏସିଆ କପ୍**
ମ୍ୟାଚ୍ ସ୍ଥାନ: ପାଲେକେଲ୍
ମ୍ୟାଚ୍ ସମୟ:୩.୦୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

# ବାଂଲାଦେଶ ବିଜୟୀ

**ଲାହୋର,୩।୯**

ଏସିଆ କପ୍ କ୍ରିକେଟ୍ ୨୦୨୩ ଗ୍ରୁପ୍ ବିର ଏକ ମ୍ୟାଚରେ ମେହିଦୀ ହସନ ମିରାଜ ଓ ନଜମୁଲ ହୋସେନଙ୍କ ଶତକ ବଳରେ ବାଂଲାଦେଶ ୮୯ ରନରେ ଆଫଗାନିସ୍ତାନକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫ ଉଇକେଟ ହରାଇ ୩୩୪ ରନ୍ କରିଥିଲା। ଜବାବରେଥ ଆଫଗାନିସ୍ତାନ ୪୪.୩ ଓଭରରେ ୨୪୫ ରନ୍‌ରେ ଅଲଆଉଟ ହୋଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନେଇଥିବା ବାଂଲାଦେଶ ପକ୍ଷରୁ ମେହିଦୀ(୧୧୨) ଓ ନଜମୁଲ ହୋସେନ୍ ଶନ୍ତୋ(୧୦୪) ରନ୍ କରିବା ସହ ତୃତୀୟ ଉଇକେଟରେ ୨୧୫ ରନ୍ ଯୋଡିଥିଲେ। ମେହିଦୀ ୧୧୯ ବଲ୍ ଖେଳି ୭ ଚୌକା ଓ ୩ ଛକା ମାରିଥିଲେ। ନଜମୁଲ ୧୦୫ ବଲ୍ ଖେଳି ୯ ଚୌକା ଓ ୨ ଛକା ମାରିଥିଲେ। ଆଫଗାନିସ୍ତାନ ପକ୍ଷରୁ ମୁଜିବ୍ ଉର୍ ରହମାନ ଓ ଗୁଲବଦିନ୍ ନାଏବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୩୩୫ ରନ୍ ଲକ୍ଷ୍ୟର ପିଛା କରୁଥିବା ଆଫଗାନିସ୍ତାନ ପକ୍ଷରୁ ଇବ୍ରାହିମ୍ ଜାର୍ଦାନ ୭୫ ଓ ହସମତଉଲ୍ଲା ଶାହିଦି ୫୧ ରନ୍ ସ୍କୋର କରିଥିଲେ। ଶେଷ ଆଡକୁ ରାଶିଦ ଖାନ ବିସ୍ଫୋରକ ୨୪ ରନ କରି ଦର୍ଶକଙ୍କ ମନୋରଞ୍ଜନ କରିଥିଲେ। ବାଂଲାଦେଶ ପକ୍ଷରୁ ଟାସ୍କିନ୍ ଅହମଦ ୪ ଓ ଶୋରିଫୁଲ ଇସଲାମ ୩ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ୫୦ ଓଭରରେ ୩୩୪/୫(ମେହିଦୀ ହସନ ମିରାଜ-୧୧୨, ନଜମୁଲ ହୋସେନ୍ ଶନ୍ତୋ-୧୦୪, ଶାକିବ୍ ଅଲ ହସନ-୩୨*, ଗୁଲବଦିନ୍ ନାଏବ-୧/୫୮, ମୁଜିବ ଉର ରେହମାନ-୧/୬୨)। ଆଫଗାନିସ୍ତାନ ୪୪.୩ ଓଭରରେ ୨୪୫/୧୦ (ଇବ୍ରାହିମ ଜାର୍ଦାନ-୭୫, ରେହମତ ଶାହ-୩୩, ହସମତଉଲ୍ଲା ଶାହିଦି-୫୧, ଶୋରିଫୁଲ ଇସଲାମ-୩/୩୬, ଟାସ୍କିନ୍ ଅହମଦ-୪/୪୪)।

## କଲମ୍ବୋରୁ ସ୍ଥାନାନ୍ତର ହୋଇପାରେ ମ୍ୟାଚ

**ପାଲିକେଲ୍ (ଶ୍ରୀଲଙ୍କା), ୩।୯ (ପି.ଟି.)**

କଲମ୍ବୋରେ ପ୍ରବଳ ବର୍ଷା ଯୋଗୁ ଏସିଆ କପ୍‌ର ସୁପର ଫୋର୍ ମ୍ୟାଚ୍‌ଗୁଡ଼ିକର ଭେନ୍ୟୁ ପରିବର୍ତ୍ତନ କରିବା ଲାଗି ଏସିଆନ କ୍ରିକେଟ କାଉନ୍‌ସିଲ (ଏସିସି) ବିଚାର କରି ଦେଖୁଛି। କଲମ୍ବୋରେ ସେପ୍ଟେମ୍ବର ୯ ତାରିଖରୁ ୫ ସୁପର ଫୋର୍ ମ୍ୟାଚ ଏବଂ ଫାଇନାଲ ମ୍ୟାଚ ଖେଳଯିବା କାର୍ଯ୍ୟକ୍ରମ ରହିଥିଲା। ମାତ୍ର ପାଣିପାଗ ବଦଳିବାର କୌଣସି ଲକ୍ଷଣ ଦେଖିବାକୁ ମିଳୁ ନାହିଁ। ସମ୍ଭାବ୍ୟ ଭେନ୍ୟୁ ପରିବର୍ତ୍ତନ ନେଇ ଏସିସି ଶ୍ରୀଲଙ୍କା କ୍ରିକେଟ (ଏସ୍‌ଏଲ୍‌ସି) ଓ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ସହ ଆଲୋଚନା ଚଳାଇଛି। ଖବର ଅନୁସାରେ ତିନୋଟି ଭେନ୍ୟୁ ବିଚାରାଧୀନ ରହିଛି। ସେଗୁଡ଼ିକ ହେଲା ପାଲିକେଲ, ଦାମ୍ବୁଲା ଓ ହାମ୍ବାନଟୋଟା। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୬ଟି ଦଳକୁ ମଧ୍ୟ ଏବିଷୟରେ ଅବଗତ କରାଯାଇଛି। ଏସିଆ କପ୍ ଲିଗ୍ ମ୍ୟାଚ୍‌ଗୁଡ଼ିକ ବର୍ତ୍ତମାନ ପାଲିକେଲରେ ଅନୁଷ୍ଠିତ ହେଉଛି। ଦାମ୍ବୁଲା ପାଲିକେଲ୍‌ଠାରୁ ୭୦ କିଲୋମିଟର ଦୂରରେ ଅବସ୍ଥିତ। ଏହି ସହରରେ ବର୍ଷାର ସମ୍ଭାବନା ଖୁବ୍ କମ।

କୋଷ୍ଠକାଠିନ୍ୟର
ସମାଧାନ
9119788888

## ପୂର୍ବତନ ଜିମ୍ବାୱେ କ୍ରିକେଟର ହିଥ୍ ଷ୍ଟ୍ରିକ୍‌ଙ୍କ ପରଲୋକ

**ହରାରେ, ୩।୯(ପି.ଟି.)**

ପୂର୍ବତନ ଜିମ୍ବାୱେ କ୍ରିକେଟ ଅଧିନାୟକ ହିଥ୍ ଷ୍ଟ୍ରିକ୍‌ଙ୍କ ପରଲୋକ ହୋଇଯାଇଛି। ଏ ନେଇ ସୋସିଆଲ ମିଡିଆରେ ତାଙ୍କ ପରିବାର ତରଫରୁ ସ୍ପଷ୍ଟ କରିଦିଆଯାଇଛି। ତାଙ୍କୁ ୪୯ବର୍ଷ ବୟସ ହୋଇଥିଲା। ୧୯୯୩ରୁ୨୦୦୫ ପର୍ଯ୍ୟନ୍ତ ଜିମ୍ବାୱେ ପାଇଁ ୬୫ ଟେଷ୍ଟ ଓ ୧୮୯



ଅନ୍ତର୍ଜାତୀୟ ଦିନିକିଆ ଖେଳିଥିବା ଷ୍ଟ୍ରିକ୍ ଦୀର୍ଘଦିନ ହେଲା ଯକୃତ କର୍କଟ ରୋଗରେ ପୀଡ଼ିତ ଥିଲେ। ଷ୍ଟ୍ରିକ୍‌ଙ୍କର ଦେହାନ୍ତ ହୋଇଛି ବୋଲି କିଛି ଦିନ ପୂର୍ବେ ପୂର୍ବତନ ଜିମ୍ବାୱେ ଫାଷ୍ଟ ବୋଲର ସୋସିଆଲ ମିଡିଆରେ ଘୋଷଣା କରିଥିଲେ। ଏହାର କିଛି ସମୟ ପରେ ପୂର୍ବତନ କ୍ରିକେଟରମାନଙ୍କ ଶୋକବାର୍ତ୍ତାର ସୁଅ ଛୁଟିବାରେ ଲାଗିଥିଲା। ଟେଷ୍ଟ କ୍ରିକେଟରେ ଷ୍ଟ୍ରିକ୍ ୨୧୬ ଉଇକେଟ ଅକ୍ତିଆର କରିଥିଲେ। ୱେଷ୍ଟଇଣ୍ଡିଜ ବିପକ୍ଷରେ ଏକ ଶତକ ଏବଂ ଜିମ୍ବାୱେ ପାଇଁ ୧୧ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୧୮୯ ଅନ୍ତର୍ଜାତୀୟ ଦିନିକିଆ ଖେଳି ୨୩୯ ଉଇକେଟ ନେଇଥିଲେ। ୧୩ ଅର୍ଦ୍ଧଶତକ ସହ ୨,୯୪୩ ରନ ସଂଗ୍ରହ କରିଥିଲେ। ଉଭୟ ଟେଷ୍ଟ ଓ ଅନ୍ତର୍ଜାତୀୟ ଦିନିକିଆରେ ସେ ଜିମ୍ବାୱେର ସର୍ବାଧିକ ଉଇକେଟ ହାସଲକାରୀ ବୋଲର। ସେ ଜିମ୍ବାୱେ ପାଇଁ ୬୮ ଅନ୍ତର୍ଜାତୀୟ ଦିନିକିଆରେ ଅଧିନାୟକତ୍ୱ କରି ୧୮ଟିରେ ବିଜୟ ହାସଲ କରିଥିବା ବେଳେ ୪୭ଟିରେ ପରାଜିତ ହୋଇଛନ୍ତି। ତିନୋଟି ବିନା ଫଳାଫଳରେ ଶେଷ ହୋଇଛି। ସେହିପରି ସେ ୨୧ଟି ଟେଷ୍ଟରେ ଅଧିନାୟକତ୍ୱ କରି ୪ଟିରେ ବିଜୟ ଲାଭ କରିବା ସହ ୧୧ଟିରେ ପରାଜିତ ହୋଇଛନ୍ତି ଏବଂ ୬ଟି ମ୍ୟାଚ ଡ୍ର ରଖିଛନ୍ତି। ଜିମ୍ବାୱେ ଯେତେବେଳେ ଏକଚ୍ଛତ୍ରବାଦ ରବର୍ଟ ମୁଗାବେଙ୍କ ଶାସନାଧୀନ ଥିଲା, ସେତେବେଳେ ସେ ଓଲଙ୍ଗା ଏବଂ ପୂର୍ବତନ ଅଧିନାୟକ ଆଣ୍ଡି ଫ୍ଲାୱାରଙ୍କ ଭଳି ଦୃଢ଼ ରାଜନୈତିକ ଆଭିମୁଖ୍ୟ ଗ୍ରହଣ କରି ନ ଥିଲେ। ଏଥିପାଇଁ ସେ ସମାଲୋଚନାର ପାତ୍ର ହୋଇଥିଲେ। ପରେ ଜିମ୍ବାୱେ ଏକ ଚ୍ୟାଲେଞ୍ଜିଂ ସମୟ ଦେଇ ଗତି କରୁଥିବା ବେଳେ ସେ ୨୦୦୪ ଏପ୍ରିଲରେ ଅଧିନାୟକ ପଦବୀରୁ ଇସ୍ତଫା ଦେଇଥିଲେ। ଖେଳ ଛାଡ଼ିବା ପରେ ସେ ଜିମ୍ବାୱେ ସମେତ ବହୁ ଟିମ୍‌ର କୋଚିଂ ଦାୟିତ୍ୱ ନିର୍ବାହ କରିଥିଲେ। ଜାତୀୟ ଦଳର ବୋଲିଂ କୋଚ ହୋଇଥିଲେ। ବାଂଲାଦେଶ ଦଳର ମଧ୍ୟ ସେ ସମାନ ଦାୟିତ୍ୱ ଗ୍ରହଣ କରିଥିଲେ। ଷ୍ଟ୍ରିକ୍ ଆହୁରି ମଧ୍ୟ ଭାରତୀୟ ଘରୋଇ କ୍ରିକେଟ ଦଳ ଉତ୍ତର ପ୍ରଦେଶ ଏବଂ ଇଣ୍ଡିଆନ ପ୍ରିମିୟର ଲିଗ୍ ଦଳ କୋଲକାତା ନାଇଟ ରାଇଡର୍ସ ଏବଂ ଗୁଜରାଟ ଲାୟନ୍ସ ପାଇଁ କାର୍ଯ୍ୟ କରିଛନ୍ତି। ସେ ଆହୁରି ମଧ୍ୟ ୨୦୧୬ରେ ଡାଭ୍ ହ୍ୱାଟ୍‌ମୋର୍‌ଙ୍କ ସ୍ଥାନରେ ଜିମ୍ବାୱେର ମୁଖ୍ୟ କୋଚ୍ ହୋଇଥିଲେ। ୨୦୧୯ରେ ଇଂଲଣ୍ଡ ବିଶ୍ୱକପ୍ ପାଇଁ ଜାତୀୟ ଦଳକୁ ଯୋଗ୍ୟତା ହାସଲ କରାଇବା ଲାଗି ତାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ୪ର୍ଥ ରାଉଣ୍ଡରେ ଅଲକାରାଜ, ପେଗୁଲା


ମ୍ୟାଚ ଜିତିବାପରେ ଜେସିକା ପେଗୁଲା।

**ୟୁଏସ୍ ଓପନ୍ ଟେନିସ୍**

**ନ୍ୟୁୟର୍କ,୩।୯(ପି.ଟି.)**

ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନ ମହିଳା ସିଙ୍ଗଲ୍ସର ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ଜେସିକା ପେଗୁଲା, ମାଡିସନ୍ କିସ୍ ଓ ଓନ୍ସ ଜାବେର୍। ଏହା ସହିତ ଚତୁର୍ଥ ରାଉଣ୍ଡରେ ଦୁଇ ଆମେରିକୀୟ ଖେଳାଳି ପେଗୁଲା ଓ କିସ୍ ପରସ୍ପର ମୁକାବିଲା କରିବେ। ବିଶ୍ୱ ମାନ୍ୟତାର ୩ ନମ୍ବର ସ୍ଥାନରେ ଥିବା ଜେସିକା ପେଗୁଲା ୬-୪, ୪-୬ ଓ ୬-୨ରେ ୟୁକ୍ରେନର ଏଲିନା ସ୍ୱିଟୋଲିନାଙ୍କୁ ପରାସ୍ତ କରିଥିଲେ। ୨୦୧୭ରେ ପ୍ରଥମ ଥର ୟୁଏସ୍ ଓପନରେ ରନର୍ ଅପ୍ ରହିଥିବା ଜେସିକା ଏହା ପରଠାରୁ ଗୋଟିଏ ବି ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବାରେ ସମର୍ଥ ହୋଇ ନାହାନ୍ତି। ଶନିବାର ଜେସିକା ପ୍ରଥମ ସେଟ୍ ଜିତିବା ପରେ ଏଲିନା ପରବର୍ତ୍ତୀ ସେଟ୍‌କୁ ବିଜୟୀ ହୋଇଥିଲେ। ନିର୍ଣ୍ଣାୟକ ସେଟ୍‌ରେ ଜେସିକା ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ଚତୁର୍ଥ ରାଉଣ୍ଡରେ ପ୍ରବେଶ କରିଥିଲେ। ଅନ୍ୟପକ୍ଷରେ ମାଡିସନ୍ କିସ୍ ବିଶ୍ୱ ମାନ୍ୟତାର ୧୪ ନମ୍ବର ସ୍ଥାନରେ ଥିବା ଲିଉଡ୍‌ମିଲା ସାମସୋନୋଭାଙ୍କୁ ୫-୭, ୬-୨, ୬-୨ରେ ପରାସ୍ତ କରିଥିଲେ। ପ୍ରଥମ ସେଟ୍ ପରାଜିତ ହୋଇଥିଲେ ପରବର୍ତ୍ତୀ ଦୁଇ ସେଟ୍ ଜିତି ନେଇଥିଲେ କିସ୍।

ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା ଓନ୍ସ ଜାବେର୍ ମଧ୍ୟ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ୨ ଘଣ୍ଟା ୫୬ ମିନିଟ୍‌ର ସମୟ ନେଇ ସେ ବିଶ୍ୱ ମାନ୍ୟତାର ୩୧ ନମ୍ବର ସ୍ଥାନରେ ଥିବା ମେରୀ ବୋଜ୍‌କୋଭାଙ୍କୁ ୫-୭, ୭-୬(୫), ୬-୩ରେ ପରାସ୍ତ କରିଥିଲେ। ଅନ୍ୟ ଏକ ମ୍ୟାଚରେ ବିଶ୍ୱ ମାନ୍ୟତାର ୨୩ ନମ୍ବର ସ୍ଥାନରେ ଥିବା ଚାଇନାର ଝେଙ୍ଗ କ୍ୱିନ୍‌ୱେନ୍ ୬-୩, ୪-୬, ୬-୪ ସେଟ୍‌ରେ ଲୁସିଆ ବୋରୋଞ୍ଜୋଭିଙ୍କୁ ପରାସ୍ତ କରିଥିଲେ। ଜାବେର ନିଜ ୪ର୍ଥ ରାଉଣ୍ଡ ମ୍ୟାଚ୍‌ରେ ଝେଙ୍ଗ କ୍ୱିନ୍‌ୱେନ୍‌ଙ୍କୁ ଭେଟିବେ। ଅନ୍ୟମାନଙ୍କ ମଧ୍ୟରେ ଆରିନା ସାବାଲେଙ୍କା ଓ ଦାରିଆ କାସାଟକିନା ମଧ୍ୟ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସାବାଲେଙ୍କା ୬-୧, ୬-୧ରେ ସିଧାସଳଖ ସେଟ୍‌ରେ କ୍ଲାରା ବୁରେଲଙ୍କୁ ଓ କାସାଟକିନା ୬-୩, ୬-୪ ସେଟରେ ଗ୍ରିଟ୍ ମିନ୍ନେନ୍‌ଙ୍କୁ ପରାସ୍ତ କରିଥିଲେ।

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସ ୪ର୍ଥ ରାଉଣ୍ଡରେ ପ୍ରବେଶ କରିଛନ୍ତି ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା କାର୍ଲୋସ୍ ଅଲକାରାଜ। ଶନିବାର ସେ ବିଶ୍ୱ ମାନ୍ୟତାର ୨୬ ନମ୍ବର ସ୍ଥାନରେ ଥିବା ଡାନ୍ ଏଭାନ୍ସଙ୍କୁ ୬-୨, ୬-୩, ୪-୬, ୬-୩ ସେଟ୍‌ରେ ପରାସ୍ତ କରିଥିଲେ। ଡିଫେଣ୍ଡିଂ ଚାମ୍ପିୟନ ଅଲକାରାଜ ଚମତ୍କାର ପ୍ରଦର୍ଶନ କରିଥିବା ବେଳେ ଏଭାନ୍ସ ନିରାଶାରେ ଦୁଇ ଦୁଇ ଥର ର୍‍ୟାକେଟ୍ ଭାଙ୍ଗିଥିଲେ। ରୋଜର ଫେଡେରରଙ୍କ ପରେ ଦ୍ୱିତୀୟ ଖେଳାଳି ଭାବରେ କ୍ରମାଗତ ୟୁଏସ୍ ଓପନ ଚାମ୍ପିୟନ ହେବାର ଲକ୍ଷ୍ୟ ରଖିଛନ୍ତି ଅଲକାରାଜ। ଫେଡେରର ୨୦୦୪-୦୮ ମଧ୍ୟରେ କ୍ରମାଗତ ୫ ଥର ୟୁଏସ୍ ଓପନ ହାସଲ କରିଥିଲେ। ଅଲକାରାଜ ପରବର୍ତ୍ତୀ ରାଉଣ୍ଡରେ ଇଟାଲୀର ମାଟ୍ଟେଓ ଅର୍ନାଲ୍ଡିଙ୍କୁ ଭେଟିବେ।

## ହରମନପ୍ରୀତ୍ ଏକମାତ୍ର ଭାରତୀୟ

**ମେଲବୋର୍ନ, ୩।୯ (ପି.ଟି.):** ଓମେନ୍ସ ବିଗ୍ ବାଶ୍ ଲିଗ୍ (ଡବ୍ଲ୍ୟୁବିବିଏଲ୍)ର ବିଦେଶୀ ଖେଳାଳି ଚିଠାରେ କେବଳ ଜଣେ ମାତ୍ର ଭାରତୀୟ ହରମନପ୍ରୀତ୍ କୌର ସ୍ଥାନ ପାଇଛନ୍ତି। ମେଲବୋର୍ନ ରେନେଗେଡ୍ସ ତାଙ୍କୁ ଦଳରେ ରଖିଛି। ଉଦ୍‌ଘାଟନୀ ଡବ୍ଲ୍ୟୁବିବିଏଲ୍ ବିଦେଶୀ ଖେଳାଳି ତାଲିକାରେ ୟାସ୍ତିକା ଭାଟିଆ, ଜେମିମା ରୋଡ୍ରିଗୁଏଜ୍ ଏବଂ ଦିପ୍ତୀ ଶର୍ମାଙ୍କ ସମେତ ୧୮ଜଣ ଭାରତୀୟ ଖେଳାଳି ବିଦେଶୀ ଖେଳାଳି ଚିଠାରେ ସ୍ଥାନ ପାଇଥିଲେ। ମାତ୍ର ଏମାନଙ୍କ ମଧ୍ୟରୁ କୌଣସି ଖେଳାଳିଙ୍କୁ ନିଆଯାଇ ନାହିଁ। ପ୍ଲାଟିନମ କାଟେଗୋରିରେ ରହିଥିବା ହରମନପ୍ରୀତ୍‌ଙ୍କ ବ୍ୟତୀତ ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ ରେନେଗେଡ୍ସ ଦଳରେ ସ୍ଥାନ ବଜାୟ ରଖିଛନ୍ତି। ୨୦୨୧-୨୨ ସିଜନରେ ରେନେଗେଡ୍ସ ପାଇଁ ହରମନପ୍ରୀତ୍‌ଙ୍କ ପ୍ରଦର୍ଶନ ଉଲ୍ଲେଖନୀୟ ରହିଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ